ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁନ୍ ୧୭/୨୦୨୩ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, June 17/2023 Page 20 ₹ 7.00 | SAMBALPUR

୪୯ଶ ଭାଗ ୨୦୨ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 202 ମୂଲ୍ୟ₹୭/-




KP
GROUP
Quality Since 1965
KAMLA PASAND
PAN MASALA
NEW
PACK
कमला पसन्द
अनोखा स्वाद
पान मसाला
Anokha Swad
Watch at:
YouTube
NOT FOR MINOR * 0% TOBACCO AND NO ADDED NICOTINE * CHEWING OF PAN MASALA INJURIOUS TO HEALTH

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁନ୍ ୧୭/୨୦୨୩ | Bhubaneswar, Saturday, June 17/2023 | ପୃଷ୍ଠା-୧




**ଗ୍ରୀନ୍‌କାର୍ଡ ଯୋଗ୍ୟତା କୋହଳ କଲେ ବାଇଡେନ୍**

ଆମେରିକାରେ ଗ୍ରୀନ୍ କାର୍ଡକୁ ଅପେକ୍ଷା କରିଥିବା ଭାରତୀୟଙ୍କ ଲାଗି ରାଷ୍ଟ୍ରପତି ଜୋ ବାଇଡେନ୍ ଯୋଗ୍ୟତା ମାନଦଣ୍ଡରେ କୋହଳ କରିଛନ୍ତି।

୦୬

୧୦

**ଜୋ ରୁଟ୍‌ଙ୍କ ଦୃଢ଼ ବ୍ୟାଟିଂ**

ଅଷ୍ଟ୍ରେଲିଆ ବିପକ୍ଷ ଆଶେସ ସିରିଜରେ ଦୃଢ଼ ବ୍ୟାଟିଂ କରି ଇଂଲଣ୍ଡକୁ ସମ୍ମାନଜନକ ସ୍ଥିତିରେ ପହଞ୍ଚାଇଛନ୍ତି ଜୋ ରୁଟ୍।



# ନକଲି ମହାପ୍ରସାଦକୁ ନେଇ ଚିନ୍ତା

**ମହାପ୍ରଭୁଙ୍କ ଅବଢ଼ା ନାଁ ଶୁଣିଦେଲେ ମନରେ ଭରିଯାଏ ଭକ୍ତି। ଟିକେ ମହାପ୍ରସାଦ ପାଇଗଲେ ଜୀବନ ଧନ୍ୟ ହୋଇଯିବା ଭଳି ମନେ ହୁଏ। ହେଲେ ମହାପ୍ରସାଦ ବି ନକଲି ପ୍ରସ୍ତୁତ ହେବା ସହ ବିକ୍ରି ହେଉଥିବା ଅଭିଯୋଗ ଉଠିଛି। ଶ୍ରୀମନ୍ଦିରରେ ଯେପରି ଅନ୍ନ, ଡାଲି, ବେସର, ମହୁର, ଖଟା ପ୍ରସ୍ତୁତ ହୁଏ, ସେହିଭଳି ଅବିକଳ ପ୍ରସ୍ତୁତ କରାଯାଉଛି। ଏଭଳି କାର୍ଯ୍ୟକୁ ଭକ୍ତ, ଶ୍ରୀମନ୍ଦିର ପ୍ରଶାସନ ଏବଂ ସେବାୟତମାନେ ମହାପ୍ରଭୁଙ୍କୁ ଅପମାନ ବୋଲି କହିବା ସହ ଘଟଣାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।**

ପୁରୀ,୧୬।୬ (ଅଜିତ୍ ମହାନ୍ତି)

ପୁରୀ ବାଣେଲିସାହି ଥାନା ଅନ୍ତର୍ଗତ ପାଇକସାହିର ଏକ ସ୍ଥାନରେ ଗୋଟିଏ ଅସ୍ଥାୟୀ ଟେଣ୍ଟରେ ଅନ୍ନ, ଡାଲି, ବେସର, ଅନ୍ୟାନ୍ୟ ବ୍ୟଞ୍ଜନ ପ୍ରସ୍ତୁତ କରାଯାଉଥିବା ଶୁକ୍ରବାର ଦେଖିବାକୁ ମିଳିଛି। ଏହାକୁ ଭକ୍ତଙ୍କୁ ବିକ୍ରି ପାଇଁ ଉଦ୍ଦିଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ଶ୍ରୀମନ୍ଦିର ପରିସରରେ ପ୍ରସ୍ତୁତ ହେଉଥିବା ମହାପ୍ରସାଦ ଭଳି ଅବିକଳ କୁଡୁଆ ମାଟି ହାଣ୍ଡିରେ ମହାପ୍ରସାଦ ତିଆରି କରାଯାଉଛି। ମହାପ୍ରଭୁଙ୍କ ଅଣସର ଚାଲିଥିବାବେଳେ ଶ୍ରୀମନ୍ଦିରରେ ମହାପ୍ରସାଦ ମିଳୁ ନ ଥିବା ଭକ୍ତମାନଙ୍କୁ କୁହାଯାଉଛି। ଅନେକ ଭକ୍ତ ଏନେଇ କିଛି ଜାଣି ନ ଥିବାବେଳେ କେତେଜଣ ଏହାର ଫାଇଦା ଉଠାଉଛନ୍ତି । ସେମାନେ କେତେଜଣ ସେବାୟତଙ୍କ ସହ ମିଶି ବାହାରେ ଅନ୍ନ, ଡାଲି, ଅନ୍ୟାନ୍ୟ ବ୍ୟଞ୍ଜନ ପ୍ରସ୍ତୁତ କରୁଛନ୍ତି।

ମିଳିଥିବା ସୂଚନା ଅନୁସାରେ କିଛି ଦିନ ହେବ ପାଇକସାହିଠାରେ ଉକ୍ତ ଟେଣ୍ଟରେ ବରାଦ ରଖାଯାଇ ମହାପ୍ରସାଦ ପ୍ରସ୍ତୁତ କରାଯାଇ ବାହାରକୁ ପଠାଯାଉଛି। ଏ ସମ୍ପର୍କରେ ଖବର ସଂଗ୍ରହ ପାଇଁ ଉକ୍ତ ସ୍ଥାନରେ ପହଞ୍ଚିବା କ୍ଷଣି କାର୍ଯ୍ୟରେ ଲିପ୍ତ ଥିବା ବ୍ୟକ୍ତିମାନେ ଉକ୍ତ ସ୍ଥାନରୁ ସମସ୍ତ ଜିନିଷ ଛାଡ଼ି ପଳାଇଥିଲେ। ସେଠାରେ ମାଟି କୁଡୁଆରେ ମହାପ୍ରସାଦ ଭଳି ଅନ୍ନ, ଡାଲି ପ୍ରସ୍ତୁତ ହୋଇ ରହିଥିବାବେଳେ ଖଟା ପାଇଁ ସପୁରି ଥୁଆ ହୋଇଥିଲା। ନଡିଆ କୋରା ହେବା ସହ ବିଭିନ୍ନ ପରିବା କଟା ହୋଇ ଥୁଆ ହୋଇଥିବା ଦେଖିବାକୁ ମିଳିଥିଲା। ପ୍ରଥମେ ଟପ୍‌ଗୁଡ଼ିକରେ ରୋଷେଇ ପରେ କୁଡୁଆରେ ଭର୍ତ୍ତି କରାଯାଇ ମହାପ୍ରସାଦ ବା ଅବଢ଼ାର ରୂପ ଦେବା ପାଇଁ ଚେଷ୍ଟା କରାଯାଉଥିବା ଦେଖିବାକୁ ମିଳିଥିଲା। ଏନେଇ ରୋଷେୟା ବଳିଆଙ୍କୁ ପଚାରିବାରୁ ତାଙ୍କ ସାହିରେ ଜଣେ ବ୍ୟକ୍ତିଙ୍କ ଶୁଦ୍ଧି କାର୍ଯ୍ୟ ରହିଥିବାରୁ ରୋଷେଇ ହେଉଛି, ତାହା ମହାପ୍ରସାଦ ନୁହେଁ ବୋଲି ସେ କହିଛନ୍ତି। ତେବେ ଟପ୍‌ରେ ରାନ୍ଧି କୁଡିଆଗୁଡ଼ିକରେ କାହିଁକି ଭର୍ତ୍ତି କରାଯାଉଛି ବୋଲି ପଚାରିବାରୁ ବାହାରୁ ଲୋକ ଆସିବାର କାର୍ଯ୍ୟକ୍ରମ ରହିଛି, ତେଣୁ ଏପରି ଅନ୍ନ, ଡାଲିଗୁଡ଼ିକୁ କୁଡୁଆରେ ଭର୍ତ୍ତି କରିଛୁ ବୋଲି ସେ କହିଛନ୍ତି। ତାଙ୍କ କହିବା ଅନୁଯାୟୀ ଶୁକ୍ରବାର ଘଣାଲାଗି ଶ୍ରୀମନ୍ଦିରରେ ଅବଢ଼ା ବନ୍ଦ ଥିବାରୁ ଶୁଦ୍ଧି କାର୍ଯ୍ୟରେ ୩୦୦ଲୋକଙ୍କ ପାଇଁ ☞ପୃଷ୍ଠା-୨



ଟେଣ୍ଟରେ ମହାପ୍ରସାଦ ଭଳି ପ୍ରସ୍ତୁତ ହେଉଥିବା ବ୍ୟଞ୍ଜନ । (ଫଟୋ: ଯଜ୍ଞେଶ୍ୱର)

**ଭକ୍ତଙ୍କ ଭାବାବେଗ ସହ ଖେଳ**

**ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲେ ସେବାୟତ**

## ୨୧ରେ ଖୋଲିବ ସ୍କୁଲ

ଭୁବନେଶ୍ୱର,୧୬।୬ (ଅନୁରାଧା ମହାରଣା)

ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟ ଆସନ୍ତା ୨୧ ତାରିଖରେ ଖୋଲିବ। ଏନେଇ ଶୁକ୍ରବାର ରାଜ୍ୟ ସରକାର ପରିବର୍ତ୍ତିତ ନିର୍ଦ୍ଦେଶନାମା ଜାରି କରିଛନ୍ତି। ରାଜ୍ୟରେ ଉଚ୍ଚ ତାପମାତ୍ରା ସହ ଗ୍ରୀଷ୍ମ ପ୍ରବାହ କାରଣରୁ ବିଭାଗ ପକ୍ଷରୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଖରାଛୁଟି ଦିଆଯାଇଥିଲା। ଶିକ୍ଷାବର୍ଷ କ୍ୟାଲେଣ୍ଡର ଅନୁସାରେ ମେ’ ୫ରୁ ଜୁନ୍ ୧୭ ଯାଏ ଖରାଛୁଟି ନିର୍ଦ୍ଧାରଣ କରାଯାଇଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏପ୍ରିଲ ୨୧ରୁ ଆଗୁଆ ଖରାଛୁଟି ଘୋଷଣା କରିଥିଲେ। ଆସନ୍ତା ୧୮ ତାରିଖ ରବିବାର ହୋଇଥିବାବେଳେ ୧୯ ତାରିଖ ସୋମବାରକୁ ବାଦ୍‌ଦେଲେ ୨୦ ତାରିଖରେ ରଥଯାତ୍ରା ପଡୁଥିବାରୁ ୨୧ରୁ ବିଦ୍ୟାଳୟଗୁଡ଼ିକ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଛି। ତେବେ ରାଜ୍ୟରେ ଗ୍ରୀଷ୍ମପ୍ରବାହ ପୂର୍ବପରି ଜାରି ରହିଲେ ନିଷ୍ପତ୍ତିରେ ପରିବର୍ତ୍ତନ ହୋଇପାରେ ବୋଲି ସୂଚନା ଦିଆଯାଇଛି।

## ପୂର୍ବତନ ଏମ୍‌ପି ଅନାଦି ଦାସଙ୍କ ପରଲୋକ

- **ଯାଜପୁରରୁ ୫ଥର ଏମ୍‌ପି ହୋଇଥିଲେ**
- **ବିଭିନ୍ନ ମହଲରେ ଶୋକ**

ଯାଜପୁର,୧୬।୬ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଲୋକ ସଭା କ୍ଷେତ୍ରର ପୂର୍ବତନ ସଦସ୍ୟ ତଥା ପ୍ରବୀଣ ରାଜନୀତିଜ୍ଞ ଅନାଦି ଚରଣ ଦାସଙ୍କ ଶୁକ୍ରବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଅପରାହ୍ନ ପ୍ରାୟ ୫ଟା୨୦ରେ ପରଲୋକ ହୋଇଯାଇଛି। ତାଙ୍କୁ ୯୭ ବର୍ଷ ବୟସ ହେଉଥିଲା। ସେ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ରହି ଚିକିତ୍ସାଧୀନ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ନେତ୍ରମଣୀ ଦାସ, ଝିଅ ରେଣୁବାଳା ଦାସ, ସାନ ପୁଅ ହେମନ୍ତ ଦାସ, ନାତି ଅସିତ୍ କୁମାର ଦାସ ଓ ଅମିତ୍ କୁମାର ଦାସଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ। ଦାସ ୧୯୩୫ ଜାନୁୟାରୀ ୪ରେ ଯାଜପୁର ଜିଲା ଦଶରଥପୁର ବ୍ଲକ ଅଧୀନ ଖଣ୍ଡରା ପଞ୍ଚାୟତ ବିଜିପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସେ ୫ଥର ଯାଜପୁରରୁ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ତାଙ୍କ ରାଜନୈତିକ ଜୀବନ କଂଗ୍ରେସରୁ ଆରମ୍ଭ ହୋଇଥିବାବେଳେ ସେ ୧୯୭୧, ୧୯୮୦ ଓ ୧୯୮୪ରେ ଲୋକ ସଭା ସଦସ୍ୟ ହୋଇଥିଲେ। ପରେ କଂଗ୍ରେସ ଦଳ ପରିତ୍ୟାଗ କରି ଜନତା ଦଳରେ ଯୋଗଦେଇ ୧୯୮୯ ଓ ୧୯୯୧ରେ ଯାଜପୁର ଏମ୍‌ପି ହୋଇଥିଲେ। ଏହାପରେ ଜନତାଦଳ ପରିତ୍ୟାଗ କରି ପୁଣି କଂଗ୍ରେସରେ ଯୋଗଦେଇ ୧୯୯୩ରେ କେନ୍ଦ୍ରର ପି.ଭି. ନରସିଂହ ରାଓ ☞ପୃଷ୍ଠା-୨



ଅନାଦି ଚରଣ ଦାସ

# ବିଦ୍ୟୁତ୍ ବିଭ୍ରାଟ: ଉପଭୋକ୍ତା ଉତ୍ତେଜିତ

ଭୁବନେଶ୍ୱର,୧୬।୬(ଅନିଲ ଦାସ)

**ତାଗିଦ୍ କଲା ସିଏମ୍‌ଓ**

ଅସମ୍ଭାଳ ହେଉଛି ଗରମ ଓ ଗୁଳୁଗୁଳି। ଏଭଳି ସ୍ଥଳେ ବିଦ୍ୟୁତ୍ କାଟ ଯୋଗୁ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି ଲୋକେ। ଘଣ୍ଟା ଘଣ୍ଟା ବିଦ୍ୟୁତ୍ କାଟ ଓ ଲୋ-ଭୋଲ୍‌ଟେଜକୁ ନେଇ ସାରା ରାଜ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବିଦ୍ୟୁତ୍ ବିଭ୍ରାଟକୁ ନେଇ ସାଧାରଣ ଲୋକେ ତାତିଲେଣି। କେଉଁଠି ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ରାଜନୈତିକ ଦଳ ବିକ୍ଷୋଭ କଲେଣି ତ ପୁଣି କେଉଁଠି ଉପଭୋକ୍ତାମାନେ ଟ୍ରାନ୍ସଫର୍ମରକୁ ଭଙ୍ଗାରୁଜା କରୁଛନ୍ତି। ଗରମଠାରୁ ଅଘୋଷିତ ବିଦ୍ୟୁତ୍ କାଟ ବଳିଯାଇଛି। ଗାଁ କି ସହର କିଛି ବି ବାଦ୍ ପଡୁନି। ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ହେଉଥିବା ଅନ୍ତର୍ଜାତୀୟ ଫୁଟ୍‌ବଲ ମ୍ୟାଚ ବେଳେ ମଧ୍ୟ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଥିଲା। ଏଥିପାଇଁ ରାଜ୍ୟ ସରକାରଙ୍କୁ ଅପମାନିତ ହେବାକୁ ପଡ଼ିଛି। ☞ପୃଷ୍ଠା-୨

## ଭଣ୍ଡାରୀପୋଖରି ରାଢ଼ୋ ଷ୍ଟ୍ରକ୍‌ଚରରେ ଭଙ୍ଗାରୁଜା

- **ଖଇରାରେ ଟାଟା ପାୱାର କର୍ମଚାରୀ ୮ଘଣ୍ଟା ଅଟକ**
- **ବୈଶିଙ୍ଗା ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ**

ଭଣ୍ଡାରିପୋଖରୀ/ଖଇରା/ବୈଶିଙ୍ଗା, (ରବିନାରାୟଣ ଖିଲାର/ଉତ୍କଳବନ୍ଧୁ ପଣ୍ଡା/ରତନ ଦାସ), ୧୬।୬

ବିନା ଘୋଷଣାରେ ଘଣ୍ଟା ଘଣ୍ଟା ଧରି ବିଚ୍ଛିନ୍ନ କରି ଦିଆଯାଉଛି ବିଦ୍ୟୁତ୍ ସଂଯୋଗ। ଥରେ କରେଣ୍ଟ କଟିଲେ କେତେବେଳେ ଆସିବ ତାହାର ଠିକ୍ ଠିକଣା ରହୁନାହିଁ। ଅସହ୍ୟ ଗ୍ରୀଷ୍ମପ୍ରବାହରେ ଜନଜୀବନ ଆଉଟୁପାଉଟୁ ହେଉଥିବାବେଳେ ବିଦ୍ୟୁତ୍ ବିତରଣ ସଂସ୍ଥାର ଏଭଳି ମନମୁଖି କାର୍ଯ୍ୟ ଉପଭୋକ୍ତାଙ୍କୁ ତତାଇଲାଣି। ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଜିଲାର ବିଭିନ୍ନ ସ୍ଥାନରେ ବିଜୁଳି ବିଭ୍ରାଟକୁ ନେଇ ସୃଷ୍ଟି ହୋଇଥିବା ଆଇନଶୃଙ୍ଖଳା ପରିସ୍ଥିତି ସାଧାରଣ ଜନତାଙ୍କ ସହନଶକ୍ତିର ଧୈର୍ଯ୍ୟଚ୍ୟୁତି ବୋଲି ଆଲୋଚନା ହେଉଛି। ଅଘୋଷିତ ବିଦ୍ୟୁତ୍ କାଟ୍ ପ୍ରତିବାଦରେ ଗୁରୁବାର ବିଳମ୍ବିତ ରାତିରେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ରାଢ଼ୋ ଷ୍ଟ୍ରକ୍‌ଚରରେ ଉତ୍ତେଜନା ଦେଖାଦେଇଛି। ମାଳଦା, ଭାଟଣା, ଜୋରାଗଡ଼ିଆ, ☞ପୃଷ୍ଠା-୨

## ଟ୍ରକ୍ ତଳେ ଚାପିହୋଇ ୨ ମହିଳା ମୃତ

**ଶିଶୁ ଗୁରୁତର**

ଜୟପୁର, ୧୬।୬ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ବାରିଣୀପୁଟ ଘାଟି ନିକଟରେ ଶୁକ୍ରବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏଥିରେ ୨ ଜଣ ମହିଳାଙ୍କ ମୃତ୍ୟୁ ହୋଇଛି। ଜଣେ ୩ବର୍ଷର ଶିଶୁ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ କୋରାପୁଟ ଟିଙ୍କିରାସାହିର ରାଜଲକ୍ଷ୍ମୀ ରାଓ (୨୬) ଓ ରାଜଶ୍ରୀ ବେନିଆ (୨୮)। ଜୟପୁର-କୋରାପୁଟ ଘାଟିର ବାରିଣୀପୁଟ ନିକଟସ୍ଥ ପାୱାରହାଉସ ଛକଠାରେ ଏହି ଦୁର୍ଘଟଣା ଘଟିଛି। ଗୁରୁତର ଆହତ ଶିଶୁଙ୍କୁ ବିଶାଖାପାଟଣା ପଠାଯାଇଛି।

ଖବରରୁ ଜଣାପଡିଛି, ଶୁକ୍ରବାର ଏକ କୋଇଲା ବୋଝେଇ ଟ୍ରକ (ଓଡି୦୭ ଟି-୮୨୯୧) ଜୟପୁର ଅଭିମୁଖେ ଆସୁଥିବା ବେଳେ ପାୱାରହାଉସ୍ ଛକ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ସେହି ସମୟରେ ଏକ ସ୍କୁଟିରେ ରାଜଲକ୍ଷ୍ମୀ, ରାଜଶ୍ରୀଙ୍କ ସହ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** | ପଦାନୁକ୍ରମ ଚିନ୍ତା

# ଚୋରି ହେଉଛି ନିରାମୟ ଦାମୀ ଔଷଧ

- **ଧରାପଡ଼ିଲେ ଫାର୍ମାସିଷ୍ଟ, ବିଭାଗୀୟ ତଦନ୍ତ ଆରମ୍ଭ**
- **ମାଗଣା ସଂକେତ ନ ଥିବାରୁ ଚୋରି ସୁଯୋଗ**

ବରଗଡ଼,୧୬।୬ (ପ୍ରେମାନନ୍ଦ ଖମାରୀ)

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟରତ କର୍ମଚାରୀଙ୍କ ବ୍ୟତୀତ ଅନ୍ୟମାନଙ୍କୁ ମାଗଣାରେ ଔଷଧ ଯୋଗାଣ ପାଇଁ ଓଡ଼ିଶା ସରକାର ନିରାମୟ ଯୋଜନା କରିଛନ୍ତି। ୨୦୧୫ରୁ ରାଜ୍ୟରେ ଆରମ୍ଭ ହୋଇଥିବା ଏହି ଯୋଜନାରେ ୫୭୩ ପ୍ରକାର ଜୀବନ ରକ୍ଷାକାରୀ ଔଷଧ ରୋଗୀଙ୍କୁ ଯୋଗାଇବାର ପ୍ରାବଧାନ ରହିଛି। ମାତ୍ର କିଛି ବିଭାଗୀୟ କର୍ମଚାରୀ ଏହାର ବେଶ୍ ଫାଇଦା ଉଠାଉଥିବା ଭଳି ଘଟଣା ସାମ୍ନାକୁ ଆସିଛି। ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଜଣେ ଫାର୍ମାସିଷ୍ଟ ନିରାମୟ କକ୍ଷରୁ ବହୁ ଦାମିକିଆ ଔଷଧ ଧରି ଯାଉଥିବାବେଳେ ସ୍ଥାନୀୟ ସୁରକ୍ଷାକର୍ମୀଙ୍କ ହାତରେ ଧରାପଡ଼ିଛନ୍ତି। ସମ୍ପୃକ୍ତ ଫାର୍ମାସିଷ୍ଟ ବୁଧବାରଠାରୁ ଧରାପଡ଼ି ଥିବାବେଳେ ଏପର୍ଯ୍ୟନ୍ତ ତାଙ୍କ ବିରୋଧରେ କୌଣସି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ କି ପୋଲିସରେ ଏତଲା ମଧ୍ୟ ଦିଆଯାଇନାହିଁ। ଫଳରେ ଏହି ଘଟଣାରେ ବିଭାଗୀୟ କାର୍ଯ୍ୟକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ସେହିପରି ନିରାମୟ କେନ୍ଦ୍ରକୁ ପୂର୍ବରୁ ଆସୁଥିବା ଔଷଧରେ ନଟ୍ ଫର୍ ସେଲ୍ ☞ପୃଷ୍ଠା-୨



# ପେଣ୍ଟାଗନ୍‌ର ଗୁପ୍ତ ଦସ୍ତାବିଜ ପ୍ରଘଟକାରୀ ୨୧ ବର୍ଷୀୟ

**ନିଜ ସାମରିକ କ୍ୟାରିୟରର ମାତ୍ର ୩ ବର୍ଷ ମଧ୍ୟରେ ଜାକ୍ ଡୋଗଲାସ୍ ଟେକ୍ସେରା ଆମେରିକାର ସବୁଠୁ ସମ୍ବେଦନଶୀଳ ଗୋଇନ୍ଦା ଅପରେଶନ ତଥ୍ୟ ହାସଲ ପରେ ପ୍ରଘଟ କରିଛନ୍ତି। ଏଣିକି ଦେଶର କେଉଁମାନେ ଏଭଳି ଗୋପନୀୟ ତଥ୍ୟ ପାଇପାରିବେ ସେନେଇ ପେଣ୍ଟାଗନ୍ ସମୀକ୍ଷା କରିବା ପାଇଁ ବାଧ୍ୟ ହୋଇଛି।**

ୱାଶିଂଟନ୍,୧୬।୬

ହାତରେ ହ୍ୟାଣ୍ଡକଫ୍ ଓ ଦୁଇଗୋଡ଼ରେ ଶିକୁଳି। ୨୧ ବର୍ଷୀୟ ଜାକ୍ ଟେକ୍ସେରା ବୋଷ୍ଟନର ଜନଗହଳିପୂର୍ଣ୍ଣ କୋର୍ଟରୁମ୍‌ରେ ପ୍ରଥମ ହାଜିରା ବେଳେ ବିଚଳିତ ଦେଖାଯାଉଥିଲେ। ଆମେରିକା ପ୍ରତିରକ୍ଷା ମନ୍ତ୍ରଣାଳୟ ‘ପେଣ୍ଟାଗନ୍’ର ଗୋପନୀୟ ଦସ୍ତାବିଜ ପ୍ରଘଟ ଅଭିଯୋଗରେ ଏପ୍ରିଲ ୧୩ରେ ଦେଶର ପ୍ରମୁଖ ତଦନ୍ତକାରୀ ସଂସ୍ଥା ଫେଡେରାଲ ଇନ୍‌ଭେଷ୍ଟିଗେଶନ୍ ବ୍ୟୁରୋ (ଏଫ୍‌ବିଆଇ) ମାସାଚ୍ୟୁସେଟ୍ସର ଡିଘଟନ୍‌ରୁ ତାଙ୍କୁ ଗିରଫ କରିଥିଲା। ଜୁନ୍ ୧୫ରେ ତାଙ୍କ ବିରୋଧରେ ଅଭିଯୋଗ ଧାର୍ଯ୍ୟ ହୋଇଛି। ପ୍ରତିରକ୍ଷା ସମ୍ପର୍କିତ ଗୋପନୀୟ ତଥ୍ୟ ପ୍ରଘଟ ନେଇ ଅପରାଧିକ ମାମଲାରେ ପ୍ରତିବାଦୀ ଭାବେ ମାସାଚ୍ୟୁସେଟ୍ସ ନ୍ୟାଶନାଲ ଗାର୍ଡ ଏୟାରମ୍ୟାନ୍ ଜାକ୍‌ଙ୍କୁ ତାଙ୍କ ଅଧିକାର ଉପରେ ଅବଗତ କରାଯିବା ମାତ୍ରେ ସେ କହିଥିଲେ ‘ହଁ’। ଶୁଣାଣି ପରେ ଭିଡ଼ ଭିତରୁ ଜଣେ ବ୍ୟକ୍ତି ଉଚ୍ଚସ୍ୱରରେ କହିଥିଲେ, ‘ଆଇ ଲଭ୍ ୟୁ ଜାକ୍’। ପଛକୁ ନ ଅନାଇ ଜାକ୍ ଉତ୍ତର ଦେଇଥିଲେ, ‘ୟୁ ଟୁ ଡାଡ୍’।

ଜାକ୍‌ଙ୍କ ବିରୋଧରେ ଇଚ୍ଛାକୃତ ଭାବେ ଜାତୀୟ ପ୍ରତିରକ୍ଷା ସମ୍ପର୍କିତ ଗୋପନୀୟ ତଥ୍ୟ ହାସଲ ଓ ସ୍ଥାନାନ୍ତର କରିବା ନେଇ ଗ୍ରାଣ୍ଡ ଜୁରି ୬ଟି ଅଭିଯୋଗ ଧାର୍ଯ୍ୟ କରିଛନ୍ତି। ସରକାରୀ ଓକିଲଙ୍କ ଅଭିଯୋଗ ହେଲା, ଅନ୍‌ଲାଇନ ଗେମିଂର ଅହଂକାରୀ ସଂସ୍କୃତିରେ ଧରାପଡ଼ିଥିବା ଜାକ୍ ଅନେକ ଶହ ଗୁପ୍ତ ଦସ୍ତାବିଜ ଏକ ଡିସ୍‌କର୍ଡ ଚାର୍ଟ ସର୍ଭରରେ ଶେୟାର କରିଥିଲେ। ଏହାକୁ ଆମେରିକା ଇତିହାସରେ ଦଶନ୍ଧିର ସବୁଠୁ ବଡ଼ ଗୋଇନ୍ଦା ଡେଟା ଲିକ୍ କୁହାଯାଉଛି। ପୂର୍ବରୁ ୨୦୧୩ରେ କମ୍ପ୍ୟୁଟର ଇଣ୍ଟେଲିଜେନ୍ସ କନ୍‌ସଲଟାଣ୍ଟ ଏଡ୍‌ୱାର୍ଡ ସ୍ନୋଡେନ୍ ନ୍ୟାଶନାଲ ସିକ୍ୟୁରିଟି ଏଜେନ୍ସିର ଗୁପ୍ତ ଦସ୍ତାବିଜ ପ୍ରଘଟ କରି ଚର୍ଚ୍ଚିତ ହୋଇଥିଲେ।

ନ୍ୟାଶନାଲ ଗାର୍ଡରେ ଜଣେ ନିମ୍ନପାହ୍ୟାର ‘ସାଇବର ସିକ୍ୟୁରିଟି ଜର୍ନିମ୍ୟାନ୍’ ଭାବେ କାର୍ଯ୍ୟରତ ଜାକ୍ ୨୦୨୧ରୁ ସବୁଠୁ ଗୋପନୀୟ ସୁରକ୍ଷା ମଞ୍ଜୁରୀ ତଥ୍ୟ ହାସଲ କରିଥିଲେ। ଏହା ବଳରେ ସେ ଉଚ୍ଚ ପଦସ୍ଥ ରାଜନେତାଙ୍କ ଅବସ୍ଥିତି ଓ ଗତିବିଧି ଏବଂ ସାମରିକ ବଳର ଟେକ୍ନିକାଲ୍ ☞ପୃଷ୍ଠା-୨



ଜାକ୍ ଡୋଗଲାସ୍ ଟେକ୍ସେରା

## ଜାକ୍ ଟେକ୍ସେରାଙ୍କ ପରିଚୟ

ଜାକ୍ ଟେକ୍ସେରା ମାସାଚ୍ୟୁସେଟ୍ସ ଏୟାର ନ୍ୟାଶନାଲ ଗାର୍ଡର ଜଣେ ମେମ୍ବର। ୨୦୧୯ରେ ସର୍ଭିସରେ ଯୋଗଦେବା ପରେ ସେ ନ୍ୟାଶନାଲ ଗାର୍ଡ ବେସ୍‌ରେ ସାମରିକ ନେଟ୍‌ୱର୍କର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିଲେ। ତାଙ୍କ ପରିବାରର ଅନେକ ସଦସ୍ୟ ସେନାରେ କାର୍ଯ୍ୟ କରୁଛନ୍ତି କିମ୍ବା ପୂର୍ବରୁ ସେବା ପ୍ରଦାନ କରିଛନ୍ତି। ଏଫ୍‌ବିଆଇ ଏଜେଣ୍ଟମାନେ ଗତ ଏପ୍ରିଲ ୧୩ରେ ଜାକ୍‌ଙ୍କ ଘରେ ଚଢ଼ାଉ କରିବା ସହ ଦଣ୍ଡ କୋହଳ କରାଇବା ପ୍ରତିଶ୍ରୁତି ଦେଇ ତାଙ୍କୁ ଗିରଫ କରିଥିଲେ। ଗିରଫଦାରି ବେଳେ ଜାକ୍ ଏକ ଟି-ଶାର୍ଟ ଓ ଶର୍ଟ୍ସ ପିନ୍ଧିଥିଲେ। ଜାତୀୟ ଗୁପ୍ତ ପ୍ରତିରକ୍ଷା ଦସ୍ତାବିଜଗୁଡ଼ିକୁ ବେଆଇନ ଭାବେ ହାସଲ କରି ଅନ୍ୟତ୍ର ପ୍ରେରଣ କରିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଥିବା ଆଟର୍ନି ଜେନେରାଲ ମେରିକ୍ ଗାର୍ଲେଣ୍ଡ ସୂଚନା ଦେଇଛନ୍ତି। ତେବେ ଏହି ଲୋ-ର୍ୟାଙ୍କିଙ୍ଗ୍ ସର୍ଭିସ୍ ମେମ୍ବର ଅଭିଯୁକ୍ତ ରୂପେ ଆବିର୍ଭାବ ହେବା ଦଶନ୍ଧିର ସବୁଠୁ ହାଇଏଷ୍ଟ ପ୍ରୋଫାଇଲ ଇଣ୍ଟେଲିଜେନ୍ସ ଲିକ୍‌କୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜଣେ ନିମ୍ନପାହ୍ୟାର ପ୍ରତିରକ୍ଷା ବିଭାଗ କର୍ମଚାରୀ ଏଭଳି ସମ୍ବେଦନଶୀଳ ତଥ୍ୟ ହାସଲ କରିବା ସମସ୍ତଙ୍କୁ ଚକିତ କରିଦେଇଛି। ସାଇବର ଟ୍ରାନ୍ସପୋର୍ଟ ସିଷ୍ଟମ୍ସ ଜର୍ନିମ୍ୟାନ୍ ଭାବେ କାର୍ଯ୍ୟ କରିବା ପାଇଁ ହାଇସ୍କୁଲ ଡିଗ୍ରୀ, ଡ୍ରାଇଭିଂ ଲାଇସେନ୍ସ ଓ ୧୯ ମାସର ତାଲିମ ଆବଶ୍ୟକ ହୋଇଥାଏ। ସେହି ଯୋଗ୍ୟତା ସବୁ ଜାକ୍ ହାସଲ କରିଥିଲେ କି ନାହିଁ, ତାହା ଏବେ ତଦନ୍ତ ସାପେକ୍ଷ।

**ଆଜିର ମନ୍ତବ୍ୟ**

“ମଣିପୁରରେ ଭାଜପାର ଡବଲ୍ ଇଞ୍ଜିନ ସରକାର ଫେଲ୍ ମାରିଛି। ହିଂସା ପ୍ରଭାବିତ ଏହି ଉତ୍ତରପୂର୍ବାଞ୍ଚଳ ରାଜ୍ୟର ସ୍ଥିତିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେବେ ମୁହଁ ଖୋଲିବେ? **-ପି. ଚିଦାମ୍ବରମ୍, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଲେଇ ଗଲା**
**ମାଲେଇ ଗଲା।**

ବେଳେବେଳେ ବ୍ୟକ୍ତିଙ୍କ ସକଳ ଚେଷ୍ଟା, ଉଦ୍ୟମ ସବୁ ନିରାଶାରେ ପରିଣତ ହୋଇଯାଉଥିବାର ଲକ୍ଷ୍ୟ କରାଯାଇଥାଏ। ସବୁ ଆଶା ଲୋପ ପାଇବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଖପୁରୀ ଲୋ**
**କେତେ ହେଉଥାଉ ଛୋପରି ଲୋ।**

ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜର ଫମ୍ପା ଆଭିଜାତ୍ୟ ଦେଖାଇବାରେ କାଣିଚାଏ ହେଳା କରି ନ ଥାନ୍ତି। ନିଜେ ଯେତେ ନୁହେଁ କି ଯାହା ନୁହେଁ ତାକୁ ଅତିରଞ୍ଜିତ କରି ବଡ଼ିମା ଦେଖେଇ ବୃଥା ପ୍ରଶଂସା ସାଉଁଟିବାକୁ ଉଦ୍ୟମ ଚଳାଇଥାନ୍ତି। ତୁଚ୍ଛାଟାରେ ଅନ୍ୟ ଆଗରେ ଆତ୍ମବଡ଼ିମା ଦେଖେଇ ହେଉଥିବା ମହିଳାଙ୍କ ଏତାଦୃଶ ଫୁଲାଣିଆ ଭାବଭଙ୍ଗୀ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ସଂଶୋଧନ ହେଲା ପ୍ରଧାନମନ୍ତ୍ରୀ ଆବାସ କିସ୍ତି

**ପ୍ରଥମ କିସ୍ତିରେ ମିଳିବ ୪୦ ହଜାର ଟଙ୍କା**

ଭୁବନେଶ୍ୱର,୧୬।୬ (ଅନିଲ ଦାସ)

ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) (ପିଏମ୍ଏୱାଇ-ଜି)ରେ ହିତାଧିକାରୀମାନଙ୍କୁ ପକ୍କାଘର ପାଇଁ ଦିଆଯାଉଥିବା ଇନ୍‌ଷ୍ଟାଲମେଣ୍ଟ(କିସ୍ତି) ଆର୍ଥିକ ସହାୟତାରେ ରାଜ୍ୟ ସରକାର ସଂଶୋଧନ କରିଛନ୍ତି। ଏ ନେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୱାର୍କଅର୍ଡର ଦେବା ସହିତ ପ୍ରଥମ କିସ୍ତିରେ ହିତାଧିକାରୀଙ୍କୁ ୪୦ ହଜାର ଟଙ୍କା ଦିଆଯିବ। ସେହିପରି ଘର କାମ ଛାତ ପର୍ଯ୍ୟନ୍ତ ଶେଷ ହେଲେ ଦ୍ୱିତୀୟ କିସ୍ତି ବାବଦରେ ୬୫ ହଜାର ଟଙ୍କା ଏବଂ ପାଇଖାନା ସହ ଘର ନିର୍ମାଣ ଶେଷ ହେବା ପରେ ହିତାଧିକାରୀ ସେହି ଘରେ ରହିବା ପରେ ତୃତୀୟ କିସ୍ତି ବାବଦରେ ଆଇଏପି ଅଞ୍ଚଳ ପାଇଁ ୨୫ ହଜାର ଓ ନନ୍‌ଆଇଏପି ଅଞ୍ଚଳ ପାଇଁ ୧୫ ହଜାର ଟଙ୍କା ପ୍ରଦାନ କରାଯିବ। ୨୦୨୧-୨୨ ଏବଂ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଏହା ଲାଗୁ କରାଯିବ। ଏହା ପୂର୍ବରୁ ଦିଆଯାଉଥିବା କିସ୍ତି ଅପରିବର୍ତ୍ତିତ ରହିବ। ଏ ନେଇ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି।




# ଅଦିନିଆ ରଥଯାତ୍ରାକୁ ବିରୋଧ

ପୁରୀ, ୧୬।୬(ଅଜିତ୍ ମହାନ୍ତି)

ଅଦିନିଆ ରଥଯାତ୍ରାକୁ ନେଇ ପୁଣି ବିବାଦ ସୃଷ୍ଟି ହୋଇଛି। ମଧ୍ୟପ୍ରଦେଶର ଗ୍ୱାଲିୟରଠାରେ ଚଳିତ ମାସ ୨୪ତାରିଖରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ହେବ ବୋଲି ସୋସିଆଲ ମିଡିଆରେ ଖବର ଘୁରିବୁଲୁଛି। ଏହି ଅଦିନିଆ ରଥଯାତ୍ରାକୁ ଓଡ଼ିଶାର ଜଗନ୍ନାଥପ୍ରେମୀ ଓ ଶ୍ରୀମନ୍ଦିର ସେବାୟତଙ୍କ ସମେତ ପରିଚାଳନା କମିଟି ସଦସ୍ୟ ତୀବ୍ର ବିରୋଧ କରିଛନ୍ତି। ପରମ୍ପରା ଅନୁଯାୟୀ, ପ୍ରତ୍ୟେକ ବର୍ଷ ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ କେବଳ ପୁରୀ ନୁହେଁ ଦେଶ ବିଦେଶରେ ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ତେବେ ଅନେକ ଥର ଦେଖିବାକୁ ମିଳିଛି ଯେ, ବାହାର ରାଜ୍ୟର କେତେକ ସଙ୍ଗଠନ ଉକ୍ତ ତିଥି ପରିବର୍ତ୍ତେ ମନଇଚ୍ଛା ସମୟରେ ରଥଯାତ୍ରା କରୁଛନ୍ତି। ଏହା ପରମ୍ପରା ବିରୋଧୀ। ପରମ୍ପରା ଅନୁଯାୟୀ, ଚଳିତ ମାସ ୨୦ ତାରିଖ ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହେବ। ତେବେ ଏହି ପରମ୍ପରାକୁ ଉଲ୍ଲଙ୍ଘନ କରାଯାଇ ଗ୍ୱାଲିୟରଠାରେ ୨୪ ତାରିଖରେ ରଥଯାତ୍ରା କରାଯିବାକୁ ସ୍ଥିର କରାଯାଇଛି। ପୂର୍ବରୁ ୧୮ ତାରିଖରେ ରଥଯାତ୍ରା ହେବାକୁ ଥିଲା, ତେବେ କିଛି ଅସୁବିଧା କାରଣରୁ ୨୪ ତାରିଖରେ ରଥଯାତ୍ରା ହେବାକୁ ଥିବା ଗ୍ୱାଲିୟର ଇସ୍କନ ସେଣ୍ଟର ପକ୍ଷରୁ ମହେନ୍ଦ୍ର ପ୍ରଭୁଜୀ ନାମକ ଅଧିକାରୀ ସୋସିଆଲ ମିଡିଆରେ ସୂଚନା ଦେଉଥିବା ଦେଖିବାକୁ ମିଳିଛି। ଚଳିତ ବର୍ଷ ରଥର ଉଚ୍ଚତା ୨୪ ଫୁଟ, ଲମ୍ବ ୧୭ ଫୁଟ ଏବଂ ଚଉଡା ୧୦ ଫୁଟ ରହିଛି। ରଥ ନିର୍ମାଣରେ ୬ ଲକ୍ଷ ଟଙ୍କା ପ୍ରାୟ ଖର୍ଚ୍ଚ ହୋଇଛି। ଶ୍ରୀଜଗନ୍ନାଥଙ୍କ ଭକ୍ତମାନେ ରଥଯାତ୍ରାରେ ସାମିଲ ହେବା ସହ ଦାନ ଦେବାକୁ ଇସ୍କନ ପକ୍ଷରୁ ଅନୁରୋଧ କରାଯାଇଛି। ଅନ୍ୟପକ୍ଷରେ ପୂର୍ବରୁ ମଧ୍ୟ ଇସ୍କନ ପକ୍ଷରୁ ଅଦିନରେ ରଥଯାତ୍ରା କରାଯାଇଥିବାର ନଜିର ରହିଛି। ଏ ନେଇ ଶ୍ରୀମନ୍ଦିର ପ୍ରଶାସନଠାରୁ ଆରମ୍ଭକରି ଜଗନ୍ନାଥପ୍ରେମୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ମହାପାତ୍ର କହିଛନ୍ତି, ପୂର୍ବରୁ ଶ୍ରୀମନ୍ଦିର ପରିଚାଳନା ବୈଠକରେ ଗଜପତି ମହାରାଜାଙ୍କ ଉପସ୍ଥିତିରେ ଇସ୍କନ କର୍ମକର୍ତ୍ତାମାନଙ୍କୁ ଡକାଯାଇ ଆଲୋଚନା କରାଯିବା ପରେ ମଧ୍ୟ ଅଦିନିଆ ରଥଯାତ୍ରା ଆୟୋଜନ କରୁଛନ୍ତି। ଏହା ଅତି ଦୁଃଖ ଓ କ୍ଷୋଭର ବିଷୟ। ଏହାଦ୍ୱାରା ଆମ ସଂସ୍କୃତି, ପରମ୍ପରା ନଷ୍ଟ ହେଉଛି। ଇସ୍କନପ୍ରେମୀ ସ୍କନ୍ଦ ପୁରାଣକୁ ଅନୁସରଣ କରନ୍ତୁ। ଅଦିନିଆ ରଥଯାତ୍ରାରୁ ଇସ୍କନ କର୍ତ୍ତୃପକ୍ଷ ବିରତ ରହନ୍ତୁ। ନଚେତ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପରିକି ଇସ୍କନ ଭକ୍ତଙ୍କୁ ପୁରୀରେ ପ୍ରବେଶ କରିବା ପାଇଁ ଅନୁମତି ଦିଆଯିବ ନାହିଁ। ସେ ଏନେଇ ଗଜପତି ମହାରାଜା ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସହ ଆଲୋଚନା କରିବେ ବୋଲି ମହାପାତ୍ର କହିଛନ୍ତି। ସେହିପରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ଏ ବିଷୟ ତାଙ୍କ ନଜରକୁ ଆସିନାହିଁ। ତାଙ୍କ ଦୃଷ୍ଟିକୁ ଆସିଲେ ଆଲୋଚନା କରାଯାଇ ଯାହାକିଛି ନିଷ୍ପତ୍ତି ନିଆଯିବ।

## ପ୍ରଥମ ପୃଷ୍ଠାରୁ...

### ନକଲି ମହାପ୍ରସାଦକୁ ...

ରନ୍ଧା ହୋଇଥିଲା। ୧୦ଟି ମଠ କୁଡିଆ ଅନ୍ନ, ୨୦ ହାଣ୍ଡି ଡାଲି, ବେସର ଆଦି ପ୍ରସ୍ତୁତ କରାଯାଉଛି। ଏହି ରୋଷେଇ ପାଇଁ ତାଙ୍କୁ ଶ୍ରୀମନ୍ଦିରର ଜଣେ ସେବାୟତ ଡାକିଥିଲେ। ଏହା ବିକ୍ରି କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇନାହିଁ ବୋଲି ବଳିଆ କହିଛନ୍ତି। ଅପରପକ୍ଷରେ ଜଣେ ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ ଗୁରୁବାର ରାତିରୁ ୩୦ଜଣ ଲୋକ ରୋଷେଇ କାର୍ଯ୍ୟରେ ନିୟୋଜିତ ଥିଲେ। ଟ୍ରଲି ସାହାଯ୍ୟରେ ଅବଢା ଯାଇଥିବା ସେ ଦେଖିଛନ୍ତି। ତେବେ ଏପରି କାର୍ଯ୍ୟ ଠିକ୍ ନୁହେଁ। ଭକ୍ତଙ୍କ ମନକୁ ଏପରି ଘଟଣା ଆଘାତ ଦେଉଛି। ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ଦାବି କରିଛନ୍ତି। ଏନେଇ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ମହାପାତ୍ର କହିଛନ୍ତି, ନକଲି ମହାପ୍ରସାଦ ପ୍ରସ୍ତୁତି ଓ ବିକ୍ରିରୁ ଅସାଧୁ ବ୍ୟକ୍ତି କ୍ଷାନ୍ତ ରୁହନ୍ତୁ। ପୂର୍ବରୁ ଅନେକ ସମୟରେ ପରିଚାଳନା କମିଟି ବୈଠକରେ ବାହାରେ ଅବଢା ବିକ୍ରି ହେବାକୁ ନେଇ ବିରୋଧ କରାଯାଇଛି। ଫଳରେ ତାହା ବନ୍ଦ ରହିଥିଲା। ତେଣୁ ଏଥିପ୍ରତି ସୁଆର ମହାସୁଆର ନିୟୋଗ ଧ୍ୟାନ ଦେବା ସହ ଏପରି କାର୍ଯ୍ୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ। ତେବେ ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ନକଲି ମହାପ୍ରସାଦ ପ୍ରସ୍ତୁତ ହୋଇ ବିକ୍ରି ହେଉଥିବା ନେଇ ନିର୍ଦ୍ଦିଷ୍ଟ ଭାବରେ ଅଭିଯୋଗ ଆସିଲେ ଏହାଉପରେ ତଦନ୍ତ କରାଯିବ। ତେବେ ମହାପ୍ରସାଦ କହି କେହି ବିକୁଥିବାର ଦୃଶ୍ୟ ହୁଏ, ତେବେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ପୂର୍ବତନ ଏମ୍‌ପି ଅନାଦି ...

ସରକାରଙ୍କୁ ଆସ୍ଥା ଭୋଟ୍ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିପରି ବିଶ୍ୱନାଥ ପ୍ରତାପ ସିଂହଙ୍କ ସରକାର ସମୟରେ ଦାସ ସର୍ବଭାରତୀୟ ଏସ୍‌ସି/ଏସ୍‌ଟି କମିଶନର ଅଧ୍ୟକ୍ଷ ଭାବେ କାର୍ଯ୍ୟ ନିର୍ବାହ କରିବା ସହିତ ରେଳ ପରାମର୍ଶଦାତା ଷ୍ଟାଣ୍ଡିଂ କମିଟିର ସଭ୍ୟ ରହିଥିଲେ।

ଦାସଙ୍କ ପରଲୋକ ଖବର ଜଣାପଡ଼ିବା ପରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସନାୟକ, ରାଜ୍ୟ ସଭା ସଦସ୍ୟା ସୁଲତା ଦେଓ, ବିଧାୟକ ଅମର ପ୍ରସାଦ ଶତପଥୀ, ପ୍ରଣବ ବଳବନ୍ତରାୟ, ମନ୍ତ୍ରୀ ପ୍ରମିଳା ମଲ୍ଲିକ, ପ୍ରୀତିରଞ୍ଜନ ଘଡ଼ାଇ, ବିଧାୟିକା ସୁନନ୍ଦା ଦାସ, ବିଧାୟକ ଅଶୋକ କୁମାର ବଳ, ପୂର୍ବତନ ଏମ୍‌ପି ରୀତା ତରାଇ, ଅଞ୍ଚଳ ଦାସ, ରାମଚନ୍ଦ୍ର ଖୁଣ୍ଟିଆ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ଭାଜପା ଜିଲା ସଭାପତି ଗୌତମ ରାୟ, ଦଶରଥପୁର ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାମଲ, ଜିଲା ସମ୍ପାଦକ ସୁଦୀପ୍ତ ପଣ୍ଡା, ବିଜେଡି ଜିଲା ସଭାପତି ସରୋଜ କୁମାର ମହାପାତ୍ର, ବରିଷ୍ଠ ବିଜେଡି ନେତା କର୍ଣ୍ଣାଟ କେଶରୀ ଦାସ, ଯାଜପୁର ପୌର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ, ଜିଲା କଂଗ୍ରେସ ସଭାପତି ମନୋଜ ରାଉତ, ସନ୍ତୋଷ କୁମାର ନନ୍ଦ, ନାରାୟଣ ଚନ୍ଦ୍ର ସାମନ୍ତ, ବଳଭଦ୍ର ଦାସ, ଶିଶିର କୁମାର ନାୟକ, ଦିଗାମ୍ବର କର ଓ କିଷାନ ପଣ୍ଡା ପ୍ରମୁଖ ଶୋକବ୍ୟକ୍ତ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

### ଟ୍ରକ ତଳେ ଚାପି ...

୩ ବର୍ଷର ଶିଶୁ କୋରାପୁଟ ଅଭିମୁଖେ ଯାଉଥିଲେ। ଦୁର୍ଘଟଣା ସ୍ଥଳରେ ରାଜଲକ୍ଷ୍ମୀ ଓ ରାଜଶ୍ରୀଙ୍କ ମୃତ୍ୟୁ ହୋଇଯାଇଥିଲା। ଶିଶୁ ଜଣକ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ତୁରନ୍ତ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବିଶାଖାପାଟଣା ନିଆଯାଇଥିବା ଜଣାପଡିଛି। ଏ ସମ୍ପର୍କରେ ସୂଚନା ପାଇ ଘଟଣା ସ୍ଥଳରେ ଜୟପୁର ସଦର ପୋଲିସ ଓ ଅଗ୍ନିଶମବାହିନୀ ପହଞ୍ଚିଥିଲେ। ସେତେବେଳକୁ ଟ୍ରକ ଡ୍ରାଇଭର ଓ ହେଲପର ଫେରାର ହୋଇଯାଇଥିଲେ। ଓଲଟି ପଡିଥିବା ଟ୍ରକକୁ ଏକ କ୍ରେନ ଦ୍ୱାରା ଘାଟିରୁ ଉଠାଯାଇଛି। ସଦର ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

### ବିଦ୍ୟୁତ ବିଭ୍ରାଟ...

ରାଜ୍ୟବାସୀଙ୍କୁ ଉନ୍ନତମାନର ଓ ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ରାଜ୍ୟ ସରକାର ୨୦୨୦ରୁ ଟାଟା ପାୱାରକୁ ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ୩ ବର୍ଷ ବିତିଯାଇଥିଲେ ସୁଦ୍ଧା ବିଦ୍ୟୁତ୍ ବ୍ୟବସ୍ଥାରେ ସେଭଳି କିଛି ଆଖିଦୃଶିଆ ପରିବର୍ତ୍ତନ ହୋଇନାହିଁ ବୋଲି ବିଭିନ୍ନ ସଙ୍ଗଠନ ପକ୍ଷରୁ ଅଭିଯୋଗ କରାଯାଉଛି। ରାଜ୍ୟ ସରକାର ଏହି ସମୟରେ ବିଭିନ୍ନ ଯୋଜନାରେ ଭିତ୍ତିଭୂମି ସୁଧାରିବା ପାଇଁ ପ୍ରାୟ ୧ ହଜାର କୋଟିରୁ ଉର୍ଦ୍ଧ୍ୱ ଖର୍ଚ୍ଚ କରି ସାରିଲେଣି। ବାରମ୍ବାର ବିଦ୍ୟୁତ୍ ବିଭ୍ରାଟକୁ ନେଇ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଟାଟା ପାୱାର ସିଇଓଙ୍କୁ ଲୋକସେବା ଭବନ ଡାକି ତାଗିଦ୍ କରିଥିଲେ। ବିଦ୍ୟୁତ୍ କାଟକୁ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ମଧ୍ୟ ବହୁ ସଂଖ୍ୟାରେ ଅଭିଯୋଗ ଆସୁଛି। ଜନସାଧାରଣଙ୍କ ସମସ୍ୟା ସମାଧାନ କରିବାକୁ ସିଏମ୍‌ଓ ପକ୍ଷରୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ତାଗିଦ କରାଯାଇଛି। ରାଜ୍ୟର ବିଦ୍ୟୁତ୍ ବ୍ୟବସ୍ଥାକୁ ନେଇ ବିଭିନ୍ନ ସଙ୍ଗଠନ ସରକାରଙ୍କୁ ଘେରିଛନ୍ତି। ଅଘୋଷିତ ବିଦ୍ୟୁତ୍ କାଟ ବନ୍ଦ ନ ହେଲେ ରାଜରାସ୍ତାରେ ଲଢ଼େଇ ହେବ ବୋଲି ଚେତାବନୀ ଦେଇଛନ୍ତି।

୧୯୯୯ରୁ ଆଜି ଯାଏ ରାଜ୍ୟରେ ବିଦ୍ୟୁତ୍ ଭିତ୍ତିଭୂମି ବିକାଶ ପାଇଁ ଯେଉଁ ୨୦ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ତାହାର ବିଚାର ବିଭାଗୀୟ ତଦନ୍ତ ହେବା ଦରକାର। ଟାଟା ପାୱାର ଯେଉଁ ମନମାନୀ କରୁଛି ସରକାର ତା' ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଏହା ବନ୍ଦ ନ ହେଲେ ଅଘୋଷିତ ବିଦ୍ୟୁତ୍ କାଟ ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ସମାବେଶ କରାଯିବ ବୋଲି ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘର ଆବାହକ ରବି ବେହେରା କହିଛନ୍ତି।

ସେହିପରି ନିଖିଳ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ ମହାସଂଘ ସାଧାରଣ ସମ୍ପାଦକ ଅକ୍ଷୟ ତ୍ରିପାଠୀ କହିଛନ୍ତି, ଲୋକମାନଙ୍କୁ ଉନ୍ନତମାନର ବିଦ୍ୟୁତ୍ ମିଳିପାରୁ ନାହିଁ। ଲୋ-ଭୋଲ୍‌ଟେଜ ସମସ୍ୟା ବଢ଼ିବାରେ ଲାଗିଛି। ବହୁ ପୁରୁଣା କଣ୍ଡକ୍ଟରକୁ ପରିବର୍ତ୍ତନ କରାଯାଉ ନାହିଁ। ବିଦ୍ୟୁତ୍ ବଣ୍ଟନ କମ୍ପାନୀ କେବଳ ବିଦ୍ୟୁତ୍ ବିଲ୍ ଆଦାୟରେ ବ୍ୟସ୍ତ ରହୁଛି। ବିଦ୍ୟୁତ୍ ଭିତ୍ତିଭୂମିକୁ ସୁଦୃଢ଼ କରିବା ନିହାତି ଦରକାର ବୋଲି ସେ କହିଛନ୍ତି।

ବାରମ୍ବାର ଅଘୋଷିତ ବିଜୁଳି କାଟ ହେଉଛି। ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ବିଦ୍ୟୁତ୍ ଉପଭୋକ୍ତା ସଂଘ ଚେତାବାନୀ ଦେଇଛି। ସଂଘ ପକ୍ଷରୁ କୁଜଙ୍ଗ ବିଦ୍ୟୁତ୍ ସବ୍‌ଡିଭିଜନରେ ଏସ୍‌ଡିଓ ମନୋଜ କୁମାର ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଯଦି ଏନେଇ କୌଣସି ପଦକ୍ଷେପ ନିଆ ନ ଯାଏ ତେବେ ଆସନ୍ତା ୧ ସପ୍ତାହ ମଧ୍ୟରେ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ସଂଘର ଆବାହକ ବାବୁରାମ ଚୌଧୁରୀ ଓ ନବନିର୍ମାଣ କୃଷକ ସଙ୍ଗଠନର ବ୍ଲକ ସଂଯୋଜକ ବିଭୂତି ଭୂଷଣ ଜେନା ଚେତାବନୀ ଦେଇଛନ୍ତି।

### ଭଣ୍ଡାରିପୋଖରୀ ରାଡ଼ୋ ...

ନପଙ୍ଗ, ରହଣିଆ ପ୍ରମୁଖ ଅଞ୍ଚଳର ଶତାଧିକ ଉପଭୋକ୍ତା ଷ୍ଟ୍ରକ୍‌ଚରରେ ଭଙ୍ଗାରୁଜା କରିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ଷ୍ଟ୍ରକ୍‌ଚରରୁ ପ୍ରାୟ ୨୦ହଜାର ଉପଭୋକ୍ତାଙ୍କୁ ବିଦ୍ୟୁତ୍ ଯୋଗାଇ ଦିଆଯାଉଛି। କାଳବୈଶାଖୀକୁ ବାଦ୍‌ଦେଲେ ଅନ୍ୟ ସମୟରେ ମଧ୍ୟ ବାରମ୍ବାର ବିଦ୍ୟୁତ୍ କାଟ୍ ହେଉଛି। ରାତି ୧୦ରୁ ସକାଳ ୬ଟା ଯାଏ କରେଣ୍ଟ ରହୁନାହିଁ। ଲୋକେ ଗରମରେ ସିଝୁଥିବା ବେଳେ ଏଭଳି ସମସ୍ୟା ଯନ୍ତ୍ରଣା ବଢ଼ାଇଦେଉଛି। ବିଦ୍ୟୁତ୍ କାଟ ବିଷୟରେ ପଚାରିଲେ ୩୩ କେଭି ଲାଇନ୍ ମରାମତି ଚାଲିଛି ବୋଲି କର୍ମଚାରୀ କହୁଛନ୍ତି। ଗତ ୧୫ ଦିନ ହେବ ଏଭଳି ସ୍ଥିତି ଲାଗିରହିଛି। ବୁଧବାର ରାତିରେ ମଞ୍ଜୁରୀରୋଡ୍‌ଠାରୁ ମଣିନାଥପୁର ଯାଏ ବିଜୁଳି କାଟ ହୋଇଥିଲା। ଭୋର ସମୟରେ କରେଣ୍ଟ ଆସିଥିବା ବେଳେ ପୁଣି ଗୁରୁବାର ରାତିରେ ପୂର୍ବ ରାତି ଭଳି ଲାଇନ୍ ଚାଲିଯାଇଥିଲା। ଏହାକୁ ନେଇ ଲୋକେ ରାଡ଼ୋ ଷ୍ଟ୍ରକ୍‌ଚର ନିକଟରେ ହୋହଲ୍ଲା କରିବା ସହ ଭଙ୍ଗାରୁଜା କରିଥିଲେ। ସୂଚନା ପାଇ ବିଭାଗୀୟ ଅଧିକାରୀମାନେ ତୁରନ୍ତ ସମ୍ପୃକ୍ତ ଅଞ୍ଚଳକୁ ବିଦ୍ୟୁତ୍ ସରବରାହ ସ୍ୱାଭାବିକ କରିଥିଲେ। ତେବେ ଏହା ପରେ ଧାମନଗର ଛକଠାରୁ ସରସଦା ପଟାପୋଲ ଯାଏ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରି ଦିଆଯାଇଥିଲା।

ସେହିପରି ବାଲେଶ୍ୱର ଜିଲା ଖଇରା ବ୍ଲକ ସାରୁଗାଁ ପଞ୍ଚାୟତରେ ବିଦ୍ୟୁତ୍ ବିଭ୍ରାଟ ଅସନ୍ତୋଷ ବଢ଼ାଇଛି। ପ୍ରତିବାଦରେ ନୂଆଗାଁ ଗ୍ରାମର ଶତାଧିକ ଗ୍ରାମବାସୀ ଶୁକ୍ରବାର ୮ ଘଣ୍ଟା ଧରି ଟାଟା ପାୱାର କର୍ମଚାରୀଙ୍କୁ ଅଟକ ରଖିଥିଲେ। ଟିମ୍ ମୁଖ୍ୟ ଅନିଲ ମହାପାତ୍ର ପହଞ୍ଚି ୭ଦିନ ମଧ୍ୟରେ ସମସ୍ୟାର ସମାଧାନ ଲାଗି ଲିଖିତ ପ୍ରତିଶ୍ରୁତି ଦେବା ପରେ କର୍ମଚାରୀ ମୁକୁଳିଥିଲେ। ବାରମ୍ବାର ବିଦ୍ୟୁତ୍ କାଟ ହେବା ଏବଂ ଫୋନ କରିବା ପରେ ମଧ୍ୟ ପ୍ରତିକାର ନ ହେବାରୁ ବାଧ୍ୟହୋଇ ଏଭଳି ପଦକ୍ଷେପ ନିଆଯାଇଥିବା ପୂର୍ବତନ ସମିତିସଭ୍ୟ ନୀଳାମ୍ବର ପଣ୍ଡା, ରବୀନ୍ଦ୍ର ବାରିକ, ବିଷ୍ଣୁମୋହନ ଲେଙ୍କା, ରାମକୃଷ୍ଣ ଚଣ୍ଡ, ଜିତେନ୍ଦ୍ର ବାରିକ, ସଞ୍ଜୟ ଲେଙ୍କା ପ୍ରମୁଖ କହିଛନ୍ତି।

ଅନୁରୂପ ଭାବେ ମୟୂରଭଞ୍ଜ ଜିଲା ବୈଶିଙ୍ଗା ବିଦ୍ୟୁତ ସେକ୍ସନ ଅଧୀନ ଖୁଣ୍ଟାପୁର, କୁଜିଗଡ଼ି, ଆମ୍ବଗଡ଼ିଆ, ରଘୁପୁର, ପଣସିଆ ଅଞ୍ଚଳରେ ଗୁରୁବାର ବିଳମ୍ବିତ ରାତିରେ ବିଦ୍ୟୁତ୍ କାଟକୁ ନେଇ ଅସନ୍ତୋଷ ଦେଖାଦେଇଛି। ଅତିଷ୍ଠ ଗ୍ରାମବାସୀ ଓ ଜନପ୍ରତିନିଧି ଶୁକ୍ରବାର ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ବାଲେଶ୍ୱରରେ ରହୁଥିବା କାର୍ଯ୍ୟାଳୟର କର୍ମଚାରୀ କହିବା ପରେ ଅସନ୍ତୋଷ ଆହୁରି ବଢ଼ିଥିଲା। ସ୍ଥାନୀୟ ବିଧାୟକ ସନାତନ ବିଜୁଳି ଘଟଣାକୁ ନିନ୍ଦା କରିଛନ୍ତି। ଏଥିରେ ସୁଧାର ନ ହେଲେ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

### ଚୋରି ହେଉଛି ...

(ବିକ୍ରି ପାଇଁ ନୁହେଁ) ସଙ୍କେତ ରହୁଥିଲା। ମାତ୍ର ଏବେ ତାହା ନ ରହି ସିଧାସଳଖ ଔଷଧର ଏମ୍‌ଆର୍‌ପି (ମେକ୍ସିମମ୍ ରିଟେଲ୍ ପ୍ରାଇସ୍) ଉଲ୍ଲେଖ ରହୁଥିବାରୁ ତାହା ନିରାମୟ ଔଷଧ ଚୋରି କରି ବାହାରେ ବିକ୍ରି କରିବାକୁ ସୁଯୋଗ ଦେଇଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ସହର ଉପକଣ୍ଠ ଖେଦାପାଲି ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ନିରାମୟ କେନ୍ଦ୍ର ରହିଛି। ଏଠାରେ ଔଷଧ ବିତରଣ ପାଇଁ ଫାର୍ମାସିଷ୍ଟ ଏବଂ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀ ରହିଛନ୍ତି। ଡାକ୍ତରଙ୍କ ପରାମର୍ଶକ୍ରମେ ଉକ୍ତ କେନ୍ଦ୍ରରେ ଉପଲବ୍ଧ ଔଷଧ ରୋଗୀଙ୍କୁ ମାଗଣାରେ ଦିଆଯିବାର ନିୟମ ରହିଛି। ତେବେ ବୁଧବାର ଏଠାରେ କାର୍ଯ୍ୟରତ ଫାର୍ମାସିଷ୍ଟ ବହୁ ପରିମାଣର ଦାମିକିଆ ଔଷଧକୁ ବସ୍ତାରେ ଲୁଚାଇ ନେଉଥିଲେ ଏବଂ ସୁରକ୍ଷାକର୍ମୀଙ୍କ ହାତରେ ଧରାପଡ଼ିଥିଲେ। ସେହି ଔଷଧ ମଧ୍ୟରେ ଦାମିକିଆ ଭିଟାମିନ୍, ସିରପ୍, ଇଞ୍ଜେକ୍ସନ, ସାଲାଇନ୍ ଆଦି ରହିଥିଲା। ଧରାପଡ଼ିବା ପରେ ଘଟଣାକୁ ରଫାଦଫା କରିବାକୁ ଉଦ୍ୟମ ହୋଇଥିଲା। ମାତ୍ର ସମ୍ପୃକ୍ତ ଫାର୍ମାସିଷ୍ଟ ସେଥିରେ ସଫଳ ହୋଇ ନ ଥିଲେ। କଥାଟି ଉପରିସ୍ଥ ଅଧିକାରୀଙ୍କ ପାଖକୁ ଯାଇଥିଲା ଏବଂ ତଦନ୍ତ ଆରମ୍ଭ ହୋଇଥିଲା। ନିରାମୟ କେନ୍ଦ୍ରରୁ ଏଭଳି ଔଷଧ ଚୋରି ରୋକିବା ଦିଗରେ ରାଜ୍ୟ ସରକାର ଠୋସ୍ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ସାମାଜିକ କର୍ମୀ ବିକାଶ ଅଗ୍ରୱାଲ କହିଛନ୍ତି । ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡ଼ିଏମ୍‌ଓ) ଡା. ଚାରୁବାଳା ରଥଙ୍କୁ ପଚାରିବାରୁ କହିଥିଲେ, ଫାର୍ମାସିଷ୍ଟ ନିର୍ମଳ ପ୍ରଧାନଙ୍କ ବିରୋଧରେ ସେଭଳି ଅଭିଯୋଗ ଆସିଛି। ଏହି ଘଟଣାକୁ ଗୁରୁତ୍ୱର ସହିତ ନିଆଯାଇଛି। ନିରାମୟ ଯୋଜନାର ଔଷଧ ଚୋରି କରିବା ବଡ଼ ଅପରାଧ। ଏଥିରେ ଯେଉଁମାନେ ସମ୍ପୃକ୍ତ ଅଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏ ନେଇ ଏଡ଼ିଏମଓ ଡା. ବିଭୂତି ଭୂଷଣ ମେହେରଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ରିପୋର୍ଟ ମିଳିବା ପରେ ନିଶ୍ଚୟ କାର୍ଯ୍ୟାନୁଷ୍ଠାନ ହେବ ଏବଂ ବିଭାଗୀୟ ତଦନ୍ତ ସରିବା ପରେ ପୋଲିସ ଏତଲା ନେଇ ବିଚାର କରାଯିବ ବୋଲି ସିଡ଼ିଏମଓ ରଥ କହିଥିଲେ। ସେ ଛୁଟିରେ ଥିଲେ ଏବଂ ଶୁକ୍ରବାର ଯୋଗଦାନ ପରେ ଅଭିଯୋଗ ପାଇବା କ୍ଷଣି ସେଭଳି ନିର୍ଦ୍ଦେଶ ଦେଇଛନ୍ତି ବୋଲି ସିଡ଼ିଏମ୍‌ଓ ପ୍ରକାଶ କରିଛନ୍ତି।

### ପେଣ୍ଟାଗନ୍‌ର ଗୁପ୍ତ ଦସ୍ତାବିଜ ...

ଅପ୍‌ଡେଟ୍ସ ଉପରେ ଅନେକ କଥା ଜାଣିପାରିଥିଲେ। ସଂଘୀୟ ତଦନ୍ତକାରୀମାନଙ୍କ ଅଭିଯୋଗ ହେଲା, ଜାକ୍ ଗତ ଡିସେମ୍ବରରୁ କ୍ଲାସିଫାଏଡ୍ ରିପୋର୍ଟଗୁଡ଼ିକୁ କପି କରି ଏକ ପ୍ରାଇଭେଟ୍ ଡିସ୍‌କର୍ଡ ଚାଟ୍ ଗ୍ରୁପ୍‌ରେ ଶେୟାର କରିବା ଆରମ୍ଭ କରିଥିଲେ। ଉକ୍ତ ମେସେଜିଂ ସୋସିଆଲ ପ୍ଲାଟ୍‌ଫର୍ମ ଗ୍ରୁପ୍‌ରେ ୨୦ରୁ ୩୦ କିଶୋର ଓ ଯୁବ ସଦସ୍ୟ ରହିଥିଲେ। କୋଭିଡ୍-୧୯ ମହାମାରୀ ସମୟରେ ସେମାନେ ବନ୍ଧୁକ, ଭଗବାନ ଓ ଗେମିଂ ନାମରେ ଏକାଠି ହୋଇଥିଲେ। ଜାକ୍ ଏଥିରେ ନିଜ ଛଦ୍ମନାମ ରଖିଥିଲେ ‘ଓଜି’। ଟୁଇଟର, ଫେସ୍‌ବୁକ୍, ୟୁଟ୍ୟୁବ୍ ସମେତ ଅନ୍ୟ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକରେ ଏସବୁ ସାମ୍ନାକୁ ଆସିବା ପରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ୟୁକ୍ରେନ୍ ପଲିସିର ବିଫଳତା ଧରାପଡ଼ିଥିଲା। ଜାତୀୟ ସୁରକ୍ଷା ବିପନ୍ନ ହୋଇଥିବାରୁ ୱାଶିଂଟନ୍‌କୁ ବିଦେଶରେ ମଧ୍ୟ ହଟହଟା ହେବାକୁ ପଡ଼ିଥିଲା। ଗତ ଜାନୁୟାରୀରେ ଜାକ୍ ସାମରିକ ମାନଚିତ୍ର ଓ ଚାଟ୍‌ଗୁଡ଼ିକର ଫଟୋ ଉତ୍ତୋଳନ କରି ସେଥିରେ ପୋଷ୍ଟ କରିଥିଲେ। ୟୁକ୍ରେନ୍‌ର ଏୟାର ଡିଫେନ୍ସ ସିଷ୍ଟମ୍ସ ଏବଂ ଆମେରିକା ପକ୍ଷରୁ ଏହି ଯୁଦ୍ଧ ପ୍ରଭାବିତ ରାଷ୍ଟ୍ରକୁ ଯୋଗାଇ ଦିଆଯାଉଥିବା ଅନ୍ୟ ଅସ୍ତ୍ରଶସ୍ତ୍ର, ଇଜିପ୍ଟ ଓ ଇସ୍ରାଏଲ୍ ଭଳି ସହଯୋଗୀ ରାଷ୍ଟ୍ର ସମ୍ପର୍କିତ ରାଜନୈତିକ ସମ୍ବେଦନଶୀଳ ଗୋଇନ୍ଦା ତଥ୍ୟ ମଧ୍ୟ ସେ ଏଥିରେ ପୋଷ୍ଟ କରୁଥିଲେ। ମାର୍ଚ୍ଚ ସୁଦ୍ଧା ସେ ଡିସ୍‌କର୍ଡ ଆପ୍‌ରେ ଏପରି ୩୦ ଗୁପ୍ତ ଦସ୍ତାବିଜ ପୋଷ୍ଟ କରିଥିବା ନେଇ ନେଦରଲାଣ୍ଡର ଅନୁସନ୍ଧାନକାରୀ ଖବରଦାତା ଗୋଷ୍ଠୀ ବେଲିଂକ୍ୟାଟ୍ ପ୍ରଘଟ କରିଛି। ଏହା ପୂର୍ବରୁ ଫେବୃୟାରୀରେ ସେ ରୁଷୀୟ ଟେଲିଗ୍ରାମ୍ ଚ୍ୟାନେଲଗୁଡ଼ିକରେ କେତେକ ପୋଷ୍ଟ କରିଥିଲେ। ସେଥିମଧ୍ୟରୁ ଗୋଟିଏର ଶୀର୍ଷକ ଥିଲା ‘ରୁଷିଆ-ୟୁକ୍ରେନ୍: ବ୍ୟାଟେଲ ଫର୍ ଦି ଡୋନ୍‌ବାସ ରିଜିୟନ୍ ଲାଇକ୍‌ଲି ହେଡିଂ ଫର୍ ଦି ଷ୍ଟେଲମେଟ୍ ଥ୍ରୁଆଉଟ୍ ୨୦୨୩’। ୟୁକ୍ରେନ୍‌ରେ ଆମେରିକା ପକ୍ଷରୁ ଚାଲିଥିବା ଅପରେଶନ୍‌ରେ ସୃଷ୍ଟି ହୋଇଥିବା ଆହ୍ୱାନଗୁଡ଼ିକ ସମ୍ପର୍କରେ ଏଥିରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଥିଲା। ସେହିପରି ରୁଷିଆର ୟୁକ୍ରେନ୍ ଆକ୍ରମଣ ପରିପ୍ରେକ୍ଷୀରେ ଆମେରିକା ଏବଂ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ପକ୍ଷରୁ କିଭ୍‌କୁ କେତେ ଅସ୍ତ୍ରଶସ୍ତ୍ର ଯୋଗାଇ ଦିଆଯାଇଛି, ଆଗକୁ କେତେ ଓ କିପରି ସାମରିକ ସହାୟତା ପ୍ରଦାନ କରାଯିବ ସବୁ କିଛି ପଦାକୁ ଆସିଛି। ୟୁକ୍ରେନ୍ ଯୁଦ୍ଧରେ ଉଭୟ ପକ୍ଷ ସୈନ୍ୟଙ୍କ ମୃତ୍ୟୁସଂଖ୍ୟା ସହ କିଭ୍ ପାଖରେ ଥିବା ମିଶାଇଲ୍ ଓ ଅନ୍ୟ ଯୁଦ୍ଧାସ୍ତ୍ର ଖୁବ୍‌ଶୀଘ୍ର ଶେଷ ହୋଇଯିବ ବୋଲି ଲିକ୍ ଦସ୍ତାବିଜରୁ ପ୍ରଘଟ ହୋଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ଦ୍ୱିତୀୟଭାବସ୍ଥ ଚତୁର୍ଥେଶ ଯୋଗୁ ବନ୍ଧୁମିଳନ ସହ ସୁସ୍ୱାଦୁ ଭୋଜନର ସୁଯୋଗ ମିଳିବ। ଆଜିର କାମରେ ନିଶ୍ଚିତ ସଫଳତା ମିଳିବ କିନ୍ତୁ ବୁଧ ମୁଖଭାବସ୍ଥ ହେତୁ କହିବାର ଶୈଳୀ କଠୋର ନ ହେବା ଦରକାର। କଷ୍ଟ ସ୍ୱୀକାରପୂର୍ବକ କୌଣସି ବ୍ୟକ୍ତି ଲୋକଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିପାରନ୍ତି।

**ବୃଷ** - ସ୍ୱଗୃହୀ କର୍ମାଧିପ ଯୋଗୁ ଆନୁଷ୍ଠାନିକ କ୍ଷେତ୍ରରେ ସମସ୍ୟା ସମାଧାନପୂର୍ବକ କାମ ହାସଲ କରିବାରେ ସମର୍ଥ ହେବେ। ବନ୍ଧୁଙ୍କ କାର୍ଯ୍ୟକଳାପ ଦୁଃଖ ଦେଇପାରେ, କିନ୍ତୁ କିଛି କହିପାରିବେ ନାହିଁ। ବାଣିଜ୍ୟରେ ଉନ୍ନତି କରିବେ,କିନ୍ତୁ ପରିବହନରେ ଝଗଡ଼ାର ସମ୍ଭାବନା ରହିଛି। ବନ୍ଧୁଙ୍କ ଜରିଆରେ ବକେୟା ଅର୍ଥ ପାଇବେ।

**ମିଥୁନ** - ରାଶିରେ ରବି କୌଣସି ବିଶିଷ୍ଟବ୍ୟକ୍ତିଙ୍କ ସାହାଯ୍ୟରୁ ସ୍ଥଗିତ କାର୍ଯ୍ୟ ସମ୍ପନ୍ନ କରିବେ। କଠିନ ପରିଶ୍ରମ ଓ ଟାଣଖରା ଜନିତ ଦେହଟା ଟିକିଏ ଭଲ ଲାଗି ନପାରେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ ବ୍ୟସ୍ତତା ଅନୁଭବ କରିପାରନ୍ତି। ପାରିବାରିକ ସମସ୍ୟା କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହୋଇପାରନ୍ତି।

**କର୍କଟ** - ଶୁକ୍ର ଓ ମଙ୍ଗଳଙ୍କ ରାଶ୍ୟାବସ୍ଥାନରୁ କେତେକ ନୂତନ ସୁବିଧା ପାଇ ମନ ହାଲୁକା ହୋଇଯିବ। ବିଶ୍ୱସ୍ତ ଲୋକଠାରୁ ଭୁଲ୍ ଖବର ପାଇ ବିବ୍ରତ ହେବାକୁ ପଡ଼ିପାରେ। ଅଟକି ରହିଥିବା ନିର୍ମାଣାଧୀନ କାମଟିକୁ ଆରମ୍ଭ କରିବାକୁ ମନ ବଳାଇ ଖୁସି ହେବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ ପାଇଁ ଦିନଟି ସମସ୍ୟାବହୁଳ ରହିବ।

**ସିଂହ** - ଶନିଙ୍କ ପ୍ରତ୍ୟକ୍ଷ ଦୃଷ୍ଟି ପ୍ରଭାବରୁ ପ୍ରତିବନ୍ଧକ ମଧ୍ୟରେ କେତେକ ସ୍ଥଗିତ କାମ ସକାଶେ ଚିନ୍ତିତ ରହିପାରନ୍ତି। ଅଫିସରେ ମନ କଥା ମନରେ ମାରି ରହିବାକୁ ବାଧ୍ୟ ହେବେ। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିଥିଲେ ମଧ୍ୟ ସମ୍ପୂର୍ଣ୍ଣ ଭଲ ହୋଇ ନ ଥିବାରୁ ବ୍ୟସ୍ତତା ଅନୁଭବ କରିବେ।

**କନ୍ୟା** - ଅଷ୍ଟମସ୍ଥ ଗୁରୁଚାଣ୍ଡାଳ ଯୋଗ ହେତୁ ପାରିବାରିକ କ୍ଷେତ୍ରରେ ଅର୍ଥସଂକଟ ଦେଖାଦେବ। ଲେଖାପଢ଼ା, ପ୍ରକାଶନ, ପ୍ରଶାସନ, ମାଲି ମକଦ୍ଦମା ଓ ସଭାସମିତି କ୍ଷେତ୍ରରେ ଶୁଭଫଳ ପାଇବେ। ବନ୍ଧୁଙ୍କ ସାହାଯ୍ୟରେ ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କୀୟ ଚିନ୍ତା ଦୂର ହେବ। ପ୍ରତିଦ୍ୱନ୍ଦ୍ୱିତା ନ କରି ଆଲୋଚନା ମଧ୍ୟରେ କାମ କରିବା ଭଲ ହେବ।

**ତୁଳା** - ଆଜି ଚନ୍ଦ୍ର ଓ ବୁଧ ଦୁଃସ୍ଥାନସ୍ଥ ଯୋଗୁ ସ୍ଥଗିତ କର୍ମ ସମ୍ପାଦନ କରିବାରେ ସମସ୍ୟାର ସମ୍ମୁଖୀନ ହେବେ। ଆନୁଷ୍ଠାନିକ କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇ ଖୁସି ହୋଇପାରନ୍ତି। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ କାମର ଚାପରେ ସାମୟିକ ବିବ୍ରତ ହେବାର ଆଶଙ୍କା ରହିଛି। ଜମିଜମା କ୍ରୟ ବିକ୍ରୟ କ୍ଷେତ୍ରରେ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇପାରନ୍ତି।

**ବିଛା** - ଭାଗ୍ୟାଧିପତି ଉଚ୍ଚସ୍ଥ ହେତୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜିର କାମ କରିବାରେ ସଫଳତା ପାଇବେ। ଇଚ୍ଛା ଅନୁଯାୟୀ କାମଗୁଡ଼ିକ ହେବା କାରଣରୁ ମାନସିକ ସ୍ଥିରତା ରହିବ। ଜ୍ୟେଷ୍ଠା ନକ୍ଷତ୍ର ନୀରବରେ ବସି ରହିଲେ ସମସ୍ୟାରେ ଛନ୍ଦି ହେବାକୁ ପଡ଼ିପାରେ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ସଫଳତା ହାସଲ କରିବେ।

**ଧନୁ** - ଶୁକ୍ରଙ୍କ ଦ୍ୱାରା ବିପରୀତ ରାଜଯୋଗ ସୃଷ୍ଟି ହେଉଥିବାରୁ କୌଣସି ସମସ୍ୟା କାମକୁ ଅଟକାଇ ପାରିବନାହିଁ। ସକାଳୁ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗି ନ ପାରେ। ଛୋଟ କଥାକୁ କେନ୍ଦ୍ରକରି ନିଜ ଲୋକଙ୍କ ସହ ଯୁକ୍ତିତର୍କ ଠିକ୍ ହେବନାହିଁ। ଆନୁଷ୍ଠାନିକ କାମରେ ସୁଯୋଗ ପାଇ ଆନନ୍ଦିତ ହୋଇପାରନ୍ତି।

**ମକର** - ପାରିବାରିକ ଅଶାନ୍ତିଜନିତ ଅନ୍ତର୍ଦ୍ୱନ୍ଦ୍ୱ ମାନସିକ ଅସୁସ୍ଥତାକୁ ବଢ଼ାଇଦେଇପାରେ। ତଥାପି ବହୁ ଦିନରୁ ଅଟକି ରହିଥିବା କାର୍ଯ୍ୟଟି ଆକସ୍ମିକ ଭାବରେ ଆଜି ସମାଧାନ ହୋଇଯିବ। ଆଜିର ଯାତ୍ରାରେ ଲକ୍ଷ୍ୟ ପୂରଣ ହେବ ଓ ଖାଲି ହାତରେ ଫେରିବେ ନାହିଁ। ଆର୍ଥିକ ସ୍ଥିତି ପୂର୍ବପରି ଲାଗି ରହିବା କାରଣରୁ ଧାର, କରଜ କରିବାକୁ ପଡ଼ିପାରେ।

**କୁମ୍ଭ** - କର୍ମାଧିପତି ଷଷ୍ଠ ଯୋଗୁ କର୍ମକ୍ଷେତ୍ରରେ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ଘର ପାଇଁ ହେଉ କିମ୍ବା ବନ୍ଧୁ ପାଇଁ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଅନ୍ୟମନସ୍କ ନ ରହି ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**ମୀନ** - ଶୁଭଚନ୍ଦ୍ର କାରଣରୁ ବିଭିନ୍ନ ଦିଗରୁ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମ ତ୍ୱରାନ୍ୱିତ କରିବେ। ରାହୁଯୁକ୍ତ ଗୁରୁ ହେତୁ ଭୁଲ୍ ବୁଝାମଣା ହେତୁ ପରିବାରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦ ଉପୁଜିପାରେ। ବ୍ୟବସାୟ, ପରିବହନ, ଜମିଜମା କ୍ଷେତ୍ରରୁ ସଫଳତା ହାସଲ କରିବେ। ଆଶା ପୂରଣ ହେତୁ ରେବତୀ ନକ୍ଷତ୍ରର ମାନସିକ ସ୍ଥିତି ପ୍ରାୟତଃ ଠିକ୍ ରହିବ।

ଆଜି ବସୁମତି ସ୍ନାନ, ଶ୍ରୀମନ୍ଦିରରେ ଅନବସର ଚତୁର୍ଦ୍ଦଶୀ, ଚକା ଅପସାରଣ, ଅମାବାସ୍ୟାର ନିଶାପାଳନ, ବାର, ଆଷାଢ଼ କୃଷ୍ଣ ଚତୁର୍ଦ୍ଦଶୀ ଯୁକ୍ତ ଅମାବାସ୍ୟା, ଶନିବାର, ଜୁନ୍ ୧୭ ତାରିଖ, ରାଶି ନକ୍ଷତ୍ର -ରୋହିଣୀ/ବୃଷ, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୧୦।୦୮ ଗତେ ଘ. ୧୨।୧୩ ମଧ୍ୟେ, ଘ.୦୩।୦୫ ଗତେ ଘ. ୦୩।୪୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୨୯ ଗତେ ଘ.୧୦।୦୮ ମଧ୍ୟେ ରାହୁକାଳ।

# ରଥଯାତ୍ରା ପାଇଁ ପୁରୀକୁ ଚାଲିବ ୧୫ ସ୍ପେଶାଲ ଟ୍ରେନ୍

ଭୁବନେଶ୍ୱର,୧୬।୬(ଅଭିଜିତ ଦାସ)

■ଦକ୍ଷିଣ-ପୂର୍ବତଟ ରେଳପଥ ପକ୍ଷରୁ କୌଣସି ସ୍ପେଶାଲ ଟ୍ରେନ୍ ନାହିଁ

■ଦୂରଦୂରାନ୍ତର ଭକ୍ତଙ୍କ ପାଇଁ ରେଲ୍‌ୱେ ଗେଷ୍ଟହାଉସ୍‌ର ବ୍ୟବସ୍ଥା

ଆସନ୍ତା ୨୦ ତାରିଖରେ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା। ଏଥିପାଇଁ ପୂର୍ବତଟ ରେଳପଥ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରୁ ପୁରୀକୁ ୧୫ଟି ସ୍ପେଶାଲ ଟ୍ରେନ୍ ଚଳାଚଳ ଲାଗି ବ୍ୟବସ୍ଥା କରାଯାଇଛି। ୦୮୯୦୭ ପାରାଦୀପ-ପୁରୀ ସ୍ପେଶାଲ, ୦୮୦୧୯ ଅନୁଗୋଳ-ପୁରୀ ସ୍ପେଶାଲ, ୦୮୦୪୧ ଭଦ୍ରକ-ପୁରୀ ସ୍ପେଶାଲ, ୦୮୦୩୩ ଖୋର୍ଦ୍ଧାରୋଡ୍-ପୁରୀ ସ୍ପେଶାଲ, ୦୮୦୫୧ ନୂଆଗାଁ ରୋଡ୍-ପୁରୀ ସ୍ପେଶାଲ, ୦୮୦୨୧ ଅନୁଗୋଳ-ପୁରୀ ସ୍ପେଶାଲ, ୦୮୦୪୩ ଭଦ୍ରକ-ପୁରୀ ସ୍ପେଶାଲ, ୦୮୦୨୩ ବ୍ରହ୍ମପୁର-ପୁରୀ ସ୍ପେଶାଲ, ୦୮୯୦୯ ପାରାଦୀପ-ପୁରୀ ସ୍ପେଶାଲ, ୦୮୫୪୯ ପଲାସା-ପୁରୀ ସ୍ପେଶାଲ, ୦୮୦୪୫ କେନ୍ଦୁଝରଗଡ଼-ପୁରୀ ସ୍ପେଶାଲ, ୦୮୦୨୯ ଗୁଣୁପୁର-ପୁରୀ ସ୍ପେଶାଲ, ୦୮୯୧୧ ଯାଜପୁର କେନ୍ଦୁଝର ରୋଡ୍-ପୁରୀ ସ୍ପେଶାଲ, ୦୮୦୨୫ ବ୍ରହ୍ମପୁର-ପୁରୀ ସ୍ପେଶାଲ ଓ ୦୮୦୩୭ ଖୋର୍ଦ୍ଧାରୋଡ୍-ପୁରୀ ସ୍ପେଶାଲ ଟ୍ରେନ୍ ନିଜ ଗନ୍ତବ୍ୟ ସ୍ଥାନରୁ ପୁରୀ ଅଭିମୁଖେ ଯାତ୍ରା କରିବ। ସେହିପରି ପୂର୍ବତଟ ରେଳପଥ ଦ୍ୱାରା ରଥଯାତ୍ରା ଲାଗି ଦୂରଦୂରାନ୍ତରୁ ଆସୁଥିବା ଭକ୍ତଙ୍କ ପାଇଁ ରେଲ୍‌ୱେ ଗେଷ୍ଟହାଉସ୍‌ର ମଧ୍ୟ ବନ୍ଦୋବସ୍ତ କରାଯାଇଛି।

ଅନ୍ୟପକ୍ଷରେ ରଥଯାତ୍ରାରେ ଅଧିକାଂଶ ଲୋକ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗ ଓ ବିହାର ରାଜ୍ୟରୁ ଆସିଥାନ୍ତି। କିନ୍ତୁ ଗତ ୨ ତାରିଖରେ ବାହାନଗା ରେଳ ଦୁର୍ଘଟଣା ଯୋଗୁ ଦକ୍ଷିଣ ପୂର୍ବ ରେଳପଥ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇନାହିଁ। ଏନେଇ ଦକ୍ଷିଣ ପୂର୍ବ ରେଳପଥର ସିପିଆର୍‌ଓ ଆଦିତ୍ୟ ଚୌଧୁରୀ କହିଛନ୍ତି ବର୍ତ୍ତମାନ ସୁଦ୍ଧା କୌଣସି ସ୍ପେଶାଲ ଟ୍ରେନ୍‌ର ଆୟୋଜନ କରାଯାଇନାହିଁ। ବାହାନଗା ଦୁର୍ଘଟଣାରେ ଯୋଗୁ ବିଭିନ୍ନ ସ୍ଥାନରେ ସିଗ୍‌ନାଲ ବ୍ୟବସ୍ଥାଗୁଡିକର କାର୍ଯ୍ୟ ଚାଲିଛି। ଏଥିସହ ଘଟଣାସ୍ଥଳରେ ଟ୍ରାକ୍‌ଗୁଡିକର ମଧ୍ୟ କାର୍ଯ୍ୟ ଜାରି ରହିଛି। ସେଥିଲାଗି ଅନେକ ଟ୍ରେନ୍ ବାତିଲ କରାଯାଇଥିବା ବେଳେ ଆଉ କେତେକର ଗତିପଥ ମଧ୍ୟ ପରିବର୍ତ୍ତନ କରାଯାଇଥିବା ଚୌଧୁରୀ ସୂଚନା ଦେଇଛନ୍ତି।

# ବେଙ୍ଗାଲୁରୁରେ ଓଡ଼ିଆ ଯୁବକଙ୍କୁ ହତ୍ୟା, ସାନଭାଇ ଗୁରୁତର

ଗୁଣପୁର,୧୬।୬(ପ୍ରଦୀପ କୁମାର ପାଢ଼ୀ)

## ଦାଦନ ଦୁଃଖ

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ନନ୍ଦରାମପୁର ଅଞ୍ଚଳର ୨ ଭାଇ ଦାଦନ ଖଟିବାକୁ ବେଙ୍ଗାଲୁରୁ ଯାଇଥିବାବେଳେ ସେଠାରେ କେତେଜଣ ଅଟୋ ଚାଳକ ତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଗତ ୧୧ ତାରିଖରେ ଅଟୋ ଚାଳକଙ୍କ ଆକ୍ରମଣରେ ବଡ଼ଭାଇ ଆମଦ କରାଡ଼ (୨୮)ଙ୍କର ମୃତ୍ୟୁ ହୋଇଥିବାବେଳେ ସାନଭାଇ ଆୟବ କରାଡ଼ (୨୩) ଗୁରୁତର ଆହତ ହୋଇଛନ୍ତି। ମୃତଦେହ ଓଡ଼ିଶାକୁ ପଠାଇବା ପାଇଁ ସେଠାକାର ସରକାର କୌଣସି ପଦକ୍ଷେପ ନେଇ ନ ଥିବାବେଳେ ସେଠାରେ ଅନ୍ତିମ ସଂସ୍କାର କରି ନିଜ କାମ ସାରିଦେଇଛନ୍ତି। ଏପଟେ ପୁଅକୁ ନ ଦେଖି ମା'ବାପା ଦୁଃଖରେ ଭାଙ୍ଗିପଡିଛନ୍ତି। ଗୁରୁତର ଆୟବଙ୍କୁ ଓଡ଼ିଶା ଫେରାଇ ଆଣିବା ପାଇଁ ତାଙ୍କ ବଡ଼ଭାଇ ଆମସ କରାଡ଼ ଓ ଗ୍ରାମବାସୀ ଶୁକ୍ରବାର ଉପଜିଲାପାଳ ଲଳିତ କୁମାର କହଁରଙ୍କୁ ଭେଟି ନିବେଦନ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ଜିଲାପାଳ, ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ଗତ କିଛିମାସ ତଳେ ଆମଦ ଓ ଆୟବ ଦାଦନ ଖଟିବାକୁ ବେଙ୍ଗାଲୁରୁ ଯାଇଥିଲେ । ଗତ ୧୧ ତାରିଖ ରାତିରେ ୨ଭାଇ ଏକ ଅଟୋରେ ଯାଉଥିବାବେଳେ ଅଟୋଭଡ଼ା ବାବଦରେ ଅଟୋବାଲା ତାଙ୍କୁ ୩୦୦୦ ଟଙ୍କା ମାଗିଥିଲେ। ସେମାନେ ୧୦୦ ଟଙ୍କା ଦେଇ ଯାତାୟାତ କରୁଥିବାବେଳେ ଏତେ ଟଙ୍କା କାହିଁକି ଦେବେ ବୋଲି କହି ପ୍ରତିବାଦ କରିଥିଲେ। ଏହାପରେ ଅଟୋ ଚାଳକ ଏସ୍.ଆର୍. ଆଶ୍ୱଥ ଏବଂ ତାଙ୍କର ଅନ୍ୟ ସହଯୋଗୀମାନେ ୨ଭାଇଙ୍କୁ ମାରଣାସ୍ତ୍ର ସାହାଯ୍ୟରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଆମଦଙ୍କର ମୃତ୍ୟୁ ହୋଇଥିବାବେଳେ ଆୟବ ଗୁରୁତର ହୋଇପଡିଥିଲେ । ସେହି ସମୟରେ ପାଟ୍ରୋଲିଂ କରୁଥିବା ପୋଲିସ ସେମାନଙ୍କୁ ଉଦ୍ଧାରକରି ମାଲେଶ୍ୱରମସ୍ଥିତ କେ.ସି. ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଆମଦଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ ଘଟଣାରେ ପୋଲିସ ଏକ ହତ୍ୟା ମାମଲା ରୁଜୁକରି ଅଟୋ ଚାଳକଙ୍କୁ ଗିରଫ କରିଛି। ହେଲେ ଅନ୍ୟମାନଙ୍କୁ ଗିରଫ କରାଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିସହ ଆୟବ ସେଠାରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବାବେଳେ ଆର୍ଥିକ ଅଭାବ କାରଣରୁ ତାଙ୍କ ପରିବାର ଲୋକେ ବେଙ୍ଗାଲୁରୁ ଯାଇପାରୁନାହାନ୍ତି। ତେଣୁ ତାଙ୍କର ଏପରି ଦୁଃସ୍ଥିତିରେ ପ୍ରଶାସନ ଆର୍ଥିକ ସହାୟତା ସହ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ପ୍ରଦାନ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ବାହାନଗା ଟ୍ରେନ୍ ଦୁର୍ଘଟଣା

# ଏସ୍‌ସିବିରେ ଆଉ ଜଣେ ଯାତ୍ରୀଙ୍କ ମୃତ୍ୟୁ

କଟକ,୧୬।୬ (କାର୍ତ୍ତିକ ସାହୁ)

ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଦୁର୍ଘଟଣାରେ ଗୁରୁତର ହୋଇ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ଆଉ ଜଣେ ଯାତ୍ରୀଙ୍କର ଶୁକ୍ରବାର ମୃତ୍ୟୁ ଘଟିଛି। ସେ ହେଲେ ବିହାର ବାସିନ୍ଦା ପ୍ରକାଶ ରାମ(୧୭)। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଆଇସିୟୁରେ ରଖି ଚିକିତ୍ସା କରାଯାଉଥିଲା ବୋଲି ଏସ୍‌ସିବି ମେଡିକାଲର ଡ. ଅବିନାଶ ରାଉତ ସୂଚନା ଦେଇଛନ୍ତି। ପ୍ରଶାସନ ପକ୍ଷରୁ ତାଙ୍କ ମୃତଦେହକୁ ସ୍ୱତନ୍ତ୍ର ଗାଡ଼ିରେ ବିହାରସ୍ଥିତ ତାଙ୍କ ଗ୍ରାମକୁ ପଠାଯାଇଥିବା ଜଣାପଡିଛି। ସୂଚନାଯୋଗ୍ୟ, ଏହି ଟ୍ରେନ୍ ଦୁର୍ଘଟଣାରେ ଗୁରୁତର ହୋଇ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ବିହାର ରାଜ୍ୟ ମୋତିହାରିର ବିଜୟ ପାଶୱାନ(୩୫)ଙ୍କର ମଙ୍ଗଳବାର ମୃତ୍ୟୁ ଘଟିଥିଲା। ତେବେ ବାହାନଗା ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ୨୯୦ରେ ପହଞ୍ଚିଛି।






"ପରିପୂର୍ଣ୍ଣ ବିଶ୍ୱଜନୀନ ଦୃଷ୍ଟି ଓ ବିଶ୍ୱଜନୀନ ଭାବ ହେଲା ସବୁକିଛି ଭ୍ରାନ୍ତି ଓ ଦୁଃଖ ବେଦନାରୁ ଆରୋଗ୍ୟର ମାର୍ଗ। କିନ୍ତୁ ଅଧିକାଂଶ ମଣିଷ କେବଳ ସେମାନଙ୍କର ଅହଂକାରକୁ ପ୍ରସାରିତ କରି ଚାଲିଥାନ୍ତି। -ଶ୍ରୀଅରବିନ୍ଦ

# ପଦାନୁକ୍ରମ ଚିନ୍ତା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ବିଭିନ୍ନ ମନ୍ତ୍ରଣାଳୟ କିମ୍ବା ବିଭାଗଗୁଡ଼ିକରେ ପଦୋନ୍ନତି ପ୍ରକ୍ରିୟା ଜାରି ରହିଛି ଏବଂ ସଂସ୍ଥାଗୁଡ଼ିକର ଅଧକ୍ଷମାନେ ଏ ସଂକ୍ରାନ୍ତୀୟ ବୈଠକରେ ଭାଗ ନେଉଛନ୍ତି। ତେବେ ଏହି ପ୍ରକ୍ରିୟାକୁ ନେଇ ଗୁଞ୍ଜରଣ ପ୍ରକାଶ ପାଇଛି। କୁହାଯାଉଛି, ବୈଠକରେ ଅନ୍ୟମାନଙ୍କ ତୁଳନାରେ କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି)ର ଜଣେ କନିଷ୍ଠ ସଦସ୍ୟ ଉପସ୍ଥିତ ରହିବା ଏକ ଲଜ୍ଜାଜନକ ବିଷୟ । ପଦାନୁକ୍ରମ ଓ ପ୍ରଦର୍ଶନ ଭିତ୍ତିରେ ସବୁକିଛି ଚାଲୁଥିବା ବ୍ୟବସ୍ଥାରେ ବାବୁମାନେ ଏହି ବିଷୟକୁ ନେଇ ଚିନ୍ତାରେ ଅଛନ୍ତି। ଗତ ମାସରେ ୧୯୯୦ ବ୍ୟାଚ୍ ଆଇଆର୍‌ଏସ୍ ଅଧିକାରୀ ସୁମନ୍ ଶର୍ମାଙ୍କୁ ୟୁପିଏସ୍‌ସିର ସଦସ୍ୟ ଭାବେ ନିଯୁକ୍ତ କରାଯାଇଥିଲା। ଏହା ତାଙ୍କ ଆଲାଏଡ୍ ସର୍ଭିସ୍‌ରେ ଥିବା ବରିଷ୍ଠମାନଙ୍କ ମଧ୍ୟରେ ପ୍ରବଳ ନିରାଶାର କାରଣ ହୋଇଛି। ଏଣୁ ୟୁପିଏସ୍‌ସି ବୈଠକରେ ସୁମନ ସେମାନଙ୍କ ସମାସ୍କନ୍ଦ ଅଧିକାରୀ ଭାବେ ବସିଲେ ସେମାନଙ୍କୁ ସେଠାରେ ରହିବାକୁ ଖରାପ ଲାଗୁଛି। ସୂତ୍ରରୁ ଜଣାପଡ଼ିଛି, ଗୁଜରାଟରେ ଶର୍ମା ଜଣେ ଆଇଆର୍‌ଏସ୍ ଅଧିକାରୀ ଭାବେ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ। ତାଙ୍କୁ ବେଳେବେଳେ କିଛି ଅଧିକ କ୍ଷମତା ପ୍ରଦାନ କରାଯାଏ। ଏକ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପଦବୀକୁ ତାଙ୍କର ଏବକାର ଆଖିଦୃଶିଆ ଉତ୍‌ଥାନରୁ ଏହା ସ୍ପଷ୍ଟ ବୋଲି ୟୁପିଏସ୍‌ସିରେ କାର୍ଯ୍ୟରତ ବାବୁମାନେ କହନ୍ତି। ଏପରିକି ୟୁପିଏସ୍‌ସିର ଅଧକ୍ଷ ଭାବେ ମନୋଜ ସୋନିଙ୍କ ନିଯୁକ୍ତି ନିଶ୍ଚିତ ହେବା ଏବଂ ତା'ପରବର୍ତ୍ତୀ ସମୟରେ ଶର୍ମା ଓ ୧୯୮୮ ବ୍ୟାଚ୍ ଆଇଏଏସ୍ ଅଧିକାରୀ ବିଦ୍ୟୁତ୍ ବିହାରୀ ସ୍ୱାଇଁ ସଦସ୍ୟ ଭାବେ ନିଯୁକ୍ତି ପାଇବା ପରେ ବି ୟୁପିଏସ୍‌ସିରେ ଆଉ ୪ଟି ପ୍ରମୁଖ ପଦବୀ ଖାଲି ରହିଛି। ୟୁପିଏସ୍‌ସିର ଜଣେ ସଦସ୍ୟଙ୍କ କାର୍ଯ୍ୟକାଳ ୬ ବର୍ଷ କିମ୍ବା ୬୫ ବର୍ଷ ଯାଏ ଜଣେ ରହିପାରିବେ। ଏହା ମଧ୍ୟରୁ ଯେଉଁଠି ଶୀଘ୍ର ପଡ଼ିପାରେ। କୁହାଯାଉଛି , ଶର୍ମା ୟୁପିଏସ୍‌ସି ସଦସ୍ୟ ଭାବେ ମେ ୨୦୨୯ ପର୍ଯ୍ୟନ୍ତ ରହିବେ।

### ଶାସନରେ ବାଧା

ଡିସେମ୍ବର ୨୦୨୩ ସୁଦ୍ଧା ୧୦ ଲକ୍ଷ ନିଯୁକ୍ତି ଦେବାକୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ ରଖିଥିବାବେଳେ ଗତବର୍ଷ ଡିସେମ୍ବର ସୁଦ୍ଧା ସେକ୍ସନ ଅଫିସର ଗ୍ରେଡ୍‌ର ୧୬୧୭ ପଦବୀ ଖାଲି ରହିଥିବା କାର୍ମିକ ଓ ପ୍ରଶିକ୍ଷଣ ମନ୍ତ୍ରଣାଳୟ (ଡିଓପିଟି) ସ୍ୱୀକାର କରିଛି। ସୂତ୍ରରୁ ଜଣାପଡ଼ିଛି ଯେ, ସେକ୍ସନ ଅଫିସର ଗ୍ରେଡ୍‌ରୁ ଅଣ୍ଡର୍ ସେକ୍ରେଟାରି ଗ୍ରେଡ୍‌କୁ ପଦୋନ୍ନତି ଦିଆଗଲେ ଜୁଲାଇରେ ଆଉ ୩୦୦ ପଦବୀ ଖାଲି ପଡ଼ିବା ସମ୍ଭାବନା ଅଛି। ଏହାକୁ ମିଶାଇଲେ ମୋଟ ଖାଲି ପଦବୀ ସଂଖ୍ୟା ୧୮୦୦ରୁ ଅଧିକ ହେବ, ଯାହା ନିର୍ଦ୍ଧାରିତ ପଦବୀ ସଂଖ୍ୟାର ପ୍ରାୟ ଅଧା। ସେକ୍ସନ ଅଫିସରମାନେ ବିଭିନ୍ନ ମନ୍ତ୍ରଣାଳୟର ୟୁନିଟ୍ କିମ୍ବା ବିଭାଗରେ ମୁଖ୍ୟ ଭୂମିକା ତୁଲାଇଥାନ୍ତି। ପିଏମ୍‌ଓ ମନ୍ତ୍ରୀ ଜିତେନ୍ଦ୍ର ସିଂ ସ୍ୱୀକାର କରିଛନ୍ତି ଯେ, ସେକ୍ସନ ଅଫିସରଙ୍କ ଅଭାବ ମନ୍ତ୍ରଣାଳୟ ଓ ବିଭାଗଗୁଡ଼ିକୁ ଅଚଳ କରିଦେଉଛି, ଯାହାଦ୍ୱାରା ସାଧାରଣ ସେବା ଯୋଗାଣ ପ୍ରଭାବିତ ହେଉଛି। ସୂତ୍ରରୁ ଜଣାପଡ଼ିଛି , ସେଣ୍ଟ୍ରାଲ ସେକ୍ରେଟାରିଏଟ୍ ସର୍ଭିସ୍(ସିଏସ୍‌ଏସ୍) ଅଧିକାରୀମାନଙ୍କର ଏକ ପ୍ରତିନିଧିତ୍ୱ ସଂସ୍ଥା ସିଏସ୍‌ଏସ୍ ଫୋରମ୍ ଏହାକୁ ନେଇ ଚିନ୍ତା ପ୍ରକଟ କରିବା ସହ ସିଂ ଉକ୍ତ ବିଷୟକୁ ପ୍ରାଥମିକତା ଦିଅନ୍ତୁ ବୋଲି ଦାବି କରିଛନ୍ତି। ଏହା ସ୍ପଷ୍ଟ ଯେ, ଯଦି ୧ ଜୁଲାଇ ୨୦୨୩ ପୂର୍ବରୁ ଯୋଗ୍ୟ ଅଧିକାରୀମାନଙ୍କୁ ପଦୋନ୍ନତି ଦିଆ ନ ଯାଏ, ତେବେ ସେମାନେ ମାସକୁ ୧୦,୦୦୦ ଟଙ୍କା ଆର୍ଥିକ କ୍ଷତି ସହିବେ। ଏହାସହ କ୍ୟାଡର ସମୀକ୍ଷା ଯୋଗୁ ଆସନ୍ତା ମାସଗୁଡ଼ିକରେ ଖାଲି ହେବାକୁ ଥିବା ପଦବୀକୁ ବିଚାରକୁ ନେଲେ ସେକ୍ସନ ଅଫିସର ଗ୍ରେଡ୍‌ରେ ଶୂନ୍ୟ ପଦବୀ ସଂଖ୍ୟା ୩,୦୦୦ ହେବ ବୋଲି ଆକଳନ କରାଯାଉଛି। ଏଭଳି ହେଲେ ଏହି ସ୍ଥିତି କେନ୍ଦ୍ର ସରକାରଙ୍କ କାର୍ଯ୍ୟରେ ଗଭୀର ବାଧା ସୃଷ୍ଟି କରିବ।

### ଦୁଃଖ ସରୁନାହିଁ

କେରଳ ସରକାର ଏବଂ ଅବସରପ୍ରାପ୍ତ ଉଚ୍ଚ ପୋଲିସ ଅଧିକାରୀରୁ ଲେଖକ ପାଲଟିଥିବା ଜାକବ ଥୋମାସଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ଏବକାର ବିବାଦ ହେଉଛି, ବିନା ଅନୁମତିରେ ବହି ଲେଖିଥିବାରୁ ସରକାର ଥୋମାସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରୁଛନ୍ତି। ତେବେ ଏହି ପୂର୍ବତନ ଆଇପିଏସ୍ ଅଧିକାରୀ କ'ଣ ରାଜନୈତିକ ଶିକାର ହେଉଛନ୍ତି କି? ଏହି ପ୍ରଶ୍ନକୁ ନେଇ ଏବେ ରାଜ୍ୟର ବାବୁମାନେ ଚିନ୍ତାପ୍ରକଟ କରୁଛନ୍ତି। ଥୋମାସଙ୍କ ପ୍ରଥମ ବହି 'ସୁଇମିଂ ୱିଥ୍ ଦି ସାର୍କ' ତାଙ୍କ ବ୍ୟସ୍ତବହୁଳ କାର୍ଯ୍ୟକାଳ ମଧ୍ୟରେ ଅନ୍ୟମାନଙ୍କୁ ଚିନ୍ତାରେ ପକାଇଥିଲା। ଏହି ବହିକୁ ପ୍ରକାଶ କରିଥିବାରୁ ତାଙ୍କୁ ୨ ଥର ନିଲମ୍ବନ ବି କରାଯାଇଥିଲା। ଏବେ ପୁଣି ରାଜ୍ୟ ସରକାର ଥୋମାସଙ୍କ ଦ୍ୱାରା ଲିଖିତ ଆଉ ଦୁଇଟି ବହିକୁ ନେଇ କଡ଼ା ବିରୋଧ କରିଛନ୍ତି। ଏପରି କି ଅବସର ନେବାର ୩ ବର୍ଷ ପରେ ବି ସରକାର ତାଙ୍କ ବିରୋଧରେ ଲାଗିଛନ୍ତି। କିନ୍ତୁ ଆଶ୍ଚର୍ଯ୍ୟର କଥା, ମୁଖ୍ୟମନ୍ତ୍ରୀଙ୍କ ପୂର୍ବତନ ପ୍ରମୁଖ ସଚିବ ଏମ୍. ଶିବଶଙ୍କର ଏକ ବଡ଼ ସ୍ମଗ୍‌ଲିଂ ର୍‍ୟାକେଟ୍ ସହ ଜଡ଼ିତ ଥିବା ଅଭିଯୋଗରେ ଗିରଫ ହୋଇ ଜେଲରୁ ବାହାରିବା ପରେ ପ୍ରକାଶ କରିଥିବା ଏକ ବହିକୁ ନେଇ ତାଙ୍କ ବିରୋଧରେ କୌଣସି ତଦନ୍ତ କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଘିଅରେ ନିଆଁ ଢାଳିବା ଭଳି ଏବେ ଏକ ଦଶନ୍ଧି ପୂର୍ବେ ଏକ ଡ୍ରେଜର କିଣା ଅନିୟମିତତା ଅଭିଯୋଗରେ ଥୋମାସଙ୍କ ବିରୋଧରେ ତଦନ୍ତ ଚାଲିଛି। ଏଣୁ ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କ ଦୁଃଖ ସରୁନାହିଁ। ସମ୍ଭବତଃ ସରକାରଙ୍କ ସହ ଝଗଡ଼ା କରିବାର ମୂଲ୍ୟ ତାଙ୍କୁ ଦେବାକୁ ପଡୁଛି।

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 1 | | | 6 | |
| | 8 | | | | 2 | 5 | | |
| | | | | | | | | |
| | | 8 | | | | 7 | | 6 |
| 7 | | 2 | | | 4 | 8 | | |
| | | 4 | | | 9 | 3 | | |
| 5 | | | | | | | 7 | |
| | | | | 6 | | 2 | 3 | |
| | 3 | | | 7 | | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 5 | 6 | 3 | 8 | 1 | 7 | 9 | 2 |
| 9 | 2 | 3 | 7 | 4 | 6 | 5 | 8 | 1 |
| 1 | 8 | 7 | 2 | 9 | 5 | 6 | 3 | 4 |
| 6 | 4 | 8 | 5 | 1 | 3 | 9 | 2 | 7 |
| 2 | 1 | 5 | 4 | 7 | 9 | 3 | 6 | 8 |
| 3 | 7 | 9 | 6 | 2 | 8 | 4 | 1 | 5 |
| 7 | 9 | 4 | 8 | 6 | 2 | 1 | 5 | 3 |
| 8 | 3 | 1 | 9 | 5 | 7 | 2 | 4 | 6 |
| 5 | 6 | 2 | 1 | 3 | 4 | 8 | 7 | 9 |

ଗତକାଲିର ଉତ୍ତର

# ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗ୍ ପରିପ୍ରେକ୍ଷୀରେ ଓଡ଼ିଶା



ଡ. ଜ୍ଞାନରଞ୍ଜନ ପଣ୍ଡା

କୌଣସି ରାଷ୍ଟ୍ର ଆର୍ଥିକ ଓ ସାମରିକ ଭାବେ ଶ୍ରେଷ୍ଠ ସେତେବେଳେ ହୁଏ, ଯେତେବେଳେ ସେହି ରାଷ୍ଟ୍ରର ବୈଷୟିକ ଜ୍ଞାନ ବିଶେଷ ଭାବେ ସମୃଦ୍ଧ ହୋଇଥାଏ। ବୈଷୟିକ ଜ୍ଞାନର ବିକାଶ ସହିତ ଅତି ଉନ୍ନତ ଜ୍ଞାନକୌଶଳ ହାସଲ କରିବା ପାଇଁ ବିଶ୍ୱବିଦ୍ୟାଳୟ କିମ୍ବା ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ମୌଳିକ ବିଜ୍ଞାନ ଓ ଗବେଷଣାକୁ ପ୍ରାଥମିକତା ଦେବାରେ ଆବଶ୍ୟକତା ରହିଛି। ଗବେଷଣା ଓ ନୂତନ ଉଦ୍ଭାବନ ବିନା ଶିକ୍ଷାର ବିକାଶ ହୋଇଛି ବୋଲି କୁହାଯାଇପାରିବ ନାହିଁ। ଏହି ପରିପ୍ରେକ୍ଷୀରେ ଭାରତର କିଛି ପୁରୁଣା ଆଇଆଇଟି, ଆଇଆଇଏସ୍‌ସି ବାଙ୍ଗାଲୋର, ଆଇଜର, ନାଇଜର, ଜେଏନ୍‌ୟୁ, ବିଏଚ୍‌ୟୁ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ଯାଦବପୁର ବିଶ୍ୱବିଦ୍ୟାଳୟ, କଲିକତା ବିଶ୍ୱବିଦ୍ୟାଳୟ, ହାଇଦ୍ରାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଆଲିଗଡ଼ ମୁସ୍‌ଲିମ୍ ବିଶ୍ୱବିଦ୍ୟାଳୟ ସମେତ କିଛି ଘରୋଇ ବିଶ୍ୱବିଦ୍ୟାଳୟକୁ ବାଦ୍‌ଦେଲେ ଅନ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକ ବିଶ୍ୱର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗ୍‌ରେ ଆସିପାରି ନ ଥାନ୍ତି। ଅଧୁନା ଭାରତରେ ୧୧୦୦ରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟ(୨୩୫ଟି କେନ୍ଦ୍ର ସରକାରଙ୍କ, ୪୨୨ ରାଜ୍ୟ ସରକାରଙ୍କ, ୪୪୬ ବେସରକାରୀ ଅଣଅନୁଦାନପ୍ରାପ୍ତ, ୨୦ ବେସରକାରୀ ସରକାରୀ ଅନୁଦାନପ୍ରାପ୍ତ) ମଧ୍ୟରୁ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ କିଛି ଶିକ୍ଷା ସଂସ୍ଥାକୁ ବାଦ୍‌ଦେଲେ ସରକାରୀ ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଗୁଣାତ୍ମକ ଶିକ୍ଷାଦାନ ଓ ଗବେଷଣାର ମାନ କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକର ସ୍ଥିତି ଅତ୍ୟନ୍ତ ଶୋଚନୀୟ। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ନ୍ୟାଶନାଲ୍ ର୍‍ୟାଙ୍କିଙ୍ଗ୍ ଫ୍ରେମ୍‌ୱାର୍କ (ଏନ୍‌ଆଇଆର୍‌ଏଫ୍-୨୦୨୩) ଏବେ ପ୍ରକାଶପାଇଛି। ୧୩ଗୋଟି ବର୍ଗ (ସାମଗ୍ରିକ ମାନ୍ୟତା, ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ, ଶ୍ରେଷ୍ଠ ମହାବିଦ୍ୟାଳୟ, ଶ୍ରେଷ୍ଠ ଗବେଷଣା ପ୍ରତିଷ୍ଠାନ, ଶ୍ରେଷ୍ଠ ଇଞ୍ଜିନିୟରିଂ, ଶ୍ରେଷ୍ଠ ମେଡିକାଲ, ଡେଣ୍ଟାଲ୍, ଫାର୍ମା, ମ୍ୟାନେଜ୍‌ମେଣ୍ଟ, ଆଇନ, କୃଷି ଶିକ୍ଷାନୁଷ୍ଠାନ, ଆର୍କିଟେକ୍ଚର ଓ ପ୍ଲାନିଂ, ନୂତନ ଉଦ୍ଭାବନା)ନେଇ କରାଯାଇଥିବା ର୍‍ୟାଙ୍କିଙ୍ଗ୍‌ରେ ଓଡ଼ିଶାର ଦୁଇଗୋଟି ଘରୋଇ ବିଶ୍ୱବିଦ୍ୟାଳୟ (ସୋଆ ଓ କିଟ୍) ଆଶାନୁରୂପକ ସଫଳତା ହାସଲ କରିଛନ୍ତି। ୧୩ଟି ବର୍ଗରୁ କେବଳ ଶ୍ରେଷ୍ଠ କୃଷି ଶିକ୍ଷାନୁଷ୍ଠାନ ମଧ୍ୟରେ ଓଡ଼ିଶାର କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ୨୨ତମ ସ୍ଥାନ ହାସଲ କରିବା ଏକ ଆଶ୍ୱାସନାର ବିଷୟ।

ସାମଗ୍ରିକ ମାନ୍ୟତାରେ ସୋଆ ୨୬ତମ ସ୍ଥାନ, କିଟ୍ ୨୯ତମ, ଏନ୍‌ଆଇଟି ରାଉର୍‌କେଲା ୩୭ତମ, ଆଇଆଇଟି ୯୧ତମ ସ୍ଥାନ ହାସଲ କରିଛନ୍ତି। ସେହିଭଳି ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗର ସରକାରଙ୍କ ଅଧୀନରେ ଥିବା ଯାଦବପୁର ବିଶ୍ୱବିଦ୍ୟାଳୟ ୧୩ତମ ଓ କଲିକତା ବିଶ୍ୱବିଦ୍ୟାଳୟ



୨୧ତମ ସ୍ଥାନ ହାସଲ କରିଛନ୍ତି। ସେହିପରି ଆନ୍ଧ୍ର ବିଶ୍ୱବିଦ୍ୟାଳୟ ୭୬ତମ ସ୍ଥାନ ହାସଲ କରିଛି। ବିଶ୍ୱବିଦ୍ୟାଳୟ ମାନ୍ୟତାରେ ଗତବର୍ଷ ୮୪ତମ ସ୍ଥାନରେ ଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ୯୩ତମ ସ୍ଥାନ ହାସଲ କରିଥିଲେ ମଧ୍ୟ ଓଡ଼ିଶାର ଅନ୍ୟ କୌଣସି ସରକାରୀ ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ୧୦୦ ମଧ୍ୟକୁ ଆସିପାରିନାହିଁ। ପ୍ରଶ୍ନ ଉଠୁଛି, ଯଦି ପଡ଼ୋଶୀ ଦୁଇ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟ ଭଲ ପ୍ରଦର୍ଶନ କରିପାରୁଛନ୍ତି, ତେବେ ଆମ ଶିକ୍ଷାନୁଷ୍ଠାନ କ'ଣ ପାଇଁ କରିପାରୁନାହାନ୍ତି। ଏହି ପରିପ୍ରେକ୍ଷୀରେ କିଛି ବିଷୟ ଉପରେ ଆଲୋକପାତ କରିବା ।

୧.ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ପୂର୍ଣ୍ଣକାଳୀନ ବୈଜ୍ଞାନିକ ଓ ବରିଷ୍ଠ ପ୍ରଫେସରମାନଙ୍କୁ ନିଯୁକ୍ତି ଦେବା ସହିତ ଗବେଷଣା କ୍ଷେତ୍ରରେ ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତ କରୁଥିବାରୁ ସେମାନେ ଭଲ ଗବେଷଣା କରିପାରୁଛନ୍ତି। କିନ୍ତୁ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପୂର୍ଣ୍ଣକାଳୀନ ଅଧ୍ୟାପକ ପଦବୀ ଖାଲି। ସରକାରୀ ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନର ଚାପ ଯୋଗୁ ଅଧ୍ୟାପକମାନେ ଗବେଷଣା ପାଇଁ ସମୟ ବାହାର କରିପାରୁନାହାନ୍ତି। ସ୍ଥାୟୀ ଅଧ୍ୟାପକ ପଦବୀ ଖାଲି ଯୋଗୁ ଅଧିକାଂଶ ଛାତ୍ର ଗବେଷଣା କରିବା ପାଇଁ ଆସିପାରୁନାହାନ୍ତି। ଓଡ଼ିଶା ବାହାରେ ଅବସ୍ଥିତ ଓଡ଼ିଆ ପ୍ରଫେସର ଓ ବୈଜ୍ଞାନିକ ଯେଉଁମାନେ ତାଙ୍କ ଗବେଷଣା କ୍ଷେତ୍ରରେ ଉତ୍କର୍ଷ ହାସଲ କରିଛନ୍ତି, ସେମାନଙ୍କୁ ସରକାର ଭିଜିଟିଂ ପ୍ରଫେସର ଭାବେ ନିଯୁକ୍ତି ଦେଇପାରିବେ।

୨.ପ୍ରତ୍ୟେକ ବିଶ୍ୱବିଦ୍ୟାଳୟକୁ ଅଟୋନୋମୀ ମିଳିବା ଦରକାର, ଯାହାଫଳରେ ସେମାନଙ୍କର ଶୈକ୍ଷିକ, ଗବେଷଣା ଓ ଭିତ୍ତିଭୂମିର ବିକାଶ ପାଇଁ ସେମାନେ କିଛି ଟାର୍ଗେଟ୍ ପ୍ରସ୍ତୁତ କରି ତାହା ହାସଲ କରିପାରୁଛନ୍ତି କି ନାହିଁ, ତା'ର ନିରନ୍ତର ସମୀକ୍ଷା କରିବା ଉଚିତ।

୩.ଓଡ଼ିଶାର ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ଗବେଷଣା ପାଇଁ ଆବଶ୍ୟକ ଭିତ୍ତିଭୂମି ଓ ସମ୍ବଳ ପ୍ରଦାନ ଲାଗି ରାଜ୍ୟ ସରକାରଙ୍କ ବୀତସ୍ପୃହତା ମଧ୍ୟ ମୁଖ୍ୟ କାରଣ। GATE and NEET ଭଳି ସର୍ବଭାରତୀୟସ୍ତରରେ ସଫଳତା ହାସଲ କରୁଥିବା ପିଲା IIT, IISER, NITଭଳି ସଂସ୍ଥାକୁ ଗବେଷଣା ପାଇଁ ଚାଲିଯାଉଛନ୍ତି। ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗରେ ସରକାରୀ ବିଶ୍ୱବିଦ୍ୟାଳୟରେ ଗବେଷଣା କରିବା ପାଇଁ ଦୁଇପ୍ରକାର ଫେଲୋଶିପର ବ୍ୟବସ୍ଥା ରହିଅଛି। NETLS / GATE ରେ ସଫଳତା ପାଇଥିବା ଛାତ୍ରଙ୍କ ପାଇଁ ଏକପ୍ରକାର ଓ ନନ୍ ନିଟ୍ ଛାତ୍ରଙ୍କ ଲାଗି ଆଉ ଏକପ୍ରକାର। ଓଡ଼ିଶା ସରକାର OURIP ସ୍କିମ୍‌ରେ ମାତ୍ର NETLS ଯୋଗ୍ୟ ଛାତ୍ରଙ୍କ ପାଇଁ ମାତ୍ର ୧୭୫ଟି ଷ୍ଟେଟ ଜୁନିୟର ରିସର୍ଚ୍ଚ ଫେଲୋଶିପ ପ୍ରଦାନ କରୁଥିବାରୁ ତାହା ସମୁଦ୍ରକୁ ଶଙ୍ଖେ ବୋଲି ମନେହୁଏ।

୪.ସେହିପରି ଯୁବ ଅଧ୍ୟାପକମାନଙ୍କ ଗବେଷଣା ପାଇଁ ମାତ୍ର ୫,୦୦,୦୦୦ ପର୍ଯ୍ୟନ୍ତ ସିଡ ଗ୍ରାଣ୍ଟ ଦୁଇ ବର୍ଷ ଲାଗି ପ୍ରଦାନ କରୁଛନ୍ତି। ଏହା ବହୁତ କମ୍ ଅଧ୍ୟାପକଙ୍କୁ ମିଳୁଥିବାରୁ ଯୁବ ଅଧ୍ୟାପକମାନେ ଗବେଷଣା ପାଇଁ ସୁଯୋଗ ପାଇପାରନ୍ତି ନାହିଁ।

୫.ଓଡ଼ିଶାର ଉଚ୍ଚ ଶିକ୍ଷାନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟମାନଙ୍କ ମଧ୍ୟରେ ପାରସ୍ପରିକ ସମନ୍ୱୟର ଅଭାବ ଲକ୍ଷ୍ୟ କରାଯାଏ। ଯେମିତି ଓୟୁଏଟିରେ ପ୍ରାଣୀ ସ୍ୱାସ୍ଥ୍ୟ ଉପରେ ଗବେଷଣା ହେଉଥିବା ବେଳେ ନବଗଠିତ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ମାନବ ସ୍ୱାସ୍ଥ୍ୟ ଉପରେ ଧ୍ୟାନକେନ୍ଦ୍ରିତ କରେ। ରାଜ୍ୟ ସରକାର କେମିତି ବିଶ୍ୱବିଦ୍ୟାଳୟମାନଙ୍କ ଭିତରେ ସମନ୍ୱୟ ରକ୍ଷାକରି ମଲ୍ଟି ଡିସିପ୍ଲିନାରି ଗବେଷଣା ହୋଇପାରିବ ସେଥିପ୍ରତି ଧ୍ୟାନ ଦେବା ଉଚିତ।

୬.ଗବେଷଣା ପାଇଁ ଆବଶ୍ୟକୀୟ ଜର୍ନାଲ ଓ ପୁସ୍ତକର ଆବଶ୍ୟକତା ରହିଛି। ଗୋଟିଏ ବିଶ୍ୱବିଦ୍ୟାଳୟର ପାଠାଗାର ଏ ସମସ୍ତ ଜର୍ନାଲକୁ କିଣିବା ଅସମ୍ଭବ। ତେଣୁ ଓଡ଼ିଶାରେ ଲାଇବ୍ରେରି କନଷ୍ଟ୍ରୋରିୟମ୍‌କରି ଯେପରି ସର୍ବାଧିକ ସଂଖ୍ୟାରେ ନିବନ୍ଧ ମିଳିପାରିବ ସେ ଦିଗରେ ଚେଷ୍ଟା କରିବା ଉଚିତ।

୭.ରାଜ୍ୟ ସରକାର ବିଜ୍ଞାନ କ୍ଷେତ୍ରରେ ଗବେଷଣା ପାଇଁ ଏକ ଉନ୍ନତମାନର (ସେଣ୍ଟ୍ରାଲ୍ ରିସର୍ଚ୍ଚ ଫାସିଲିଟି/ ସେଣ୍ଟ୍ରାଲ ଇନ୍‌ଷ୍ଟ୍ରୁମେନଶନ ଫାସିଲିଟି), ଯେଉଁଠି ଗବେଷଣା କରିବା ପାଇଁ ସମସ୍ତ ପ୍ରକାରର ଇନ୍‌ଷ୍ଟ୍ରୁମେଣ୍ଟ ରହିବ, ତାହା ପ୍ରତି ଉଚିତ ପଦକ୍ଷେପ ନେବା ଦରକାର। ଓଡ଼ିଶାରେ ଥିବା ଜାତୀୟସ୍ତରର ଗବେଷଣା ଅନୁଷ୍ଠାନ ସହିତ ଏମଓୟୁ କରି ଅଧ୍ୟାପକମାନେ ମଧ୍ୟ ଉନ୍ନତମାନର ଗବେଷଣା କାର୍ଯ୍ୟ କରିପାରିବେ।

୮.ରାଜ୍ୟ ସରକାରଙ୍କ ଦ୍ୱାରା ୨୦୨୦ରୁ ଆୟୋଜନ କରାଯାଉଥିବା ସ୍କଲାର୍ସ କନ୍‌କ୍ଲେଭ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ, ଯାହାଫଳରେ ଗବେଷକମାନେ ସେମାନଙ୍କର ଗବେଷଣାକୁ ସମସ୍ତଙ୍କ ସାମ୍ନାରେ ପ୍ରଦର୍ଶନ କରିପାରିବେ।

୯.ପ୍ରତ୍ୟେକ ବିଶ୍ୱବିଦ୍ୟାଳୟ ପାଇଁ ଏକ ମେଣ୍ଟର ଗ୍ରୁପ୍ ଗଠନ କରାଯାଉ। ଆଲୁମିନି ସେମାନଙ୍କର ସହଯୋଗ ଓ ସାହାଯ୍ୟ ମଧ୍ୟ ନିତାନ୍ତ ଆବଶ୍ୟକ ଓ ଏଥିପ୍ରତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସହଯୋଗର ହାତ ଦେଖାଇବା ଉଚିତ।

ପରିଶେଷରେ ବିଶ୍ୱବିଦ୍ୟାଳୟରେ ଖାଲିଥିବା ପଦବୀର ପୂରଣ, ଉତ୍ତମ ଗବେଷଣା ପାଇଁ ଭିତ୍ତିଭୂମି ସ୍ଥାପନ, ଅଧ୍ୟାପକମାନଙ୍କର ନିରନ୍ତର ପ୍ରଶିକ୍ଷଣ ବ୍ୟବସ୍ଥା, ଗବେଷଣା ପାଇଁ ପାଇଁ ଉପଯୁକ୍ତ ପଦକ୍ଷେପ ଓ ପ୍ରାକ୍ତନୀମାନଙ୍କର ସହଯୋଗ ଆବଶ୍ୟକ।

**ଅଧ୍ୟାପକ, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ**
**କଟକ, ମୋ-୭୮୯୦୫୬୧୭୯୮**

# ତୋଗଲକୀ ସିଦ୍ଧାନ୍ତ



ଜନାର୍ଦ୍ଦନ ବନ୍ଦ୍ୟୋପାଧ୍ୟାୟ

କେତେଜଣ ଐତିହାସିକଙ୍କ ମତରେ ମହମ୍ମଦ ତୋଗଲକଙ୍କ ଦିଲ୍ଲୀରୁ ଦୌଲତାବାଦକୁ ରାଜଧାନୀ ସ୍ଥାନାନ୍ତର କରିବାର ସିଦ୍ଧାନ୍ତ ଅନେକ ଦୃଷ୍ଟିରୁ ବିଜ୍ଞତାର ପରିଚାୟକ ଥିଲା। କାରଣ ଦିଲ୍ଲୀ ସର୍ବଦା ବୈଦେଶିକ ଆକ୍ରମଣକାରୀଙ୍କ ପାଇଁ ସହଜ ଲକ୍ଷ୍ୟ ଥିଲା। ତା'ଛଡ଼ା ଦୌଲତାବାଦ ସାମ୍ରାଜ୍ୟର ମଧ୍ୟସ୍ଥଳରେ ଥିବାରୁ ରାଜ୍ୟ ଶାସନ ନିମନ୍ତେ ଅଧିକ ଉପଯୋଗୀ ବିବେଚିତ ହୋଇଥିଲା। କିନ୍ତୁ ଦୌଲତାବାଦରୁ ପୁନର୍ବାର ଦିଲ୍ଲୀକୁ ରାଜଧାନୀ ଉଠାଇନେବାର ସିଦ୍ଧାନ୍ତ ଥିଲା ଅସ୍ଥିର ବୁଦ୍ଧିର ପରିଚାୟକ। କୌଣସି ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ଗ୍ରହଣ କରିବା ପୂର୍ବରୁ ତାହାର ବର୍ତ୍ତମାନ ଏବଂ ଭବିଷ୍ୟତ ପରିଣତି ତଥା ଶୁଭାଶୁଭ ପ୍ରତିକ୍ରିୟା ଇତ୍ୟାଦି ବିଚାରକରି ସିଦ୍ଧାନ୍ତ ଗ୍ରହଣ କରିବା ବିଜ୍ଞତାର ପରିଚାୟକ। ତେଣୁ କୁହାଯାଏ 'ବୁଝି ବିଚାରି କାର୍ଯ୍ୟ କଲେ ପ୍ରମାଦ ନ ପଡ଼ଇ ଭଲେ'। ଅନେକ ସମୟରେ ଦେଖାଯାଏ ଆମ ଦେଶରେ ଗୋଟିଏ ରାଜନୈତିକ ଦଳ ଶାସନ କ୍ଷମତାରେ ଥିବା ସମୟରେ ଯେଉଁ ସବୁ କାର୍ଯ୍ୟକ୍ରମ ଆରମ୍ଭ କରନ୍ତି ପରବର୍ତ୍ତୀ ସରକାର ଆସିଲେ ସେଗୁଡ଼ିକୁ ବନ୍ଦକରି ଦିଅନ୍ତି ଅଥବା ସେଥିପ୍ରତି ଗୁରୁତ୍ୱ ପ୍ରଦାନ କରନ୍ତି ନାହିଁ, ଯାହା ଫଳରେ କୋଟି କୋଟି ଟଙ୍କା ପାଣିରେ ପଡିଥାଏ।

ବହୁଦିନରୁ ପୈତୃକ ସମ୍ପତ୍ତିର ଭାଗ ବଣ୍ଟାଆରା ଫଳରେ ଆମର ଚାଷଜମି ଗୁଡ଼ିକ ହିଡ଼ ସର୍ବସ୍ୱ ଟୁକୁରା ଟୁକୁରା ଜମିରେ ପରିଣତ ହୋଇ ସାଧାରଣ କୃଷି ଉପଯୋଗିତା ହରାଇ ବସିଥିଲା। ଏପରି ଜମି ଦେଖାଯାଇଛି ଯେଉଁଥିରେ ଗୋଟିଏ ହଳ ମଧ୍ୟ ବୁଲି ପାରିବ ନାହିଁ। ଏହା ଉନ୍ନତ ମାନର ଯାନ୍ତ୍ରିକ କୃଷି ବ୍ୟବସ୍ଥାର ଘୋର ଅନ୍ତରାୟ ବୋଲି ଅନେକ ଅର୍ଥନୀତିଜ୍ଞ ମତବ୍ୟକ୍ତ କରନ୍ତି। ଏ ସମସ୍ତ କଥା ବିଚାରକରି ବର୍ଷ ବର୍ଷ ମାପଚୁପ, ଅଦଳବଦଳ, ହିସାବନିକାଶ କରି କୋଟି କୋଟି ଟଙ୍କା ଖର୍ଚ୍ଚକରି ଚକବନ୍ଦୀ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥିଲା। ବିଭିନ୍ନ ସ୍ଥାନରେ ଟୁକୁରା ଟୁକୁରା ଜମିକୁ ଅନ୍ୟ ସହିତ ବଦଳ କରି ଜଣେ ଜମି ମାଲିକ ଗୋଟିଏ ସ୍ଥାନରେ ବଡ଼ ଜମିଟିଏ ପାଇଲେ, ଫଳରେ ଟ୍ରାକ୍ଟର, ପାୱାର ଟିଲର, କ୍ରପ୍ ହାର୍ଭେଷ୍ଟର ଇତ୍ୟାଦିର ଉପଯୋଗ ତଥା ଉପଯୁକ୍ତ ସାର, ବିହନ, ପୋକମରା ବିଷ ଇତ୍ୟାଦିର ପ୍ରୟୋଗ ଏବଂ ଉଠାଜଳସେଚନ ସୁବିଧା ହେତୁ ରାଜ୍ୟର କୃଷି ଉତ୍ପାଦନ ମଧ୍ୟ ବୃଦ୍ଧି ପାଇଲା। କିନ୍ତୁ ଏହାର ଏକ ବିଶେଷ ଅସୁବିଧା ହେଲା, ଲୋକମାନେ ନିଜ ପ୍ରୟୋଜନରେ ଜମିର କିଛି ଅଂଶ ବିକ୍ରୟକରି ଅର୍ଥର ଆବଶ୍ୟକତା ପୂରଣ କରି ନ ପାରି ହଇରାଣ ହେଲେ। ବିଲ୍‌ଡରମାନଙ୍କ ପକ୍ଷରେ ମଧ୍ୟ ଅବାଧରେ ଚାଷଜମି କିଣି ଆପାର୍ଟମେଣ୍ଟ ବନେଇବାରେ ଅସୁବିଧା ହେଲା। କାରଣ ଓଡ଼ିଶା ଚକବନ୍ଦୀ ଅଧିନିୟମ, ୧୯୭୨ର ଧାରା ୩୪(୧)ରେ କୁହାଯାଇଛି – କୌଣସି ଅଞ୍ଚଳର କୌଣସି କୃଷି ଉପଯୋଗୀ ଜମି ଭାଗହୋଇ ଟୁକୁରା ଟୁକୁରା ହୋଇପାରିବ ନାହିଁ। ଧାରା ୩୪(୨) ରେ କୁହାଯାଇଛି – ଚକଜମିର କୌଣସି ଅଂଶ କେବଳ



ପାର୍ଶ୍ୱସ୍ଥ ଚକ ମାଲିକ ବ୍ୟତୀତ ଆଉ କାହାରିକୁ ବିକ୍ରୟ ବା ହସ୍ତାନ୍ତର ହୋଇପାରିବ ନାହିଁ। ଧାରା ୩୪(୩) ରେ କୁହାଯାଇଛି କୌଣସି ବ୍ୟକ୍ତି ନିଜ ଚକଜମିର କୌଣସି ଅଂଶ ବିକ୍ରୟ ବା ହସ୍ତାନ୍ତର କରିବାକୁ ଚାହିଁଲେ ସମ୍ପୃକ୍ତ ତହସିଲଦାରଙ୍କୁ ଦରଖାସ୍ତ କରିବେ ଏବଂ ତହସିଲଦାର ଦରଖାସ୍ତ ପାଇବାର ୪୫ ଦିନ ମଧ୍ୟରେ ଉକ୍ତ ଜମିର ପ୍ରଚଳିତ ମୂଲ୍ୟ ନିର୍ଦ୍ଧାରଣକରି ପାର୍ଶ୍ୱସ୍ଥ ଚକମାଲିକମାନଙ୍କୁ ନିଲାମ ମାଧ୍ୟମରେ ତାହା ବିକ୍ରୟ କରିଦେବାର ବନ୍ଦୋବସ୍ତ କରିବେ। ଧାରା ୩୪(୪) ରେ କୁହାଯାଇଛି ଯଦି ନିଲାମ ମାଧ୍ୟମରେ ଉକ୍ତ ବିଭାଜିତ ଅଂଶ ବିକ୍ରୟହୋଇ ନ ପାରେ ତେବେ ରାଜ୍ୟ ସରକାର ସେହି ଅଂଶକୁ ତହସିଲଦାରଙ୍କ ଦ୍ୱାରା ସ୍ଥିରୀକୃତ ବଜାର ଦରରେ କ୍ରୟକରି ନିଜ ଅକ୍ତିଆରରେ ରଖିବେ। ଅଧିନିୟମର ୩୫ ଧାରାରେ କୁହାଯାଇଛି ଧାରା ୩୪କୁ ଉଲ୍ଲଂଘନ କରି ଯଦି କୌଣସି ଜମି ବିକ୍ରି ଅଥବା ବିଭାଜିତ ହୋଇଥାଏ ତାହା ଅବୈଧ ହେବ।

ମୋଟ କଥା ଚକଜମିର ବିଭାଜୀକରଣ ଏବଂ ବିଖଣ୍ଡୀକରଣକୁ ସମ୍ପୂର୍ଣ୍ଣ ନିଷିଦ୍ଧକରି ରାଜ୍ୟର କୃଷିର ସ୍ୱାର୍ଥଦୃଷ୍ଟିରୁ ସମସ୍ତ ଚକଜମିକୁ ଅକ୍ଷୁଣ୍ଣ ରଖିବାର ବ୍ୟବସ୍ଥା ଆଇନରେ ଲିପିବଦ୍ଧ ହୋଇଛି। ସେଥିସହ ଜମି ମାଲିକମାନଙ୍କର ସ୍ୱାର୍ଥରକ୍ଷା ଏବଂ ଅସୁବିଧା ଦୂରକରିବା ନିମନ୍ତେ ଧାରା ୩୪(୩) ଏବଂ ଧାରା ୩୪(୪)ରେ ଅନେକ ବିକଳ୍ପ ବ୍ୟବସ୍ଥା ଉପଲବ୍ଧ। କିନ୍ତୁ ଜନସାଧାରଣଙ୍କର ସମ୍ପତ୍ତି ଅଧିକାର କ୍ଷୁଣ୍ଣ ହେବା ତଥା ନାନା ଅସୁବିଧା ଏବଂ ବିଶେଷକରି ବିଲ୍‌ଡରମାନଙ୍କ କୃଷିଜମି ଅଧିଗ୍ରହଣ କରିବାର ପ୍ରତିବନ୍ଧକ ଦୂରକରିବା ନିମନ୍ତେ ୨୯।୦୫।୨୩ରେ କ୍ୟାବିନେଟ୍ ବୈଠକରେ ସରକାର ଚକବନ୍ଦୀ ଅଧିନିୟମର ୩୪ ଏବଂ ୩୫ ଧାରାକୁ ଉଚ୍ଛେଦ କରିଛନ୍ତି। ଫଳରେ ଜମି ମାଲିକ ମାନେ ଚକଜମି ବିକ୍ରି ଅଥବା ବିଭାଜନ କରିପାରିବେ। ଏହାଦ୍ୱାରା ସେହି 'ପୁନର୍ମୂଷିକ ଭବ' ଭଳି ଅବସ୍ଥା ସୃଷ୍ଟିହେବ। ଜମିଗୁଡ଼ିକ ପୁନର୍ବାର ଖଣ୍ଡ ଖଣ୍ଡ ହୋଇ କୃଷି ଉପଯୋଗିତା ହରାଇବ। ବିଲ୍‌ଡରମାନେ ସହରାଞ୍ଚଳର ୫୦ କି.ମି. ମଧ୍ୟରେ କୌଣସି ଚାଷଜମି ରଖାଇ ଦେବେ ନାହିଁ। ୨ ଏକର ଚକ ଜମି ୪ ପୁଅଝିଅଙ୍କ ମଧ୍ୟରେ ଭାଗହୋଇ ୫୦ ଡିସିମିଲ ଲେଖା ହେବ ଏବଂ ପୁଣି ପରବର୍ତ୍ତୀ ବଂଶଧରମାନେ ତାହାକୁ ଆହୁରି ବିଭାଜିତକରି ୫ ଡିସିମିଲରେ ପହଞ୍ଚାଇ ଦେବେ। କୁହାଯାଉଛି ଏହାଦ୍ୱାରା ଜମି ରେଜେଷ୍ଟ୍ରି ଶୁଳ୍କ ଏବଂ ଅନ୍ୟାନ୍ୟ ଶୁଳ୍କର ବୃଦ୍ଧି ଘଟି ସରକାରଙ୍କର ଆୟ ବଢ଼ିବ। ରାଜ୍ୟର କୃଷିର ଭବିଷ୍ୟତ କଥା ଚିନ୍ତାକଲେ ଏଭଳି ଚିନ୍ତାଧାରା ହାସ୍ୟାସ୍ପଦ ମନେହୁଏ। ଜନସାଧାରଣଙ୍କର ବର୍ତ୍ତମାନ ସୁଖ ସୁବିଧା ଦେଖିବା ସଙ୍ଗେ ସଙ୍ଗେ ସେମାନଙ୍କର ଭବିଷ୍ୟତର ଦାୟିତ୍ୱ ସରକାରଙ୍କର। ତେଣୁ ଚକଜମିଗୁଡ଼ିକର ଅଖଣ୍ଡତା ରକ୍ଷାକରି ଲୋକଙ୍କର ଅସୁବିଧା ଦୂରକରିବା ପାଇଁ କୌଣସି ବିକଳ୍ପ ପନ୍ଥା ଚିନ୍ତା କରାଯାଇପାରେ। ମୋଟ କଥା କୃଷିର ସ୍ୱାର୍ଥ ଦୃଷ୍ଟିରୁ ଚକଜମିଗୁଡ଼ିକୁ ଟୁକୁରା ଟୁକୁରା ହେବାରୁ ରକ୍ଷା କରିବା ଏକାନ୍ତ ପ୍ରୟୋଜନ ମନେହୁଏ।

**ନୟାପଲ୍ଲୀ, ଭୁବନେଶ୍ୱର**
**ମୋ- ୯୪୩୭୨୮୭୯୬୪**

## ଏଇ ଭାରତରେ

ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକକୁ ନିଷିଦ୍ଧ କରାଯିବାର ବହୁ ପୂର୍ବରୁ ବେଙ୍ଗାଲୁରୁ ସ୍ଥିତ ଷ୍ଟାର୍ଟଅପ୍ 'ସନ୍‌ବ୍ରିଡ୍ ଷ୍ଟ୍ର' ପ୍ଲାଷ୍ଟିକ ପ୍ରଦୂଷଣ ରୋକିବା ଲାଗି ଏକ ନିଆରା ପଦ୍ଧତି ଆବିଷ୍କାର କରିଛି। ଏହା ମାଧ୍ୟମରେ ନଡ଼ିଆ ପତ୍ରରୁ ଷ୍ଟ୍ର ତିଆରି କରାଯାଉଛି। ଏହି ଷ୍ଟାର୍ଟଅପ୍‌ର ପ୍ରତିଷ୍ଠାତା ହେଉଛନ୍ତି କ୍ରାଏଷ୍ଟ ୟୁନିଭର୍ସିଟି ବେଙ୍ଗାଲୁରୁର ସହକାରୀ ପ୍ରାଧ୍ୟାପକ ସାଜି ଭର୍ଗିସ୍। ସାଜିଙ୍କ ବୟସ ୫୧। ସେ ୟୁନିଭର୍ସିଟି ପରିସରରେ ଶୁଖିଲା ନଡ଼ିଆ ବାହୁଙ୍ଗା ସବୁ ପଡ଼ିଥିବାର ଲକ୍ଷ୍ୟକରି ଏହାର ପରିବେଶ ଉପଯୋଗୀ ଉପଯୋଗ କରିବାକୁ ୨୦୧୭ରେ ନିଷ୍ପତ୍ତି ନେଇଥିଲେ। ୨୦୧୯ ସୁଦ୍ଧା 'ସନ୍‌ବ୍ରିଡ ଷ୍ଟ୍ର' ଷ୍ଟାର୍ଟଅପ ପ୍ରତିଷ୍ଠା କରି ତା' ମାଧ୍ୟମରେ ନଡ଼ିଆ ପତ୍ରକୁ ବ୍ୟବହାର କରି ଷ୍ଟ୍ର ତିଆରି କରିବା ଆରମ୍ଭ କରିଥିଲେ। ଗୋଟିଏ ନଡ଼ିଆ ବାହୁଙ୍ଗାରେ ଯେତିକି ପତ୍ର ଅଛି ସେଥିରୁ ୨୦୦ ଷ୍ଟ୍ର ତିଆରି କରାଯାଇପାରୁଛି। ସମ୍ପୂର୍ଣ୍ଣ ରସାୟନ ମୁକ୍ତ ପଦ୍ଧତିରେ ଏହାକୁ ତିଆରି କରାଯାଉଛି। ଏହି ଷ୍ଟ୍ର ମାଟିରେ ବି ମିଶିଯାଉଛି। ଏହା କୌଣସି ଦ୍ରବଣରେ ତିନିଘଣ୍ଟା ଯାଏ ରହିପାରୁଛି। ଗୋଟିଏ ଷ୍ଟ୍ରର ମୂଲ୍ୟ ରହିଛି ୫ ଟଙ୍କା। ଏବେ ସୁଦ୍ଧା ସାଜି ୧୦ଟିରୁ ଊର୍ଦ୍ଧ୍ୱ ଦେଶରୁ ୨ କୋଟିରୁ ଅଧିକ ଅର୍ଡର ପାଇସାରିଲେଣି। ଷ୍ଟ୍ର ତିଆରି କାର୍ଯ୍ୟରେ ସେ କେରଳ, ତାମିଲନାଡୁ ଓ କର୍ଣ୍ଣାଟକର ୧୦୦ ଗ୍ରାମୀଣ ମହିଳାଙ୍କୁ ନିଯୁକ୍ତ କରିଛନ୍ତି। ଏହି ପରିବେଶ ଉପଯୋଗୀ ଷ୍ଟ୍ର ଲାଗି ସାଜିଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପୁରସ୍କୃତ କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୭ ଜୁନ୍ ୧୯୯୮

- ରାଷ୍ଟ୍ରପତି ଏବଂ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ତଥା ଶିକ୍ଷକ ପ୍ରାଣବଲ୍ଲଭ ପାଢ଼ୀଙ୍କୁ ମ୍ୟାନ୍ ଅଫ୍ ଦି ଇୟର ପୁରସ୍କାର।
- ପ୍ରଖ୍ୟାତ ଫୁଟବଲ ତାରକା ରାମେନ୍ଦ୍ର ଚନ୍ଦ୍ର ଦେ ଓରଫ ନାନୁଙ୍କ ୭୯ ବର୍ଷ ବୟସରେ ପରଲୋକ।
- ମେଘାଳୟ ମନ୍ତ୍ରିମଣ୍ଡଳରୁ ପିଡବ୍ଲ୍ୟୁଡି ମନ୍ତ୍ରୀ ଟର୍ବାଲିନ ଲିଙ୍ଗଦୋ ମଙ୍ଗଲେଡଙ୍କ ଇସ୍ତଫା।

## ପାଠକ ଶ୍ରେଷ୍ଠ ବିଚାରକ

### ହଜିଯାଉଛି ମଣିଷପଣିଆ

ମହାଶୟ,

ଜୀବନ ସାରା ଆମକୁ ପରିବେଶ ଭିତରେ ଚଳିବାକୁ ହେବ। ଚଳିବାକୁ ହେବ ନିଜ ବ୍ୟକ୍ତିତ୍ୱର ପରାକାଷ୍ଠାକୁ ନେଇ। ମଣିଷ ଗୋଟେ ସାମାଜିକ ପ୍ରାଣୀ । ହେଲେ ମଣିଷ ଠିକ୍ କରିବାକୁ ଯେତିକି ଅଗ୍ରସର ହେଉନାହିଁ। ବରଂ ଅଧିକ ଭୁଲ୍ କରୁଛି। ୩୧୬ ନମ୍ବର ରାଜପଥରେ ନିକଟ ଅତୀତରେ ଜଣେ ବାଇକ ଆରୋହୀ ରାଜରାସ୍ତାରେ ଯାଉଥିବାବେଳେ ଜଣେ କାର୍ ଆରୋହୀ ତାଙ୍କୁ ଧକ୍କା ଦେଲା। ବାଇକ୍ ଆରୋହୀ ବିଚରା ପଡ଼ି ଛଟପଟ ହେଉଛି। ତାଙ୍କର ତୁରନ୍ତ ଚିକିତ୍ସା ବଦଳରେ ଗାଡ଼ି କ୍ଷୟକ୍ଷତି ପାଇଁ କ୍ଷତିପୂରଣ ମାଗୁଛନ୍ତି ଲୋକେ। ଆଘାତରେ କ୍ଷତବିକ୍ଷତ ହୋଇଥିବା, ମୁମୂର୍ଷୁ ବ୍ୟକ୍ତିଙ୍କୁ ଡାକ୍ତରଖାନା ନେବା କଥା କାହାରି ମୁଣ୍ଡରେ ଜୁଟୁନି। ଯାହା ହେବା କଥା ହେଲା। ହେଲେ ସେମାନଙ୍କ ମଣିଷପଣିଆ ଗଲା କୁଆଡ଼େ ? ବିଚାରା ଆପଣମାନଙ୍କର ! ଏ ହେଉଛି ଆମର ମଣିଷପଣିଆ। ଉପସ୍ଥିତ ବ୍ୟକ୍ତିଙ୍କ ମତରେ ଭୁଲ ଠିକ୍ ବିଚାର ପର କଥା। ଆଗେ ସେ ଲୋକକୁ ଚିକିତ୍ସା ପାଇଁ ଜାତୀୟ ରାଜପଥ ପାର୍ଶ୍ୱ ଡାକ୍ତରଖାନାକୁ ନେବା ଉଚିତ।

**-ଦେବଦତ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ହେ ଜଳ-ପବନ-ଅଗ୍ନି
ମୃତ୍ତିକା-ଆକାଶ-ମହାଭୂତ
ଯାହା ଘେନି ଧରେ ପ୍ରାଣ,
ଯାହା ଛାଡ଼ି ଶେଷେ ହୁଏ ମୃତ।
(ଜଡ଼-ଦର୍ଶନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ସାହିତ୍ୟ ସୁନ୍ଦରୀ: ଦର୍ଶନ ଓ ଦେଶହିତର ଦଲିଲ୍

## ଅତୀତର ବହି



ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ

୧୮୯୦ ବେଳକୁ 'ସମ୍ବଲପୁର ହିତୈଷିଣୀ'ରେ ଧାରାବାହିକ ପ୍ରକାଶ ପାଉଥାଏ 'ପାର୍ବତୀ' କାବ୍ୟ। କାବ୍ୟଟିର ଲୋକପ୍ରିୟତା ଖୁବ୍ ଅଧିକ ଥିଲା। ଏହି କାବ୍ୟର କେତୋଟି ବ୍ୟାକରଣଗତ ଦୋଷ ଦର୍ଶାଇ ଲକ୍ଷ୍ମଣ ମିଶ୍ର ଓଡ଼ିଆ ପାଠକଙ୍କୁ ସ୍ତବ୍ଧ କରିଦେଇଥିଲେ। ଓଡ଼ିଆ ସାରସ୍ୱତ ଆକାଶରେ ଉଜ୍ଜ୍ୱଳ ଜ୍ୟୋତିଷ୍କ ପରି ପ୍ରତିଭାତ ରାଧାନାଥଙ୍କ ପ୍ରତି ଏହା ଥିଲା ପ୍ରଥମ ଆହ୍ୱାନ। ସେ 'ପାର୍ବତୀ' କାବ୍ୟର ଅସାଦୃଶ୍ୟ ଦୋଷ, ପ୍ରମାଣନ୍ୟୂନତା ଦୋଷ, ବିରୁଦ୍ଧସ୍ୱଭାବ ଦୋଷ, ପୁନରୁକ୍ତତା ଦୋଷ, ଅମତ ପୂରିତାର୍ଥତା ଦୋଷ, ପ୍ରସିଦ୍ଧିତ୍ୟାଗ ଦୋଷ, ଅନୌଚିତ୍ୟ ଦୋଷ ଏବଂ ଅପ୍ରଯୁକ୍ତତା ଦୋଷ ଦର୍ଶାଇ ନିଜର ପାଣ୍ଡିତ୍ୟ ପ୍ରଦର୍ଶନ କରିଥିଲେ। ଗଙ୍ଗାଧର, ମିଶ୍ରଙ୍କ ଦୃଷ୍ଟିକୋଣ ଦ୍ୱାରା ପ୍ରଭାବିତ ହୋଇନାହାନ୍ତି ବରଂ ରାଧାନାଥ ସାହିତ୍ୟ ପ୍ରତି ଆକୃଷ୍ଟ ହୋଇଛନ୍ତି। କିନ୍ତୁ ରାଧାନାଥ ଲକ୍ଷ୍ମଣଙ୍କ ସମାଲୋଚନାକୁ ହଜମ କରିପାରି ନଥିବା ଜଣାପଡ଼େ। ଲକ୍ଷ୍ମଣ ମିଶ୍ରଙ୍କ ସମାଲୋଚନାର ପ୍ରତିବାଦ କରି ରାମକୃଷ୍ଣ ସାହା, ଗଣେଶ୍ୱର ପଟ୍ଟନାୟକ ପ୍ରମୁଖ ଲେଖକ 'ସମ୍ବଲପୁର ହିତୈଷିଣୀ'ରେ ନିଜ ମତ ପ୍ରଦାନ କରିଛନ୍ତି। ରାଧାନାଥ ମଧ୍ୟ ଗଙ୍ଗାଧରଙ୍କୁ ପ୍ରଦତ୍ତ ତା୨୯.୭.୧୮୯୭ ପତ୍ରରେ ଲକ୍ଷ୍ମଣ ମିଶ୍ରଙ୍କ 'ସାହିତ୍ୟ ସୁନ୍ଦରୀ' କାବ୍ୟ ସମ୍ପର୍କରେ ଲେଖିଛନ୍ତି ଏବଂ ଅଭିଯୋଗ କରିଛନ୍ତି, ସେ ଦେଇଥିବା ମନ୍ତବ୍ୟର ପ୍ରଶଂସା ମାତ୍ର କବି ମୁଖବନ୍ଧରେ ଉଦ୍ଧାର କରିଛନ୍ତି। ସେମିତି 'ସମ୍ବଲପୁର ହିତୈଷିଣୀ' (୧୧.୮.୧୮୯୭) ପତ୍ରିକାର 'ଅକବିର କବିତା' ଶୀର୍ଷକ ରଚନାରେ ପ୍ରକୃତ କବି ପ୍ରଶଂସା ଖୋଜି ବୁଲେ ନାହିଁ ବୋଲି ଲକ୍ଷ୍ମଣ ମିଶ୍ରଙ୍କୁ ଆକ୍ଷେପ କରିଛନ୍ତି। ଏହି ସମସ୍ତ ପରବର୍ତ୍ତୀ ମନ୍ତବ୍ୟ ଲକ୍ଷ୍ମଣ ମିଶ୍ରଙ୍କ 'ପାର୍ବତୀ' କାବ୍ୟର ଦୋଷଦର୍ଶନଜନିତ ବିରକ୍ତିକର ଉଦ୍‌ଗାର ବୋଲି ଗ୍ରହଣ କରାଯାଇପାରେ। ଅନେକ ମାମୁଲି କାବ୍ୟକୁ ପ୍ରଶଂସାରେ ପୋତି ପକାଇଥିବା ରାଧାନାଥଙ୍କ ଲକ୍ଷ୍ମଣ ମିଶ୍ରଙ୍କ ପ୍ରତି ଏହି ପ୍ରତିକୂଳ ଦୃଷ୍ଟି ଅଧିକ ଆଲୋଚନାର ଅପେକ୍ଷା ରଖେ। ଲକ୍ଷ୍ମଣ ମିଶ୍ର ଜଣେ ସଂସ୍କୃତ ପଣ୍ଡିତ ଏବଂ 'ପ୍ରାତଃସ୍ମରଣଂ' (୧୮୯୦) ଶୀର୍ଷକ ପୁସ୍ତକ ସେ ସଂସ୍କୃତରେ ରଚନା କରିଥିଲେ।

ଏତିକି ସୂଚନା ସହ ଆମେ ଆସିବା 'ସାହିତ୍ୟ ସୁନ୍ଦରୀ' ପୁସ୍ତକକୁ। ୧୮୯୭ରେ ବାମଣ୍ଡା ସୁଜଳ ପ୍ରେସ୍‌ରୁ ଏହି ପୁସ୍ତକଟି ପ୍ରକାଶିତ। ପୁସ୍ତକର ପ୍ରଚ୍ଛଦରେ ନିମ୍ନ ଶ୍ଳୋକଟି ଉଦ୍ଧୃତ– ''ସାହିତ୍ୟ ସଙ୍ଗୀତ ରସାନଭିଜ୍ଞଃ / ସାକ୍ଷାତ୍ ପଶୁଃପୁଚ୍ଛ ବିଷାଣହୀନଃ / ଚରତ୍ୟସୌ ଯଦ୍ଧୁ ତୃଣାନ୍ୟ ଭୁଂକ୍ତେ / ବରଂ ପଶୂନା ମିହ ଭାଗ୍ୟ ମେତତ୍।''

**ଲକ୍ଷ୍ମଣ ମିଶ୍ରଙ୍କ 'ସାହିତ୍ୟ ସୁନ୍ଦରୀ' ଏକ ଚମତ୍କାର କାବ୍ୟ। ଲକ୍ଷ୍ମଣ ମିଶ୍ର (୧୮୪୯–୧୯୩୫) ବରପାଲି ନିକଟସ୍ଥ ଡୁମୁରିପାଲି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ୧୮୯୦ ବେଳକୁ ସେ ବରପାଲି ସେକେଣ୍ଡଗ୍ରେଡ୍ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଅଧ୍ୟାପକ ଥିଲେ। ସେ ଗଙ୍ଗାଧରଙ୍କ ଶିକ୍ଷକ ଥିଲେ ଓ ତାଙ୍କୁ ପ୍ରାଚୀନ ଓଡ଼ିଆ ସାହିତ୍ୟ, ସଂସ୍କୃତକାବ୍ୟ ସହିତ ରାଧାନାଥ ସାହିତ୍ୟ ସହିତ ପରିଚୟ କରାଇଥିଲେ। ଲକ୍ଷ୍ମଣ ମିଶ୍ର କବି, ସାହିତ୍ୟିକ, ସଂସ୍କୃତ ପଣ୍ଡିତ ସହିତ ଥିଲେ ଜ୍ୟୋତିଷାଲଙ୍କାର। 'ସମ୍ବଲପୁର ହିତୈଷିଣୀ' (ବାମଣ୍ଡା–୧୮୮୯)ରେ ତାଙ୍କର ରଚନା ଧାରାବାହିକ ପ୍ରକାଶ ପାଉଥିଲା। ଅନେକ ସାରସ୍ୱତ ବିତର୍କରେ ସେ ଭାଗ ନେଇଥିଲେ। ଗଙ୍ଗାଧରଙ୍କୁ 'ସମ୍ବଲପୁର ହିତୈଷିଣୀ' ଓ ବିଦ୍ୟାରତ୍ନଙ୍କ ସହିତ ପରିଚୟ କରାଇଥିଲେ ଲକ୍ଷ୍ମଣ ମିଶ୍ର।**



ଓ ତତ୍‌ସତ୍

ସାହିତ୍ୟ ସୁନ୍ଦରୀ।

ବରପାଲ ମିଡଲ ସ୍କୁଲର
ପ୍ରଧାନ ଶିକ୍ଷକ
ଶ୍ରୀଯୁକ୍ତ ଲକ୍ଷ୍ମଣମିଶ୍ର ଜ୍ୟୋତିଷାଲଂକାରଙ୍କ
ଦ୍ୱାରା ପ୍ରଣୀତ।
ସନ ୧୮୯୭ ମସିହା।
ବାମଣ୍ଡା ସୁଜଳ ପ୍ରେସରେ ମୁଦ୍ରିତ।

ସାହିତ୍ୟ ସଙ୍ଗୀତ ରସାନଭିଜ୍ଞଃ
ସାକ୍ଷାତ୍ ପଶୁଃପୁଚ୍ଛ ବିଷାଣ ହୀନଃ
ଚରତ୍ୟସୌ ଯଦ୍ଧୁ ତୃଣାନ୍ୟ ଭୁଂକ୍ତେ
ବରଂ ପଶୂନା ମିହ ଭାଗ୍ୟ ମେତତ୍।

ପୁସ୍ତକ ପ୍ରକାଶନ ପୂର୍ବରୁ କବି ରାଧାନାଥଙ୍କ ଅଭିମତ ଯାଚଞ୍ଚା କରିଥିଲେ। ରାଧାନାଥ ପୁସ୍ତକ ସମ୍ପର୍କରେ କହିଥିଲେ, ''ଆପଣଙ୍କ ପ୍ରେରିତ 'ସାହିତ୍ୟ ସୁନ୍ଦରୀ' ପାଠକରି ଅତ୍ୟନ୍ତ ପ୍ରୀତ ହେଲି। ଏହି କବିତାଟି ଆପଣଙ୍କ ସୂକ୍ଷ୍ମଦର୍ଶିତା ଏବଂ ଦେଶ–ହିତୈଷିତାର ସମ୍ୟକ୍ ପରିଜ୍ଞାପକ ଅଟେ। ଉତ୍କଳର ସାହିତ୍ୟ–ଦରିଦ୍ରତା ଏବଂ ଉତ୍କଳବାସୀଙ୍କର ଅଳୀକ ଅଭିମାନ ଏବଂ ଔଦାସୀନ୍ୟ ଦେଖି ଆପଣଙ୍କ ହୃଦୟରେ କିପରି ନିର୍ବେଦ ଜାତ ହୋଇଅଛି, ଏହି କବିତାରୁ ତାହାର ସ୍ପଷ୍ଟ ପରିଚୟ ମିଳୁଅଛି।''

'ସାହିତ୍ୟ ସୁନ୍ଦରୀ' କବିତାରେ ସାହିତ୍ୟକୁ ଏକ ସୁନ୍ଦରୀ ଭାବେ ବର୍ଣ୍ଣନା କରାଯାଇଛି ଏବଂ ବର୍ଣ୍ଣମାଳା, ବ୍ୟାକରଣ, ରସ, ଅଳଙ୍କାର ପ୍ରଭୃତି ତା'ର ସୌନ୍ଦର୍ଯ୍ୟ ବୃଦ୍ଧି କରିବାର କବି ସୂଚନା ଦିଅନ୍ତି। ପୁନଶ୍ଚ ସଂସ୍କୃତ ଓ ପ୍ରାକୃତ ଭାଷା ଦ୍ୱାରା ଏହା ଋଦ୍ଧିମନ୍ତ। ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବ ମଧ୍ୟ ପ୍ରକାରାନ୍ତରେ ଆମ ସାହିତ୍ୟକୁ ସମୃଦ୍ଧ କରିଛି।

ବିଦେଶୀୟ ଉପହାରକୁ ଧରି ଉତ୍କଳ–ବାସୀ
ଜନସମାଜରେ ଗଣିତ ହେଉଅଛନ୍ତି ଆସି।
ଯେତେ ଭୂତପୂର୍ବ ଉତ୍କଳ ଜାତ ବିଜ୍ଞ ଯୁବକ
ସାହିତ୍ୟ ସୁନ୍ଦରୀ ଛାମୁରୁ ଲଭିଥିଲେ ପଦକ।
ସେ ପଦକ ନାନା ଧାତୁରେ ହୋଇଥିଲା ନିର୍ମାଣ
ନାନା ରସପୁଟେ ଶୋଧିଣ ଦେଇଥିଲେ ରଷାଣ।

'ସାହିତ୍ୟ ସୁନ୍ଦରୀ'ଙ୍କ ଉପଯୁକ୍ତ ଆରାଧନା ଯୋଗୁଁ ଇଂରେଜ ଜାତି ସମୃଦ୍ଧ। ସେମିତି ପାଶ୍ଚାତ୍ୟ ଶିକ୍ଷା ତଥା ଆମର ପ୍ରାଚୀନ ଶିକ୍ଷାକୁ ଭୁଲି ଆଜି ଉତ୍କଳୀୟ ଦରିଦ୍ର। ଅନ୍ୟପକ୍ଷରେ ବଙ୍ଗଳା, କର୍ଣ୍ଣାଟ, ମରାଠା ପ୍ରଭୃତି ପ୍ରାଦେଶିକ ଜାତି ସାହିତ୍ୟ ସୁନ୍ଦରୀ ଉପାସନା କରି ଉନ୍ନତିର ଚରମସୀମାରେ ଉପନୀତ। ଏହି କବିତା ମାଧ୍ୟମରେ ଭାଷାସାହିତ୍ୟ ଦିଗରେ ଆମର ନିରୁତ୍ସାହୀ ଉଦ୍ୟମକୁ କବି ସମାଲୋଚନା କରିଛନ୍ତି। ରାଧାନାଥ, ମଧୁ ରାଓଙ୍କ ପରି କିଛି ସୁସାହିତ୍ୟିକ ବାହାରିଲେ ଦେଶର ଉନ୍ନତି ହେବ। ସାହିତ୍ୟ ସୁନ୍ଦରୀଙ୍କ ସେବାରେ ଉତ୍କଳୀୟମାନେ ଉଦ୍ୟମ ନ କଲେ ଦେଶ ଓ ଜାତିର ଉନ୍ନତି ସମ୍ଭବ ନୁହେଁ। ଏଣୁ ସେ କବି–ସାହିତ୍ୟିକମାନଙ୍କୁ ଆହ୍ୱାନ ଦେଇଛନ୍ତି ଦେଶର ମୁଖୋଜ୍ଜ୍ୱଳ କରିବା ପାଇଁ। ଓଡ଼ିଶା ପରି ସମ୍ବଲପୁର ଅଞ୍ଚଳର ସାରସ୍ୱତ ଦୁରବସ୍ଥା ମଧ୍ୟ କବି ଚିତ୍ରଣ କରିଛନ୍ତି। ସମ୍ବଲପୁର ଅଞ୍ଚଳର ଏକମାତ୍ର କବି ଗଙ୍ଗାଧରଙ୍କ ଆର୍ଥିକ ଅସ୍ୱଚ୍ଛଳତା ପାଇଁ ସେ ଦୁଃଖ ପ୍ରକାଶ କରିଛନ୍ତି ଏବଂ ମହତ ଲୋକଙ୍କୁ ସାରସ୍ୱତ ପୃଷ୍ଠପୋଷକତା ଯୋଗାଇବା ପାଇଁ ଅନୁରୋଧ କରିଛନ୍ତି।

ସାହିତ୍ୟ ସୁନ୍ଦରୀ ଦେଶର ଉନ୍ନତିରେ ସାରସ୍ୱତ ଚିନ୍ତନକୁ ଗୁରୁତ୍ୱ ଦେଇଛି। ସଂସ୍କୃତ, ଇଂରାଜୀ ଓ ବିଭିନ୍ନ ପ୍ରାଦେଶିକ ଭାଷା–ସାହିତ୍ୟ ଅଧ୍ୟବସାୟ ଯୋଗୁ ଉନ୍ନତିଲାଭ କରିଥିବା କବି ସ୍ୱୀକାର କରନ୍ତି। କବିତାର ଆବଶ୍ୟକସ୍ଥଳେ ପାଦଟୀକା ଦେଇ ନିଜର ବକ୍ତବ୍ୟକୁ ପ୍ରାମାଣିକଭାବେ ଉପସ୍ଥାପନ କରିଛନ୍ତି। ଊନବିଂଶ ଶତାବ୍ଦୀରେ ଓଡ଼ିଆ ଭାଷା ସାହିତ୍ୟ ନୂତନ ଦିଗନ୍ତର ଅନ୍ୱେଷଣ ପୃଷ୍ଠପୀଠିକାରେ 'ସାହିତ୍ୟ ସୁନ୍ଦରୀ' ଏକ ଚିନ୍ତାମୂଳକ କାବ୍ୟ।

୬୭, ସରସ୍ୱତୀ କୁଞ୍ଜ, ଜାଗମରା
ଖଣ୍ଡଗିରି, ଭୁବନେଶ୍ୱର–୩୦
ମୋ: ୯୪୩୭୨୫୬୧୭୬

## କ ବି ତା

### କେମିତି ଲେଖିହୁଏ ପ୍ରେମ

ତେଜସ୍ୱିନୀ ପଣ୍ଡା

କେମିତି ଲେଖିହୁଏ ପ୍ରେମ?
ଆଶ୍ୱିନର କାଶତଣ୍ଡୀରେ ନା
ପୁରୁଣା ଡାଇରୀ ପୃଷ୍ଠାରେ!
ପ୍ରେମ ଆସେ ରୂପସୀ
ନାରୀର ଖିଆଲି ସ୍ୱପ୍ନରେ
ପ୍ରେମ ଆସେ ସଦ୍ୟଜନ୍ମ ବଉଳର
ମହମହ ବାସ୍ନାରେ।

କେମିତି ଲେଖିହୁଏ ପ୍ରେମ?
ବନ୍ଦୀ ନାୟକର ବିରହ
ଯାତ୍ରାରେ ଲେଖିହୁଏ ପ୍ରେମ
ନବବିବାହିତା ଝିଅର ସିନ୍ଥିରେ।
ଲେଖିବା ପୂର୍ବରୁ ସନ୍ଧି
କରେ ପ୍ରେମ ରକ୍ତ ଓ ମାଟି ସହ
କାଳେ ନୀରବରେ
ଘଟିବ ଶୀତଳଯୁଦ୍ଧ
ଆଉ ଆହତ ହେବ ପ୍ରେମ!

ଲେଖିବା ପରବର୍ତ୍ତୀ ଯନ୍ତ୍ରଣା
ଅସନ୍ତୁଷ୍ଟ କାଳ ମଧ୍ୟରେ
ଘୋଟିବା ଭଳି ଲାଗେ...
ପ୍ରେମର ରକ୍ତ ଶରୀରର
ଶିରା ପ୍ରଶିରାରେ ଅତୀତ,
ବର୍ତ୍ତମାନ, ଭବିଷ୍ୟତର ମାୟାରେ
ଚଳଚଞ୍ଚଳ ହୁଏ...।

କେମିତି ଲେଖିହୁଏ ପ୍ରେମ?
ଗାଁ ନଈପଠାରେ ନା
ଗାଉଁଲି ଝିଅର ହାତବୁଣା
ଫ୍ରକ୍‌ରେ....!

ମୋ:୯୬୯୨୩୬୧୪୦୪

### କେଜାଣି କାହା ଅପେକ୍ଷାରେ

ରମାକାନ୍ତ ଦାସ

କେଜାଣି କାହା ଅପେକ୍ଷାରେ
ମୋ' ମନ ସାଉଁଟେ
ଅସଜଡ଼ା ସ୍ମୃତିସବୁକୁ
ଖୋଲା ଆକାଶର
ଅଝଟ ଲହରିସବୁକୁ
କଳ୍ପନାରେ ଆସୁଥିବା
ଅଜଣା ସ୍ୱପ୍ନସବୁ
ଦିଶୁଥାଏ ପୂର୍ଣ୍ଣିମାର ଚାନ୍ଦପରି।

ମୋ' ଅନୁଭବର ଉଷ୍ମ ବେଳାଭୂମିରେ
ଖୋଜୁଥାଏ ମୁଁ
ଲିଭିଯାଇଥିବା ସେଇ
ଅଭୁଲା ପାଦଚିହ୍ନଗୁଡ଼ା
କ୍ଷଣକ୍ଷଣ ଆଶାର ଆଡୁଆଳରେ
ମୋ' ଅପେକ୍ଷାର ଫର୍ଦ୍ଦଫର୍ଦ୍ଦ କାଗଜରେ
ମୁଁ ଲେଖେ ମୋ' ମନର ବ୍ୟଥା ସବୁକୁ
ଅପେକ୍ଷାର ନିରବ ରାତିରେ
ପ୍ରତିଟି ମୁହୂର୍ତ୍ତ
ପ୍ରତିଟି ଯୁଗପରି ଅନୁଭବ ହୁଏ
ଅସ୍ଥିର ହୋଇଉଠେ
ମୋ' ଭାବନାର ସମୁଦ୍ର
ମୋ' ଛଳଛଳ ଆଖି
ମୋ' କୋହପୂର୍ଣ୍ଣ ହୃଦୟ
ମୋ' ପାଗଳପଣ
ମୋ' ଅସ୍ଥିର ମନ
କେଜାଣି ରୁହେ କାହା ଅପେକ୍ଷାରେ।

ମୋ: ୯୬୬୮୮୧୫୩୬୯

ଗୀତି–କବିତା

### ଗାଁ: ପିଲାଦିନ

ଧନଞ୍ଜୟ ସ୍ୱାଇଁ

ସଞ୍ଜ ନଇଁଲେ ଗାଁଟି ମୋର
ଅନ୍ଧାରେ ପଛେ ବୁଡୁ
ତାରାଫୁଲଙ୍କ ଉହାଡୁ ଜହ୍ନ
ମୁହଁଟି ତା'ର କାଢୁ...।୦।

ବିଲହୁଡ଼ାର କଣ୍ଟାରେ ପଛେ
ପାଦ ଦୁଇ ମୋ' ଚିରୁ
କ୍ଷୀରତୋଳା ଧାନବିଲକୁ
ଦେଖି ସେ ମନଭରି ନାଚ କରୁ
ସଞ୍ଜଗଡ଼ାରୁ ଶଙ୍ଖୋଳି ନେଉ
ଗାଁଟି ମତେ ଦୂରୁ
ଅନ୍ଧାରେ ପଛେ ବୁଡୁ...।୧।

ବଇଶାଖର ଏ ଉହକ ଖରା
ନିଆଁହୁଳା ପଛେ ଢାଳୁ
ମେଘର ପାହାଚେ ଆକାଶ ଆସି
ମାଟିକୁ ସରାଗ କରୁ
ନୂଆ ପାଣି ପାଇ ଗାଁ ନଈ ମୋର
ଗୀତ ଗାଇ ଗାଇ ଫୁଲୁ
ଅନ୍ଧାରେ ପଛେ ବୁଡୁ...।୨।

ମାଞ୍ଜାଦିଆ ମୋ' ନଟେଇ ସୂତା
ଛିଡ଼ିଗଲେ ପଛେ ଛିଡୁ
ଦେହ ଉଲସିଆ ପବନ ବହୁ
ନଇ ଅତଡ଼ା ଦାଡୁ
ଅଝଟିଆ ପିଲାଦିନ ମୋର ଫେରୁ
ସେଇ କଥା ଭାଳୁ ଭାଳୁ
ଅନ୍ଧାରେ ପଛେ ବୁଡୁ...।୩।

ମୋ: ୯୪୩୭୦୦୦୬୩୬

## ପୁସ୍ତକ ପରିଚୟ

### ଏକବିଂଶ ଶତାବ୍ଦୀ ଓ ଅନ୍ୟାନ୍ୟ କବିତା




**ଲେଖକ:** ରମେଶ ଚନ୍ଦ୍ର ପଣ୍ଡା
**ପ୍ରକାଶକ:** ବନଫୁଲ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩,
**ମୂଲ୍ୟ:** ଟ. ୨୫୦/–

ଆଲୋଚ୍ୟ କବିତାଗ୍ରନ୍ଥର ପ୍ରଥମଟି 'ଏକବିଂଶ ଶତାବ୍ଦୀ', ଯାହାକୁ କବି 'ଆଧୁନିକ କାବ୍ୟ' ବୋଲି କହିଛନ୍ତି। ଅନ୍ୟ ୧୩ଟି କବିତାକୁ 'ବ୍ୟଙ୍ଗ କବିତା' ଭାବେ ଚିହ୍ନିତ କରିଛନ୍ତି। 'ମୋ କଥା'ରେ ଲେଖିଛନ୍ତି– ''ସମାଜର ଉପରୁ ତଳଯାଏ ଉତ୍କଟ, ଜଘନ୍ୟ, ପୈଶାଚିକ ନୈତିକ ଅଧଃପତନ ମତେ ଦାରୁଣ ଦୁଃଖ ଦେଇଛି। ସେହି ଦୁଃଖର ଅଭିବ୍ୟକ୍ତି ହେଉଛି ଏ କବିତା ସଂକଳନ।'' ମୁଖବନ୍ଧରେ ଅଧ୍ୟାପକ ସୁରେଶ ଚନ୍ଦ୍ର ବାରିକ ଲେଖିଛନ୍ତି: ''ଏଲିୟଟ୍‌ଙ୍କ କବିତାର ସୌନ୍ଦର୍ଯ୍ୟ, ଏଜରା ପାଉଣ୍ଡଙ୍କ କବିତାର ଗାମ୍ଭୀର୍ଯ୍ୟ ଓ କଳାତ୍ମକ ବିଭବ ମୁଁ ସ୍ୱଷ୍ଟରୂପେ ଶ୍ରୀ ପଣ୍ଡାଙ୍କ କବିତାରେ ଦେଖିପାରୁଛି।'' ଏସବୁ ମତାମତ କବିତାଗୁଡ଼ିକର ସ୍ୱୀକୃତି ସତ, କିନ୍ତୁ ଏହା ବାହାରକୁ ଯାଇ ପାଠକମାନେ ନିଜ ବାଗରେ ବହିଟିର ପଠନ ଓ ମନନ କରିପାରିବେ। 'ଏକବିଂଶ ଶତାବ୍ଦୀ'ରୁ ଏଇ ଉଦ୍ଧୃତିକୁ ଲକ୍ଷ୍ୟ କରନ୍ତୁ: ''ତମେ କେବେ? ନାଇଟ୍ କ୍ଲବ୍‌କୁ ଯାଇନା?/ ତମେ କେବେ? ଷ୍ଟାର୍ ହୋଟେଲରେ ଖାଇନା?/ ତମେ କେବେ? ବେଶ୍ୟାଳୟ ଯାଇନା?/ ତମେ କେବେ? କଲଗାର୍ଲକୁ ଏନ୍‌ଜୟ କରିନା?/ ତମେ କେବେ? ନିଜେ ଟଙ୍କା ଦେଇ,/ ନିଜ ଗପ ଛାପିନା? ତମେ କେବେ? ମୋଟା ଚାନ୍ଦା ଦେଇ,/ ମୁଖ୍ୟ ଅତିଥି ହୋଇନା ତ?/ ବାସ୍! କୋଶଳ ରାଜ୍ୟରେ,/ ତମ କାମ ସରିଗଲା!!/ ତମେ, ଗୋଟେ ମଫୁ!!/ ତମେ ଗୋଟେ ଢେଙ୍କୁ!!/ ତମେ, ଗୋଟେ ଗଧ!!/ ତମେ ନିଶ୍ଚେ, ଗୋଟିଏ ବେକୁବ୍!!'' (ପୃ: ୩୫)। କବିତାରେ ଶ୍ରୀ ପଣ୍ଡାଙ୍କ ସ୍ୱର ବିଦ୍ରୂପାତ୍ମକ ଓ ରୋକ୍‌ଠୋକ୍। ଏହି କାରଣରୁ ବହିଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା।

### ଶବ୍ଦ ସହ ଏକାନ୍ତରେ




**କବି:** ଡା. ମନୋରଞ୍ଜନ ଦାଶ
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର–୧
**ପ୍ରଥମ ପ୍ରକାଶ:** ୨୦୨୩,
**ମୂଲ୍ୟ:** ଟ. ୧୫୫/–

ମୋଟ ୫୧ଟି କବିତା ଆଲୋଚ୍ୟ ସଂକଳନରେ ସ୍ଥାନିତ ଓ ଅଧିକାଂଶ କବିତାରେ ସାମ୍ପ୍ରତିକ ସମାଜ ଓ ଜୀବନର ଚାକ୍ଷୁଷ ଚିତ୍ର ରୂପାୟିତ। ପ୍ରଚ୍ଛଦଲେଖରେ କୁହାଯାଇଛି: ''ସମକାଳୀନ ମଣିଷର ସଂଘାତ, ଶଙ୍କା, ଦ୍ୱନ୍ଦ୍ୱ, ଦହନ ଆଉ ଦାହର ଚିତ୍ର ତାଙ୍କ କବିତାର ପ୍ରତିଟି ଧାଡ଼ିରେ ବାରିହୁଏ।'' ଏଥର ଆସିବା କବିଙ୍କ କବିତାକୁ, ଗୋଟିଏ ଯୋଡ଼ିଏ ଉଦ୍ଧୃତି ନେବା– ୧. ''ଶ୍ୟାମଘନ ବସିଥିଲା ମନ ଦୁଃଖରେ!/ ପଚାରିଲି ମୁଁ! କିରେ ଦୁଃଖ କ'ଣ?/ ସିଏ କହିଲା– ମୋ ମାଟିଘର ଭାଙ୍ଗିଗଲା, ଷଠୀଘର ଆଉ ନାହିଁ।/ ମାଟି ଗୋବରରେ ବୋଉର ଘର ଲିପିବାରେ/ ଯେଉଁ ବାସ୍ନା ହଜିଗଲା...।'' ('ମାଟିଘର'– ପୃ: ୩୫)। ୨. ''ପୃଥିବୀର ମାନଚିତ୍ରରେ ଏକ ନିଆରା ସ୍କେଚ୍‌ଟିଏ.../ ଗଭାରେ ଖୋସିଚି ସିଏ ହେନ୍ତାଳ ବୃକ୍ଷ/ ତା' କୋଳରେ ଝୁଲାଉଚି ହରିଣ ଓ କୁମ୍ଭୀରଙ୍କୁ...'' ('ଭିତରକନିକା'– ପୃ: ୪୩)। ପରିବାର ଓ ପରିବେଶ ମନୋରଞ୍ଜନଙ୍କ କବିତାରେ ନିରହଂକାର ରୂପ ନେଇଥାଏ। କୌଣସି ଜଟିଳ ପ୍ରୟୋଗ ଦ୍ୱାରା କବିତାକୁ ଅଯଥା ଭାରାକ୍ରାନ୍ତ ନ କରି ସେ ନିଜର ଅନୁଭୂତିକୁ ବଖାଣିଯା'ନ୍ତି, ଯାହାକୁ ଯେକୌଣସି ପାଠକ ପଢ଼ିଲେ ବି ଅବବୋଧ ପାଇଁ କମ୍ କଷ୍ଟ ସ୍ୱୀକାର କରିବାକୁ ପଡ଼େ। ଆଶା, ବହିଟିର କବିତାଗୁଡ଼ିକ ପାଠକଙ୍କ ରସବୋଧରେ ସହାୟକ ହେବ।

## ଅନୁର୍ବର ଜମିରେ ଫୁଲ

ମୂଳ ହିନ୍ଦୀ– ସନ୍ତୋଷ ସୁପେକରନେ
ଅନୁବାଦ– ମନୋଜ କୁମାର ବେହେରା

ଅନୁବାଦ ଗଳ୍ପ

ଅବ୍ୟବସ୍ଥା ଭିତରେ ମଧ୍ୟ ବ୍ୟକ୍ତିଗତ ବ୍ୟବସ୍ଥାର ଅବକାଶ ରହି..ହିଁ..ଥାଏ।

ସକାଳୁ–ସକାଳୁ ପ୍ରାୟ ଶୁନ୍‌ଶାନ୍ ରାସ୍ତାରେ ଦ୍ରୁତ ଗତିରେ ମୋଟରସାଇକେଲ୍ ଚଲାଉଥିବା ବିବେକ ହଠାତ୍ ସେହି ଉଠିଥିବା କିନ୍ତୁ ଚଉଡ଼ା ଗାତରେ ପଡ଼ିଗଲା।

ରାସ୍ତାରେ ମାଟି ଆଉ ବାଲି ଖେଳେଇ ହୋଇଥିବା ଯୋଗୁଁ ତଥା ଅସମତଳ ପୃଷ୍ଠଭାଗ ଯୋଗୁଁ ଗାଡ଼ି ଚଳେଇଲା ବେଳେ ବିଗିଡ଼ିଗଲା ତା'ର ସନ୍ତୁଳନ। ବାଇକ୍ ଗୋଟିଏ ପଟେ ପଡ଼ିଲା ଆଉ ସେ ନିଜେ ଯାଇ ପଡ଼ିଲା ଆରପଟେ। ବାମ ପାପୁଲି, ଦୁଇ ଗୋଡ଼, ଦୁଇ କହୁଣି ସହିତ ଚେହେରା ମଧ୍ୟ ରାମ୍ପୁଡ଼ି ହେଇଯାଇଥିଲା। ସେ ଯନ୍ତ୍ରଣାରେ ଚିତ୍କାର କରି ଉଠିଲା। ପାଖରେ ଯାଉଥିବା ଦୁଇ ଜଣ ପିଲା ଦଉଡ଼ି ଆସି ତାକୁ ଆଉ ତା' ବାଇକ୍‌କୁ ଉଠେଇଲେ। ଜଣେ ବୟସ୍କା ମହିଳା ସାହାରା ଦେଇ ତାକୁ ଉଠେଇଲେ, ସାମ୍ନାରେ ଥିବା ଘର ବାହାରେ ବସେଇଲେ, ଭିତରୁ ଫାଷ୍ଟଏଡ୍ ବକ୍ସ ନେଇ ଆସିଲେ ଆଉ ବହୁତ ଧୈର୍ଯ୍ୟର ସହିତ ତା'ର କ୍ଷତରେ ମଲମ ଲଗେଇ ପଟି ବାନ୍ଧିବାକୁ ଲାଗିଲେ।

ବିବେକ ଆଶ୍ଚର୍ଯ୍ୟ ଚକିତ ହୋଇ ଏହି ଅନପେକ୍ଷିତ ତାଙ୍କୁ ଦେଖୁଥିଲା। ତା'ର ଦୃଷ୍ଟି ସହସା ଫାଷ୍ଟଏଡ୍ ବକ୍ସ ଉପରେ ପଡ଼ିଲା। ସେଥିରେ ଥିଲା କାଠର କିଛି ପଟି, ବୈଣ୍ଡଏଡ୍, ଏଣ୍ଟିସେପ୍ଟିକ କ୍ରିମ୍, ପେନ୍‌କିଲ୍‌ର ବଟିକା ଆଉ ତା' ସହିତ ଅନେକ କିଛି। ଆଣ୍ଟି ଆପଣ କ'ଣ ଡାକ୍ତର? ଆଶ୍ଚର୍ଯ୍ୟରେ ବାହାରିଗଲା ତା' ମୁହଁରୁ।

ଆରେ ନା' ପୁଅ, ମହିଳା ହସି ଦେଇ କହିଲେ, ମୁଁ ତ ନର୍ସ ମଧ୍ୟ ନୁହେଁ। ରିଟାୟାର୍ଡ ଟିଚରଟିଏ ମୁଁ। ଏମିତି ଘର ବାହାରେ ପ୍ରାୟ ବସିଥାଏ। ରାସ୍ତାରେ ଯେବେଠୁ ଗାତ ହେଇଛି ସେବେଠୁ ତୁମ ଭଳି କେହି ନା' କେହି ପଡୁଛନ୍ତି ଏଠି। ଅଫିସରଙ୍କ ପାଖରେ ଅନେକ ଥର ଅଭିଯୋଗ କରି ସାରିଲିଣି, ହେଲେ ଏ ପର୍ଯ୍ୟନ୍ତ ସ୍ଥିତିରେ କିଛି ସୁଧାର ହେଇ ନାହିଁ। କଲୋନୀର ଲୋକମାନେ ଅସ୍ଥାୟୀ ରୂପେ ଗାତକୁ ଭରି ଦିଅନ୍ତି କିଛିଦିନ ପରେ ସ୍ଥିତି ବିଲ୍‌କୁଲ୍ ପୂର୍ବ ଭଳି ହେଇଥାଏ। ତେଣୁ ମୁଁ ଭାବିଲି ଫାଷ୍ଟଏଡ୍ ବକ୍ସ ନେଇ ଆସିବି ଆଉ ଆହତଙ୍କୁ ଡାକ୍ତରଙ୍କ ପାଖରେ ପହଞ୍ଚେଇଲା ଭଳି ଯେତିକି ସମ୍ଭବ ସେତିକି ଚିକିତ୍ସା କରିଦେବି। ଜଣା ନାହିଁ ଗାତ କେବେ ଭରିବ?



ଆହତ ହେବା ସତ୍ତ୍ୱେ ହସି ଦେଲା ବିବେକ, ତାକୁ ଲାଗିଲା ଅବ୍ୟବସ୍ଥାର ବିଶାଳ ଅନୁର୍ବର ଭୂମିରେ ଫୁଲଟିଏ ଫୁଟିଛି, ବ୍ୟବସ୍ଥାର।

ମୋ: ୭୯୭୮୮୩୦୬୧୧

## କାଳକାଳକୁ

''କବିର କାମ ଅନାମକୁ ନାମଦେବା, ଠକଙ୍କୁ ଚିହ୍ନେଇବା, ପକ୍ଷ ନେଇ, ତର୍କ କରି ପୃଥିବୀକୁ ସଜାଡ଼ିବା ଓ ନିଦେଇ ନ ଦବା।''

– ସଲମାନ୍ ରୁଶ୍‌ଦି



**ସଲ୍‌ମାନ୍ ରୁଶ୍‌ଦିଙ୍କ** ଜନ୍ମ ୧୯ ଜୁନ୍ ୧୯୪୭ରେ, ମୁମ୍ବାଇରେ। ଭାରତ ଜନ୍ମିତ ବ୍ରିଟିଶ୍–ଆମେରିକୀୟ ଏହି ଔପନ୍ୟାସିକଙ୍କର ପ୍ରସିଦ୍ଧ କୃତି ମଧ୍ୟରେ 'ମିଡ୍‌ନାଇଟ୍‌ସ ଚିଲ୍‌ଡ୍ରେନ୍'(୧୯୮୧), 'ଦ ସାଟାନିକ୍ ଭର୍ସେସ'(୧୯୮୮) ଓ 'ସାଲିମାର୍ ଦ କ୍ଲାଉନ୍'(୨୦୦୫) ଆଦି ଅନ୍ତର୍ଭୁକ୍ତ। 'ମିଡ୍‌ନାଇଟ୍‌ସ ଚିଲ୍‌ଡ୍ରେନ୍' ପାଇଁ ୧୯୮୧ରେ ତାଙ୍କୁ ମିଳିଛି ବୁକର୍ ପ୍ରାଇଜ୍। କୁହୁକ ବାସ୍ତବବାଦ, ବ୍ୟଙ୍ଗ ଓ ଉତ୍ତର–ଉପନିବେଶବାଦର ସେ ଉଲ୍ଲେଖନୀୟ ପ୍ରବକ୍ତା। ସେ କହନ୍ତି: ''ସ୍ମୃତି ହିଁ ବଡେଇଦବାର ଏକ ତରିକା, ତମ ପାଇଁ କ'ଣ ଗୁରୁତ୍ୱପୂର୍ଣ୍ଣ।''

## ଅପତ୍ୟ ସ୍ନେହ

କ୍ଷୁଦ୍ରଗଳ୍ପ

ଶ୍ରୀମତୀ ରାଧାରାଣୀ ତ୍ରିପାଠୀ

'ଡାକ୍ତରବାବୁ, ମୋ' ପୁଅକୁ ବଞ୍ଚାନ୍ତୁ ଡାକ୍ତରବାବୁ। ପ୍ଲିଜ୍ ଡକ୍ଟର୍, ମୋ ପୁଅକୁ ବଞ୍ଚାନ୍ତୁ।' ଅତିଶୟ ଅଥୟ ହୋଇ କହୁଥାଆନ୍ତି ଇଂ ସୌମିତ୍ର ମହାକୁର। କାନ୍ଧରେ ସଂଜ୍ଞାହୀନ ସାତବର୍ଷର ପୁଅ ବିଶିକେଶନ। ଦୁଇ ପ୍ରାଣୀଙ୍କ ନୟନପିତୁଳା। ବଞ୍ଚିବାର ସ୍ପୃହା। ମା'ବାପା ଦୁହିଙ୍କ ନିଃଶ୍ୱାସ। ''ଆଜି ଠିକ୍ ଦି'ଟା ବେଳକୁ କାହିଁକି ଯେ ସ୍କୁଲ୍‌ରେ ବେହୋସ୍ ହୋଇଗଲା ସେ। ଫୋନ୍‌କଲ୍ ପାଇ ତା' ମା' ଯାଇ ନେଇଆସିଲା। ମୁଁ ସବୁ କାମ ଛାଡ଼ି ସାଇଟ୍‌ରୁ ଧାଇଁଆସିଛି। ତା'ର କ'ଣ ହୋଇଛି ସାର୍? ମୋ ବିଶିର କାହିଁକି ଏମିତି ହେଲା ସାର୍? ପ୍ଲିଜ୍ ସାର୍, କୁହନ୍ତୁ ସାର୍।''

'ବ୍ୟସ୍ତ ହୁଅନ୍ତୁନି। ଡୋଣ୍ଟ ବି ପେନିକ୍। ଆଗ ତାକୁ ଚେକ୍‌ଅପ୍ କରିବାକୁ ଦିଅନ୍ତୁ। ପ୍ଲିଜ୍।' ସୌମିତ୍ରବାବୁଙ୍କ କାନ୍ଧରେ ହାତ ରଖି କହିଲେ ଡାକ୍ତରବାବୁ।

ଅଚେତ ବିଶିକୁ ଷ୍ଟ୍ରେଚର୍‌ରେ ନେଇଗଲେ କେଉଁ ଏକ ଏକ୍‌ଜାମିନ୍ ରୁମ୍‌କୁ। ବଡ଼ ଆଶା ଆଉ ବିଶ୍ୱାସରେ ଡାକ୍ତରଙ୍କ ବାଟ ଦେଖୁଥାଆନ୍ତି ମା' ବାପା। କ୍ଷଣକ ଭିତରେ ଡାକି ପକାଉଥାଆନ୍ତି ତେତ୍ରିଶ କୋଟି ଦେବତାଙ୍କୁ। ମାତ୍ର ଅଧାଘଣ୍ଟା ପରେ ଷ୍ଟ୍ରେଚର୍ ସହିତ ଫେରିଆସିଲେ ଡାକ୍ତର। ସତ୍ୱରିକ ଦଉଡ଼ିଗଲେ ସେ ପାଖକୁ। ଷ୍ଟ୍ରେଚର ଉପରେ ପୁଅର ପ୍ରାଣହୀନ ଶରୀର। ଗୋଡ଼ରୁ ମୁଣ୍ଡଯାଏ ଘୋଡ଼ା ହୋଇଥିବା ଧଳା ଚାଦରକୁ ଦେଖୁଦେଖୁ ବେହୋସ ହୋଇଗଲେ ମାଆ କବିତା। ପଡ଼ି ଯାଉଯାଉ ସୌମିତ୍ରବାବୁଙ୍କୁ ଧରି ପକାଇଲେ ଡାକ୍ତର। ତାଙ୍କ ହାତକୁ ମୁଠେଇ ଧରି କହିଲେ, 'ଆଇ ଆମ୍ ସରି। ହି ଇଜ୍ ନୋ ମୋର୍।' ଏଇ ଡେଙ୍ଗୁ ରୋଗଟା ଇ ଏମିତି ସୌମିତ୍ରବାବୁ। ମୁଁ ମୋର ସାଧ୍ୟମତେ ଚେଷ୍ଟାକଲି। କିନ୍ତୁ ବ୍ୟାଡ୍‌ଲକ୍। ମୁଁ ସଫଳ ହୋଇପାରିଲିନି। ହାଭ୍ ପେସେନ୍ସ ସାର୍, ହାଭ୍ ପେସେନ୍ସ।' ସୌମିତ୍ରବାବୁଙ୍କ କାନରେ ଯେମିତି ଡାକ୍ତର ଗରମ ଗରମ ସିସା ଢାଳି ଦେଇଗଲେ। କୌଣସିମତେ ନିଜକୁ ତଥା କବିତାକୁ ସମ୍ଭାଳିନେଲେ ସେ।

ବାଟରେ ପୁଅର ଅନ୍ତ୍ୟେଷ୍ଟିକ୍ରିୟା ସାରି ଶୂନ୍ୟହାତରେ ଘରକୁ ଫେରିଆସିଲେ ମା'ବାପା। ଆପାର୍ଟମେଣ୍ଟରେ ସମବେଦନାର ଭିଡ଼ ଜମିଗଲା। ପାଖାପାଖି ରାତି ଦଶଟା ପରେ ସବୁ ଶୁନ୍‌ଶାନ୍। ସମଗ୍ର ଆପାର୍ଟମେଣ୍ଟ ନିଦ୍ରାଭିଭୂତ। ସେଭେନ୍‌ଥ ଫ୍ଲୋର୍‌ରେ କ'ଣ ହାଲଚାଲ୍ ହେଉଛି କାହାରି ନିଘା ନାହିଁ। ଠିକ୍ ରାତି ଗୋଟାଏ ପଇଁଚାଳିଶ ହେବ। ସ୍ୱାମୀ ସ୍ତ୍ରୀ ଦି' ଜଣ ହାତ ଧରାଧରି ହୋଇ ଚାଲିଆସିଲେ ବାଲ୍‌କୋନିକୁ। ଆକାଶକୁ ଏକଲୟରେ ଚାହିଁଥାଆନ୍ତି କବିତା। ହଠାତ୍ ଉତ୍‌ଫୁଲ୍ଲିତ ହୋଇ ଏକ ପ୍ରକାର ଚିଲେଇ ପକାଇଲେ। ତା'ପରେ ଆବେଗରେ ସୌମିତ୍ରଙ୍କ ହାତକୁ ଜାବୁଡ଼ି ଧରି କହିଲେ, 'ଏଇ! ଦେଖିଲ, ଦେଖିଲ... ଆକାଶର ସେଇ କୋଣକୁ ଦେଖିଲ।' ଚାହିଁଲେ ସୌମିତ୍ର। କହିଲେ, 'ଆରେ ଏଡ଼େ ବେଗି ପୁଅ ଆମର ଯାଇ ସେଇଠି ଖେଳିଲାଣି।'

'ଚାଲ ଆମେ ତା' ପାଖକୁ ଯିବା।' ଏକରକମ ନେହୁରା ହୋଇ କହିଲେ କବିତା।

'ଠିକ୍ ଅଛି ମୋ' ହାତକୁ ଜୋର୍‌ରେ ଧର। ମୁଁ ଏକ୍ ଦୋ ତିନ୍ କହିଲେ ଦୁହେଁ ଏକା ସଙ୍ଗେ ଜମ୍ପ୍ କରିବା। ହେଲା। ତା'ପରେ ତ ପୁଅ ପାଖରେ'– କହିଲେ ସୌମିତ୍ର। ଦୁହେଁ ପରସ୍ପରକୁ ଚାହିଁ ବହେ ମୁରୁକି ମୁରୁକି ହସିଲେ ମନଭରି। ତା'ପରେ ବାଲ୍‌କୋନି ରେଲିଂ ଉପରେ ଯାଇ ଠିଆହେଲେ।

ପରଦିନ ସକାଳ। ଆପାର୍ଟମେଣ୍ଟ ପରିସରରେ ପଡ଼ିଥିଲା ରକ୍ତ ଜୁଡୁବୁଡୁ ଦୁଇଟି ନିର୍ଜୀବ ଶରୀର; ଇଂ ସୌମିତ୍ର ମହାକୁର ଆଉ ତାଙ୍କ ପତ୍ନୀ କବିତାଙ୍କର। ରହି ରହି ଦୂରରୁ ଭାସି ଆସୁଥିଲା ଚାଣକ୍ୟ ଶ୍ଳୋକର ସେଇ ମନଲୋଭା ପଦଟି 'ନା ଚାପତ୍ୟ ସମ ସୁଖ'।

ମୋ: ୮୨୪୯୮୦୭୨୬୭



## ସଂକ୍ଷେପରେ

### ଏନ୍‌କାଉଣ୍ଟରରେ ୫ ଆତଙ୍କବାଦୀ ନିହତ

**ଶ୍ରୀନଗର, ୧୬।୬:** ଜମ୍ମୁ-କଶ୍ମୀରର କୁପୱାଡ଼ା ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା ନିକଟରେ ଶୁକ୍ରବାର ସୁରକ୍ଷା ବଳ ସହ ଗୁଳି ବିନିମୟ ବେଳେ ୫ ଆତଙ୍କବାଦୀ ନିହତ ହୋଇଛନ୍ତି। ଜୁମାଗୁଣ୍ଡ ଅଞ୍ଚଳରେ ଆତଙ୍କବାଦୀ ଲୁଚିରହିଥିବାର ନିର୍ଦ୍ଦିଷ୍ଟ ସୂଚନା ପାଇ ଶୁକ୍ରବାର ଭୋର ସମୟରେ ସୁରକ୍ଷା ବଳ ଉକ୍ତ ଅଞ୍ଚଳକୁ ଘେରିଯାଇ ଅଭିଯାନ ଆରମ୍ଭ କରିଥିଲା। ଏହି ଏନ୍‌କାଉଣ୍ଟରରେ ୫ ବିଦେଶୀ ଆତଙ୍କବାଦୀ ନିହତ ହୋଇଥିବା ଜମ୍ମୁ-କଶ୍ମୀରର ଅତିରିକ୍ତ ପୋଲିସ ଡିଜି ବିଜୟ କୁମାର ଟୁଇଟ୍ କରିଛନ୍ତି।

### ସିକିମରେ ବନ୍ୟା: ୩,୦୦୦ ପର୍ଯ୍ୟଟକ ଫସିଛନ୍ତି

**ଗାଙ୍ଗଟକ୍, ୧୬।୬:** ପ୍ରବଳ ବର୍ଷା ଯୋଗୁ ଉତ୍ତର ସିକିମ୍‌ରେ ପ୍ରଳୟଙ୍କରୀ ବନ୍ୟା ଆସିଛି। ପେଗୋଙ୍ଗ ସର୍ବାଧିକ ପ୍ରଭାବିତ ହୋଇଥିବାବେଳେ ୧୦ ନମ୍ବର ଜାତୀୟ ରାଜପଥ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଫଳରେ ୩,୦୦୦ ପର୍ଯ୍ୟଟକ ରାଜପଥର ବିଭିନ୍ନ ସ୍ଥାନରେ ଅଟକି ରହିଛନ୍ତି। ଲଗାଣ ବର୍ଷା ଯୋଗୁ କେତେକ ସ୍ଥାନରେ ଭୂସ୍ଖଳନ ଘଟିଛି। ଲାଚୁଙ୍ଗ ଏବଂ ଲାଚେନ୍ ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ଫସିରହିଥିବା ପର୍ଯ୍ୟଟକମାନଙ୍କୁ ଉଦ୍ଧାର କରିବା ଲାଗି ସରକାର ଉଦ୍ୟମ ଚଳାଇଛନ୍ତି। ପଶ୍ଚିମ ସିକିମ୍‌ର ରିମ୍ବି ନଦୀରେ ଜଣେ ୯୦ ବର୍ଷୀୟ ଗୋପାଳକ ଭାସିଯାଇଛନ୍ତି।

### ଗ୍ରୀନ୍‌କାର୍ଡ ଯୋଗ୍ୟତା କୋହଳ କଲେ ବାଇଡେନ୍



**ୱାଶିଂଟନ, ୧୬।୬:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତ ପୂର୍ବରୁ ଆମେରିକାରେ ରହିବା ଏବଂ କାର୍ଯ୍ୟ କରିବା ଉଦ୍ଦେଶ୍ୟରେ ଯେଉଁମାନେ ଗ୍ରୀନ୍ କାର୍ଡ ପାଇଁ ଦୀର୍ଘଦିନ ହେଲା ଅପେକ୍ଷା କରିଛନ୍ତି, ସେମାନଙ୍କ ପାଇଁ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପ୍ରଶାସନ ଯୋଗ୍ୟତା ମାନଦଣ୍ଡରେ କୋହଳ କରିଛନ୍ତି। ଏଥି ସକାଶେ ଆମେରିକା ସିଟିଜେନ୍‌ଶିପ୍ ଆଣ୍ଡ ଇମିଗ୍ରେଶନ ସର୍ଭିସେସ୍ ପକ୍ଷରୁ ନୀତି ମାର୍ଗଦର୍ଶନ ଜାରି କରାଯାଇଛି। ଏହା ଦ୍ୱାରା ଗ୍ରୀନ୍ କାର୍ଡ ବା ସ୍ଥାୟୀ ବସତି ପାଇଁ ଅପେକ୍ଷା କରିଥିବା ହଜାର ହଜାର ଭାରତୀୟ ପ୍ରଯୁକ୍ତି ପେସାଦାରମାନେ ଉପକୃତ ହେବେ ବୋଲି ଆଶା କରାଯାଉଛି। ମୋଦି ଜୁନ୍ ୨୧ରୁ ୨୪ ଆମେରିକା ଗସ୍ତରେ ଯାଉଛନ୍ତି। ତାଙ୍କ ସମ୍ମାନାର୍ଥେ ବାଇଡେନ୍ ଓ ଆମେରିକାର ପ୍ରଥମ ମହିଳା ଜିଲ୍ ୨୨ରେ ଷ୍ଟେଟ୍ ଡିନରର ଆୟୋଜନ କରିଛନ୍ତି। ସେହିଦିନ ମୋଦି ଆମେରିକା କଂଗ୍ରେସର ମିଳିତ ଅଧିବେଶନକୁ ସମ୍ବୋଧିତ କରିବେ।

### ଶବବୁହା ଗାଡ଼ି ନ ମିଳିବାରୁ ମୃତ ନବଜାତକକୁ ବ୍ୟାଗ୍‌ରେ ନେଲେ ବାପା



**ଭୋପାଳ, ୧୬।୬:** ମଧ୍ୟପ୍ରଦେଶ ଜବଲପୁରରେ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ଡାକ୍ତରଖାନାରେ ଶବବୁହା ଗାଡ଼ି ନ ମିଳିବାରୁ ମୃତ ନବଜାତକକୁ ବ୍ୟାଗ୍‌ରେ ଭର୍ତ୍ତି କରି ବସ୍‌ରେ ନେବାକୁ ପଡ଼ିଥିଲା। ଡିଣ୍ଡୋରି ଜିଲା ସହଜପୁରିର ଜାମାନି ଜୁନ ୧୩ରେ ମାରାଭି ଜିଲା ହସ୍ପିଟାଲରେ ଏକ ସନ୍ତାନ ପ୍ରସବ କରିଥିଲେ। ନବଜାତକଟି ଶ୍ୱାସକ୍ରିୟାଜନିତ ସମସ୍ୟା ଦେଇ ଗତି କରୁଥିବାବେଳେ ଚିକିତ୍ସା ପାଇଁ ଡାକ୍ତର ତାଙ୍କୁ ଜବଲପୁର ଡାକ୍ତରଖାନା ପଠାଇ ଦେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ହିଁ ନବଜାତକଟିର ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି। ପରେ ମୃତ ନବଜାତକକୁ ନେବା ପାଇଁ ଡାକ୍ତରଖାନାରେ ଶବବୁହା ଗାଡ଼ି ମିଳି ନ ଥିଲା। ଅନ୍ୟ ଗାଡ଼ି ଭଡ଼ା କରି ଘରକୁ ଯିବା ଲାଗି ଅର୍ଥ ନ ଥିବାରୁ ବାପା ସୁନୀଲ ମୃତ ନବଜାତକକୁ ବ୍ୟାଗ୍‌ରେ ଭର୍ତ୍ତି କରି ବସ୍‌ରେ ଘରକୁ ଯାଇଥିଲେ। ତେବେ ସୁନୀଲଙ୍କ ଅନୁରୋଧକ୍ରମେ ନବଜାତକକୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଥିଲା। ସେ ସମୟରେ ନବଜାତକଟି ଜୀବିତ ଥିବା ଜବଲପୁର ମୁଖ୍ୟ ସ୍ୱାସ୍ଥ୍ୟ ଓ ଚିକିତ୍ସା ଅଧିକାରୀ ଡା. ସଞ୍ଜୟ ମିଶ୍ରା କହିଛନ୍ତି।

# ଅନ୍ଧାରରେ ହଜାରେ ଗାଁ



ଗୁଜରାଟ କଚ୍ଛ ଜିଲାରେ ବାତ୍ୟା 'ବିପର୍ଯ୍ୟୟ' ଭୂପୃଷ୍ଠ ଛୁଇଁବା ପରେ ଭୀଷଣ ଝଡ଼ ବର୍ଷା ଯୋଗୁ ବହୁ ଘର ଭାଙ୍ଗିଯାଇଛି।

**ଅହମଦାବାଦ/ଜୟପୁର, ୧୬।୬**

ଭୀଷଣ ସାମୁଦ୍ରିକ ବାତ୍ୟା 'ବିପର୍ଯ୍ୟୟ' ଗୁରୁବାର ଗୁଜରାଟରେ ସ୍ଥଳଭାଗ ଛୁଇଁବା ସହ ବ୍ୟାପକ କ୍ଷୟକ୍ଷତି କରିଛି। ସେଠାରେ ୨ ଜଣଙ୍କ ମୃତ୍ୟୁ ହେବା ସହ ୨୨ ଜଣ ଆହତ ହୋଇଛନ୍ତି। ଗଛ ପଡ଼ି ବହୁ ଗାଡ଼ି ଓ ଘର ଭାଙ୍ଗିଯାଇଛି। ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଥିବାରୁ ହଜାରେରୁ ଊର୍ଦ୍ଧ୍ୱ ଗାଁ ଅନ୍ଧକାରରେ ରହିଛି। ବିପର୍ଯ୍ୟୟ ଦୁର୍ବଳ ହୋଇ ଡିପ୍ ଡିପ୍ରେଶନରେ ପରିଣତ ହେବା ସହ ଶୁକ୍ରବାର ସନ୍ଧ୍ୟାରେ ରାଜସ୍ଥାନରେ ପ୍ରବେଶ କରିଛି।

ଗୁଜରାଟର ସୌରାଷ୍ଟ୍ର ଓ କଚ୍ଛ ଅଞ୍ଚଳରେ ବାତ୍ୟା ବ୍ୟାପକ କ୍ଷୟକ୍ଷତି ଘଟାଇଛି। ବିଭିନ୍ନ ସ୍ଥାନରେ ୫୨୪ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ିପଡ଼ିଛି। ଫଳରେ ୧,୦୦୦ ଗ୍ରାମକୁ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଯାଇଛି। ଭାବନଗର ଜିଲାରେ ଜଣେ ଛେଳି ଜଗୁଆଳି ଓ ତାଙ୍କ ପୁଅ ଛେଳିଙ୍କୁ ରକ୍ଷା କରିବାକୁ ଯାଇ ପ୍ରାଣ ହରାଇଛନ୍ତି। ବାତ୍ୟା ଗୁରୁବାର ସନ୍ଧ୍ୟାରେ ଜଖାଉ ବନ୍ଦର ନିକଟରେ ସ୍ଥଳଭାଗ ଛୁଇଁବା ବେଳେ ପବନର ବେଗ ୧୨୫ରୁ ୧୪୦ କିଲୋମିଟର ଥିଲା। ବିଳମ୍ବିତ ରାତିରେ ଏହାର ବେଗ ୧୦୦ କିଲୋମିଟରକୁ ହ୍ରାସ ପାଇଥିଲା। ଏବେ ଏହା ଡିପ୍ ଡିପ୍ରେଶନର ରୂପ ନେଇଥିବାରୁ ରାଜସ୍ଥାନରେ ଦୁଇଦିନ ପ୍ରବଳ ବର୍ଷିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

### ବିପର୍ଯ୍ୟୟ ରାଜସ୍ଥାନମୁହାଁ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟେଲିଫୋନ୍ ଯୋଗେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ସହ କଥା ହୋଇ ବାତ୍ୟା କ୍ଷୟକ୍ଷତି ସମ୍ପର୍କରେ ପଚାରି ବୁଝିଥିଲେ। ଗିର୍ ଜଙ୍ଗଲର ସିଂହ ସମେତ ବନ୍ୟପ୍ରାଣୀଗୁଡ଼ିକର ସୁରକ୍ଷା ପାଇଁ କ'ଣ ପଦକ୍ଷେପ ନିଆଯାଇଛି, ମୋଦି ଜାଣିବାକୁ ଚାହିଁଥିଲେ। ଉପକୂଳର ଖାଲୁଆ ଅଞ୍ଚଳରୁ ୯୪,୦୦୦ ଲୋକଙ୍କୁ ବିଭିନ୍ନ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ବାତ୍ୟା ଯୋଗୁ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ୧୮ ଏନ୍‌ଡିଆର୍‌ଏଫ୍ ଟିମ୍ ସମେତ ୧୨ଟି ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ଟିମ୍, ରାଜ୍ୟ ସଡ଼କ ଓ କୋଠା ବିଭାଗର ୧୧୫ ଟିମ୍, ରାଜ୍ୟ ବିଦ୍ୟୁତ୍ ବିଭାଗର ୩୯୭ ଜଣ ଉପକୂଳ ଜିଲାରେ ନିୟୋଜିତ ଅଛନ୍ତି।



## ବିପର୍ଯ୍ୟୟରେ ଜନ୍ମନେଲେ ୭୦୭ ଶିଶୁ

**ଗାନ୍ଧୀନଗର, ୧୬।୬**

ଗୁଜରାଟ କଚ୍ଛ ଜିଲାରେ ଗୁରୁବାର ଅତି ଭୀଷଣ ସାମୁଦ୍ରିକ ବାତ୍ୟା ସ୍ଥଳଭାଗ ଛୁଇଁବା ପରେ ୭୦୭ ନବଜାତ ଜନ୍ମ ନେଇଛନ୍ତି। ବାତ୍ୟା ବିପର୍ଯ୍ୟୟ ଯୋଗୁ ପ୍ରଭାବିତ ହେବାକୁ ଥିବା ଅଞ୍ଚଳରୁ ଏହି ଗର୍ଭବତୀମାନଙ୍କୁ ସ୍ଥାନାନ୍ତର କରାଯାଇଥିଲା। ସରକାରୀ ସୂଚନାନୁସାରେ ପାଖାପାଖି ୮ ଜିଲାରୁ ୧,୧୫୨ରୁ ୧,୧୭୧ ଗର୍ଭବତୀଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା। ବାତ୍ୟା ବିପର୍ଯ୍ୟୟ ସ୍ଥଳଭାଗ ଛୁଇଁବା ପୂର୍ବରୁ ଉପକୂଳ ଅଞ୍ଚଳରୁ ଲକ୍ଷାଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା।



ଗୁଜରାଟ ପଶ୍ଚିମାଞ୍ଚଳରେ ବିପର୍ଯ୍ୟୟ ପ୍ରଭାବରେ ବ୍ରିଜ୍ ଭାଙ୍ଗିବା ପରେ ବନ୍ୟା ଜଳରେ ନାଲିୟା-ଭୁଜ ହାଇୱେ ଧୋଇହୋଇଯାଇଛି।

## ପଶ୍ଚିମବଙ୍ଗରେ ରାଜନୈତିକ ହିଂସା ବନ୍ଦ ହେଉ: ରାଜ୍ୟପାଳ



ଡ. ସି.ଭି. ଆନନ୍ଦ ବୋଷ

**କୋଲକାତା, ୧୬।୬ (ପି.ଟି.)**

ପଶ୍ଚିମବଙ୍ଗରେ ରାଜନୈତିକ ହିଂସା ବନ୍ଦ ହେବା ଜରୁରୀ ବୋଲି ରାଜ୍ୟପାଳ ଡ. ସି.ଭି. ଆନନ୍ଦ ବୋଷ ଶୁକ୍ରବାର କହିଛନ୍ତି। ରାଜ୍ୟରେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟୁଛି। ଦିନକ ପୂର୍ବରୁ ଭାଙ୍ଗୋରରେ ଦୁଇ ରାଜନୈତିକ ଦଳର କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟି ୩ ଜଣଙ୍କ ମୃତ୍ୟୁ ହୋଇଥିଲା। ଭାଙ୍ଗୋରକୁ ଗସ୍ତରେ ଯାଇଥିବା ରାଜ୍ୟପାଳ କହିଛନ୍ତି, ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ସମ୍ପର୍କରେ ସେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଆଲୋଚନା କରିଛନ୍ତି। ପଶ୍ଚିମବଙ୍ଗର କେତେକ ଅଞ୍ଚଳରେ ଅବାଞ୍ଛିତ ଘଟଣାମାନ ଘଟିଛି। କୌଣସି ହିଂସାକୁ ବରଦାସ୍ତ କରାଯିବନି, ଏହାକୁ ବନ୍ଦ କରିବାକୁ ହେବ ବୋଲି ରାଜ୍ୟପାଳ ଖବରଦାତା ସମ୍ମିଳନୀରେ କହିଛନ୍ତି। ପୂର୍ବରୁ ଦକ୍ଷିଣ ୨୪ ପ୍ରଗଣା ଜିଲାରେ ଭାଙ୍ଗୋରରେ ଇଣ୍ଡିଆନ୍ ସିକ୍ୟୁଲାର ଫ୍ରଣ୍ଟ (ଆଇଏସ୍‌ଏଫ୍) ଏବଂ ଶାସକ ଟିଏମ୍‌ସି କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଅନ୍ୟପକ୍ଷରେ ପଞ୍ଚାୟତ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଭାବେ ଚାଲିଥିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। ଗୋଟିଏ ଦୁଇଟି ଘଟଣାକୁ ନେଇ ବିରୋଧୀ ଦଳ ପ୍ରସଙ୍ଗ କରିବାକୁ ଉଦ୍ୟମ କରୁଥିବାରୁ ମମତା ଏହାର ସମାଲୋଚନା କରିଛନ୍ତି।

## ଯୌନ ନିର୍ଯାତନା ମାମଲା: ତାମିଲନାଡୁର ପୂର୍ବତନ ଡିଜିପିଙ୍କୁ ୩ ବର୍ଷ ଜେଲ

**ଚେନ୍ନାଇ, ୧୬।୬**

ମହିଳା ପୋଲିସ ଅଫିସରଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ତାମଲନାଡୁର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ରାଜେଶ ଦାସଙ୍କୁ ୩ ବର୍ଷ ଜେଲଦଣ୍ଡ ହୋଇଛି। ଭିଲୁପୁରମ୍‌ର ଏକ ଅଦାଲତ ନିଲମ୍ବିତ ଆଇପିଏସ୍ ଅଫିସର ରାଜେଶଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୩ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୧୦,୦୦୦ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। କୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିବା ସହ ରାୟ ବିରୋଧରେ ଅପିଲ୍ କରିବା ପାଇଁ ୩୦ ଦିନ ସମୟ ଦେଇଛନ୍ତି। ପୂର୍ବତନ ଡିଜିପିଙ୍କ ବିରୋଧରେ ମହିଳା ଆଇପିଏସ୍ ଅଫିସର ୨୦୨୧ ଫେବୃୟାରୀରେ ଅଭିଯୋଗ ଦାଏର କରିଥିଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ



ରାଜେଶ ଦାସ

ଏଡାପ୍ପାଡି କେ. ପାଲାନିସ୍ୱାମୀଙ୍କ ସୁରକ୍ଷା ପାଇଁ ମହିଳା ଅଫିସର ଜଣକ ପାଟ୍ରୋଲିଂ ଡ୍ୟୁଟିରେ ଯାଇଥିବାବେଳେ ଡିଜିପି ତାଙ୍କ ପ୍ରତି ଯୌନ ଅଗ୍ରସର ହୋଇଥିଲେ ବୋଲି ସେ ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ। ଏଆଇଏଡିଏମ୍‌କେ ସରକାର ଡିଜିପି ରାଜେଶଙ୍କୁ ନିଲମ୍ବନ କରିବା ସହ ତଦନ୍ତ ପାଇଁ ୬ ଜଣିଆ କମିଟି ଗଠନ କରିଥିଲେ।

**କ୍ୟାଶ୍ ଫର୍ ଜବ୍ ଦୁର୍ନୀତି**

## ତାମିଲନାଡୁ ମନ୍ତ୍ରୀଙ୍କ ଭାଇଙ୍କୁ ଇଡି ସମନ

**ନୂଆଦିଲ୍ଲୀ, ୧୬।୬**

କ୍ୟାଶ୍ ଫର୍ ଜବ୍ ଦୁର୍ନୀତିରେ ସମ୍ପୃକ୍ତ ତାମିଲନାଡୁର ଗିରଫ ମନ୍ତ୍ରୀ ସେନ୍ଥିଲ ବାଲାଜୀଙ୍କ ଭାଇ ଅଶୋକ କୁମାରଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ସମନ ଜାରି କରିଛି। ଏହି ଅପରାଧରୁ ଅଶୋକ କୁମାର ଫାଇଦା ଉଠାଇଥିବା ଇଡି ଅଭିଯୋଗ କରିଛି। ନିଯୁକ୍ତି ଦେବାକୁ କହି ଅଶୋକ ବିଭିନ୍ନ ଲୋକଙ୍କଠାରୁ ଅର୍ଥ ସଂଗ୍ରହ କରିଥିଲେ ବୋଲି ବିଭିନ୍ନ ଅଭିଯୋଗରେ ଉଲ୍ଲେଖ କରାଯାଇଛି। ମନିଲଣ୍ଡରିଂ ମାମଲାରେ ଗତ ମଙ୍ଗଳବାର ଇଡି ତାମିଲନାଡୁ ବିଦ୍ୟୁତ୍ ମନ୍ତ୍ରୀ ଭି. ସେନ୍ଥିଲ ବାଲାଜୀଙ୍କ ବିଭିନ୍ନ ସ୍ଥାନରେ ଥିବା ଘର ଉପରେ ଚଢ଼ାଉ କରିବା ସହ ତାଙ୍କୁ ଗିରଫ କରିଥିଲା। କୋର୍ଟ ତାଙ୍କୁ ଜେଲ୍ ହାଜତକୁ ପଠାଇଥିବାବେଳେ ସ୍ୱାସ୍ଥ୍ୟଗତ କାରଣରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## କେନ୍ଦ୍ରମନ୍ତ୍ରୀଙ୍କ ଘର ଜାଳିଦେଲେ



ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଆର୍.କେ. ରଞ୍ଜନ ସିଂଙ୍କର ଇମ୍ଫାଲସ୍ଥିତ ବାସଭବନରେ ଦଙ୍ଗାକାରୀମାନେ ନିଆଁ ଲଗାଇ ଦେଇଛନ୍ତି।

**ଇମ୍ଫାଲ, ୧୬।୬**

**ଥମୁନି ମଣିପୁର ହିଂସା**

**ଇମ୍ଫାଲରେ ଆର୍‌ଏଏଫ୍-ଦଙ୍ଗାକାରୀଙ୍କ ମଧ୍ୟରେ ସଂଘର୍ଷ**

ମଣିପୁରରେ ପାଖାପାଖି ଦେଢ଼ମାସ ହେଲା ହିଂସାକାଣ୍ଡ ଜାରି ରହିଥିବାବେଳେ ଥମିବାର ନାଁ ନେଉନି। ଶୁକ୍ରବାର ସନ୍ଧ୍ୟାରେ ରାଜଧାନୀ ଇମ୍ଫାଲରେ ଦଙ୍ଗାକାରୀ ଏବଂ ରାପିଡ୍ ଆକ୍ସନ ଫୋର୍ସ (ଆର୍‌ଏଏଫ୍) ଯବାନଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଦଙ୍ଗାକାରୀମାନେ ଏକ ୱେର୍‌ହାଉସ୍‌କୁ ଜାଳିଦେବା ସହ ଅନ୍ୟ ସମ୍ପତ୍ତିକୁ ଟାର୍ଗେଟ କରିବାରୁ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ଇମ୍ଫାଲ ପ୍ୟାଲେସ୍ ଗ୍ରାଉଣ୍ଡରେ ଏହି ହିଂସାକାଣ୍ଡ ଦେଖାଦେଇଛି। ଅଗ୍ନିଶମ କର୍ମଚାରୀ ଓ ସୁରକ୍ଷା ବଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଉକ୍ତ ସମ୍ପତ୍ତି ଜଣେ ହାଇପ୍ରୋଫାଇଲ୍ ଆଇଏଏସ୍ ଅଫିସରଙ୍କର ଥିଲା।

ଗତ ବିଳମ୍ବିତ ରାତିରେ ଦଙ୍ଗାକାରୀମାନେ କେନ୍ଦ୍ର ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଆର୍.କେ. ରଞ୍ଜନ ସିଂଙ୍କର ଇମ୍ଫାଲସ୍ଥିତ ଘରେ ଭଙ୍ଗାରୁଜା କରିବା ସହ ନିଆଁ ଲଗାଇଦେଇଥିଲେ। କର୍ଫ୍ୟୁ ଜାରି ସତ୍ତ୍ୱେ ଉତ୍ତ୍ୟକ୍ତ ଲୋକେ କୋଙ୍ଗବାସ୍ଥିତ ମନ୍ତ୍ରୀଙ୍କ ଘରେ ପହଞ୍ଚିଥିଲେ। ସେଠାରେ ସୁରକ୍ଷା ଯବାନମାନେ ନିୟୋଜିତ ଥିବାରୁ ଦଙ୍ଗାକାରୀମାନେ ବିଭିନ୍ନ ଦିଗରୁ ପେଟ୍ରୋଲ ବୋମା ମାଡ଼ କରିଥିଲେ। ଉତ୍ତ୍ୟକ୍ତ ଲୋକଙ୍କ ସଂଖ୍ୟା ଅଧିକ ଥିବାରୁ ସୁରକ୍ଷା ବଳ ସେମାନଙ୍କୁ ଅଟକାଇବାରେ ବିଫଳ ହୋଇଥିଲା। ପ୍ରାୟ ୧୨୦୦ ଦଙ୍ଗାକାରୀ ସବୁ ଦିଗରୁ ପେଟ୍ରୋଲ ବୋମା ଫିଙ୍ଗିବା ସହ ସମ୍ମୁଖ ପ୍ରବେଶପଥ ଦେଇ ଘରେ ପଶିଥିଲେ ବୋଲି ଏସ୍କର୍ଟ କମାଣ୍ଡର କହିଛନ୍ତି। ମଣିପୁରରେ ଦଙ୍ଗାକାରୀମାନେ ଦ୍ୱିତୀୟଥର ପାଇଁ ଜଣେ ମନ୍ତ୍ରୀଙ୍କ ଘର ଉପରେ ଆକ୍ରମଣ କରିଛନ୍ତି। ଗତ ମାସରେ ବହିର୍ବ୍ୟାପାର ଓ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଆର୍.କେ. ରଞ୍ଜନ ସିଂ ମଣିପୁରର ମେଇତି ଏବଂ କୁକି ସମ୍ପ୍ରଦାୟର ବୁଦ୍ଧିଜୀବୀମାନଙ୍କ ସହ ବୈଠକ କରିଥିଲେ। ମଣିପୁର ହିଂସା ପାଇଁ ଦାୟୀ ରାଜନୈତିକ ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ନିନ୍ଦା କରିବା ପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖିଥିଲେ।

## ୧୦ କୋଟିର ସହାୟତା ଦେବାକୁ ମହାଠକ ସୁକେଶ ଆଗ୍ରହୀ

**ନୂଆଦିଲ୍ଲୀ, ୧୬।୬**

୨୦୦ କୋଟି ଟଙ୍କା ଠକେଇ ମାମଲାରେ ଜେଲରେ ଥିବା ମହାଠକ ସୁକେଶ ଚନ୍ଦ୍ରଶେଖର ବାଲେଶ୍ୱର ଟ୍ରେନ୍ ଦୁର୍ଘଟଣା ଆହତଙ୍କୁ ଆର୍ଥିକ ସହାୟତା ଦେବା ଲାଗି ଆଗ୍ରହ ପ୍ରକାଶ କରିଛନ୍ତି। ଏ ନେଇ ସୁକେଶ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉଦ୍ଦେଶ୍ୟରେ ଏକ ଚିଠି ଲେଖିଛନ୍ତି। ଟ୍ରେନ୍ ଦୁର୍ଘଟଣା ଆହତମାନଙ୍କ ସହାୟତା ଲାଗି ସୁକେଶ ନିଜ ବୈଧ



ସମ୍ପତ୍ତିରୁ ୧୦ କୋଟି ଟଙ୍କା ଦାନ କରିବାକୁ ଚାହୁଁଥିବା ଚିଠିରେ ଉଲ୍ଲେଖ

**ବାଲେଶ୍ୱର ଟ୍ରେନ୍ ଦୁର୍ଘଟଣା**

କରାଯାଇଛି। ସେ ଦାନ କରିବାକୁ ଥିବା ଟଙ୍କାକୁ ଦୁର୍ଘଟଣାରେ ଅନାଥ ହୋଇଥିବା ପିଲାଙ୍କ ଶିକ୍ଷା କ୍ଷେତ୍ରରେ ବିନିଯୋଗ କରିବାକୁ ସୁକେଶ କହିଛନ୍ତି। ବାଲେଶ୍ୱର ଟ୍ରେନ୍ ଦୁର୍ଘଟଣାରେ ୨୯୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଆହତ ହୋଇଛନ୍ତି।

## ସହମତି ପ୍ରଦାନ ବୟସ ୧୩ରୁ ୧୬କୁ ବଢ଼ାଇଲା ଜାପାନ

**ଟୋକିଓ, ୧୬।୬**

ଜାପାନର ଆଇନ ପ୍ରଣେତାମାନେ ଯୌନ ଅପରାଧ ଆଇନରେ କେତେକ ସଂସ୍କାରକୁ ଶୁକ୍ରବାର ଅନୁମୋଦନ କରିଛନ୍ତି। ସେଠାରେ ଯୌନସମ୍ପର୍କ ସ୍ଥାପନ ପାଇଁ ସହମତି ପ୍ରଦାନ ବୟସ ବିଶ୍ୱରେ ସର୍ବନିମ୍ନ ୧୩ ବର୍ଷ ରହିଥିବାବେଳେ ଏହାକୁ ୧୬ ବର୍ଷକୁ ବୃଦ୍ଧି କରାଯାଇଛି। ଉକ୍ତ ସଂସ୍କାର ଜାପାନ ପାର୍ଲାମେଣ୍ଟର ଉଚ୍ଚ ସଦନରେ ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି। ଏହି ସଂସ୍କାରକୁ ସଚେତନ ପ୍ରଚାରକମାନେ ସ୍ୱାଗତ କରିଥିବାବେଳେ ଟୋକିଓର ବର୍ତ୍ତମାନର ମାନବାଧିକାର ସଂଗଠନ ଏହାକୁ ବଡ଼ ପଦକ୍ଷେପ କହିଛି। ଏହା ଦ୍ୱାରା ପିଲାମାନଙ୍କ ପ୍ରତି ବୟସ୍କଙ୍କ ଯୌନ ହିଂସା ଗ୍ରହଣୀୟ ନୁହେଁ ବୋଲି ଏକ ବାର୍ତ୍ତା ସମାଜକୁ ଯାଇଥିବା ଗ୍ରୁପ୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ୧୬ରୁ କମ୍ ବର୍ଷ ବୟସରେ ଯୌନକ୍ରିୟାକୁ ବୈଧାନିକ ଭାବେ ବଳାତ୍କାର ବିବେଚନା କରାଯିବ। ବ୍ରିଟେନରେ ଯୌନ ସମ୍ପର୍କ ସ୍ଥାପନ ଲାଗି ସହମତି ପ୍ରଦାନ ବୟସ ୧୬ ବର୍ଷ ହୋଇଥିବାବେଳେ ଫ୍ରାନ୍ସରେ ୧୫ ଏବଂ ଜର୍ମାନୀ ଓ ଚାଇନାରେ ୧୪ ବର୍ଷ ରହିଛି।

## ସହମତି ବୟସ: କେନ୍ଦ୍ରକୁ ତଥ୍ୟ ମାଗିଲେ ଆଇନ କମିଶନ

**ନୂଆଦିଲ୍ଲୀ, ୧୬।୬**

ସହମତି ବୟସ ପ୍ରସଙ୍ଗର ଅନୁଧ୍ୟାନ କରୁଥିବା ୨୨ତମ ଆଇନ କମିଶନ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ଅଧିକାରୀମାନଙ୍କ ସହ ବୈଠକ କରିଛନ୍ତି। ଏନେଇ କମିଶନ ମନ୍ତ୍ରଣାଳୟକୁ ସବିଶେଷ ତଥ୍ୟ ମାଗିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଶିଶୁ ଯୌନ ଅପରାଧ ସୁରକ୍ଷା (ପୋକ୍‌ସୋ) ଆଇନରେ ୧୮ ବର୍ଷରୁ କମ୍ ବୟସ୍କଙ୍କୁ ନାବାଳକ ଦର୍ଶାଯାଇଛି। କିଶୋର କିଶୋରୀଙ୍କ ମଧ୍ୟରେ ସମ୍ପର୍କକୁ ନେଇ ସହମତି




ଭୂମିକା ଉପରେ ଅନେକ ସମୟରେ ଦ୍ୱନ୍ଦ୍ୱ ଉପୁଜିଥାଏ। ତେଣୁ ସହମତି ବୟସ ସମ୍ପର୍କରେ ଆଇନ କମିଶନ ସରକାରଙ୍କଠାରୁ କେତେକ ତଥ୍ୟ ମାଗିଛନ୍ତି। ଶିଶୁଙ୍କୁ ଯୌନ ଶୋଷଣରୁ ସୁରକ୍ଷା ଦେବା ପୋକ୍ସୋ ଆଇନର ଉଦ୍ଦେଶ୍ୟ। ଏହାର ଅର୍ଥ କିଶୋର କିଶୋରୀଙ୍କ ମଧ୍ୟରେ ସହମତିରେ ପ୍ରେମ ସମ୍ପର୍କକୁ ଅପରାଧୀକରଣ କରାଯାଇପାରିବ ନାହିଁ ବୋଲି ଗତବର୍ଷ ଦିଲ୍ଲୀ ହାଇକୋର୍ଟ କହିଥିଲେ। ପ୍ରତି ୩ ବର୍ଷରେ ଗଢ଼ାଯାଉଥିବା ଆଇନ କମିଶନ ଜଟିଳ ଆଇନଗତ ପ୍ରସଙ୍ଗ ଉପରେ ସରକାରଙ୍କୁ ଉପଦେଶ ଦେଇଥାନ୍ତି। ବର୍ତ୍ତମାନର ଆଇନ କମିଶନ ଅବସରପ୍ରାପ୍ତ ବିଚାରପତି ଋତୁରାଜ ଅୱସ୍ଥିଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଛି।

# ହର୍ଷପୁରରେ ରଜବତୀ ବିବାହ



ଗ୍ରାମର ଦେହୁରୀ ରଜବତୀଙ୍କ ବିବାହ କରାଉଛନ୍ତି।

**କେନ୍ଦୁଝର,୧୬।୬**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲାରେ ରଜପର୍ବ ଧୁମଧାମରେ ପାଳିତ ହେଉଛି। ଏ ନେଇ ଗାଁରୁ ସହର ଉତ୍ସବମୁଖର ହୋଇଥିବା ବେଳେ ଜିଲାର ସଦର ବ୍ଲକ୍ ହର୍ଷପୁର ଗ୍ରାମରେ ରଜବତୀ ବିବାହ ପରି ନିଆରା ପରମ୍ପରା ଦେଖିବାକୁ ମିଳିଛି। ୧୯୭୨ରୁ ଗାଁରେ ଉକ୍ତ ପରମ୍ପରା ଚାଲିଆସୁଥିବା ବେଳେ ଗ୍ରାମବାସୀ ମିଳିତ ଭାବରେ ପାଳନ କରୁଛନ୍ତି। ଚଳିତ ବର୍ଷ ରଜବତୀଙ୍କ ପିତା ଭାବେ ରଞ୍ଜନ ନାଏକ ଓ ବରପିତା ଭାବେ ମେଘୁଆ ନାଏକ ବିବାହ ପରିଚାଳନା କରୁଥିବା ବେଳେ ତୃତୀୟ ରଜ ଦିନ ବିବାହ ସମ୍ପନ୍ନ ହୋଇଛି।

ପ୍ରକାଶ ଯେ, ଗ୍ରାମରେ ବିବାହ ପାଇଁ ରଜ ପୂର୍ବରୁ ଗ୍ରାମ ମୁଣ୍ଡରେ ରଙ୍ଗବେରଙ୍ଗ ଆଲୋକସଜ୍ଜା ସାଙ୍ଗକୁ ଆକର୍ଷଣୀୟ ତୋରଣ ଲଗାଯାଇଛି। ବାହାଘର ପାଇଁ ବେଦି ନିର୍ମାଣ ହୋଇଥିଲା। ଶେଷ ରଜରେ ରଜବତୀ ଠାକୁରାଣୀଙ୍କୁ କନ୍ୟା ବେଶରେ ସଜ୍ଜିତ କରି ଗ୍ରାମର ଝିଅ ଓ ବୋହୂମାନେ ବିମାନରେ ବସାଇ ଗ୍ରାମ ପରିକ୍ରମା କରାଇଥିଲେ। ବର ଦଳ ପାରମ୍ପରିକ ବ୍ୟାଣ୍ଡ୍ ବଜାଇ ଶୋଭାଯାତ୍ରାରେ ଆସିଥିଲେ। ମଣ୍ଡପରେ ବିବାହ ସମ୍ପନ୍ନ ହୋଇଥିଲା। ଗ୍ରାମର ସମସ୍ତେ ଭାଇଚାରାର ମନୋଭାବ ରଖି ଭୋଜିଭାତ ଖାଇ ବିବାହ ଉତ୍ସବରେ ସାମିଲ ହୋଇଥିଲେ। ଝିଅ ଓ ବୋହୂମାନେ ପିଠାପଣା ଖାଇ ଦୋଳି ଖେଳିବା ସହ ଏହି ନିଆରା ବିବାହରେ ସାମିଲ ହୋଇ ପୂଜା କରିଥିଲେ। ବିବାହ ଦେଖିବାକୁ ଆଖାପାଖ ଅଞ୍ଚଳ ତଥା ବାହାରୁ ଲୋକଙ୍କ ଭିଡ଼ ଜମିଥିଲା।

## ରଜରେ ନିଆରା ପରମ୍ପରା

ରଜବତୀ ଖୁସି ହେଲେ ଗ୍ରାମ ତଥା ଉକ୍ତ ଅଞ୍ଚଳର ମଙ୍ଗଳ ହେବ ଏବଂ ଭଲ ଚାଷ ହେବ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଗ୍ରାମ ଦେହୁରୀ ହଳଧର ନାୟକ କୁହନ୍ତି, ଉତ୍ସବ ପ୍ରତ୍ୟେକ ବର୍ଷ ରଜରେ ପାଳନ ହୁଏ। ଏଥିପାଇଁ ୩ ଦିନ ଆଗରୁ ପ୍ରସ୍ତୁତି କରାଯାଇଥାଏ। ଘରଦ୍ୱାର ଲିପାପୋଛା କରାଯାଏ। ନିଜ ଝିଅ ବିବାହ ଭଳି ଆୟୋଜନ କରାଯାଏ। ରଜ ପରଦିନ ଶନିବାର ପଡୁଥିବାରୁ ଚଳିତ ବର୍ଷ ରବିବାର ବିସର୍ଜନ ହେବ।

ଗ୍ରାମର ବାସିନ୍ଦା ରାଇବାରି ନାଏକ, ଆଶା ନାଏକ କୁହନ୍ତି, ଏହା ଗ୍ରାମରେ ଏକତା ରକ୍ଷା କରିବା ସହ ଏକ ଭିନ୍ନ ପରିବେଶ ସୃଷ୍ଟି କରିଥାଏ। ଗ୍ରାମବାସୀ ଦିନରେ ରଜଦୋଳି ଖେଳିବା ସହ ବିବାହ ଉତ୍ସବରେ ସାମିଲ ହୋଇଥାନ୍ତି। ବରିଷ୍ଠ ଅଧ୍ୟାପକ ବିପିନ ସାହୁ କହିଛନ୍ତି, ଏହି ପରମ୍ପରା ବହୁ ପୁରୁଣା। ପ୍ରାୟ ଶହେ ବର୍ଷ ହେଲା ଉକ୍ତ ଗ୍ରାମରେ ଏହି ରଜବତୀ ବିବାହ ଉତ୍ସବ ପାଳନ ହୋଇଆସୁଛି।



ଭୁବନେଶ୍ୱର ରାଜ୍ୟ ସଂଗ୍ରହାଳୟରେ ଅନୁଷ୍ଠିତ ରଜ ଉତ୍ସବରେ ଦୁଇ ଯୁବତୀ ଦୋଳି ଖେଳୁଛନ୍ତି।



କେନ୍ଦୁଝର ଲାଲାବାଙ୍ଗାଠାରେ ଖାଇ ଦୋଳି ଖେଳ ଚାଲିଛି।



ଭୁବନେଶ୍ୱର ରାଜ୍ୟ ସଂଗ୍ରହାଳୟରେ ଅନୁଷ୍ଠିତ ରଜ ଉତ୍ସବରେ ସମ୍ବଲପୁରୀ ନୃତ୍ୟ।



ଭୁବନେଶ୍ୱର କାନନବିହାର ଲେଡିଜ୍ ଫୋରମ୍ ପକ୍ଷରୁ ଆୟୋଜିତ ରଜ ମହୋତ୍ସବରେ ପିଠା ପ୍ରତିଯୋଗିତା।



କେନ୍ଦୁଝର ଢେଙ୍କିକୋଟ ଟିକିରା ରଜ ପଡ଼ିଆରେ ଅନୁଷ୍ଠିତ ରଜ ପର୍ବ।



କଟକ ଧବଳେଶ୍ୱରଗଡ଼ାଠାରେ ଅନୁଷ୍ଠିତ ରଜ ଉତ୍ସବରେ ଜଣେ ବାଳିକା ଦୋଳି ଖେଳୁଛନ୍ତି।





କଟକ ସିଡିଏ ସେକ୍ଟର-୯ ତାରିଣୀଗଡ଼ା ବସ୍ତିରେ ଅନୁଷ୍ଠିତ ରଜ ଉତ୍ସବରେ ୨ ବାଳିକା ଦୋଳି ଖେଳୁଛନ୍ତି ଏବଂ ବାଳିକାମାନେ ସଜବାଜ ହେଉଛନ୍ତି(ଡାହାଣ)।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଡିଢୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



ବିଶିଷ୍ଟ ଶିଳ୍ପପତି ତଥା ଏସ୍‌ବିଏସ୍ ବାୟୋଟେକ୍ ଗ୍ରୁପ୍ ଅଫ୍ କମ୍ପାନିଜ୍‌ର ପ୍ରତିଷ୍ଠାତା ଡା. ସଞ୍ଜୀବ ଜୁନେଜାଙ୍କ ଚଣ୍ଡିଗଡ଼ସ୍ଥିତ ବାସଭବନରେ ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ ଅନ୍ୟମାନେ ଜୁନେଜାଙ୍କୁ ଭେଟିଛନ୍ତି। ଏହି ପରିପ୍ରେକ୍ଷୀରେ ନଡ୍ଡାଙ୍କ ସମେତ ସଞ୍ଜୀବଙ୍କ ମାଆ ଉଷା ଜୁନେଜା, ଭଉଣୀ ରାଧିକା ଚିମା, ଝିଅ ଦିବିତା ଜୁନେଜା ଓ ପୁଅ ଦିବମ ଜୁନେଜା ଉପସ୍ଥିତ ଅଛନ୍ତି।

# ଜୁଲାଇ ୩ରେ ଜିଆଇଏଫ୍‌ଆଇ

**ଭୁବନେଶ୍ୱର,୧୬।୬**

ବଜାଜ୍ ଆଲିଆଞ୍ଜ ଜେନେରାଲ ଇନ୍ସ୍ୟୁରାନ୍ସ ପକ୍ଷରୁ ପ୍ରଥମ ଥର ପାଇଁ ଭାରତରେ ଜେନେରାଲ ଇନ୍ସ୍ୟୁରାନ୍ସ ଫେଷ୍ଟିଭାଲ୍ ଅଫ୍ ଇଣ୍ଡିଆ (ଜିଆଇଏଫ୍‌ଆଇ)ର ଆୟୋଜନ କରାଯାଉଛି। ୨୦୨୩ ଜୁଲାଇ ୩ରେ ଜିଆଇଏଫ୍‌ଆଇ ପୁଣେଠାରେ ଆୟୋଜନ ହେବ। ବଜାଜ୍ ଆଲିଆଞ୍ଜ ଜେନେରାଲ ଇନ୍ସ୍ୟୁରାନ୍ସର ଏମ୍‌ଡି ତଥା ସିଇଓ ତପନ ସିଂଘେଲ୍ କହିଛନ୍ତି, ଆମେ ପ୍ରଥମ ଥର କରି ଜିଆଇଏଫ୍‌ଆଇର ପରିକଳ୍ପନା କରିଛୁ, ଯେଉଁଠାରେ ଆମେ ସର୍ବୋତ୍ତମ ଆଡଭାଇଜରମାନଙ୍କୁ ଜିଫି ପୁରସ୍କାର ମାଧ୍ୟମରେ ସମ୍ମାନିତ କରିବୁ। ଆମେ ଆଡଭାଇଜରମାନଙ୍କୁ ଏହି ପୁରସ୍କାର ପାଇଁ ଆବେଦନ କରିବାକୁ ପ୍ରୋତ୍ସାହିତ କରୁଛୁ ଓ ସେମାନଙ୍କର କଠିନ ପରିଶ୍ରମ ଏବଂ ସମର୍ପଣ ମନୋଭାବକୁ ଆମ ସହିତ ପାଳନ କରିବା ପାଇଁ ଅନୁପ୍ରେରିତ କରୁଛୁ। ଏହି ଦିନକିଆ କାର୍ଯ୍ୟକ୍ରମରେ ବିଭିନ୍ନ ଇଣ୍ଟରାକ୍ଟିଭ୍ କାର୍ଯ୍ୟକଳାପ ସହ ପ୍ରସିଦ୍ଧ ବକ୍ତାଙ୍କ ଦ୍ୱାରା ପ୍ରେରଣାଦାୟକ ସେସନର ମଧ୍ୟ ଆୟୋଜନ କରାଯିବ।


## (Ph.D) ଲାଭ



କୃତୀଙ୍କ ନାମ: ମଧୁସ୍ମିତା ମାଝି, ସ୍ୱର୍ଗତ ଅମରଜିତ ମାଝି (ବ୍ୟବସାୟିକ ଟିକସ କାର୍ଯ୍ୟାଳୟ (ଟ୍ରିବ୍ୟୁନାଲ), ପୁରୀର ପୂର୍ବତନ ଆସିଷ୍ଟାଣ୍ଟ କମିଶନର) ଏବଂ ବସୁଧା ମାଝିଙ୍କ ସୁପୁତ୍ରୀ, ଗ୍ରାମ- ଜୋରବନ୍ଧ, ବ୍ଲକ୍- ଚନ୍ଦାହାଣ୍ଡି, ଜିଲ୍ଲା- ନବରଙ୍ଗପୁର ଉତ୍କଳ ବିଶ୍ୱବିଦ୍ୟାଳୟର ପି.ଜି. ଡିପାର୍ଟମେଣ୍ଟ ଅଫ୍ ବିଜ୍‌ନେସ୍ ଆଡ୍‌ମିନିଷ୍ଟ୍ରେଶନ୍‌ରୁ ଡକ୍ଟରେଟ୍ ଅଫ୍ ଫିଲୋସୋଫି ଡିଗ୍ରୀ ହାସଲ କରିଛନ୍ତି । ତାଙ୍କର ବିଷୟ ଥିଲା ''ବ୍ୟାଙ୍କିଙ୍ଗ୍ ସେବାରେ ସୂଚନା ପ୍ରଯୁକ୍ତିର ଭୂମିକା ଏବଂ ତ୍ରି-ସ୍ତରୀୟ ଏଚ୍‌ଆର୍‌ଡି କାର୍ଯ୍ୟପଦ୍ଧତି ଉପରେ ତାହାର ପ୍ରଭାବ – ମନୋନୀତ ସରକାରୀ ଏବଂ ବେସରକାରୀ କ୍ଷେତ୍ରର ବ୍ୟାଙ୍କର ଏକ ତୁଳନାତ୍ମକ ଅଧ୍ୟୟନ'' । ଉତ୍କଳ ବିଶ୍ୱବିଦ୍ୟାଳୟର ପିଏମ୍ ଆଣ୍ଡ ଆଇଆର୍ ରିଡର୍ ଡା. ବିଜୟ କୁମାର ସୁନ୍ଦରାୟଙ୍କ ତତ୍ତ୍ୱାବଧାନରେ ସେ ତାଙ୍କର ପିଏଚ୍‌ଡି କରିଥିଲେ । କଲିକତା ବିଶ୍ୱବିଦ୍ୟାଳୟ, କୋଲକାତା, ପଶ୍ଚିମବଙ୍ଗର ବିଜ୍‌ନେସ୍ ମ୍ୟାନେଜମେଣ୍ଟ ବିଭାଗର ପ୍ରଫେସର ଡା. ଶର୍ମିଷ୍ଠା ବାନାର୍ଜୀ ତାଙ୍କର ଏକ୍ସଟର୍ନାଲ୍ ଥିଲେ । ସେ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିବା ଗଣ୍ଡ ଜନଜାତିର ପ୍ରଥମ ଆଦିବାସୀ ଝିଅ ହେବା ସହିତ ନିଜ ପିତୃ ଏବଂ ମାତୃବଂଶର ପ୍ରଥମ ଝିଅ ଅଟନ୍ତି । ସେ ତାଙ୍କ ପରିବାରରେ ଉଚ୍ଚଶିକ୍ଷା ହାସଲ କରିଥିବା ଦ୍ୱିତୀୟ ପିଢ଼ି ଏବଂ ନିଜ ଜାଗାରେ ଉଚ୍ଚଶିକ୍ଷାରେ ଡିଗ୍ରୀ ହାସଲ କରିଥିବା ପ୍ରଥମ ଝିଅ ଅଟନ୍ତି । ସେ ନିଜର ସଫଳତା ପାଇଁ ସମ୍ପ୍ରତି ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ଡା. ବିଧୁ ଭୂଷଣ ମିଶ୍ରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଆହୁରି ମଧ୍ୟ, ଅଭିଜିତ ମହାନ୍ତି ଓ ତାଙ୍କ ଯାତ୍ରାରେ ସମର୍ଥନ ଯୋଗାଇଥିବା ସାଙ୍ଗସାଥୀ ଓ ଶୁଭେଚ୍ଛୁବୃନ୍ଦଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ଧ-୦୫୯୨


# ରିଲାଏନ୍ସ ଜୁଏଲ୍ସର ସ୍ୱତନ୍ତ୍ର ରଜ କଲେକ୍ସନ

**ଭୁବନେଶ୍ୱର,୧୬।୬**
**(ଅଭୟ ଦାଶ)**

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ରିଲାଏନ୍ସ ଜୁଏଲ୍ସ ପକ୍ଷରୁ ସ୍ୱତନ୍ତ୍ର ରଜ କଲେକ୍ସନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଚଳିତ ରଜପର୍ବ ଉପଲକ୍ଷେ ରିଲାଏନ୍ସ ଜୁଏଲ୍ସ ଆକର୍ଷଣୀୟ ଡିଜାଇନ ଓ ମନଲୋଭା ଗହଣାର ବ୍ୟାପକ ସମ୍ଭାର ଗ୍ରାହକଙ୍କ ପାଇଁ ଉପଲବ୍ଧ କରାଇଛି। ଏପରିକି ରିଲାଏନ୍ସ ଜୁଏଲ୍ସର ଆକର୍ଷଣୀୟ ସୁନାହାର ସେଟ୍ ଏବଂ ଚୁଡ଼ିର ଏକ ଚମତ୍କାର ସଂସ୍କରଣ ଉପସ୍ଥାପନ କରିଛି, ଯାହା ଚଳିତ ରଜରେ ମହିଳାମାନଙ୍କୁ ବେଶ୍ ଆକର୍ଷଣୀୟ କରିବା ସହିତ ରଜ ଉତ୍ସବରେ ଉଜ୍ଜ୍ୱଳତାର ପ୍ରତୀକ ଆଣିଦେବ। ସେହିଭଳି ଆମେ ଆମର ପୃଷ୍ଠପୋଷକମାନଙ୍କୁ ଜୁନ୍ ୧୫ ରୁ ୧୯ ମଧ୍ୟରେ ଓଡ଼ିଶାର ସମସ୍ତ ରିଲାଏନ୍ସ ଜୁଏଲ୍ସ ଶୋ'ରୁମ୍ ପରିଦର୍ଶନ ସହ ଆମର ଏହି ଉତ୍କୃଷ୍ଟ ରଜ ସଂଗ୍ରହକୁ ଅନୁସନ୍ଧାନ କରିବା ଏବଂ ଆପଣଙ୍କ ଶୈଳୀ ଓ



ପସନ୍ଦ ସହିତ ମେଳ ଖାଉଥିବା ଉପଯୁକ୍ତ ଅଂଶ ଆବିଷ୍କାର କରିବାକୁ ଆମନ୍ତ୍ରଣ କରୁଛୁ। ଏପରିକି ଏହି ସଂକଳନରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ପ୍ରତିଫଳିତ ହୋଇଛି, ଯାହା ଆମ କାରିଗରଙ୍କ କଳାକୃତିରେ ଗଢ଼ାଯାଇ ରାଜା ଉତ୍ସବ ପାଇଁ ସ୍ମରଣୀୟ କୃତି ସୃଷ୍ଟି କରିଥାଏ। ପ୍ରତ୍ୟେକ ଅଳଙ୍କାର ସୃଷ୍ଟି ଉତ୍ସବର ପ୍ରକୃତ ଭାବନାକୁ ଜାଗ୍ରତ କରିବା ଏବଂ ସମ୍ପ୍ରଦାୟ ମଧ୍ୟରେ ଏକତାର ଭାବନାକୁ ପ୍ରୋତ୍ସାହିତ କରିବା ପାଇଁ ଚିନ୍ତାକରି ଡିଜାଇନ କରାଯାଇଛି। ବିଶେଷକରି ୨୨କ୍ୟାରେଟ୍ ସୁନାରେ ନିର୍ମିତ ଏହି ଉତ୍କୃଷ୍ଟ ସଂଗ୍ରହଗୁଡ଼ିକରେ ଆକର୍ଷଣୀୟ ନେକ୍‌ଲେସ୍ ସେଟ୍ ଏବଂ ଜଟିଳ ଡିଜାଇନ୍ ବିବରଣୀରେ ସଜ୍ଜିତ ଚୁଡ଼ି ଦେଖିବାକୁ ମିଳିଛି। ଏହି ଅଳଙ୍କାରଗୁଡ଼ିକ ଉତ୍ସବର ଆକର୍ଷଣ ବଢ଼ାଇବା ଏବଂ ଯେକୌଣସି ପୋଷାକରେ ସୁନ୍ଦରତାର ଆଭାସ ଯୋଡିବା ପାଇଁ ଉପଯୁକ୍ତ । ସେହିପରି ରଜ ସଂଗ୍ରହ ସହିତ ଆମ ଓଡ଼ିଶା ଶୋରୁମ୍‌ଗୁଡ଼ିକରେ ବିଭିନ୍ନ ପ୍ରକାର ପାରମ୍ପରିକ ସୁନା ଅଳଙ୍କାର ଏବଂ ଉତ୍କୃଷ୍ଟ ହୀରା ଡିଜାଇନ ମଧ୍ୟ ଉପଲବ୍ଧ ରହିଛି, ଯାହା କି ବିଭିନ୍ନ ସ୍ୱାଦ ଓ ପସନ୍ଦକୁ ପୂରଣ କରିଥାଏ। ଏହି ସ୍ୱତନ୍ତ୍ର କଲେକ୍ସନ ଉପଲକ୍ଷେ ରିଲାଏନ୍ସ ଜୁଏଲ୍ସର ସ୍ୱତନ୍ତ୍ର ରଜ ଅଫର ପ୍ରଦାନ କରାଯାଉଛି। ଉଲ୍ଲେଖଯୋଗ୍ୟ, ପ୍ରତି ୮ ଗ୍ରାମ ସୁନା ଅଳଙ୍କାର କ୍ରୟ ଉପରେ ଗ୍ରାହକମାନେ ଏକ ମାଗଣା ସୁନାମୁଦ୍ରା ଏବଂ ହୀରା ଅଳଙ୍କାରର ପ୍ରତ୍ୟେକ କ୍ରୟ ଉପରେ ୮,୦୦୦ ଟଙ୍କାର ସୁନା ମୁଦ୍ରା ପାଇପାରିବେ ବୋଲି ରିଲାଏନ୍ସ ଜୁଏଲ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ବିଓଆଇର ମିନି ଆର୍‌ବିସି ଉଦ୍‌ଘାଟିତ

**ଭୁବନେଶ୍ୱର,୧୬।୬**

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ର ଏକ ମିନି-ଆର୍‌ବିସି ନିକଟରେ କଟକର କଲେଜ ସ୍କୋୟାର ଶାଖାଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏନ୍‌ବିଜି ଓଡ଼ିଶାର ମହାପ୍ରବନ୍ଧକ ବିକ୍ରମ କେଶରୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଓଆଇ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ଏସ୍.ମଳୟ ଦାସ, ଉପ ଆଞ୍ଚଳିକ ପ୍ରବନ୍ଧକ ଅଶୋକ କୁମାର ଜେନା, ମିନି ଆର୍‌ବିସିର ବରିଷ୍ଠ ପ୍ରବନ୍ଧକ ରମେଶ ଚନ୍ଦ୍ର ମହାରଣା, ଆଞ୍ଚଳିକ କାର୍ଯ୍ୟାଳୟର ମାର୍କେଟିଂ ଅଧିକାରୀଙ୍କ ସମେତ ବିଭିନ୍ନ ଶାଖାର ଶାଖା ମୁଖ୍ୟମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଉକ୍ତ ମିନି ଆର୍‌ବିସି ଜରିଆରେ ରିଟେଲ ଗ୍ରାହକମାନଙ୍କୁ ସେମାନଙ୍କର ଆବଶ୍ୟକତାର ବିତ୍ତୀୟ ସମାଧାନ ଅଭିଜ୍ଞ ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରଦାନ କରାଯିବା ସହିତ କଟକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାର ୨୬ଟି ଶାଖାରେ ଗୃହଋଣ, ଗାଡ଼ି ଋଣ, ଶିକ୍ଷାଋଣ, ବ୍ୟକ୍ତିଗତ ଋଣ ଓ ବନ୍ଧକ ଋଣ ଆଦି ପ୍ରଦାନ କରାଯାଇପାରିବ। ସେହିଭଳି ଏହା ଜରିଆରେ ରିଟେଲ ଋଣ ପ୍ରଦାନକରି ଗ୍ରାହକମାନଙ୍କ ଆବଶ୍ୟକତା ପୂରଣ କରିବାକୁ ବିଓଆଇ ପ୍ରତିଶ୍ରୁତିବଦ୍ଧ ରହିଛି। ସେହିପରି ବିଓଆଇର ରିଟେଲ ଗ୍ରାହକ ଏବଂ ସର୍ବସାଧାରଣ ଏହି ନୂତନ ମିନି ଆର୍‌ବିସିକୁ ଆସିବା ସହିତ ରିଟେଲ ସେଗ୍‌ମେଣ୍ଟର ଅଭିବୃଦ୍ଧିରେ ଅଂଶଗ୍ରହଣ କରିବାକୁ ବ୍ୟାଙ୍କ ପକ୍ଷରୁ ଉତ୍ସାହିତ କରାଯାଉଛି।

# ଏମ୍‌ଏସ୍‌ଆଇଏଲ୍ ପକ୍ଷରୁ ଜିମ୍‌ନିର ମୂଲ୍ୟ ଘୋଷଣା

**ଭୁବନେଶ୍ୱର,୧୬।୬**



ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ (ଏମ୍‌ଏସ୍‌ଆଇଏଲ୍)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଫ୍ ରୋଡ୍ ଜିମ୍‌ନିର ମୂଲ୍ୟ ଘୋଷଣା କରାଯାଇଛି। ଏହାର ପ୍ରାରମ୍ଭିକ ମୂଲ୍ୟ ୧୨,୭୪,୦୦୦ ଟଙ୍କା ରହିଥିବାବେଳେ ଏମ୍‌ଏସ୍‌ଆଇଏଲ୍‌ର ନେକ୍ସା ଶୋ'ରୁମ୍ ଜରିଆରେ ଜିମ୍‌ନିର ଡେଲିଭରି ଦିଆଯାଉଛି।

ଏ ସମ୍ପର୍କରେ ଏମ୍‌ଏସ୍‌ଆଇଏଲ୍‌ର ଏମ୍‌ଡି ତଥା ସିଇଓ ହିଶାସୀ ତାକେଉଚି କହିଛନ୍ତି,ଭାରତୀୟ ବଜାରରେ ଆମେ ଲିଜେଣ୍ଡାରି ଜିମ୍‌ନିର ମୂଲ୍ୟ ଘୋଷଣା କରି ବେଶ୍ ଉତ୍ସାହିତ ଅଛୁ। ବିଶେଷକରି ଜିମ୍‌ନି (୫ଡୋର) ଆମର ଏସ୍‌ୟୁଭି ପୋର୍ଟଫୋଲିଓରେ ଏକ ଅବିଶ୍ୱସନୀୟ ମାଇଲଖୁଣ୍ଟ ଓ ଏହା ଦେଶର ସର୍ବବୃହତ୍ ଏସ୍‌ୟୁଭି ନିର୍ମାତା ଭାବେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ସୁଜୁକି ମୋଟର କର୍ପୋରେଶନ ପାଇଁ ଭାରତ କେବଳ ଏକ ଘରୋଇ ବଜାର ରୂପେ ନୁହେଁ ବରଂ ଏକ ବିଶ୍ୱସ୍ତରୀୟ ରପ୍ତାନି ବେସ୍ ଭାବେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏପରିକି ସୁଜୁକିର ଅଲଗ୍ରିପ ପ୍ରୋ (୪ଡବ୍ଲ୍ୟୁଡି) ଟେକ୍ନୋଲୋଜି ଦ୍ୱାରା ସମର୍ଥିତ ଏହାର ଟାଇମଲେସ ଡିଜାଇନ ଓ ଅତୁଳନୀୟ ଅଫ୍-ରୋଡ୍ କ୍ଷମତା ସହିତ ଚିନ୍ତାଧାରାକୁ ମଧ୍ୟ ଭଙ୍ଗ କରିଛି। ସେହିଭଳି ଭାରତ ଜିମ୍‌ନି (୫-ଡୋର)ର ଉତ୍ପାଦନକାରୀ ପ୍ଲାଣ୍ଟ ଭାବେ କାର୍ଯ୍ୟ କରିବ ଓ ଏହାର ଶୁଭାରମ୍ଭ ପାଇଁ ପ୍ରଥମ ବଜାର ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ଜିମ୍‌ନି ସବୁ ରାସ୍ତାରେ ଯିବାର କ୍ଷମତା ରଖିବା ସହ ହାସ୍‌ଟାଗ୍ ନେଭର ଟର୍ନ ବ୍ୟାକ୍ ସ୍ପିରିଟ୍ ଭାବେ ପରିଚିତ ହୋଇପାରିଛି। ସେହିଭଳି ଜିମ୍‌ନି (୫-ଡୋର) ଉଭୟ ଜେଟା ଓ ଆଲ୍‌ଫା ଭାରିଆଣ୍ଟରେ ଅଟୋମାଟିକ ଏବଂ ମାନୁଆଲ ଟ୍ରାନ୍ସମିସନ ବିକଳ୍ପରେ ଉପଲବ୍ଧ। ନେକ୍ସାର ଡିଜାଇନ 'କ୍ରାଫ୍ଟେଡ ଫ୍ୟୁଚରଜିମ୍' ଦର୍ଶନକୁ ଆଗକୁ ବଢ଼ାଇବା ସହ ଜିମ୍‌ନି ନେକ୍ସାର ଏସ୍‌ୟୁଭି ପୋର୍ଟଫୋଲିଓରେ ଏକ ନୂଆ ଡିଜାଇନ ରୂପରେଖ ଉପରେ ଧ୍ୟାନ ଆକର୍ଷିତ କରିଛି। ଏହା ମଧ୍ୟ ତିନୋଟି ପ୍ରମୁଖ ସ୍ତମ୍ଭ ଯଥା ନେକ୍ସପ୍ରେସନ, ନେକ୍ସଟେକ୍ ଏବଂ ନେକ୍ସପେରିଏନ୍ସକୁ ଅନ୍ତର୍ଭୁକ୍ତ କରିଛି। ଏଥିରେ ଏକ ପ୍ରମାଣିତ ୧.୫ ଲି. କେ-ସିରିଜ ଇଞ୍ଜିନ ସହିତ ଆଇଡିଲ ଷ୍ଟାର୍ଟ ଷ୍ଟପ ଟେକ୍ନୋଲୋଜି ଅନ୍ତର୍ଭୁକ୍ତ ରହିଛି।

# ଟିଏସ୍‌ଏମ୍‌ଏଲ୍‌ର ସ୍ୱତନ୍ତ୍ର ସମ୍ମାନ ସମାରୋହ

**ଭୁବନେଶ୍ୱର,୧୬।୬**



ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍ (ଟିଏସ୍‌ଏମ୍‌ଏଲ୍) ପକ୍ଷରୁ ଗୁରୁବାର 'ଖଣି କ୍ଷେତ୍ର ମହିଳାଙ୍କ ପାଇଁ ଆନ୍ତର୍ଜାତିକ ଦିବସ' ପାଳିତ ହୋଇଯାଇଛି। ବିଶେଷକରି ଖଣି ଶିଳ୍ପରେ କାର୍ଯ୍ୟରତ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନକୁ ସମ୍ମାନ ଜଣାଇ କମ୍ପାନୀ ବିଶ୍ୱ ସମୁଦାୟ ସହ ୨୦୨୩ ଜୁନ୍ ୧୫ରେ ଉପରୋକ୍ତ ଦିବସ ପାଳନ କରିଛି। ଏପରିକି ଖଣି କ୍ଷେତ୍ରରେ ସଫଳ ମହିଳାମାନଙ୍କୁ ସମ୍ମାନିତ କରିବା ଲାଗି କମ୍ପାନୀ ପକ୍ଷରୁ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଟିଏସ୍‌ଏମ୍‌ଏଲ୍‌ର ସମସ୍ତ ୟୁନିଟ୍‌ରେ ଆୟୋଜନ କରାଯାଇଥିଲା। ପ୍ରତି ବର୍ଷ ଜୁନ୍ ୧୫ରେ ପାଳନ କରାଯାଉଥିବା ବେଳେ ଖଣି ଶିଳ୍ପର ଭବିଷ୍ୟତ ଗଠନ କରିବାରେ ମହିଳାମାନଙ୍କ ପ୍ରମୁଖ ଭୂମିକାକୁ ସମ୍ମାନ ଜଣାଇବା ଲାଗି ଖଣି କ୍ଷେତ୍ରରେ କାର୍ଯ୍ୟରତ ମହିଳାମାନଙ୍କ ପାଇଁ ଆନ୍ତର୍ଜାତିକ ଦିବସ ପାଳନ କରାଯାଉଛି। ଏପରିକି ଅନ୍ୱେଷଣ ଓ ଉତ୍ତୋଳନରୁ ଆରମ୍ଭକରି ପ୍ରକ୍ରିୟାକରଣ ଓ ପରିଚାଳନା ପର୍ଯ୍ୟନ୍ତ କମ୍ପାନୀ ପରିଚାଳନା ପ୍ରତି ମହିଳାମାନଙ୍କ ମୂଲ୍ୟବାନ୍ ଯୋଗଦାନକୁ ଟିଏସ୍‌ଏମ୍‌ଏଲ୍ ସବୁବେଳେ ମାନ୍ୟତା ପ୍ରଦାନ କରିଆସୁଛି। କମ୍ପାନୀର ସଫଳତାରେ ସେମାନଙ୍କ ପ୍ରତିଭା ଓ ସମର୍ପଣ ଭାବ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ସେହିପରି ଖଣି ଶିଳ୍ପରେ ମହିଳାମାନଙ୍କୁ ସଶକ୍ତ କରିବା ଲାଗି ଆମ ପ୍ରତିବଦ୍ଧତାର ଅଂଶ ସ୍ୱରୂପ,ସେମାନଙ୍କ ପେସାଦାର ଅଭିବୃଦ୍ଧି ଓ ଉନ୍ନତିକୁ ସହାୟତା ପ୍ରଦାନ କରିବା ପାଇଁ ଟିଏସ୍‌ଏମ୍‌ଏଲ୍ ପକ୍ଷରୁ ବିଭିନ୍ନ ଅଭିଯାନ କାର୍ଯ୍ୟକାରୀ କରାଯାଇଛି। ଏ ସମ୍ପର୍କରେ ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ସତିଜା କହିଛନ୍ତି, ଖଣି କ୍ଷେତ୍ରରେ କାର୍ଯ୍ୟରତ ମହିଳାମାନଙ୍କ ପାଇଁ ଆନ୍ତର୍ଜାତିକ ଦିବସ ପାଳନ କରିବା ଏବଂ ଖଣି ଶିଳ୍ପ ପ୍ରତି ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ପ୍ରଦାନ କରିଥିବା ବିଶିଷ୍ଟ ମହିଳାମାନଙ୍କୁ ସମ୍ମାନ ପ୍ରଦାନ କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଟାଟା ଷ୍ଟିଲ ମାଇନିଂରେ ଆମେ ବିବିଧତା ବିକାଶ ସହ ସମସ୍ତ କର୍ମଚାରୀଙ୍କ ସଫଳତା ପାଇଁ ସମାନ ସୁଯୋଗ ଓ ଅନୁକୂଳ ପରିବେଶ ସୃଷ୍ଟି ଉପରେ ଦୃଢ଼ ବିଶ୍ୱାସ କରୁ ବୋଲି ସତିଜା ବିସ୍ତୃତ ଭାବେ ଆଲୋକପାତ କରିଥିଲେ।


# Classified Everyday
0674-2580101, 2549949


REAL ESTATE

**SALE**

Resale 2/3BHK GF Flat, Garage, Mahatab Road, 1k.m. Lingaraj Temple, Old Town, Bhubaneswar. 64 Lakhs. 9337124748. D-73771

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ immediate ଘର କଲାଭଳି SC Plot ବିକ୍ରିହେବ- 7978534540. D-74873

**1/2/3 BHK ready to move apartment for sale at DHPL Platinum, Pahal. 1BHK starting at Rs. 33,50,000/-. Contact 9937059891.** D-0495

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft- 3,60,000/-, ଛଡାବର 1200sqft-3,00,000/- ନଖରା- 300/- 6371569855. D-74870

Duplex sale at Bhubaneswar 57 lakhs, and Apartment near Sum Hospital 90 lakhs. 9777433701. D-74872

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com


CONSTRUCTION

**Construction and renovation your house with expert Technical team having best quality and pricing we provide BDA plan approval, boring, Bank estimate- SNV Construction Pvt. Ltd., 9439295469.** D-74862




Two Room, One Toilet, Dining, Kitchen, First floor Family, Chintamaniswar, near Jalaram Sweets, Bhubaneswar. 9437026669. D-6590

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly open Salon/ SPA with expert therapist (health benefits). 8114322659. D-75120

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74695

**Relax, Refresh your Body, Mind at Saikrupa Spa with best therapies. 8984068077.** D-0536

Spa full body Massage only best therapist Gents & ladies@699/- Bhubaneswar. Kajal-9337672475. D-0552

Newly open health benefits SPA special offer @ 799 Jaydev Vihar. 8018429809. D-75117

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

By virtue of my affidavit Notary Public, Bhubaneswar 7th June 2023 and marriage with Sri Rajat Rath. Henceforth my name has been changed to Reena Rath instead of Reena for all purposes. D-0589

By an affidavit I Santosh Kumar Mishra, At- Bhubaneswarpur Sasan, P.S.- Bonth, Dist.- Bhadrak declare that my name is recorded as Santosh Mishra in Bank Account. As per Aadhaar my name will be corrected as Santosh Kumar Mishra for all purposes. D-0596

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ମନେ ପଡ଼ନ୍ତି

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ପ୍ରମିଳା ପାତ୍ର ଶତପଥୀ (ପମି)**
ମହାଦେବ ନଗର, ଭୁବନେଶ୍ୱର
ତିରୋଧାନ- ତା୦୧।୦୭।୨୦୧୫
ସମୟ ସ୍ରୋତରେ ଆଠବର୍ଷ ତଳେ ସ୍ୱାମୀ, ପୁତ୍ର, କନ୍ୟା ଇତ୍ୟାଦିଙ୍କୁ ଛାଡ଼ି କେଉଁ ଅପହଞ୍ଚ ଅଜଣା ରାଇଜକୁ ଚାଲିଗଲ । କାଳର ସୀମାହୀନ ପରିଧିରେ ହଜିଗଲା ତୁମ ଇହ ଜନ୍ମର କାହାଣୀ। ତୁମ ଉପସ୍ଥିତିରେ ଭାରିଭାରି ଲାଗୁଥିବା ଗୃହ ଅଗଣା ଆଜି ଶୂନ୍ୟ ପଞ୍ଜୁରୀ । କିନ୍ତୁ ଛାଡ଼ି ଯାଇଥିବା ଅଭୁଲା ସ୍ମୃତି ସବୁ ରୂପାଜହ୍ନ ହୋଇ ତୁମକୁ ଜୀବିତ କରି ରଖିଅଛି। ବିଧିର ବିଧାନ ମାନିବାକୁ ବାଧ୍ୟ ଆମେସବୁ ଅକିଞ୍ଚନ ଲିନୁ, ବବି, କିଟି, ମକର ସମସ୍ତେ ଆଜିର ଦିନରେ ତୁମକୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଉଅଛୁ। ତୁମର ମୁକ୍ତି ପାଇଁ ବିଭୁ ପଦାରବିନ୍ଦରେ ପ୍ରାର୍ଥନା କରୁଅଛୁ।
**ଶୋକସନ୍ତପ୍ତ ପରିବାର ଓ ବନ୍ଧୁବର୍ଗ।**
ଧ-୦୫୩୮

**ଦ୍ୱାଦଶାହ ଉପଲକ୍ଷେ**



**୰କିଶୋର ଚନ୍ଦ୍ର ନାଥ**
ବିଷ୍ଣୁପୁରବିନ୍ଧା, ଅର୍ଣ୍ଣପାଳ, ଭଦ୍ରକ
ଆବିର୍ଭାବ: ୦୨।୦୮।୧୯୫୧
ତିରୋଧାନ: ୦୬।୦୬।୨୦୨୩
ଆପଣ ଆମ୍ଭମାନଙ୍କୁ ଶୋକ ସାଗରରେ ଭସାଇ ଚାଲିଗଲେ ପଛରେ ପୂରା ପରିବାରକୁ ଶୋକ ସାଗରରେ ବୁଡ଼େଇ। ଆପଣଙ୍କ ଆତ୍ମା ଚିରଶାନ୍ତି ଲଭୁ, ଏତିକି ବିଶ୍ୱନିୟନ୍ତାଙ୍କ ନିକଟରେ ଆକୁଳ ନିବେଦନ।
ଶୋକସନ୍ତପ୍ତ ପରିବାରବର୍ଗ, ବନ୍ଧୁପରିଜନ, ଆତ୍ମୀୟସ୍ୱଜନ।
ଧ-୦୫୮୮

# ସାହିତ୍ୟ ସୁନ୍ଦରୀ: ଦର୍ଶନ ଓ ଦେଶହିତର ଦଲିଲ୍

ଅତୀତର ବହି



ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ

**ଲକ୍ଷ୍ମଣ ମିଶ୍ରଙ୍କ 'ସାହିତ୍ୟ ସୁନ୍ଦରୀ' ଏକ ଚମତ୍କାର କାବ୍ୟ। ଲକ୍ଷ୍ମଣ ମିଶ୍ର (୧୮୪୯-୧୯୩୫) ବରପାଲି ନିକଟସ୍ଥ ଢୁମୁରିପାଲି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ୧୮୯୦ ବେଳକୁ ସେ ବରପାଲି ସେକେଣ୍ଡଗ୍ରେଡ୍ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଅଧ୍ୟାପକ ଥିଲେ। ସେ ଗଙ୍ଗାଧରଙ୍କ ଶିକ୍ଷକ ଥିଲେ ଓ ତାଙ୍କୁ ପ୍ରାଚୀନ ଓଡ଼ିଆ ସାହିତ୍ୟ, ସଂସ୍କୃତକାବ୍ୟ ସହିତ ରାଧାନାଥ ସାହିତ୍ୟ ସହିତ ପରିଚୟ କରାଇଥିଲେ। ଲକ୍ଷ୍ମଣ ମିଶ୍ର କବି, ସାହିତ୍ୟିକ, ସଂସ୍କୃତ ପଣ୍ଡିତ ସହିତ ଥିଲେ ଜ୍ୟୋତିଷାଳଙ୍କାର। 'ସମ୍ବଲପୁର ହିତୈଷିଣୀ' (ବାମଣ୍ଡା-୧୮୮୯)ରେ ତାଙ୍କର ରଚନା ଧାରାବାହିକ ପ୍ରକାଶ ପାଉଥିଲା। ଅନେକ ସାରସ୍ୱତ ବିତର୍କରେ ସେ ଭାଗ ନେଇଥିଲେ। ଗଙ୍ଗାଧରଙ୍କୁ 'ସମ୍ବଲପୁର ହିତୈଷିଣୀ' ଓ ବିଦ୍ୟାରତ୍ନଙ୍କ ସହିତ ପରିଚୟ କରାଇଥିଲେ ଲକ୍ଷ୍ମଣ ମିଶ୍ର।**

୧୮୯୦ ବେଳକୁ 'ସମ୍ବଲପୁର ହିତୈଷିଣୀ'ରେ ଧାରାବାହିକ ପ୍ରକାଶ ପାଉଥାଏ 'ପାର୍ବତୀ' କାବ୍ୟ। କାବ୍ୟଟିର ଲୋକପ୍ରିୟତା ଖୁବ୍ ଅଧିକ ଥିଲା। ଏହି କାବ୍ୟର କେତୋଟି ବ୍ୟାକରଣଗତ ଦୋଷ ଦର୍ଶାଇ ଲକ୍ଷ୍ମଣ ମିଶ୍ର ଓଡ଼ିଆ ପାଠକଙ୍କୁ ସ୍ତବ୍ଧ କରିଦେଇଥିଲେ। ଓଡ଼ିଆ ସାରସ୍ୱତ ଆକାଶରେ ଉଜ୍ଜ୍ୱଳ ଜ୍ୟୋତିଷ୍କ ପରି ପ୍ରତିଭାତ ରାଧାନାଥଙ୍କ ପ୍ରତି ଏହା ଥିଲା ପ୍ରଥମ ଆହ୍ୱାନ। ସେ 'ପାର୍ବତୀ' କାବ୍ୟର ଅସାଦୃଶ୍ୟ ଦୋଷ, ପ୍ରମାଣନ୍ୟୂନତା ଦୋଷ, ବିରୁଦ୍ଧସ୍ୱଭାବ ଦୋଷ, ପୁନରୁକ୍ତତା ଦୋଷ, ଅମତ ପୂରିତାର୍ଥତା ଦୋଷ, ପ୍ରସିଦ୍ଧିତ୍ୟାଗ ଦୋଷ, ଅନୌଚିତ୍ୟ ଦୋଷ ଏବଂ ଅପ୍ରଯୁକ୍ତତା ଦୋଷ ଦର୍ଶାଇ ନିଜର ପାଣ୍ଡିତ୍ୟ ପ୍ରଦର୍ଶନ କରିଥିଲେ। ଗଙ୍ଗାଧର, ମିଶ୍ରଙ୍କ ଦୃଷ୍ଟିକୋଣ ଦ୍ୱାରା ପ୍ରଭାବିତ ହୋଇନାହାନ୍ତି ବରଂ ରାଧାନାଥ ସାହିତ୍ୟ ପ୍ରତି ଆକୃଷ୍ଟ ହୋଇଛନ୍ତି। କିନ୍ତୁ ରାଧାନାଥ ଲକ୍ଷ୍ମଣଙ୍କ ସମାଲୋଚନାକୁ ହଜମ କରିପାରି ନଥିବା ଜଣାପଡ଼େ। ଲକ୍ଷ୍ମଣ ମିଶ୍ରଙ୍କ ସମାଲୋଚନାର ପ୍ରତିବାଦ କରି ରାମକୃଷ୍ଣ ସାହା, ଗଣେଶ୍ୱର ପଟ୍ଟନାୟକ ପ୍ରମୁଖ ଲେଖକ 'ସମ୍ବଲପୁର ହିତୈଷିଣୀ'ରେ ନିଜ ମତ ପ୍ରଦାନ କରିଛନ୍ତି। ରାଧାନାଥ ମଧ୍ୟ ଗଙ୍ଗାଧରଙ୍କୁ ପ୍ରଦତ୍ତ ତା୨୯.୭.୧୮୯୭ ପତ୍ରରେ ଲକ୍ଷ୍ମଣ ମିଶ୍ରଙ୍କ 'ସାହିତ୍ୟ ସୁନ୍ଦରୀ' କାବ୍ୟ ସମ୍ପର୍କରେ ଲେଖିଛନ୍ତି ଏବଂ ଅଭିଯୋଗ କରିଛନ୍ତି, ସେ ଦେଇଥିବା ମନ୍ତବ୍ୟର ପ୍ରଶଂସା ମାତ୍ର କବି ମୁଖବନ୍ଧରେ ଉଦ୍ଧାର କରିଛନ୍ତି। ସେମିତି 'ସମ୍ବଲପୁର ହିତୈଷିଣୀ' (୧୧.୮.୧୮୯୭) ପତ୍ରିକାର 'ଅକବିର କବିତା' ଶୀର୍ଷକ ରଚନାରେ ପ୍ରକୃତ କବି ପ୍ରଶଂସା ଖୋଜି ବୁଲେ ନାହିଁ ବୋଲି ଲକ୍ଷ୍ମଣ ମିଶ୍ରଙ୍କୁ ଆକ୍ଷେପ କରିଛନ୍ତି। ଏହି ସମସ୍ତ ପରବର୍ତ୍ତୀ ମନ୍ତବ୍ୟ ଲକ୍ଷ୍ମଣ ମିଶ୍ରଙ୍କ 'ପାର୍ବତୀ' କାବ୍ୟର ଦୋଷଦର୍ଶନଜନିତ ବିରକ୍ତିକର ଉଦ୍‌ଗାର ବୋଲି ଗ୍ରହଣ କରାଯାଇପାରେ। ଅନେକ ମାମୁଲି କାବ୍ୟକୁ ପ୍ରଶଂସାରେ ପୋତି ପକାଇଥିବା ରାଧାନାଥଙ୍କ ଲକ୍ଷ୍ମଣ ମିଶ୍ରଙ୍କ ପ୍ରତି ଏହି ପ୍ରତିକୂଳ ଦୃଷ୍ଟି ଅଧିକ ଆଲୋଚନାର ଅପେକ୍ଷା ରଖେ। ଲକ୍ଷ୍ମଣ ମିଶ୍ର ଜଣେ ସଂସ୍କୃତ ପଣ୍ଡିତ ଏବଂ 'ପ୍ରାତଃସ୍ମରଣଂ' (୧୮୯୦) ଶୀର୍ଷକ ପୁସ୍ତକ ସେ ସଂସ୍କୃତରେ ରଚନା କରିଥିଲେ।

ଏତିକି ସୂଚନା ସହ ଆମେ ଆସିବା 'ସାହିତ୍ୟ ସୁନ୍ଦରୀ' ପୁସ୍ତକକୁ। ୧୮୯୭ରେ ବାମଣ୍ଡା ସୁଢଳ ପ୍ରେସ୍‌ରୁ ଏହି ପୁସ୍ତକଟି ପ୍ରକାଶିତ। ପୁସ୍ତକର ପ୍ରଚ୍ଛଦରେ ନିମ୍ନ ଶ୍ଳୋକଟି ଉଦ୍ଧୃତ- ''ସାହିତ୍ୟ ସଙ୍ଗୀତ ରସାନଭିଜ୍ଞଃ / ସାକ୍ଷାତ୍ ପଶୁଃପୁଚ୍ଛ ବିଷାଣହୀନଃ / ଚରତ୍ୟସୌ ଯତ୍ତୁ ତୃଣାନ୍ୟ ଭୁଙ୍କ୍ତେ / ବରଂ ପଶୂନା ମିହ ଭାଗ୍ୟ ମେତତ୍।''



ଓ ତତ୍ସତ୍

ସାହିତ୍ୟ ସୁନ୍ଦରୀ।

ବରପାଲ ମିଡଲ ସ୍କୁଲର
ପ୍ରଧାନ ଶିକ୍ଷକ
ଶ୍ରୀଯୁକ୍ତ ଲକ୍ଷ୍ମଣମିଶ୍ର ଜ୍ୟୋତିଷାଲଂକାରଙ୍କ
ଦ୍ୱାରା ପ୍ରଣୀତ।
ସନ ୧୮୯୭ ମସିହା।
ବାମଣ୍ଡା ସୁଢଳ ପ୍ରେସରେ ମୁଦ୍ରିତ।

ସାହିତ୍ୟ ସଙ୍ଗୀତ ରସାନଭିଜ୍ଞଃ
ସାକ୍ଷାତ୍ ପଶୁଃପୁଚ୍ଛ ବିଷାଣ ହୀନଃ
ଚରତ୍ୟସୌ ଯତ୍ତୁ ତୃଣାନ୍ୟ ଭୁଂକ୍ତେ
ବରଂ ପଶୂନା ମିହ ଭାଗ୍ୟ ମେତତ୍।

ପୁସ୍ତକ ପ୍ରକାଶନ ପୂର୍ବରୁ କବି ରାଧାନାଥଙ୍କ ଅଭିମତ ଯାଚଞ୍ଛା କରିଥିଲେ। ରାଧାନାଥ ପୁସ୍ତକ ସମ୍ପର୍କରେ କହିଥିଲେ, ''ଆପଣଙ୍କ ପ୍ରେରିତ 'ସାହିତ୍ୟ ସୁନ୍ଦରୀ' ପାଠକରି ଅତ୍ୟନ୍ତ ପ୍ରୀତ ହେଲି। ଏହି କବିତାଟି ଆପଣଙ୍କ ସୂକ୍ଷ୍ମଦର୍ଶିତା ଏବଂ ଦେଶ-ହିତୈଷିତାର ସମ୍ୟକ୍ ପରିଜ୍ଞାପକ ଅଟେ। ଉତ୍କଳର ସାହିତ୍ୟ-ଦରିଦ୍ରତା ଏବଂ ଉତ୍କଳବାସୀଙ୍କର ଅଳୀକ ଅଭିମାନ ଏବଂ ଔଦାସୀନ୍ୟ ଦେଖି ଆପଣଙ୍କ ହୃଦୟରେ କିପରି ନିର୍ବେଦ ଜାତ ହୋଇଅଛି, ଏହି କବିତାରୁ ତାହାର ସ୍ପଷ୍ଟ ପରିଚୟ ମିଳୁଅଛି।''

'ସାହିତ୍ୟ ସୁନ୍ଦରୀ' କବିତାରେ ସାହିତ୍ୟକୁ ଏକ ସୁନ୍ଦରୀ ଭାବେ ବର୍ଣ୍ଣନା କରାଯାଇଛି ଏବଂ ବର୍ଣ୍ଣମାଳା, ବ୍ୟାକରଣ, ରସ, ଅଳଙ୍କାର ପ୍ରଭୃତି ତା'ର ସୌନ୍ଦର୍ଯ୍ୟ ବୃଦ୍ଧି କରିବାର କବି ସୂଚନା ଦିଅନ୍ତି। ପୁନଶ୍ଚ ସଂସ୍କୃତ ଓ ପ୍ରାକୃତ ଭାଷା ଦ୍ୱାରା ଏହା ଋଦ୍ଧିମନ୍ତ। ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବ ମଧ୍ୟ ପ୍ରକାରାନ୍ତରେ ଆମ ସାହିତ୍ୟକୁ ସମୃଦ୍ଧ କରିଛି।

ବିଦେଶୀୟ ଉପହାରକୁ ଧରି ଉତ୍କଳ-ବାସୀ
ଜନସମାଜରେ ଗଣିତ ହେଉଅଛନ୍ତି ଆସି।
ଯେତେ ଭୂତପୂର୍ବ ଉତ୍କଳ ଜାତ ବିଜ୍ଞ ଯୁବକ
ସାହିତ୍ୟ ସୁନ୍ଦରୀ ଛାମୁରୁ ଲଭିଥିଲେ ପଦକ।
ସେ ପଦକ ନାନା ଧାତୁରେ ହୋଇଥିଲା ନିର୍ମାଣ
ନାନା ରସପୁଟେ ଶୋଧିଣ ଦେଇଥିଲେ ରଷାଣ।

'ସାହିତ୍ୟ ସୁନ୍ଦରୀ'ଙ୍କ ଉପଯୁକ୍ତ ଆରାଧନା ଯୋଗୁଁ ଇଂରେଜ ଜାତି ସମୃଦ୍ଧ। ସେମିତି ପାଶ୍ଚାତ୍ୟ ଶିକ୍ଷା ତଥା ଆମର ପ୍ରାଚୀନ ଶିକ୍ଷାକୁ ଭୁଲି ଆଜି ଉତ୍କଳୀୟ ଦରିଦ୍ର। ଅନ୍ୟପକ୍ଷରେ ବଙ୍ଗଳା, କର୍ଣ୍ଣାଟ, ମରାଠା ପ୍ରଭୃତି ପ୍ରାଦେଶିକ ଜାତି ସାହିତ୍ୟ ସୁନ୍ଦରୀ ଉପାସନା କରି ଉନ୍ନତିର ଚରମସୀମାରେ ଉପନୀତ। ଏହି କବିତା ମାଧ୍ୟମରେ ଭାଷାସାହିତ୍ୟ ଦିଗରେ ଆମର ନିରୁତ୍ସାହୀ ଉଦ୍ୟମକୁ କବି ସମାଲୋଚନା କରିଛନ୍ତି। ରାଧାନାଥ, ମଧୁ ରାଓଙ୍କ ପରି କିଛି ସୁସାହିତ୍ୟିକ ବାହାରିଲେ ଦେଶର ଉନ୍ନତି ହେବ। ସାହିତ୍ୟ ସୁନ୍ଦରୀଙ୍କ ସେବାରେ ଉତ୍କଳୀୟମାନେ ଉଦ୍ୟମ ନ କଲେ ଦେଶ ଓ ଜାତିର ଉନ୍ନତି ସମ୍ଭବ ନୁହେଁ। ଏଣୁ ସେ କବି-ସାହିତ୍ୟିକମାନଙ୍କୁ ଆହ୍ୱାନ ଦେଇଛନ୍ତି ଦେଶର ମୁଖୋଜ୍ଜ୍ୱଳ କରିବା ପାଇଁ। ଓଡ଼ିଶା ପରି ସମ୍ବଲପୁର ଅଞ୍ଚଳର ସାରସ୍ୱତ ଦୁରବସ୍ଥା ମଧ୍ୟ କବି ଚିତ୍ରଣ କରିଛନ୍ତି। ସମ୍ବଲପୁର ଅଞ୍ଚଳର ଏକମାତ୍ର କବି ଗଙ୍ଗାଧରଙ୍କ ଆର୍ଥିକ ଅସ୍ୱଚ୍ଛଳତା ପାଇଁ ସେ ଦୁଃଖ ପ୍ରକାଶ କରିଛନ୍ତି ଏବଂ ମହତ ଲୋକଙ୍କୁ ସାରସ୍ୱତ ପୃଷ୍ଠପୋଷକତା ଯୋଗାଇବା ପାଇଁ ଅନୁରୋଧ କରିଛନ୍ତି।

ସାହିତ୍ୟ ସୁନ୍ଦରୀ ଦେଶର ଉନ୍ନତିରେ ସାରସ୍ୱତ ଚିନ୍ତନକୁ ଗୁରୁତ୍ୱ ଦେଇଛି। ସଂସ୍କୃତ, ଇଂରାଜୀ ଓ ବିଭିନ୍ନ ପ୍ରାଦେଶିକ ଭାଷା-ସାହିତ୍ୟ ଅଧ୍ୟବସାୟ ଯୋଗୁ ଉନ୍ନତିଲାଭ କରିଥିବା କବି ସ୍ୱୀକାର କରନ୍ତି। କବିତାର ଆବଶ୍ୟକସ୍ଥଳେ ପାଦଟୀକା ଦେଇ ନିଜର ବକ୍ତବ୍ୟକୁ ପ୍ରାମାଣିକଭାବେ ଉପସ୍ଥାପନ କରିଛନ୍ତି। ଊନବିଂଶ ଶତାବ୍ଦୀରେ ଓଡ଼ିଆ ଭାଷା ସାହିତ୍ୟ ନୂତନ ଦିଗନ୍ତର ଅନ୍ୱେଷଣ ପୃଷ୍ଠପୀଠିକାରେ 'ସାହିତ୍ୟ ସୁନ୍ଦରୀ' ଏକ ଚିନ୍ତାମୂଳକ କାବ୍ୟ।

୬୭, ସରସ୍ୱତୀ କୁଞ୍ଜ, ଜାଗମରା
ଖଣ୍ଡଗିରି, ଭୁବନେଶ୍ୱର-୩୦
ମୋ: ୯୪୩୭୨୫୬୧୭୬

## କ ବି ତା

### କେମିତି ଲେଖିହୁଏ ପ୍ରେମ

ତେଜସ୍ୱିନୀ ପଣ୍ଡା

କେମିତି ଲେଖିହୁଏ ପ୍ରେମ ?
ଆଶ୍ୱିନର କାଶତଣ୍ଡୀରେ ନା
ପୁରୁଣା ଡାଇରୀ ପୃଷ୍ଠାରେ !
ପ୍ରେମ ଆସେ ରୂପସୀ
ନାରୀର ଖିଆଲି ସ୍ୱପ୍ନରେ
ପ୍ରେମ ଆସେ ସଦ୍ୟଜନ୍ମ ବଉଳର
ମହମହ ବାସ୍ନାରେ।

କେମିତି ଲେଖିହୁଏ ପ୍ରେମ ?
ବନ୍ଦୀ ନାୟକର ବିରହ
ଯାତ୍ରାରେ ଲେଖିହୁଏ ପ୍ରେମ
ନବବିବାହିତା ଝିଅର ସିନ୍ଥିରେ।
ଲେଖିବା ପୂର୍ବରୁ ସନ୍ଧି
କରେ ପ୍ରେମ ରକ୍ତ ଓ ମାଟି ସହ
କାଳେ ନୀରବରେ
ଘଟିବ ଶୀତଳଯୁଦ୍ଧ
ଆଉ ଆହତ ହେବ ପ୍ରେମ !

ଲେଖିବା ପରବର୍ତ୍ତୀ ଯନ୍ତ୍ରଣା
ଅସନ୍ତୁଷ୍ଟ କାଳ ମଧ୍ୟରେ
ଘୋଟିବା ଭଳି ଲାଗେ...
ପ୍ରେମର ରକ୍ତ ଶରୀରର
ଶିରା ପ୍ରଶିରାରେ ଅତୀତ,
ବର୍ତ୍ତମାନ, ଭବିଷ୍ୟତର ମାୟାରେ
ଚଳଚଞ୍ଚଳ ହୁଏ...।

କେମିତି ଲେଖିହୁଏ ପ୍ରେମ ?
ଗାଁ ନଈପଠାରେ ନା
ଗାଉଁଲି ଝିଅର ହାତବୁଣା
ଫ୍ରକ୍‌ରେ.... !

ମୋ:୯୬୯୨୩୬୧୪୦୪

### କେଜାଣି କାହା ଅପେକ୍ଷାରେ

ରମାକାନ୍ତ ଦାସ

କେଜାଣି କାହା ଅପେକ୍ଷାରେ
ମୋ' ମନ ସାଉଁଟେ
ଅସଜଡ଼ା ସ୍ମୃତିସବୁକୁ
ଖୋଲା ଆକାଶର
ଅଝଟ ଲହରିସବୁକୁ
କଳ୍ପନାରେ ଆସୁଥିବା
ଅଜଣା ସ୍ୱପ୍ନସବୁ
ଦିଶୁଥାଏ ପୂର୍ଣ୍ଣିମାର ଚାନ୍ଦପରି।

ମୋ' ଅନୁଭବର ଉଷ୍ମ ବେଳାଭୂମିରେ
ଖୋଜୁଥାଏ ମୁଁ
ଲିଭିଯାଇଥିବା ସେଇ
ଅଭୁଲା ପାଦଚିହ୍ନଗୁଡ଼ା
କ୍ଷଣକ୍ଷଣ ଆଶାର ଆଢୁଆଳରେ
ମୋ' ଅପେକ୍ଷାର ଫର୍ଦ୍ଦଫର୍ଦ୍ଦ କାଗଜରେ
ମୁଁ ଲେଖେ ମୋ' ମନର ବ୍ୟଥା ସବୁକୁ
ଅପେକ୍ଷାର ନିରବ ରାତିରେ
ପ୍ରତିଟି ମୁହୂର୍ତ୍ତ
ପ୍ରତିଟି ଯୁଗପରି ଅନୁଭବ ହୁଏ
ଅସ୍ଥିର ହୋଇଉଠେ
ମୋ' ଭାବନାର ସମୁଦ୍ର
ମୋ' ଛଳଛଳ ଆଖି
ମୋ' କୋହପୂର୍ଣ୍ଣ ହୃଦୟ
ମୋ' ପାଗଳପଣ
ମୋ' ଅସ୍ଥିର ମନ
କେଜାଣି ରୁହେ କାହା ଅପେକ୍ଷାରେ।

ମୋ: ୯୬୬୮୮୧୫୩୬୯

ଗୀତି-କବିତା

### ଗାଁ: ପିଲାଦିନ

ଧନଞ୍ଜୟ ସ୍ୱାଇଁ

ସଞ୍ଜ ନଇଁଲେ ଗାଁଟି ମୋର
ଅନ୍ଧାରେ ପଛେ ବୁଡୁ
ତାରାଫୁଲଙ୍କ ଉହାଡୁ ଜହ୍ନ
ମୁହଁଟି ତା'ର କାଢୁ...।୦।

ବିଲହୁଡ଼ାର କଣ୍ଟାରେ ପଛେ
ପାଦ ଦୁଇ ମୋ' ଚିରୁ
କ୍ଷୀରଢୋକା ଧାନବିଲକୁ
ଦେଖି ସେ ମନଭରି ନାଚ କରୁ
ସଞ୍ଜଗଡ଼ାରୁ ଶଙ୍ଖୋଳି ନେଉ
ଗାଁଟି ମତେ ଦୂରୁ
ଅନ୍ଧାରେ ପଛେ ବୁଡୁ...।୧।

ବଇଶାଖର ଏ ତହକ ଖରା
ନିଆଁହୁଳା ପଛେ ଢାଳୁ
ମେଘର ପାହାଚେ ଆକାଶ ଆସି
ମାଟିକୁ ସରାଗ କରୁ
ନୂଆ ପାଣି ପାଇ ଗାଁ ନଈ ମୋର
ଗୀତ ଗାଇ ଗାଇ ଫୁଲୁ
ଅନ୍ଧାରେ ପଛେ ବୁଡୁ...।୨।

ମାଞ୍ଜାଦିଆ ମୋ' ନଟେଇ ସୂତା
ଛିଡ଼ିଗଲେ ପଛେ ଛିଡୁ
ଦେହ ଉଲସିଆ ପବନ ବହୁ
ନଈ ଅତଡ଼ା ଦାଢୁ
ଅଝଟିଆ ପିଲାଦିନ ମୋର ଫେରୁ
ସେଇ କଥା ଭାଲୁ ଭାଲୁ
ଅନ୍ଧାରେ ପଛେ ବୁଡୁ...।୩।

ମୋ: ୯୪୩୭୦୦୦୬୩୬

## ପୁସ୍ତକ ପରିଚୟ

### ଏକବିଂଶ ଶତାବ୍ଦୀ ଓ ଅନ୍ୟାନ୍ୟ କବିତା




**ଲେଖକ:** ରମେଶ ଚନ୍ଦ୍ର ପଣ୍ଡା
**ପ୍ରକାଶକ:** ବନଫୁଲ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩,
**ମୂଲ୍ୟ:** ଟ. ୨୫୦/-

ଆଲୋଚ୍ୟ କବିତାଗ୍ରନ୍ଥର ପ୍ରଥମଟି 'ଏକବିଂଶ ଶତାବ୍ଦୀ', ଯାହାକୁ କବି 'ଆଧୁନିକ କାବ୍ୟ' ବୋଲି କହିଛନ୍ତି। ଅନ୍ୟ ୧୩ଟି କବିତାକୁ 'ବ୍ୟଙ୍ଗ କବିତା' ଭାବେ ଚିହ୍ନିତ କରିଛନ୍ତି। 'ମୋ କଥା'ରେ ଲେଖିଛନ୍ତି- ''ସମାଜର ଉପରୁ ତଳଯାଏ ଉତ୍କଟ, ଜଘନ୍ୟ, ପୈଶାଚିକ ନୈତିକ ଅଧଃପତନ ମତେ ଦାରୁଣ ଦୁଃଖ ଦେଇଛି। ସେହି ଦୁଃଖର ଅଭିବ୍ୟକ୍ତି ହେଉଛି ଏ କବିତା ସଂକଳନ।'' ମୁଖବନ୍ଧରେ ଅଧ୍ୟାପକ ସୁରେଶ ଚନ୍ଦ୍ର ବାରିକ ଲେଖିଛନ୍ତି: ''ଏଲିୟଟ୍‌ଙ୍କ କବିତାର ସୌନ୍ଦର୍ଯ୍ୟ, ଏଜରା ପାଉଣ୍ଡଙ୍କ କବିତାର ଗାମ୍ଭୀର୍ଯ୍ୟ ଓ କଳାତ୍ମକ ବିଭବ ମୁଁ ସ୍ପଷ୍ଟରୂପେ ଶ୍ରୀ ପଣ୍ଡାଙ୍କ କବିତାରେ ଦେଖିପାରୁଛି।'' ଏସବୁ ମତାମତ କବିତାଗୁଡ଼ିକର ସ୍ୱୀକୃତି ସତ, କିନ୍ତୁ ଏହା ବାହାରକୁ ଯାଇ ପାଠକମାନେ ନିଜ ବାଗରେ ବହିଟିର ପଠନ ଓ ମନନ କରିପାରିବେ। 'ଏକବିଂଶ ଶତାବ୍ଦୀ'ରୁ ଏଇ ଉଦ୍ଧୃତିଟିକୁ ଲକ୍ଷ୍ୟ କରନ୍ତୁ: ''ତମେ କେବେ ? ନାଇଟ୍ କ୍ଲବ୍‌କୁ ଯାଇନା ?/ ତମେ କେବେ ? ଷ୍ଟାର୍ ହୋଟେଲରେ ଖାଇନା ?/ ତମେ କେବେ ? ବେଶ୍ୟାଳୟ ଯାଇନା ?/ ତମେ କେବେ ? କଲଗାର୍ଲକୁ ଏନ୍‌ଜୟ କରିନା ?/ ତମେ କେବେ ? ନିଜେ ଟଙ୍କା ଦେଇ,/ ନିଜ ଗପ ଛାପିନା ? ତମେ କେବେ ? ମୋଟା ଚାନ୍ଦା ଦେଇ,/ ମୁଖ୍ୟ ଅତିଥି ହୋଇନା ତ ?/ ବାସ୍ ! କୋଶଳ ରାଜ୍ୟରେ,/ ତମ କାମ ସରିଗଲା !!/ ତମେ, ଗୋଟେ ମଫୁ !!/ ତମେ ଗୋଟେ ଢେଙ୍କୁ !!/ ତମେ, ଗୋଟେ ଗଧ !!/ ତମେ ନିଶ୍ଚେ, ଗୋଟିଏ ବେକୁବ୍ !!'' (ପୃ: ୩୫)। କବିତାରେ ଶ୍ରୀ ପଣ୍ଡାଙ୍କ ସ୍ୱର ବିଦ୍ରୂପାତ୍ମକ ଓ ରୋକ୍‌ଠୋକ୍। ଏହି କାରଣରୁ ବହିଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା।

### ଶବ୍ଦ ସହ ଏକାନ୍ତରେ




**କବି:** ଡା. ମନୋରଞ୍ଜନ ଦାଶ
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର-୧
**ପ୍ରଥମ ପ୍ରକାଶ:** ୨୦୨୩,
**ମୂଲ୍ୟ:** ଟ. ୧୫୫/-

ମୋଟ ୫୧ଟି କବିତା ଆଲୋଚ୍ୟ ସଂକଳନରେ ସ୍ଥାନିତ ଓ ଅଧିକାଂଶ କବିତାରେ ସାମ୍ପ୍ରତିକ ସମାଜ ଓ ଜୀବନର ଚାକ୍ଷୁଷ ଚିତ୍ର ରୂପାୟିତ। ପ୍ରଚ୍ଛଦଲେଖରେ କୁହାଯାଇଛି: ''ସମକାଳୀନ ମଣିଷର ସଂଘାତ, ଶଙ୍କା, ଦ୍ୱନ୍ଦ୍ୱ, ଦହନ ଆଉ ଦାହର ଚିତ୍ର ତାଙ୍କ କବିତାର ପ୍ରତିଟି ଧାଡ଼ିରେ ବାରିହୁଏ।'' ଏଥର ଆସିବା କବିଙ୍କ କବିତାକୁ, ଗୋଟିଏ ଯୋଡ଼ିଏ ଉଦ୍ଧୃତି ନେବା- ୧. ''ଶ୍ୟାମଘନ ବସିଥିଲା ମନ ଦୁଃଖରେ !/ ପଚାରିଲି ମୁଁ ! କିରେ ଦୁଃଖ କ'ଣ ?/ ସିଏ କହିଲା- ମୋ ମାଟିଘର ଭାଙ୍ଗିଗଲା, ଷଠୀଘର ଆଉ ନାହିଁ।/ ମାଟି ଗୋବରରେ ବୋଉର ଘର ଲିପିବାରେ/ ଯେଉଁ ବାସ୍ନା ହଜିଗଲା...।'' ('ମାଟିଘର'- ପୃ: ୩୫)। ୨. ''ପୃଥିବୀର ମାନଚିତ୍ରରେ ଏକ ନିଆରା ସ୍କେଚ୍‌ଟିଏ.../ ଗଭାରେ ଖୋସିଚି ସିଏ ହେନ୍ତାଳ ବୃକ୍ଷ/ ତା' କୋଳରେ ଝୁଲାଉଚି ହରିଣ ଓ କୁମ୍ଭୀରଙ୍କୁ...'' ('ଭିତରକନିକା'- ପୃ: ୪୩)। ପରିବାର ଓ ପରିବେଶ ମନୋରଞ୍ଜନଙ୍କ କବିତାରେ ନିରହଂକାର ରୂପ ଘେନିଥାଏ। କୌଣସି ଜଟିଳ ପ୍ରୟୋଗ ଦ୍ୱାରା କବିତାକୁ ଅଯଥା ଭାରାକ୍ରାନ୍ତ ନ କରି ସେ ନିଜର ଅନୁଭୂତିକୁ ବଖାଣିଯା'ନ୍ତି, ଯାହାକୁ ଯେକୌଣସି ପାଠକ ପଢ଼ିଲେ ବି ଅବବୋଧ ପାଇଁ କମ୍ କଷ୍ଟ ସ୍ୱୀକାର କରିବାକୁ ପଡ଼େ। ଆଶା, ବହିଟିର କବିତାଗୁଡ଼ିକ ପାଠକଙ୍କ ରସବୋଧରେ ସହାୟକ ହେବ।

## ଅନୁର୍ବର ଜମିରେ ଫୁଲ

ମୂଳ ହିନ୍ଦୀ- ସନ୍ତୋଷ ସୁପେକରନେ
ଅନୁବାଦ- ମନୋଜ କୁମାର ବେହେରା

ଅନୁବାଦ ଗଳ୍ପ

ଅବ୍ୟବସ୍ଥା ଭିତରେ ମଧ୍ୟ ବ୍ୟକ୍ତିଗତ ବ୍ୟବସ୍ଥାର ଅବକାଶ ରହି..ହିଁ..ଥାଏ।

ସକାଳୁ-ସକାଳୁ ପ୍ରାୟ ଶୁନ୍‌ଶାନ୍ ରାସ୍ତାରେ ଦ୍ରୁତ ଗତିରେ ମୋଟରସାଇକେଲ୍ ଚଳାଉଥିବା ବିବେକ ହଠାତ୍ ସେହି ଉଠିଥିବା କିନ୍ତୁ ଚଉଡ଼ା ଗାତରେ ପଡ଼ିଗଲା।

ରାସ୍ତାରେ ମାଟି ଆଉ ବାଲି ଖେଳେଇ ହୋଇଥିବା ଯୋଗୁଁ ତଥା ଅସମତଳ ପୃଷ୍ଠଭାଗ ଯୋଗୁଁ ଗାଡ଼ି ଚଳେଇଲା ବେଳେ ବିଗିଡ଼ିଗଲା ତା'ର ସନ୍ତୁଳନ। ବାଇକ୍ ଗୋଟିଏ ପଟେ ପଡ଼ିଲା ଆଉ ସେ ନିଜେ ଯାଇ ପଡ଼ିଲା ଆରପଟେ। ବାମ ପାପୁଲି, ଦୁଇ ଗୋଡ଼, ଦୁଇ କହୁଣି ସହିତ ଚେହେରା ମଧ୍ୟ ରାମ୍ପୁଡ଼ି ହେଇଯାଇଥିଲା। ସେ ଯନ୍ତ୍ରଣାରେ ଚିତ୍କାର କରି ଉଠିଲା। ପାଖରେ ଯାଉଥିବା ଦୁଇ ଜଣ ପିଲା ଦଉଡ଼ି ଆସି ତାକୁ ଆଉ ତା' ବାଇକ୍‌କୁ ଉଠେଇଲେ। ଜଣେ ବୟସ୍କା ମହିଳା ସାହାରା ଦେଇ ତାକୁ ଉଠେଇଲେ, ସାମ୍ନାରେ ଥିବା ଘର ବାହାରେ ବସେଇଲେ, ଭିତରୁ ଫାଷ୍ଟଏଡ୍ ବକ୍ସ ନେଇ ଆସିଲେ ଆଉ ବହୁତ ଧୈର୍ଯ୍ୟର ସହିତ ତା'ର କ୍ଷତରେ ମଲମ ଲଗେଇ ପଟି ବାନ୍ଧିବାକୁ ଲାଗିଲେ।

ବିବେକ ଆଶ୍ଚର୍ଯ୍ୟ ଚକିତ ହୋଇ ଏହି ଅନପେକ୍ଷିତ ତାଙ୍କୁ ଦେଖୁଥିଲା। ତା'ର ଦୃଷ୍ଟି ସହସା ଫାଷ୍ଟଏଡ୍ ବକ୍ସ ଉପରେ ପଡ଼ିଲା। ସେଥିରେ ଥିଲା କାଠର କିଛି ପଟି, ବେଣ୍ଡେଏଡ୍, ଏଣ୍ଟିସେପ୍ଟିକ କ୍ରିମ୍, ପେନ୍‌କିଲ୍ର ବଟିକା ଆଉ ତା' ସହିତ ଅନେକ କିଛି। ଆଣ୍ଟି ଆପଣ କ'ଣ ଡାକ୍ତର ? ଆଶ୍ଚର୍ଯ୍ୟରେ ବାହାରିଗଲା ତା' ମୁହଁରୁ।

ଆରେ ନା' ପୁଅ, ମହିଳା ହସି ଦେଇ କହିଲେ, ମୁଁ ତ ନର୍ସ ମଧ୍ୟ ନୁହେଁ। ରିଟାୟାର୍ଡ ଟିଚରଟିଏ ମୁଁ। ଏମିତି ଘର ବାହାରେ ପ୍ରାୟ ବସିଥାଏ। ରାସ୍ତାରେ ଯେବେଠୁ ଗାତ ହେଇଛି ସେବେଠୁ ତୁମ ଭଳି କେହି ନା' କେହି ପଡ଼ୁଛନ୍ତି ଏଠି। ଅଫିସରଙ୍କ ପାଖରେ ଅନେକ ଥର ଅଭିଯୋଗ କରି ସାରିଲିଣି, ହେଲେ ଏ ପର୍ଯ୍ୟନ୍ତ ସ୍ଥିତିରେ କିଛି ସୁଧାର ହେଇ ନାହିଁ। କଲୋନୀର ଲୋକମାନେ ଅସ୍ଥାୟୀ ରୂପେ ଗାତକୁ ଭରି ଦିଅନ୍ତି କିଛିଦିନ ପରେ ସ୍ଥିତି ବିଲ୍‌କୁଲ୍ ପୂର୍ବ ଭଳି ହେଇଥାଏ। ତେଣୁ ମୁଁ ଭାବିଲି ଫାଷ୍ଟଏଡ୍ ବକ୍ସ ନେଇ ଆସିବି ଆଉ ଆହତଙ୍କୁ



ଡାକ୍ତରଙ୍କ ପାଖରେ ପହଞ୍ଚେଇଲା ଭଳି ଯେତିକି ସମ୍ଭବ ସେତିକି ଚିକିତ୍ସା କରିଦେବି। ଜଣା ନାହିଁ ଗାତ କେବେ ଭରିବ ?

ଆହତ ହେବା ସତ୍ତ୍ୱେ ହସି ଦେଲା ବିବେକ, ତାକୁ ଲାଗିଲା ଅବ୍ୟବସ୍ଥାରବିଶାଳଅନୁର୍ବରଭୂମିରେଫୁଲଟିଏଫୁଟିଛି, ବ୍ୟବସ୍ଥାର।

ମୋ: ୭୯୭୮୩୦୬୧୧

## କାଳକାଳକୁ

''କବିର କାମ ଅନାମକୁ ନାମଦେବା, ଠକଙ୍କୁ ଚିହ୍ନେଇବା, ପକ୍ଷ ନେଇ, ତର୍କ କରି ପୃଥିବୀକୁ ସଜାଡ଼ିବା ଓ ନିଦେଇ ନ ଦବା।''

– ସଲମାନ୍ ରୁଶ୍‌ଦି



**ସଲ୍‌ମାନ୍ ରୁଶ୍‌ଦିଙ୍କ** ଜନ୍ମ ୧୯ ଜୁନ୍ ୧୯୪୭ରେ, ମୁମ୍ବାଇରେ। ଭାରତ ଜନ୍ମିତ ବ୍ରିଟିଶ୍-ଆମେରିକୀୟ ଏହି ଔପନ୍ୟାସିକଙ୍କର ପ୍ରସିଦ୍ଧ କୃତି ମଧ୍ୟରେ 'ମିଡ୍‌ନାଇଟ୍‌ସ ଚିଲ୍‌ଡ୍ରେନ୍'(୧୯୮୧), 'ଦ ସାଟାନିକ୍ ଭର୍ସେସ'(୧୯୮୮) ଓ 'ସାଲିମାର୍ ଦ କ୍ଲାଉନ୍'(୨୦୦୫) ଆଦି ଅନ୍ତର୍ଭୁକ୍ତ। 'ମିଡ୍‌ନାଇଟ୍‌ସ ଚିଲ୍‌ଡ୍ରେନ୍' ପାଇଁ ୧୯୮୧ରେ ତାଙ୍କୁ ମିଳିଛି ବୁକର୍ ପ୍ରାଇଜ୍। କୁହୁକ ବାସ୍ତବବାଦ, ବ୍ୟଙ୍ଗ ଓ ଉତ୍ତର-ଉପନିବେଶବାଦର ସେ ଉଲ୍ଲେଖନୀୟ ପ୍ରବକ୍ତା। ସେ କହନ୍ତି: ''ସ୍ମୃତି ହିଁ ବଦଳେଇଦବାର ଏକ ତରିକା, ତମ ପାଇଁ କ'ଣ ଗୁରୁତ୍ୱପୂର୍ଣ୍ଣ।''

## ଅପତ୍ୟ ସ୍ନେହ

କ୍ଷୁଦ୍ରଗଳ୍ପ

ଶ୍ରୀମତୀ ରାଧାରାଣୀ ତ୍ରିପାଠୀ

'ଡାକ୍ତରବାବୁ, ମୋ' ପୁଅକୁ ବଞ୍ଚାନ୍ତୁ ଡାକ୍ତରବାବୁ। ପ୍ଲିଜ୍ ଡକ୍ଟର୍, ମୋ ପୁଅକୁ ବଞ୍ଚାନ୍ତୁ।' ଅତିଶୟ ଅଥୟ ହୋଇ କହୁଥାଆନ୍ତି ଇଂ ସୌମିତ୍ର ମହାକୁର। କାନ୍ଧରେ ସଂଜ୍ଞାହୀନ ସାତବର୍ଷର ପୁଅ ବିଶିକେଶନ। ଦୁଇ ପ୍ରାଣୀଙ୍କ ନୟନପିତୁଳା। ବଞ୍ଚିବାର ସ୍ପୃହା। ମା'ବାପା ଦୁହିଙ୍କ ନିଃଶ୍ୱାସ। ''ଆଜି ଠିକ୍ ଦି'ଟା ବେଳକୁ କାହିଁକି ଯେ ସ୍କୁଲ୍‌ରେ ବେହୋସ୍ ହୋଇଗଲା ସେ। ଫୋନ୍‌କଲ୍ ପାଇ ତା' ମା' ଯାଇ ନେଇଆସିଲା। ମୁଁ ସବୁ କାମ ଛାଡ଼ି ସାଇଟ୍‌ରୁ ଧାଇଁଆସିଛି। ତା'ର କ'ଣ ହୋଇଛି ସାର୍ ? ମୋ ବିଶିର କାହିଁକି ଏମିତି ହେଲା ସାର୍ ? ପ୍ଲିଜ୍ ସାର୍ , କୁହନ୍ତୁ ସାର୍।''

'ବ୍ୟସ୍ତ ହୁଅନ୍ତୁନି। ଡୋଣ୍ଟ ବି ପେନିକ୍। ଆଗ ତାକୁ ଚେକ୍‌ଅପ୍ କରିବାକୁ ଦିଅନ୍ତୁ। ପ୍ଲିଜ୍।' ସୌମିତ୍ରବାବୁଙ୍କ କାନ୍ଧରେ ହାତ ରଖି କହିଲେ ଡାକ୍ତରବାବୁ।

ଅଚେତ ବିଶିକୁ ଷ୍ଟ୍ରେଚର୍‌ରେ ନେଇଗଲେ କେଉଁ ଏକ ଏକ୍‌ଜାମିନ୍ ରୁମ୍‌କୁ। ବଡ଼ ଆଶା ଆଉ ବିଶ୍ୱାସରେ ଡାକ୍ତରଙ୍କ ବାଟ ଦେଖୁଥାଆନ୍ତି ମା' ବାପା। କ୍ଷଣକ ଭିତରେ ଡାକି ପକାଉଥାଆନ୍ତି ତେତ୍ରିଶ କୋଟି ଦେବତାଙ୍କୁ। ମାତ୍ର ଅଧାଘଣ୍ଟା ପରେ ଷ୍ଟ୍ରେଚର୍ ସହିତ ଫେରିଆସିଲେ ଡାକ୍ତର। ସସ୍ତ୍ରିକ ଦଉଡ଼ିଗଲେ ସେ ପାଖକୁ। ଷ୍ଟ୍ରେଚର ଉପରେ ପୁଅର ପ୍ରାଣହୀନ ଶରୀର। ଗୋଡ଼ରୁ ମୁଣ୍ଡଯାଏ ଘୋଡ଼ା ହୋଇଥିବା ଧଳା ଚାଦରକୁ ଦେଖୁଦେଖୁ ବେହୋସ ହୋଇଗଲେ ମାଆ କବିତା। ପଡ଼ି ଯାଉଯାଉ ସୌମିତ୍ରବାବୁଙ୍କୁ ଧରି ପକାଇଲେ ଡାକ୍ତର। ତାଙ୍କ ହାତକୁ ମୁଠେଇ ଧରି କହିଲେ, 'ଆଇ ଆମ୍ ସରି। ହି ଇଜ୍ ନୋ ମୋର୍।' ଏଇ ଡେଙ୍ଗୁ ରୋଗଟା ଇ ଏମିତି ସୌମିତ୍ରବାବୁ। ମୁଁ ମୋର ସାଧ୍ୟମତେ ଚେଷ୍ଟାକଲି। କିନ୍ତୁ ବ୍ୟାଡ୍‌ଲକ୍। ମୁଁ ସଫଳ ହୋଇପାରିଲିନି। ହାଭ୍ ପେସେନ୍ସ ସାର୍, ହାଭ୍ ପେସେନ୍ସ।' ସୌମିତ୍ରବାବୁଙ୍କ କାନରେ ଯେମିତି ଡାକ୍ତର ଗରମ ଗରମ ସିସା ଢାଳି ଦେଇଗଲେ। କୌଣସିମତେ ନିଜକୁ ତଥା କବିତାକୁ ସମ୍ଭାଳିନେଲେ ସେ।

ବାଟରେ ପୁଅର ଅନ୍ତ୍ୟେଷ୍ଟିକ୍ରିୟା ସାରି ଶୂନ୍ୟହାତରେ ଘରକୁ ଫେରିଆସିଲେ ମା'ବାପା। ଆପାର୍ଟମେଣ୍ଟରେ ସମବେଦନାର ଭିଡ଼ ଜମିଗଲା। ପାଖାପାଖି ରାତି ଦଶଟା ପରେ ସବୁ ଶୂନ୍‌ଶାନ୍। ସମଗ୍ର ଆପାର୍ଟମେଣ୍ଟ ନିଦ୍ରାଭିଭୂତ। ସେଭେନ୍‌ଥ ଫ୍ଲୋର୍‌ରେ କ'ଣ ହାଲଚାଲ୍ ହେଉଛି କାହାରି ନିଘା ନାହିଁ। ଠିକ୍ ରାତି ଗୋଟାଏ ପଇଁଚାଳିଶ ହେବ। ସ୍ୱାମୀ ସ୍ତ୍ରୀ ଦି' ଜଣ ହାତ ଧରାଧରି ହୋଇ ଚାଲିଆସିଲେ ବାଲ୍‌କୋନିକୁ। ଆକାଶକୁ ଏକଲୟରେ ଚାହିଁଥାଆନ୍ତି କବିତା। ହଠାତ୍ ଉତ୍‌ଫୁଲ୍ଲିତ ହୋଇ ଏକ ପ୍ରକାର ଚିଲେଇ ପକାଇଲେ। ତା'ପରେ ଆବେଗରେ ସୌମିତ୍ରଙ୍କ ହାତକୁ ଜାବୁଡ଼ି ଧରି କହିଲେ, 'ଏଇ ! ଦେଖିଲ, ଦେଖିଲ... ଆକାଶର ସେଇ କୋଣକୁ ଦେଖିଲ।' ଚାହିଁଲେ ସୌମିତ୍ର। କହିଲେ, 'ଆରେ ଏଡ଼େ ବେଗି ପୁଅ ଆମର ଯାଇ ସେଇଠି ଖେଳିଲାଣି।'

'ଚାଲ ଆମେ ତା' ପାଖକୁ ଯିବା।' ଏକରକମ ନେହୁରା ହୋଇ କହିଲେ କବିତା।

'ଠିକ୍ ଅଛି ମୋ' ହାତକୁ ଜୋର୍‌ରେ ଧର। ମୁଁ ଏକ୍ ଦୋ ତିନ୍ କହିଲେ ଦୁହେଁ ଏକା ସଙ୍ଗେ ଜମ୍ପ୍ କରିବା। ହେଲା। ତା'ପରେ ତ ପୁଅ ପାଖରେ'- କହିଲେ ସୌମିତ୍ର। ଦୁହେଁ ପରସ୍ପରକୁ ଚାହିଁ ବହେ ମୁରୁକି ମୁରୁକି ହସିଲେ ମନଭରି। ତା'ପରେ ବାଲ୍‌କୋନି ରେଲିଂ ଉପରେ ଯାଇ ଠିଆହେଲେ।

ପରଦିନ ସକାଳ। ଆପାର୍ଟମେଣ୍ଟ ପରିସରରେ ପଡ଼ିଥିଲା ରକ୍ତ ଜୁଡ୍ଡୁବୁଡ୍ଡୁ ଦୁଇଟି ନିର୍ଜୀବ ଶରୀର ; ଇଂ ସୌମିତ୍ର ମହାକୁର ଆଉ ତାଙ୍କ ପତ୍ନୀ କବିତାଙ୍କର। ରହି ରହି ଦୂରରୁ ଭାସି ଆସୁଥିଲା ଚାଣକ୍ୟ ଶ୍ଳୋକର ସେଇ ମନଲୋଭା ପଦଟି 'ନା ଚାପତ୍ୟ ସମ ସୁଖ'।

ମୋ: ୮୨୪୯୮୦୭୨୬୬



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଜୁନ୍ ୧୭/୨୦୨୩ Bhubaneswar, Saturday, June 17/ 2023

# ସର୍ବଭାରତୀୟ କଳିଙ୍ଗ ଓପନ ଜିମ୍ନାଷ୍ଟିକ୍ସ ଉଦ୍‌ଘାଟିତ

ଭୁବନେଶ୍ୱର, ୧୬।୬

(ତପନ ସ୍ୱାଇଁ)

ଜେ. ଏମ. ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ ୨ୟ କଳିଙ୍ଗ ଓପନ ସର୍ବଭାରତୀୟ ଆମନ୍ତ୍ରଣୀୟ ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହି ସର୍ବଭାରତୀୟ ପ୍ରତିଯୋଗିତାରେ ୨୦ ରାଜ୍ୟର ୩୧୫ ପ୍ରତିଯୋଗି ଭାଗ ନେଇଛନ୍ତି। ଆନ୍ତର୍ଜାତିୟ ଅଫିସିଆଲ ତଥା ଜଜ ଅଶୁଂମାନ ବାନାର୍ଜୀ, ସଞ୍ଜୀବିନି ପୂର୍ଣ୍ଣ ପତ୍ରି ଖେଳକୁ ପରିଚାଳନା କରୁଥିବାବେଳେ ସଜଳ ତନ୍ତି, ଅଭିଜିତ ସି, ମଳୟ କର୍ମକାର, ନିଲେନ୍ଦୁ ରାୟ ଚୌଧୁରୀ, ରୁମା ଦାସ,ଶିବାନି ବଡେକାର, ଆଦିତି ଦେବ, ଜିତେନ୍ଦ୍ର ଗୌଡ଼ ଓ ପଙ୍କଜ କୁଣ୍ଡେ ପ୍ରଭୃତି ସହ ଅଫିସିଆଲ ଭାବେ ସହଯୋଗ କରୁଛନ୍ତି। ପ୍ରତିଯୋଗିତା ୧୮ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜେଏମ ସ୍ପୋର୍ଟ୍ସ ଅଧକ୍ଷ ମୀରାରାଣୀ ଦାସ ପ୍ରକାଶ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଅତିଥି ରୂପେ ବିଜୁ ଯୁବ କଲ୍ୟାଣ ବିଭାଗ ଅଧକ୍ଷ କୁନ ବିହାରୀ ଦାସ ଉପସ୍ଥିତ ରହି ରାଜ୍ୟ କ୍ରୀଡ଼ାର ବିକାଶ ଉପରେ ଆଲୋକପାତ କରିବା ସହିତ ଜେଏମ ସ୍ପୋର୍ଟ୍ସ ଏକାଡେମୀର ଏପରି ଉଦ୍ୟମକୁ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଅର୍ଗସ ନ୍ୟୁଜ୍‌ର ମୁଖ୍ୟ ସମ୍ପାଦକ ସଞ୍ଜୟ ଜେନା ନିଜ ବକ୍ତବ୍ୟରେ ଜେଏମ ସ୍ପୋର୍ଟ୍ସ ଭଳି ବେସରକାରୀ ସଂସ୍ଥାର ଉଦ୍ୟମ ଯୋଗୁ ଭାରତୀୟ ପ୍ରତିଯୋଗୀମାନେ ଏବେ ଅନ୍ତର୍ଜାତୀୟ ସ୍ତରରେ ପଦକ ଜିତିବାରେ ଲାଗିଛନ୍ତି ବୋଲି କହିଥିଲେ। ସେହିଭଳି ଅନ୍ୟତମ ଅତିଥି ମୀରା ପରିଡା ଜିମ୍ନାଷ୍ଟିକ ଏକ କଷ୍ଟସାଧ ଖେଳ ହେଲେ ସୁଦ୍ଧା ଏହାକି କ୍ୟାରିୟର କରୁଥିବା ଖେଳାଳିଙ୍କ ଅଭିଭାବକଙ୍କୁ ପ୍ରଶଂସା କରିଥିଲେ।


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

## ବାଂଲାଦେଶ ବିଜୟ ନିକଟତର

ମୀରପୁର, ୧୬।୬ (ଏପି): ନାଜମୁଲ ହୋସେନ ଓ ମୋମିନୁଲ ହକ୍ ଶତକ ହାସଲ କରିବା ପରେ ବାଂଲାଦେଶ ଏଠାରେ ଆଫଗାନିସ୍ତାନ ବିପକ୍ଷରେ ଖେଳାଯାଉଥିବା ଏକମାତ୍ର କ୍ରିକେଟ ଟେଷ୍ଟ ମ୍ୟାଚରେ ବିଜୟର ନିକଟତର ହୋଇଛି। ମ୍ୟାଚ ଜିତିବା ଲାଗି ଆଫଗାନିସ୍ତାନ ସମ୍ମୁଖରେ ବାଂଲାଦେଶ କଷ୍ଟସାଧ୍ୟ ୬୬୨ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ପ୍ରଥମ ଇନିଂସରେ ୧୪୬ ରନ କରିଥିବା ନାଜମୁଲ ଦ୍ୱିତୀୟ ଇନିଂସରେ ୧୨୪ ରନ କରିଛନ୍ତି। ଫଳରେ ଗୋଟିଏ ଟେଷ୍ଟ ମ୍ୟାଚରେ ଉଭୟ ଇନିଂସରେ ଶତକ ହାସଲ କରିବାରେ ସେ ବାଂଲାଦେଶର ଦ୍ୱିତୀୟ ବ୍ୟାଟର ହୋଇଛନ୍ତି। ପୂର୍ବରୁ ବାଂଲାଦେଶର ପ୍ରଥମ ଖେଳାଳି ଭାବେ ମୋମିନୁଲ ଏହି ସଫଳତା ହାସଲ କରିଛନ୍ତି। ୨୦୨୧ ଏପ୍ରିଲ ପରେ ସେ ତାଙ୍କର ପ୍ରଥମ ଶତକ ହାସଲ କରିଛନ୍ତି। ଏଠାରେ ସେ ୧୨୧ ରନ କରିଛନ୍ତି। ବାଂଲାଦେଶ ଏହାର ଦ୍ୱିତୀୟ ଇନିଂସ ୪୨୫/୪ରେ ଘୋଷଣା କରିଛି। ଜବାବରେ ପ୍ରଥମ ଇନିଂସରେ ୨୩୬ ରନ ପଛୁଆ ଥିବା ଆଫଗାନିସ୍ତାନ ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୧୧ ଓଭରରେ ୨ ଉଇକେଟ ବିନିମୟରେ ୪୫ ରନ କରିଛି। ୬୧୭ ରନ ପଛରେ ରହିଥିବା ଆଫଗାନିସ୍ତାନକୁ ମ୍ୟାଚ ଜିତିବା ଲାଗି ଦୁଇ ଦିନ ସମୟ ରହିଛି।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ପ୍ରଥମ ଇନିଂସ: ୩୮୨
ଆଫଗାନିସ୍ତାନପ୍ରଥମଇନିଂସ: ୧୪୬
ବାଂଲାଦେଶ ଦ୍ୱିତୀୟ ଇନିଂସ: ୪୨୫/୪ (ନାଜମୁଲ ହୋସେନ-୧୨୪, ମୋମିନୁଲ ହକ୍-୧୨୧*, ଜାକିର ହସନ-୭୨, ଲିଟନ ଦାସ-୬୬*; ଜାହିର ଖାଁ-୨/୧୧୨)।
ଆଫଗାନିସ୍ତାନ ଦ୍ୱିତୀୟ ଇନିଂସ: ୪୫/୨।

# ଇଂଲଣ୍ଡ ୩୯୩/୮ରେ ଇନିଂସ ଘୋଷଣା

ବର୍ମିଂହାମ୍, ୧୬।୬ (ଏପି)

ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ବହୁପ୍ରତିକ୍ଷୀତ ଆଶେସ କ୍ରିକେଟ ଟେଷ୍ଟ ସିରିଜ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ବ୍ୟାଟିଂକୁ ସୁହାଉଥିବା ପିଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ଏକଦା ମଧାହ୍ନ ଭୋଜନ ସୁଦ୍ଧା ୧୨୪ ରନରେ ୩ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ମାତ୍ର ଜୋ ରୁଟ (୧୧୮*) ଓ ଜନି ବେୟାରଷ୍ଟୋ (୭୮)ମଧ୍ୟରେ ୧୧୯ରନର

**ରୁଟ୍‌ଙ୍କ ଶତକ**

ଭାଗୀଦାରି ଯୋଗୁ ଘରୋଇ ଦଳ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଛି। ଦଳ ୭୮ ଓଭର ଖେଳି ୮ ଉଇକେଟ ବିନିମୟରେ ୩୯୩ରନ କରି ଏହାର ପ୍ରଥମ ଇନିଂସ ଘୋଷଣା କରିଛି। ଦଳର ଅନ୍ୟତମ ସଫଳ ବ୍ୟାଟର ଓପନର ଜ୍ୟାକ୍ କ୍ରଲି ୬୧ ରନ କରିଥିଲେ। ଅଷ୍ଟ୍ରେଲିଆ ତରଫରୁ ସଫଳ ବୋଲର ନାଥାନ ଲିଅନ ୧୪୯ ରନ ବିନିମୟରେ ୪ ଏବଂ ଜୋସ୍ ହାଜେଲଉଡ୍ ୬୧ ରନ ଦେଇ ୨ ଉଇକେଟ ନେଇଛନ୍ତି। ସୂଚନାଯୋଗ୍ୟ, ଅଧିନାୟକ ବେନ୍ ଷ୍ଟୋକ୍ସ ଏବଂ କୋଚ୍ ବ୍ରେଣ୍ଡନ ମ୍ୟାକ୍‌କୁଲମଙ୍କ ଅଧୀନରେ ଇଂଲଣ୍ଡ ଦଳ ଟେଷ୍ଟ ମ୍ୟାଚରେ ଆକ୍ରମଣାତ୍ମକ ନୀତି ଅବଲମ୍ବନ କରିଛି। ଦଳ ଏହାର ଗତ ୧୭ଟି ଟେଷ୍ଟ ମ୍ୟାଚ ମଧ୍ୟରୁ ୧୨ଟିରେ ବିଜୟ ହାସଲ କରିଛି। ମୋଇନ ଅଲି ପାଖାପାଖି ଦୁଇ ବର୍ଷ ପରେ ତାଙ୍କର ପ୍ରଥମ ଟେଷ୍ଟ ମ୍ୟାଚ ଖେଳୁଛନ୍ତି। ଇଂଲଣ୍ଡର ଆଘାପ୍ରାପ୍ତ ପ୍ରମୁଖ ସ୍ପିନର ଜ୍ୟାକ୍ ଲିଚ୍‌ଙ୍କ ସ୍ଥାନରେ ତାଙ୍କୁ ଦଳରେ ସ୍ଥାନ ମିଳିଛି। ୱାରୱିକଶାୟାର ସହିତ ଅଲିଙ୍କ ହୋମ୍ ଗ୍ରାଉଣ୍ଡ ହେଉଛି ଏଜ୍‌ବାଷ୍ଟାନ। ଏଠାରେ ତାଙ୍କଠାରୁ ଭଲ ପ୍ରଦର୍ଶନ ଆଶା କରାଯାଉଛି। ଅଷ୍ଟ୍ରେଲିଆ ୨୦୦୧ ପରଠାରୁ ଇଂଲଣ୍ଡରେ ଆଶେସ ଜିତି ପାରି ନାହିଁ। ଦଳ ଗତ ରବିବାର ଭାରତକୁ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ପରାସ୍ତ କରି ଟାଇଟଲ ହାସଲ କରିଛି। ଅଷ୍ଟ୍ରେଲିଆ ୨୦୨୧-୨୨ରେ ଗତ ଆଶେସ ସିରିଜରେ ଇଂଲଣ୍ଡକୁ ୪-୦ରେ ହରାଇ ଦେଇଥିଲା। ଭ୍ରମଣକାରୀ ଦଳ ଡ୍ର ରଖିପାରିଲେ ଆଶେସ ବଜାୟ ରଖିପାରିବ।


ଶଟ୍ ଖେଳିବା ଅବସରରେ ଜୋ ରୁଟ୍।




## ଫାଇନାଲରେ ମାଲେସିଆ

**ସ୍କ୍ୱାଶ ବିଶ୍ୱକପ୍**

ଚେନ୍ନାଇ,୧୬।୬ (ପି.ଟି.): ଚତୁର୍ଥ ସିଡ୍ ମାଲେସିଆ ୩-୦ରେ ଦ୍ୱିତୀୟ ସିଡ୍ ଭାରତକୁ ହରାଇ ଏଠାରେ ଚାଲିଥିବା ଏସ୍‌ଡିଏଟି ଡବ୍ଲ୍ୟୁଏସ୍‌ଏଫ୍ ସ୍କ୍ୱାଶ ବିଶ୍ୱ କପ୍‌ର ଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳର ସାଇ ହଙ୍ଗ୍ ଅଙ୍ଗ୍ ୭-୪, ୫-୭, ୧-୭, ୭-୧, ୭-୬ରେ ଅଭୟ ସିଂଙ୍କୁ ପରାସ୍ତ କରିଥିବା ବେଳେ ଆଇରା ଅଜମାନ ୭-୩, ୭-୩, ୫-୭, ୭-୪ରେ ଜ୍ୟୋସ୍ନା ଚିନାପ୍ପାଙ୍କୁ ଏବଂ ଡାରେନ ପ୍ରାଗାସାମ୍ ୭-୫, ୨-୭, ୭-୬, ୬-୫ରେ ସୌରଭ ଘୋଷାଲଙ୍କୁ ହରାଇ ଦେଇଥିଲେ। ଶନିବାର ଫାଇନାଲରେ ମାଲେସିଆ ଟପ୍ ସିଡ୍ ତଥା ଗତଥର ଚାମ୍ପିୟନ ଇଜିପ୍ଟକୁ ଭେଟିବ। ଇଜିପ୍ଟ ଅନ୍ୟ ସେମିଫାଇନାଲରେ ୪-୦ରେ ଜାପାନକୁ ପରାସ୍ତ କରିଛି।

## ଲୁନ୍‌କାନୁ ୫ ବର୍ଷ ବାସନ୍ଦ

**ମ୍ୟାଚ୍ ଫିକ୍ସିଂ ମାମଲା**

ଲଣ୍ଡନ, ୧୬।୬ (ଏପି): ଏକ ମ୍ୟାଚ ଫିକ୍ସିଂ ମାମଲାରେ ରୋମାନିଆର ଟେନିସ ଖେଳାଳି ପେଟ୍ରୁ-ଆଲେକ୍‌ଜାଣ୍ଡ୍ରୁ ଲୁନ୍‌କାନୁଙ୍କୁ ୫ ବର୍ଷ ବାସନ୍ଦ ଓ ୪୦,୦୦୦ ଡଲାର ଜରିମାନା କରାଯାଇଥିବା ଇଣ୍ଟରନ୍ୟାଶନାଲ ଟେନିସ ଇଣ୍ଟିଗ୍ରିଟି ଏଜେନ୍ସି (ଆଇଟିଆଇଏ) ଶୁକ୍ରବାର ପ୍ରକାଶ କରିଛି। ଲୁନ୍‌କାନୁଙ୍କ ବିରୋଧରେ ଅଣାଯାଇଥିବା ୭ଟି ମ୍ୟାଚ ଫିକ୍ସିଂ ଅଭିଯୋଗ ମଧ୍ୟରୁ ୫ଟିର ଶୁଣାଣିକୁ ସଂରକ୍ଷିତ ରଖାଯାଇଛି। ୩୪ବର୍ଷୀୟ ଏହି ଖେଳାଳିଙ୍କ ବିରୋଧରେ ଅଲଗା ଅଭିଯୋଗ ମଧ୍ୟ ରହିଥିଲା। ତାଙ୍କ ବିରୋଧରେ ତଦନ୍ତ ବେଳେ ସେ ଇଣ୍ଟରନ୍ୟାଶନାଲ ଟେନିସ ଇଣ୍ଟିଗ୍ରିଟି ଏଜେନ୍ସିକୁ ସହଯୋଗ କରି ନ ଥିଲେ। ଲୁନ୍‌କାନୁ ତାଙ୍କ କ୍ୟାରିୟର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ ୨୦୦୯ରେ ହାସଲ କରି ତାଲିକାର ୩୦୪ ତମ ସ୍ଥାନରେ ରହିଥିଲେ। ଜୁଲାଇରେ ରୋମାନିଆରେ ଏକ ରୋୟର ଲେଭଲ ଇଭେଣ୍ଟର ପ୍ରଥମ ରାଉଣ୍ଡରୁ ସେ ବିଦାୟ ନେଇଥିଲେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁନ୍ ୧୭/୨୦୨୩ (୧୨+୮=୨୦ ପୃଷ୍ଠା) | Bhubaneswar, Saturday, June 17/2023 | Page 20 | ₹ 7.00 | SAMBALPUR




**ଶ୍ରାବଣୀ ଜିତିଲେ ରୌପ୍ୟ**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ୧୦୦ ମିଟର ଇଭେଣ୍ଟରେ ଓଡ଼ିଶାର ଶ୍ରାବଣୀ ନନ୍ଦ ରୌପ୍ୟ ପଦକ ହାସଲ କରିଛନ୍ତି। ୦୮

୦୫ **ପ୍ରଭାସଙ୍କ ଜବରଦସ୍ତ କମ୍‌ବ୍ୟାକ୍**

ଓମ୍ ରାଉତଙ୍କ ନିର୍ଦ୍ଦେଶିତ ପାନ୍ ଇଣ୍ଡିଆ ଫିଲ୍ମ 'ଆଦିପୁରୁଷ'ରେ ପ୍ରଭାସଙ୍କ ଅଭିନୟକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି।



# ୨୧ ଯାଏ ପ୍ରଚଣ୍ଡ ରୌଦ୍ରତାପ

**ଅନିଲ ଦାସ**
**ଭୁବନେଶ୍ୱର, ୧୬।୬**

ଉପକୂଳରୁ ଉପାନ୍ତ ସବୁଠି ପାରଦ ଉପରମୁହାଁ ହୋଇଛି। ସୋନପୁର ରାଜ୍ୟର ଉତ୍ତପ୍ତ ସହର ପାଲଟିଛି। ଏଠାରେ ସର୍ବୋଚ୍ଚ ତାପମାତ୍ରା ୪୫.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି ରାଜ୍ୟର ୩ଟି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୫ ଡିଗ୍ରୀକୁ ଟପି ଯାଇଥିବା ବେଳେ ୮ଟି ସ୍ଥାନରେ ୪୪ ଡିଗ୍ରୀକୁ ପାର କରିଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଶୁକ୍ରବାର ଝାରସୁଗୁଡ଼ାରେ ସର୍ବାଧିକ ୪୫.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀର ୪୫.୩, ସମ୍ବଲପୁର ୪୪.୮, ଅନୁଗୋଳ ୪୪.୭, ହୀରାକୁଦ ୪୪.୬, ଭୁବନେଶ୍ୱର ୪୪.୬, ସୁନ୍ଦରଗଡ଼ ୪୪.୫, ତାଳଚେର ୪୪.୪, ବୌଦ୍ଧ ୪୪.୨, ରାଉରକେଲା ୪୪, ବରଗଡ଼ ୪୪, ନୟାଗଡ଼ ୪୩.୫, ଢେଙ୍କାନାଳ ୪୩.୫, ଟିଟିଲାଗଡ଼ ୪୩.୫, ବାରିପଦା ୪୩.୨, ବ୍ରହ୍ମପୁର ୪୩.୨, ନୂଆପଡ଼ା ୪୩, ଭବାନୀପାଟଣା ୪୩, ଖୋର୍ଦ୍ଧା ୪୩, ମାଲକାନଗିରି ୪୨.୪, କଟକ ୪୨.୨, ଦେବଗଡ଼ ୪୨, କେନ୍ଦ୍ରାପଡ଼ା ୪୧.୮, ଫୁଲବାଣୀ ୪୧.୫, ☞ପୃଷ୍ଠା–୪

# ପୁଅ ଧର୍ମ ପରିବର୍ତ୍ତନ କରିଥିବାରୁ ବାପା ମୃତଦେହକୁ ଶ୍ମଶାନ ମନା

**ସନ୍ତୋଷ ଶତପଥୀ**
**ଉମରକୋଟ, ୧୬।୬**

ପୁଅ କରିଥିଲା ଧର୍ମ ପରିବର୍ତ୍ତନ। ତେଣୁ ତାଙ୍କ ବାପାଙ୍କ ମୃତ୍ୟୁ ପରେ ହିନ୍ଦୁ ଶ୍ମଶାନରେ ସତ୍କାର କରିବାକୁ ମିଳିଲାନି ଅନୁମତି। ଏପରି ଏକ ସମ୍ବେଦନଶୀଳ ଘଟଣା ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଧୀନ ବେହେଡ଼ା ପଞ୍ଚାୟତ ସିଉନାଗୁଡ଼ା ଗ୍ରାମରେ ଶୁକ୍ରବାର ଦେଖିବାକୁ ମିଳିଥିଲା। ପୋଲିସ ଓ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ବୁର୍ଜା ଗ୍ରାମ ନିକଟ ଏକ ସ୍ଥାନରେ ମୃତଦେହ ସତ୍କାର କରାଯିବ ବୋଲି ସୂଚନା ମିଳିଛି।

ମିଳିଥିବା ସୂଚନାନୁଯାୟୀ, ଉମରକୋଟ ଥାନା ଅଧୀନ ସିଉନାଗୁଡ଼ା ଗ୍ରାମର ଡମ୍ବୁ ସାନ୍ତା(୫୫)ଙ୍କର ଶୁକ୍ରବାର ସକାଳେ ମୃତ୍ୟୁ ହୋଇଥିଲା। ମୃତକଙ୍କ ସାନପୁଅ ହିନ୍ଦୁ ଧର୍ମ ଛାଡ଼ି ଅନ୍ୟ ଧର୍ମ ଗ୍ରହଣ କରିଥିଲେ। ଡମ୍ବୁ ସାନପୁଅଙ୍କ ନିକଟରେ ରହୁଥିଲେ। ତେଣୁ ତାଙ୍କ ମୃତ୍ୟୁପରେ ଗ୍ରାମବାସୀ ଡମ୍ବୁଙ୍କ ମୃତଦେହକୁ ହିନ୍ଦୁ ଶ୍ମଶାନରେ ସତ୍କାର କରିବା ସୁଯୋଗ ଦେଇ ନ ଥିଲେ। ଖବର ସଂଗ୍ରହ କରିବାକୁ ଖବରଦାତାମାନେ ସେଠାକୁ ଯାଇଥିଲେ ମଧ୍ୟ ଗ୍ରାମବାସୀ ତାଙ୍କୁ ଗାଁ ଭିତରେ ପୂରାଇ ଦେଇ ନ ଥିଲେ। ଆପୋସ ବୁଝାମଣାରେ ଘଟଣା ସମାଧାନ କରାଯିବ କହି ଗ୍ରାମବାସୀ ଖବରଦାତାଙ୍କୁ ଫେରାଇ ଦେଇଥିଲେ। ତେବେ ଅପରାହ୍ନ ୪ଟା ସୁଦ୍ଧା ଘଟଣାର କୌଣସି ସମାଧାନ ନ ହେବାରୁ ମୃତକଙ୍କ ପରିବାର ଲୋକେ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ଉମରକୋଟ ଥାନା କର୍ମଚାରୀ ଓ ତହସିଲଦାର ତୁଳା ମୁଦୁଲି ସିଉନାଗୁଡା ଗ୍ରାମରେ ପହଞ୍ଚିଥିଲେ। ସେମାନେ ସେମାନେ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ବୁର୍ଜା ଗାଁ ନିକଟ ଏକ ସ୍ଥାନରେ ରାତି ଭିତରେ ମୃତଦେହ ସତ୍କାର କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଉମରକୋଟ ଥାନା ଅଧୀନରେ ଏଥିପୂର୍ବରୁ ଅନୁରୂପ ୨ଟି ଘଟଣା ଘଟିଥିବା ବେଳେ ଏହା ତୃତୀୟ ଘଟଣା।

# ଇତିହାସ ଲିଭାଇବାକୁ କେନ୍ଦ୍ରର ଉଦ୍ୟମ

## ନେହେରୁ ସ୍ମାରକୀ ସଂଗ୍ରହାଳୟ ଓ ପାଠାଗାରର ନୂତନ ନାମକରଣ



୧୯୩୦ରେ ନିର୍ମିତ ନେହେରୁ ମେମୋରିଆଲ ମ୍ୟୁଜିୟମ୍ ଆଣ୍ଡ ଲାଇବ୍ରେରି।



୨୦୨୨ ଏପ୍ରିଲ ୨୧ରେ ତିନ୍ ମୂର୍ତ୍ତି ଭବନରେ ଉଦ୍‌ଘାଟିତ ପ୍ରାଇମ୍ ମିନିଷ୍ଟର୍ସ ମ୍ୟୁଜିୟମ୍।

**କେନ୍ଦ୍ରର ମୋଦି ସରକାର ନୂଆଦିଲ୍ଲୀସ୍ଥିତ ତିନ୍ ମୂର୍ତ୍ତି ଭବନରେ ଥିବା ନେହେରୁ ସ୍ମାରକୀ ସଂଗ୍ରହାଳୟ ଓ ପାଠାଗାରର ନୂଆ ନାମକରଣ କରିଛନ୍ତି। ଏଣିକି ଏହା 'ପ୍ରାଇମ୍ ମିନିଷ୍ଟର୍ସ ମ୍ୟୁଜିୟମ୍' ନାମରେ ପରିଚିତ ହେବ। ନେହେରୁ ମେମୋରିଆଲ ମ୍ୟୁଜିୟମ୍ ଆଣ୍ଡ ଲାଇବ୍ରେରି (ଏନ୍‌ଏମ୍‌ଏମ୍‌ଏଲ୍) ସୋସାଇଟିର ଉପାଧ୍ୟକ୍ଷ ତଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବା ଶୁକ୍ରବାର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହାକୁ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଦୃଢ଼ ନିନ୍ଦା କରିଛନ୍ତି। ଯାହାଙ୍କର ନିଜସ୍ୱ ଇତିହାସ ନାହିଁ, ସେମାନେ ଅନ୍ୟମାନଙ୍କ ଇତିହାସ ଲିଭାଇବାକୁ ଉଦ୍ୟମ କରୁଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ସମାଲୋଚନା କରିଛନ୍ତି।**

**ନୂଆଦିଲ୍ଲୀ, ୧୬।୬**
**(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)**

୧୯୨୯-୩୦ରେ ଜାତୀୟ ରାଜଧାନୀ ଦିଲ୍ଲୀର କେନ୍ଦ୍ରସ୍ଥଳରେ ବ୍ରିଟିଶ୍ ଆର୍ମି କମାଣ୍ଡର-ଇନ୍-ଚିଫ୍‌ଙ୍କ ବାସଭବନ ପ୍ରତିଷ୍ଠା କରାଯାଇଥିଲା। ସେତେବେଳେ ଏହାର ନାମ ରହିଥିଲା ଫ୍ଲାଗ୍‌ଷ୍ଟାଫ୍ ହାଉସ୍। ୧୯୪୭ରେ ଦେଶ ସ୍ୱାଧୀନ ହେବା ପରେ ୧୯୪୮ରୁ ଏହି ଐତିହାସିକ ପ୍ରାସାଦ ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ସରକାରୀ ବାସଭବନ ପାଲଟିଥିଲା। ନେହେରୁ ୧୯୬୪ ମେ' ୨୭ରେ ମୃତ୍ୟୁ ପର୍ଯ୍ୟନ୍ତ ଏଠାରେ ୧୬ ବର୍ଷରୁ ଅଧିକ ସମୟ ଧରି ଅବସ୍ଥାନ କରିଥିଲେ। ନେହେରୁଙ୍କ ପରଲୋକ ପରେ ଏହି ଭବନକୁ ତାଙ୍କ ନାମରେ ନାମିତ କରାଯାଇଥିଲା। ୧୯୬୬ ଏପ୍ରିଲ ୧ରେ ଉକ୍ତ ସ୍ମାରକୀ ଭବନରେ ସଂଗ୍ରହାଳୟ ଓ ପାଠାଗାର ପରିଚାଳନା ନିମନ୍ତେ ନେହେରୁ ମେମୋରିଆଲ ଆଣ୍ଡ ଲାଇବ୍ରେରି ସୋସାଇଟି ନାମରେ ଏକ ସ୍ୱୟଂଶାସିତ ସଂସ୍ଥା ଗଠନ କରାଯାଇଥିଲା। ତିନ୍ ମୂର୍ତ୍ତି ଭବନ ପରିସରରେ ଥିବା ଏହି ସୋସାଇଟକୁ କେନ୍ଦ୍ରର ମୋଦି ସରକାର ନୂଆ ନାମ ଦେଇଛନ୍ତି। ଏହା ଏଣିକି ପ୍ରଧାନମନ୍ତ୍ରୀଙ୍କ ମ୍ୟୁଜିୟମ୍ ଓ ଲାଇବ୍ରେରି ସୋସାଇଟି ନାମରେ ପରିଚିତ ହେବ। ପ୍ରାୟ ୯୦ ବର୍ଷ ପୂର୍ବେ ନିର୍ମିତ ତିନ୍ ମୂର୍ତ୍ତି ଭବନ ପରିସରରେ ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ ଉଦ୍‌ଘାଟନର ପ୍ରାୟ ବର୍ଷକ ପରେ କରାଯାଇଥିବା ଏହି ନାମକରଣକୁ ନେଇ ଜାତୀୟ ରାଜନୀତି ସରଗରମ ହୋଇଛି। ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ପ୍ରତିରକ୍ଷା ମନ୍ତ୍ରୀ ☞ପୃଷ୍ଠା–୪


PATANJALI

ଯୁଗ ପାଇଁ ଯୋଗ | ଆତ୍ମନିର୍ଭରତା ପାଇଁ ଯୋଗ | ନବଜୀବନ ପାଇଁ ଯୋଗ

## ଯୋଗ ଦିବସ ଅବସରରେ ଯୋଗମୟ ଏବଂ ଆୟୁର୍ବେଦମୟ

### ନୀରୋଗୀ ଜୀବନ ଜିଇବାର ବ୍ରତ ନେଇ ଡ୍ରଗ୍ ମାଫିଆ ତଥା ବିଦେଶୀ କମ୍ପାନୀମାନଙ୍କ ଲୁଟ୍‌ରୁ ନିଜକୁ ରକ୍ଷା କରନ୍ତୁ ଏବଂ ଆତ୍ମନିର୍ଭର ଭାରତ ଗଢ଼ିବାରେ ବଡ଼ ଭୂମିକା ତୁଲାନ୍ତୁ





ଦୈନନ୍ଦିନ ଘରେ 1 ଘଣ୍ଟା ଯୋଗ କରିବାର ବ୍ରତ ନେଇ ନିଜ ଘରର ହେଲ୍‌ଥ ବଜେଟକୁ 0%କୁ ଆଣନ୍ତୁ । ଆପଣ ଜାଣିରଖିବା ଉଚିତ ଯେ ଆପଣ ରୋଗୀ ହେବା ଫଳରେ ମେଡିକାଲ ମାଫିଆ ଓ ଡ୍ରଗ୍ ମାଫିଆ ଆପଣଙ୍କ ଆୟ ଓ ସଞ୍ଚୟର 25ରୁ 50% ଛଡ଼ାଇନେଇପାରନ୍ତି । ବିଗତ 30 ବର୍ଷରେ ଆମେ କୋଟି କୋଟି ଲୋକଙ୍କୁ ବି.ପି., ସୁଗାର, ଥାଇରଏଡ୍, ହୃଦ୍‌ରୋଗ, ମୋଟାପଣ, ଆଜ୍‌ମା, ଆର୍ଥ୍ରାଇଟିସ୍, ଲିଭର, କିଡ୍‌ନୀ, ଲଙ୍ଗ୍‌ସ, ହାର୍ଟର ଅଟୋଇମ୍ୟୁନ୍ ରୋଗ ଓ କ୍ୟାନ୍‌ସର୍ ଭଳି ରୋଗରୁ ମୁକ୍ତ କରିଛୁ । ଗବେଷଣା ଏବଂ ପ୍ରମାଣ ଆଧାରିତ ଯୋଗ, ଆୟୁର୍ବେଦ ଓ ନାଚୁରୋପାଥି ଇଣ୍ଟିଗ୍ରେଟେଡ୍ ଟ୍ରିଟ୍‌ମେଣ୍ଟ ଦ୍ୱାରା ଆପଣ ମଧ୍ୟ ଲାଇଭ୍ ଯୋଗ ଶିଖିବା ପାଇଁ ପ୍ରତିଦିନ ଆସ୍ଥା ଚ୍ୟାନେଲ୍ ତଥା ଇଣ୍ଡିଆ ଟିଭି ଦେଖି ଯୋଗ, ଆୟୁର୍ବେଦ ଏବଂ ସନାତନ ସଂସ୍କୃତି ଓ ପ୍ରକୃତିରୁ ସମ୍ପୂର୍ଣ୍ଣ ସମାଧାନ ପାଆନ୍ତୁ ।

**ପତଞ୍ଜଳି ୱେଲନେସ୍, ପତଞ୍ଜଳି ଯୋଗପୀଠ, ହରିଦ୍ୱାରକୁ ଆସି ଅସାଧ୍ୟ ରୋଗରୁ ମୁକ୍ତି ପାଆନ୍ତୁ**

ଏଲୋପାଥି ପ୍ରାୟୋଜିତ ମିଛ ବ୍ୟାପ୍ତ କରି ଲୋକଙ୍କ ମନରେ ଭୟ ଜନ୍ମାଇ ଦେଇଛି ଯେ ଆପଣ ରୋଗରୁ ସମ୍ପୂର୍ଣ୍ଣ ଭାବେ ମୁକ୍ତ ହୋଇପାରିବେ ନାହିଁ । ଆଜୀବନ କେମିକାଲ୍ ନିର୍ମିତ ସିନ୍ଥେଟିକ୍ ଔଷଧ ଓ ଭିଟାମିନ୍‌ର ବିଷ ଆପଣଙ୍କ ଶରୀରରେ ଘୋଳାଯାଇ ଆପଣଙ୍କ ଜୀବନକୁ ନର୍କରେ ପରିଣତ କରିଦିଆଯାଉଛି । ଆମେ ଯୋଗ, ଆୟୁର୍ବେଦ ଓ ନାଚୁରୋପାଥି ମାଧ୍ୟମରେ ସମସ୍ତ ରୋଗକୁ କେବଳ ନିୟନ୍ତ୍ରଣ ନୁହେଁ ବରଂ ଆରୋଗ୍ୟ ମଧ୍ୟ କରିଛୁ । ଏହା ସହିତ କ୍ଷତିଗ୍ରସ୍ତ ଲିଭର, କିଡ୍‌ନୀ, ପ୍ୟାନକ୍ରିୟାଜ୍, ଲଙ୍ଗ୍, ହାର୍ଟ ଆଦିକୁ ସମ୍ପୂର୍ଣ୍ଣ ସୁସ୍ଥ କରି ରୋଗଗୁଡ଼ିକୁ ନିର୍ମୂଳ କରିଛୁ । ପତଞ୍ଜଳି ରିସର୍ଚ୍ଚ ଫାଉଣ୍ଡେଶନ ପାଖାପାଖି 3 ହଜାର ରିସର୍ଚ୍ଚ ପ୍ରୋଟୋକଲକୁ ଅନୁସରଣ କରି ପାଖାପାଖି 500 ରିସର୍ଚ୍ଚ ପେପର ବିଶ୍ୱର ଖ୍ୟାତନାମା ଜର୍ନାଲଗୁଡ଼ିକରେ ପ୍ରକାଶିତ କରିଛି । ବିଶ୍ୱରେ ଯେଉଁ କାମ ସମଗ୍ର ମେଡିକାଲ ସିଷ୍ଟମ୍ କରିପାରିନାହିଁ, ସେହି କାମକୁ ପତଞ୍ଜଳି କରି ଦେଖାଇଛି । ଏହି ଆନ୍ଦୋଳନର ପ୍ରଚାର, ବିସ୍ତାର କରି କୋଟି କୋଟି ଲୋକଙ୍କୁ ଉପକାର କରିବାର ପୁଣ୍ୟ ଅର୍ଜନ କରିବାରେ ସହଯୋଗ କରନ୍ତୁ । ପତଞ୍ଜଳି ୱେଲନେସ୍‌ରେ ରେଜିଷ୍ଟ୍ରେଶନ କରିବା ପାଇଁ ଯୋଗାଯୋଗ କରନ୍ତୁ ।

**ବିଶ୍ୱର ସବୁଠାରୁ ବଡ଼ ଯୋଗ ଗୁରୁ**

ଯୋଗରଷି ସ୍ୱାମୀ ରାମଦେବ ମହାରାଜଙ୍କ ସହିତ ସିଧାସଳଖ ଯୋଗ ଦେଇ ଯୋଗ ଶିଖନ୍ତୁ

आस्था LIVE — ଦୈନିକ ସକାଳ 5:30 ରୁ 7:30 ଓ ରାତି 8:00 ଘଟିକାରେ

INDIA TV — ଦୈନିକ ସକାଳ 7:56 ଘଟିକାରେ

PATANJALI wellness

8954666111, 8954666222, 8954666333, 8954666444, 8954666555

Email: booking@patanjaliwellness.com | Website: www.patanjaliwellness.com

**ପତଞ୍ଜଳିର ଗବେଷଣା ଓ ପ୍ରମାଣ ଆଧାରିତ ଔଷଧ ପତଞ୍ଜଳି ଚିକିତ୍ସାଳୟ, ପତଞ୍ଜଳି ମେଗା ଷ୍ଟୋର୍, ପତଞ୍ଜଳି ଆରୋଗ୍ୟ କେନ୍ଦ୍ର ଓ ଦେଶର ପ୍ରମୁଖ ମେଡିକାଲ ଷ୍ଟୋରରୁ ପ୍ରାପ୍ତ କରି ଆପଣ ମଧ୍ୟ ରୋଗଗୁଡ଼ିକୁ ମୂଳରୁ ସମାପ୍ତ କରିପାରିବେ ।**




ବି.ପି.ରୁ ମୁକ୍ତି ପାଇବା ପାଇଁ | ସୁଗାର୍‌ରୁ ମୁକ୍ତି ପାଇବା ପାଇଁ | ଆଜ୍‌ମା ଓ ଥାଇରଏଡ୍‌ରୁ ମୁକ୍ତି ପାଇବା ପାଇଁ | ଆର୍ଥ୍ରାଇଟିସ୍‌ରୁ ମୁକ୍ତି ପାଇବା ପାଇଁ | ଲିଭର୍ ରୋଗଗୁଡ଼ିକରୁ ମୁକ୍ତି ପାଇବା ପାଇଁ

ମସ୍ତିଷ୍କ ରୋଗଗୁଡ଼ିକରୁ ମୁକ୍ତି ପାଇବା ପାଇଁ | ହୃଦ୍‌ରୋଗ ଓ କୋଲେଷ୍ଟରଲ୍‌ରୁ ମୁକ୍ତି ପାଇବା ପାଇଁ | ମୋଟାପଣରୁ ମୁକ୍ତି ପାଇବା ପାଇଁ | ନେତ୍ର ଓ କର୍ଣ୍ଣ ରୋଗଗୁଡ଼ିକରୁ ମୁକ୍ତି ପାଇବା ପାଇଁ | ଶ୍ୱସନତନ୍ତ୍ରର ରୋଗଗୁଡ଼ିକରୁ ମୁକ୍ତି ପାଇବା ପାଇଁ

ଅନ୍‌ଲାଇନ୍ କିଣନ୍ତୁ - www.patanjaliayurved.net | ଗ୍ରାହକ ସେବା - 18001804108 | ଇ-ମେଲ୍ - feedback@patanjaliayurved.org | ୱେବ୍‌ସାଇଟ୍ - www.patanjaliayurved.org

## ସଂକ୍ଷେପରେ

### ବଜ୍ରପାତରେ ୨ ଆହତ

**କଣ୍ଟାବାଞ୍ଜି,୧୬।୬(ଗୁରୁଦୟାଲ ହଂସ):** ଗୁରୁବାର ସନ୍ଧ୍ୟା ୭ଟାରେ କଣ୍ଟାବାଞ୍ଜି ଓ ଆଖପାଖ ଅଞ୍ଚଳରେ ଅତି କମ ସମୟ ପାଇଁ ଘଡଘଡି ସହ ବର୍ଷା ହୋଇଥିଲା। ଏହି କାଳ ବୈଶାଖିରେ ବିଭିନ୍ନ ସ୍ଥାନରେ ଗଛପତ୍ର ଭାଙ୍ଗିବା ସହ ଝଡ ତୋଫାନରେ ଟିଣ ଚାଦର ଉପୁଡି ପଡିଥିବା ଜଣାପଡିଛି। ଠିକ ସେହି ସମୟରେ କଣ୍ଟାବାଞ୍ଜି ଥାନା ଧାମନଡଙ୍ଗା ପଞ୍ଚାୟତ ରଜାମରା ଗାଁର ଦ୍ରୋଣଚାର୍ଯ୍ୟ ରଣା(୩୭) ଓ ଆକାଶ ରଣା (୨୩) ଉଭୟେ କଣ୍ଟାବାଞ୍ଜି ପଟକୁ ବାଇକ ଯୋଗେ ଆସୁଥିଲେ। ବର୍ଷା ଓ ଝଡତୋଫାନକୁ ଦେଖି ଉଭୟେ ମିଶ୍ର ପେଟ୍ରୋଲ ପମ୍ପ ନିକଟରେ ଥିବା ଏକ ଗଛ ତଳେ ଛିଡା ହୋଇଥିଲେ। ଏହି ସମୟରେ ଘଡଘଡି ସହ ବଜ୍ରପାତ ହେବାରୁ ଉଭୟେ ବଜ୍ରପାତର ଶିକାର ହୋଇଥିଲେ। ଫଳରେ ଦ୍ରୋଣାଚାର୍ଯ୍ୟଙ୍କ ବାମ ହାତ ଓ ଅଣ୍ଟାରେ ଆଘାତ ହୋଇଥିବା ବେଳେ ଆକାଶର ସାମାନ୍ୟ ଆଘାତ ହୋଇଥିବା ଜଣାପଡିଛି। ବଜ୍ରପାତ ହେବା କ୍ଷଣି ସ୍ଥାନୀୟ ଲୋକେ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା କରିଥିଲେ। ପରେ ଦାୟୀତ୍ୱରେ ଥିବା ଡାକ୍ତର ସୁସ୍ଥ ଥିବା କହିବାରୁ ପରିବାର ବର୍ଗ ପହଞ୍ଚି ନିଜ ଗାଁ ରଜାମରାକୁ ନେଇଥିଲେ।

### ସରକାରୀ କାର୍ଯ୍ୟ ଠପ, ସାଧାରଣ ଲୋକେ ହଇରାଣ

**ଅମଲା ସଂଘର ଶାନ୍ତିପୂର୍ଣ୍ଣ ଧାରଣା ଜାରି**

**ଖଡ଼ିଆଳ,୧୬।୬ (ସୁଜିତ୍ ପ୍ରଧାନ):** ମିଳିତ ଅମଲା ମହାମଞ୍ଚର ଶାନ୍ତିପୂର୍ଣ୍ଣ ଧାରଣା ୧୬ ଦିନରେ ପହଞ୍ଚିଛି। ଗୋଟିଏପଟେ ଅମଲାମାନେ ଦାବି ପୂରଣ ନେଇ ଜିଦରେ ଅଡ଼ି ବସିଥିବା ବେଳେ ଅନ୍ୟପଟେ ବିଭିନ୍ନ ଅଫିସରୁ ସେବା ନ ପାଇ ସାଧାରଣ ଲୋକେ ବହୁ ସମସ୍ୟାର ସମ୍ମୁଖିନ ହେଉଛନ୍ତି। ସରକାର ଯଥାଶୀଘ୍ର ଅମଲାଙ୍କ ଦାବି ଗ୍ରହଣ କରି ସରକାରୀ କାର୍ଯ୍ୟାଳୟରେ ଅଚଳାବସ୍ଥା ଦୂର କରିବା ପାଇଁ ସାଧାରଣ ଲୋକେ ନିବେଦନ କରିଛନ୍ତି। ଅମଲାଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ, ଟାଳଟୁଳ ନୀତି ପ୍ରତିବାଦରେ ଗତ ୧ ତାରିଖରୁ ଜିଲାସ୍ତରୀୟ ଅମଲାଙ୍କ ସମୂହ ଛୁଟି ଓ ଶାନ୍ତିପୂର୍ଣ୍ଣ ଧାରଣା ଜାରି ରହିଛି। ଜିଲାସ୍ତରୀୟ ଅମଲା ସଂଘ ସାମୂହିକ ଛୁଟିରେ ଯିବା ସହ ୨୦୦ରୁ ଊର୍ଦ୍ଧ୍ୱ ଅମଲା ତହସିଲ କାର୍ଯ୍ୟାଳୟ ପରିସରରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଛନ୍ତି। ଏହି ଧାରଣା ଯୋଗୁ ବିଭିନ୍ନ କାର୍ଯ୍ୟାଳୟରେ କାମ ଠପ ହୋଇଥିବା ବେଳେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଲବିରାମ ମାଝି, ଅଜୟ କୁମାର ଶବର, ଅଶ୍ୱିନୀ କୁମାର ପଣ୍ଡା, ପ୍ରମୋଦ ଖମାରୀ, ଧନ୍ୱନ୍ତରୀ ଚଲାନ, ବଳଭଦ୍ର ମାଝି, ମାନସ କୁମାର ପତି, ମୋହମ୍ମଦ କଲାମ, ସରୋଜ ହୋତା, ପୁଷ୍ପଲତା ମାଝି, କିଆମଣି ମହାନନ୍ଦ, ନିରୁପମା ଭରାସଗରିଆ, ରାଧାମୋହନ ଶବର, ଚିତ୍ତରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଜେସିବି ଅଟକାଇ ପ୍ରତିବାଦ କଲେ ଶ୍ରମିକ

**ଦମାଇପାଲି ଗାଁ**
- ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ
- ଶ୍ରମିକ ବଦଳରେ ଜେସିବିରେ କାମ ହେଉଥିବା ଅଭିଯୋଗ

**ଖପ୍ରାଖୋଲ, ୧୬।୬ (ଅଭୟ କୁମାର ତ୍ରିପାଠୀ)**


ଶ୍ରମିକମାନେ ଜେସିବିକୁ ଅଟକ ରଖିଛନ୍ତି।

ସରକାର ଗ୍ରାମାଞ୍ଚଳର ଶ୍ରମିକମାନଙ୍କୁ କାମଯୋଗାଇ ଦେବା ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) କାର୍ଯ୍ୟକାରୀ କରାଉଥିବା ବେଳେ ନିଜ ଭିଟାମାଟିରେ କାମ ଯୋଗାଇ ଦେବା ନିୟମ ରହିଛି। ହେଲେ ଅନେକ ସ୍ଥାନରେ ଏହି ଯୋଜନାରେ ଶ୍ରମିକ ବଦଳରେ ମେଶିନ ଦ୍ୱାରା କାମ ହେଉଥିବା ଅଭିଯୋଗ ହୋଇଆସୁଛି। ଏଭଳି ଏକ ଘଟଣା ବଲାଙ୍ଗିର ଜିଲା ଖପ୍ରାଖୋଲ ବ୍ଲକ ଦାମାଇପାଲି ପଞ୍ଚାୟତ ସଦର ମହକୁମାରେ ଅଭିଯୋଗ ହୋଇଛି। ଗାଁର ବାଟି ମୁଣ୍ଡା ପୋଖରୀ କାମରେ ଶ୍ରମିକ ବଦଳରେ ଜେସିବି ଦ୍ୱାରା ମାଟିଖୋଳା ଯାଉଥିବା ଜାଣି ଶ୍ରମିକମାନେ ପୋଖରୀ ପାଖରେ ଜେସିବିକୁ ଗୁରୁବାର ରାତିରୁ ଅଟକ ରଖି ପ୍ରତିବାଦ କରି ପୋଖରୀ ପାଖରେ ବସିରହିଛନ୍ତି। ସ୍ଥାନୀୟ ସରପଞ୍ଚଙ୍କ ସ୍ୱାମୀ ଏହି କାମ ମେଶିନରେ କରାଉଥିବା ଅଭିଯୋଗ କରିଛନ୍ତି। ଦେଶାନ୍ତରରୁ ଅନେକ ଶ୍ରମିକ ଫେରିଥିଲେ ମଧ୍ୟ ଏବେ କାମ ଅଭାବରେ ଘରେ ହାତ ବାନ୍ଧି ବସି ରହିଛନ୍ତି। ଅନ୍ୟ ପଟେ ଶ୍ରମିକ ବଦଳରେ ରାତାରାତି ମେଶିନ ଲଗାଇ କାମ କରୁଥିବା ଦମାଇପାଲି ଗାଁର ଭରତ ସାହୁ, ଭୋଜରାଜ ବରିହା, ନୀଳ ଶବର, ଗଣେଶ ବରିହା ସମେତ ଶତାଧିକ ଶ୍ରମିକ କ୍ଷୋଭ ସହ କହି ପ୍ରଶାସନ ଘଟଣାସ୍ଥଳକୁ ନ ଆସିବା ଯାଏଁ ଜେସିବି ଅଟକ ରଖି ଏଠି ଭାତ ରାନ୍ଧି ଖାଇ ରହିବୁ ବୋଲି କହିଛନ୍ତି। କେବଳ ଏହି ଗୋଟିଏ ପ୍ରକଳ୍ପ ନୁହଁ ଅନ୍ୟ ପ୍ରକଳ୍ପମାନଙ୍କରେ ମଧ୍ୟ ମେଶିନ ଲଗାଇ କାମ ହୋଇଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ବାଟିମୁଣ୍ଡା ପୋଖରୀ କାମ ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୯ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ୭ ଲକ୍ଷ ୫୩ ହଜାର ଟଙ୍କା ଶ୍ରମିକଙ୍କ ଦ୍ୱାରା ମାଟି ଖୋଳା କାମରେ ପାଉଣା ହୋଇଥିବା ଜଣାଯାଇଛି। ଏନେଇ ଦାମାଇପାଲି ସରପଞ୍ଚ ତାରାକାନ୍ତି ତାଣ୍ଡିଙ୍କୁ ପଚାରିବାରୁ ମାଟିକାମ ଶ୍ରମିକଙ୍କ ଦ୍ୱାରା ହୋଇଛି। ରାଜ୍ୟ ଅର୍ଥ କମିଶନ ଅର୍ଥରେ ପୋଖରୀ ହୁଡ଼ାରେ ଗାର୍ଡ ୱାଲ କାମ ପାଇଁ ଜେସିବିରେ ନିହ ଖୋଳା ଯାଉଥିବାବେଳେ ଦମାଇପାଲିର ଶ୍ରମିକମାନେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ମେଶିନ ଲଗାଇ ଥିବା ଅଭିଯୋଗ କରୁଥିବା ପ୍ରକାଶ କରିଛନ୍ତି। ଏନେଇ ଖପ୍ରାଖୋଲ ବିଡ଼ିଓ ବିଜୟ କୁମାର ନନ୍ଦଙ୍କୁ ପଚାରିବାରୁ କଣ ହୋଇଛି ତଦନ୍ତ ପରେ ଜଣାଯିବ ବୋଲି କହିଛନ୍ତି।

# ଲୋୟର ସୁକତେଲ ଜଳସେଚନରୁ ବାଦ୍ ୫ ପଞ୍ଚାୟତର ଚାଷୀଙ୍କ ବୈଠକ


ବୈଠକରେ ୫ ପଞ୍ଚାୟତର ଉପସ୍ଥିତ ଚାଷୀ।

**ଲୋଇସିଂହା,୧୬।୬(ସୁଶାନ୍ତ ବାରିକ)**

ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପରୁ ଜଳ ସେଚନରୁ ବାଦ୍ ପଡିଛି ଆଗଲପୁର ବ୍ଲକ। ଏହାକୁ ନେଇ ବ୍ଲକର ଅଣଜଳସେଚିତ ଝରଣୀପାଲି, ନୁନିଆଁପାଲି, ବଡଟିକା, ନଅଗାଁ(ଖ) ଓ ବେନ୍ଦ୍ରା ୫ଟି ପଞ୍ଚାୟତର ଚାଷୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ବଡଟିକାଠାରେ ସମ୍ପୃକ୍ତ ଅଞ୍ଚଳର ଚାଷୀଙ୍କୁ ନେଇ ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଦିବାସୀ ନେତା କ୍ଷମା ଦଳପତି ଅଧ୍ୟକ୍ଷତା କରିଥିଲେ। ପୂର୍ବରୁ ଜଳସେଚନ ଲାଗି ସମ୍ପୃକ୍ତ ଅଞ୍ଚଳରେ ସର୍ଭେ ହୋଇଥିଲା। ସେତେବେଳେ ଜଳସେଚନ ନେଇ ଅଞ୍ଚଳବାସୀ ବେଶ ଆଶାବାଦୀ ଥିଲେ। ଅପରପକ୍ଷେ ଉଠାଜଳସେଚନ ବିଭାଗ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ଗୋଷ୍ଠୀଗତ ଗଭୀର ନଳକୂପ ଖନନ ପ୍ରକଳ୍ପ ମଧ୍ୟ ବିଫଳ ହୋଇଛି। ହେଲେ ଏବେ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ବେଳକୁ ସମ୍ପୃକ୍ତ ଅଞ୍ଚଳକୁ ଜଳସେଚନରୁ ବାଦ୍ ଦେବା ଘଟଣା ଅଞ୍ଚଳର ଚାଷୀଙ୍କୁ ଆଘାତ ଦେଇଛି। ୫ଟି ପଞ୍ଚାୟତର ପାଖାପାଖି ୪ ହଜାର ହେକ୍ଟର ଜମି ଜଳ ସେଚନରୁ ବାଦ ପଡିବାକୁ ନେଇ ବୈଠକରେ ଚାଷୀମାନେ ଉଦବେଗ ପ୍ରକାଶ କରିଥିଲେ। ଉକ୍ତ ପ୍ରକଳ୍ପର ପାଣି ପୁଇଁତଲା ଓ ସୁବର୍ଣ୍ଣପୁର ଜିଲା ତରଭାକୁ ଜଳସେଚନ ଲକ୍ଷ୍ୟ ରଖାଯାଇଥିବାବେଳେ ପ୍ରକଳ୍ପର ପଡୋଶୀ ବ୍ଲକର ଚାଷୀ ଜଳସେଚନର ବଞ୍ଚିତ ହେବା ସରକାରଙ୍କ ଏହା ଦୋମୁହାଁ ନୀତି ବୋଲି ବୈଠକରେ ଚାଷୀମାନେ ମତ ପ୍ରକାଶ କରିଛନ୍ତି। ସମ୍ପୃକ୍ତ ପଞ୍ଚାୟତ ଅଞ୍ଚଳକୁ ଜଳସେଚନ ଦାବି ଏବଂ ସରକାର ଓ ପ୍ରଶାସନର ଦୋମୁହାଁ ନୀତି ପ୍ରତିବାଦରେ ୧୬ ଜଣିଆ ଏକ ଚାଷୀ ସଚେତନତା କମିଟି ଗଠନ କରାଯାଇଛି। ଉକ୍ତ କମିଟି ୫ଟି ପଞ୍ଚାୟତର ଗାଁଗାଁକୁ ଯାଇ ଚାଷୀଙ୍କୁ ସଚେତନ କରିବ। ଶନିବାର ଲକ୍ଷ୍ମୀଶରାଣ ଦିବସରୁ ବେନ୍ଦ୍ରା ଗ୍ରାମରୁ ଏହି ଅଭିଯାନ ଆରମ୍ଭ ହେବ। ସମ୍ପୃକ୍ତ ଅଞ୍ଚଳକୁ ଜଳସେଚନ ଦାବିରେ ଜଳ ସମ୍ପଦ ମନ୍ତ୍ରୀ, ୫-ଟି ସଚିବ, ଜିଲାପାଳ, ପ୍ରକଳ୍ପ ମୁଖ୍ୟଯନ୍ତ୍ରୀ, ଏମପି, ବିଧାୟକଙ୍କ ନିକଟରେ ଦାବି କରିବାକୁ ବୈଠକରେ ସିଦ୍ଧାନ୍ତ ନିଆଯାଇଛି। ବୈଠକରେ ବଡଟିକାର କଳାର ବାଗ, ପୂର୍ବତନ ସରପଞ୍ଚ ଅଶୋକ ପଟେଲ, ଝରଣୀପାଲିରୁ ହିତାଂଶୁ ସାହୁ, କୃଷ୍ଣଚନ୍ଦ୍ର ନାଏକ, ନୁନିଆଁପାଲିରୁ ନୂରାଚାନ୍ଦ ସାହୁ, ନଅଗାଁ(ଖ)ରୁ ଶ୍ୟାମସୁନ୍ଦର ବିଶ୍ୱାଳ, ଫକିର ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ସାହୁ, ବେନ୍ଦ୍ରାରୁ ସରପଞ୍ଚ ରବୀନ୍ଦ୍ର ସାହୁ ସମେତ ବହୁ ସଂଖ୍ୟକ ଚାଷୀ ଉପସ୍ଥିତ ଥିଲେ।

# ପୋଖରୀ କାମକୁ ନେଇ ଦୁଇ ଗାଁ ମଧ୍ୟରେ ସୀମା ବିବାଦ



ବିଡିଓଙ୍କୁ ଭେଟିବାକୁ ଆସିଛନ୍ତି ଗ୍ରାମବାସୀ।

**ବିଡିଓଙ୍କ ଦ୍ୱାରସ୍ଥ ହେଲେ ହୀର୍ଲି ଗ୍ରାମବାସୀ**

**ଖପ୍ରାଖୋଲ, ୧୬।୬ (ଅଭୟ କୁମାର ତ୍ରିପାଠୀ)**

ଖପ୍ରାଖୋଲ ବ୍ଲକ ବାଘମୁଣ୍ଡ ପଞ୍ଚାୟତ ହୀର୍ଲି ଗାଁ ଓ ଲୁହାସିଂହା ପଞ୍ଚାୟତ କଦଳୀଝରନ ଗାଁ ସୀମାନ୍ତରେ ହେଉଥିବା ପୋଖରୀ କାମକୁ ନେଇ ଦୁଇ ଗାଁ ମଧ୍ୟରେ ବିବାଦ ଦେଖାଦେଇଛି। ପୋଖରୀ କାମଟି କଦଳୀଝରନ ଗାଁର ସୀମା ମଧ୍ୟରେ ହେଉଥିବା ଅଭିଯୋଗ କରି ପୂର୍ବରୁ ଗ୍ରାମବାସୀ ପ୍ରଶାସନକୁ ଜଣାଇଥିବାବେଳ ହୀର୍ଲି ଗ୍ରାମବାସୀ ମଧ୍ୟ ଶୁକ୍ରବାର ବିଡିଓଙ୍କୁ ଭେଟି ପୋଖରୀ କାମ କରାଇବାକୁ ଦାବି କରିଛନ୍ତି। ସୂଚନା ଅନୁସାରେ ବାଘମୁଣ୍ଡ ପଞ୍ଚାୟତ ତରଫରୁ ହୀର୍ଲି ଗାଁ ଚାଷୀଙ୍କ ଦାବି ଆଧାରରେ କଦଳିଝରନ ଗାଁ ସୀମାନ୍ତ ଜଙ୍ଗଲ ପାଖରେ ଛଞ୍ଚାଣମୁଣ୍ଡାରେ ପୋଖରୀ ଖନନ କାମ ଆରମ୍ଭ ହୋଇଥିଲା। ଏହାକୁ ବିରୋଧ କରି କଦଳିଝରନ ଗାଁ ତରଫରୁ ଦୁଇଦିନ ତଳେ ବିଡ଼ିଓଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ହୀର୍ଲି ଗ୍ରାମର ଶତାଧିକ ମହିଳା ପୁରୁଷ ବିଡ଼ିଓଙ୍କୁ ଭେଟି ପୋଖରୀ କାମ କରାଇବାକୁ ଦାବି କରିଛନ୍ତି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ହେଉଥିବା ଏହି ପୋଖରୀ କାମକୁ ନେଇ ଦୁଇ ଗାଁ ମଧ୍ୟରେ ତୁତୁ ମେମେ ଅବସ୍ଥା ହେଉଛି। ଏନେଇ ଖପ୍ରାଖୋଲ ବିଡିଓ ବିଜୟ କୁମାର ହୋତାଙ୍କୁ ପଚାରିବାରୁ ଏହି ସମସ୍ୟାର ସମାଧାନ ପାଇଁ ଲୁହାସିଂହା ଓ ବାଘମୁଣ୍ଡ ପଞ୍ଚାୟତ ସରପଞ୍ଚଙ୍କ ସହ ଆଲୋଚନା ପରେ ହେବ ବୋଲି କହିଛନ୍ତି।

# ଲାଞ୍ଜିଗଡ କୁଟିଆ କନ୍ଧ ପ୍ରତିନିଧି ଦଳ ଯୋଗଦେଲେ

**ସର୍ବଭାରତୀୟ ଆଦିମ ଜନଜାତି ସମ୍ମିଳନୀ**

**ଲାଞ୍ଜିଗଡ଼,୧୬।୬ (ରମେଶ ଚନ୍ଦ୍ର ନାୟକ)**

କେନ୍ଦ୍ର ସରକାରଙ୍କ ଆଦିବାସୀ ମନ୍ତ୍ରାଳୟ ପକ୍ଷରୁ ପ୍ରଥମ ଥର ପାଇଁ ଗତ ୧୨ ତାରିଖରେ ଆଦିମ ଜନଜାତି ସମ୍ମିଳନୀ ରାଷ୍ଟ୍ରପତି ଭବନଠାରେ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ଓଡ଼ିଶାର ୧୩ଟି ଜନଜାତି ସମ୍ପ୍ରଦାୟର ୨୬୦ଜଣ ରାଷ୍ଟ୍ରପତିଙ୍କ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକର ବିଭିନ୍ନ ଅଞ୍ଚଳର ୧୦ଜଣ କୁଟିଆ କନ୍ଧ ଜନଜାତିର ସଦସ୍ୟ ଏହି ସମ୍ମିଳନୀରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଲାଞ୍ଜିଗଡ଼ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ପକ୍ଷରୁ ସଂସ୍ଥାର ପ୍ରକଳ୍ପ ପ୍ରବନ୍ଧକ ଲମ୍ବୋଦର ପ୍ରଧାନଙ୍କ ନେତୃତ୍ୱରେ ଅଞ୍ଚଳର ୧୦ଜଣ କୁଟିଆ କନ୍ଧ ସଦସ୍ୟ ଶୁକ୍ରୁ ମାଝି, ରଘୁ ମାଝି, କର୍ଣ୍ଣ ମାଝି, ସନ୍ୟାସୀ ମାଝି, ସବିତା ମାଝି, ଗୁରୁବାରି ମାଝି, ତେରାପି ମାଝି, ତୁଳସା ମାଝି ଏବଂ ମିଲ ମାଝି ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ କରି ଦିଲ୍ଲୀ ଯାଇଥିବା ଲାଞ୍ଜିଗଡ଼ ଅଞ୍ଚଳର କୁଟିଆ କନ୍ଧ ସମ୍ପ୍ରଦାୟର ୧୦ଜଣ ସଦସ୍ୟ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତିଙ୍କୁ ପାଖରେ ପାଇ ଅତ୍ୟନ୍ତ ଖୁସି ବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ କୁଟିଆ କନ୍ଧ ସମ୍ପ୍ରଦାୟର ଷ୍ଟ୍ରବେରୀ ଚାଷୀ ଭାବେ ଲାଞ୍ଜିଗଡ଼ ବ୍ଲକ ବାରବୁଲି ଗାଁର କର୍ଣ୍ଣ ମାଝିଙ୍କୁ ଓଡ଼ିଶାର ସମସ୍ତ ଜନଜାତିଙ୍କ ପକ୍ଷରୁ ରାଷ୍ଟ୍ରପତି ସମ୍ମାନିତ କରି ଉପହାର ପ୍ରଦାନ କରିଥିଲେ।

# ମଜୁରି ଟଙ୍କା ପାଇ ନ ଥିବା ଶ୍ରମିକଙ୍କ ଦାବିପତ୍ର

**ଖଡ଼ିଆଳ,୧୬।୬ (ସୁଜିତ୍ ପ୍ରଧାନ)**



ନୂଆପଡା ଜିଲା ଖଡ଼ିଆଳ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ସିନାପାଲି ବ୍ଲକ ଭରୁଆମୁଣ୍ଡା ଗ୍ରାମପଞ୍ଚାୟତ ଗୋବିନ୍ଦପୁର ଗ୍ରାମରେ ଜଳ ବିଭାଜିକା ପ୍ରକଳ୍ପର ଚହଲା କାର୍ଯ୍ୟ ହୋଇଛି। ଏହି କାମର ମଜୁରୀ ମିଳି ନ ଥିବା ଅଭିଯୋଗ ନେଇ ଶୁକ୍ରବାର ଦଳିତ ଅଧିକାର ମଞ୍ଚ ରାଜ୍ୟ ସଭାପତି କମଳ ଚରଣ ତାଣ୍ଡି ଓ ହିତାଧିକାରୀମାନେ ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟ ଘେରାଉ କରିଥିଲେ। ହିତାଧିକାରୀମାନେ ଏପିଡି ଚିନ୍ତାମଣି ବେହେରାଙ୍କୁ ଏକ ଦାବିପତ୍ର ଦେଇ ଉପଯୁକ୍ତ ତଦନ୍ତ ସହ କାମ କରିଥିବା ହିତାଧିକାରୀଙ୍କୁ ମଜୁରୀ ପ୍ରଦାନ ପାଇଁ ଦାବି କରିଛନ୍ତି। ଲିଖିତ ଅଭିଯୋଗ ଅନୁଯାୟୀ ୨୦୨୧-୨୨ ଚହଲା ଖୋଲିବା ପାଇଁ ବିଭାଗ ପକ୍ଷରୁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଗ୍ରାମର ରୋମାନ ମାଝି, କୁମୁଡୁ ମାଝି, ଲୋଚନ ମାଝି ଓ ଚିକେଚନ ମାଝି କାର୍ଯ୍ୟାଦେଶ ପାଇଥିଲେ। ପ୍ରତି ଚହଲା ପାଇଁ ଦୁଇ ଲକ୍ଷ ସତାଅଶୀ ହଜାର ଟଙ୍କା ବ୍ୟୟ ବରାଦ ହୋଇଥିଲା। କାର୍ଯ୍ୟ ଶେଷ ହୋଇ ଏକ ବର୍ଷ ବିତିଯାଇଥିଲେ ମଧ ଏହି ପ୍ରକଳ୍ପରେ କାମ କରିଥିବା ହିତାଧିକାରୀମାନେ ମଜୁରୀ ପାଇ ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ କାମ କରି ନ ଥିବା ଲୋକଙ୍କ ନାମରେ ଟଙ୍କା ପକାଇ ଥିବା ଅଭିଯୋଗ ହେଉଛି। ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ବେହେରାଙ୍କୁ ପଚାରିବାରୁ ଅତିଶୀଘ୍ର ଏହାର ତଦନ୍ତ କରିବେ ଓ ଯଦି ସେମାନେ ପ୍ରାପ୍ୟ ପାଇ ନାହାନ୍ତି ନିଶ୍ଚିତ ପାଇବେ ବୋଲି ପ୍ରକାଶ କରିଥିଲେ।

# ନିର୍ମାଣ ଶ୍ରମିକଙ୍କ ଜିଲାସ୍ତରୀୟ ବୈଠକ


ଉପସ୍ଥିତ ସମସ୍ତ ନିର୍ମାଣ ଶ୍ରମିକ।

**ନୂଆପଡ଼ା,୧୬।୬ (ମକାରୁ ବେମାଲ)**

ନୂଆପଡା ଜିଲା ବୋଡେନ ବ୍ଲକ ଅନ୍ତର୍ଗତ ଭଇଷାଦାନି ପଞ୍ଚାୟତ ଦୁର୍ଗମ ପାଟଦର୍ହା ଗାଁରେ ଜିଲା ନିର୍ମାଣ ଶ୍ରମିକ ଓ ଅନ୍ୟାନ୍ୟ ଶ୍ରମିକମାନଙ୍କୁ ନେଇ ଭୂଜବଳ ମାଝିଙ୍କ ନେତୃତ୍ୱରେ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଘନଶ୍ୟାମ ମାଝିଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଜିଲା ନିର୍ମାଣ ଶ୍ରମିକ ସଂଘ ମୁଖ୍ୟ ଟୁଲୁ ବାବୁ, ଓଡିଶା ନିର୍ମାଣ ଶ୍ରମିକ ଜିଲା ସଭାପତି ଗୋବିନ୍ଦ ସାହୁ, ଜିଲା ନିର୍ମାଣ ଶ୍ରମିକ ସମ୍ପାଦକ ପୀତାମ୍ବର କୁମାର, ମଧୁସୁଦନ ମାଝି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶ୍ରମିକ ମାନଙ୍କ ହକ ଅଧିକାର, ଜଙ୍ଗଲ ଜମି, ସାମାଜିକ ସୁରକ୍ଷା, ଶ୍ରମିକ ଶୋଷଣ, ସ୍ୱାସ୍ଥ୍ୟ, ପାନୀୟ ଜଳ, ଗମନାଗମନ, ନେଟୱାର୍କ ଭଳି ଅନେକ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଆଦିବାସୀମାନଙ୍କ ଅସୁବିଧାକୁ ନେଇ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ସରକାରଙ୍କଠାରେ ଦାବି ଉପସ୍ଥାପନ କରାଯିବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ।

# ବିଦ୍ୟୁତ୍ ବିଭାଗ ସେକ୍ସନ କାର୍ଯ୍ୟାଳୟ ଘେରାଉ

**ନୂଆପଡ଼ା,୧୬।୬ (ମକାରୁ ବେମାଲ)**

ନୂଆପଡା ଜିଲା କୋମନା ବ୍ଲକ ଭାଜପା ପକ୍ଷରୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଶତାଧିକ କର୍ମୀ କୋମନା ବିଦ୍ୟୁତ ବିଭାଗ ସେକ୍ସନ କାର୍ଯ୍ୟାଳୟ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରି ନିର୍ବାହୀ ଯନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଟିପିଡବ୍ଲୁଓଡିଏଲ ନିଜ ମନମୁଖୀ ଚଳାଇଛି ଅଘୋଷିତ ବିଦ୍ୟୁତ କାଟ, ସାଧାରଣ ଉପଭୋକ୍ତାଙ୍କୁ ଶୋଷଣ ଓ ଜୁଲୁମ ବିରୋଧରେ ଭାଜପା ପକ୍ଷରୁ ରାଜ୍ୟ ବ୍ୟାପି ଆନ୍ଦୋଳନ ଜାରି ରହିଛି। ୨୦୨୧ ଜାନୁୟାରୀରେ ଟାଟା କମ୍ପାନୀ ୱେସ୍କୋଠାରୁ ନେବା ପରେ ସରକାରୀ ନିୟନ୍ତ୍ରଣରୁ ମୁକ୍ତ ହୋଇ ବିଦ୍ୟୁତ ଉପଭୋକ୍ତାମାନଙ୍କ ଦୁର୍ଦ୍ଦଶା, ହଇରାଣ ଓ ଶୋଷଣ ବଢିବାରେ ଲାଗିଛି ବୋଲି ଦଳ ଅଭିଯୋଗ କରିଛି। ବିନା ବିଜୁଳି ସଂଯୋଗରେ ବିଲ ଆସିବା, ୱେସ୍କୋ କମ୍ପାନୀ ସମୟର ବିଲ ଆଦାୟ କରିବା, ଉପଭୋକ୍ତାଙ୍କୁ ଚଢା ବିଲ ପଠେଇ ଜବରଦସ୍ତି ବିଲ ଆଦାୟ କରିବା, ହଜାର ହଜାର କୋଟି ଟଙ୍କାର ଭିତ୍ତିଭୂମି ତାଇ ମାତ୍ର ୧୫୦ କୋଟି ଟଙ୍କାରେ ଟାଟା କମ୍ପାନୀକୁ ୱେସ୍କୋଠାରୁ ଟେକି ଦେବା ପଛରେ ରହସ୍ୟ କ'ଣ ଅଛି। କାହା ସ୍ୱାର୍ଥରେ ଏମିତି ବିକ୍ରି କରାଗଲା ବୋଲି ଭାଜପା ଅନେକ ପ୍ରଶ୍ନ କରିଛି। ସରକାର ଟାଟା କମ୍ପାନୀ ଉପରେ ଲଗାମ ଲଗାନ୍ତୁ। ଦରକାର ପଡିଲେ ବିଦ୍ୟୁତ ବିଭାଗର ସମସ୍ତ କାର୍ଯ୍ୟାଳୟରେ ତାଲା ମାରି ଅଚଳ କରାଯିବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି। ପାତାଲେଶ୍ୱର ମଣ୍ଡଳ ସଭାପତି ଚନ୍ଦନ କୁମାର ଠାକୁର, ସୁନାଦେଇ ମଣ୍ଡଳ ସଭାପତି ବିକ୍ରମ ଆଡବଙ୍ଗ, ରଜନା ସରପଞ୍ଚ କ୍ଷୀରସିନ୍ଧୁ ଭୋଇ, ପ୍ରବୀଣ ଭୋଇ, କରୁଣା ହୋତା, ପପ୍ପୁ ଦୁରିଆ, ଗୋପବନ୍ଧୁ ସୁନାନୀ, ମୁନ୍ନା ଦଣ୍ଡସେନା, ଯୋଗେନ୍ଦ୍ର କରୁଆ, ସରୋଜ ମଲ୍ଲିକ ପ୍ରମୁଖ ସାମିଲ ଥିଲେ।



ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ମିଶନ ଶକ୍ତି ପଦବୀ ଚୟନରେ ଅନିୟମିତତା

- ଟଙ୍କା ନ ଦେବାରୁ ନିଯୁକ୍ତି ମିଳି ନ ଥିବା ଅଭିଯୋଗ
- ବିଡିଓଙ୍କୁ ଫେରାଦ ହେଲେ ପ୍ରାର୍ଥିନୀ

**ଭବାନୀପାଟଣା,୧୬।୬ (ଉତ୍ତମ କୁମାର ଦାଶ)**


ବିଡିଓଙ୍କ ଫେରାଦ ହେବାକୁ ଆସିଥିବା ୨ ପ୍ରାର୍ଥିନୀ।

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକରେ ମିଶନ ଶକ୍ତି ପକ୍ଷରୁ ବିଭିନ୍ନ ପଦବୀରେ ନିଯୁକ୍ତି ପାଇଥିବା ପ୍ରାର୍ଥିନୀଙ୍କ ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ପ୍ରାର୍ଥିନୀମାନେ ପୂର୍ବରୁ ଜିଲାପାଳଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି। ଏପରିକି ଏହି ପଦବୀଗୁଡିକ ନିଯୁକ୍ତି ପାଇଁ ଟଙ୍କା ମଧ୍ୟ ମଗାଯାଉଥିବା ଓଡିଓ ଗତ କିଛି ଦିନ ତଳେ ଭାଇରାଲ ହୋଇଥିଲା। ଶୁକ୍ରବାର ପୁଣି ଏକ ଅଭିଯୋଗ ସାମାନାକୁ ଆସିଛି। ଜୁନାଗଡ ବ୍ଲକ କଛିମଡୋଲା ଗ୍ରାମର ହୀରାଦେଇ ନାଏକ ମିଶନ ଶକ୍ତି ପକ୍ଷରୁ ବାହାରି ଥିବା ସିଆରପି-ସିଏମ ପଦବୀ ପାଇଁ ଆବେଦନ କରିଥିଲେ। ଏଥିରେ ଗ୍ରାମର ଆଉ ଜଣେ ପ୍ରାର୍ଥିନୀ ମଧ୍ୟ ସେହି ପଦବୀ ପାଇଁ ଆବେଦନ କରିଥିଲେ। ହେଲେ ସମ୍ପୃକ୍ତ ପ୍ରାର୍ଥିନୀଙ୍କଠାରୁ ହୀରାଦେଇଙ୍କ ଅଧିକ ମାର୍କ ଥିବା ଥିବାବେଳେ ହୀରାଦେଇଙ୍କୁ ନିଯୁକ୍ତି ଦିଆ ନ ଯାଇ ବିପକ୍ଷରେ ଥିବା ପ୍ରାର୍ଥିନୀଙ୍କୁ ଉକ୍ତ ପଦବୀ ପାଇଁ ନିଯୁକ୍ତି ଦିଆଯାଇଛି। ଏହାକୁ ନେଇ ସେ ଶୁକ୍ରବାର ଜୁନାଗଡ ବିଡିଓଙ୍କୁ ଫେରାଦ ହେବା ସହ ଲିଖିତ ଅଭିଯୋଗ ଦେଇଛନ୍ତି। ସିଆରପି ପଦବୀରେ ହୀରାଦେଇଙ୍କୁ ଚୟନ କରାଯାଇଥିବା କହି ମିଶନ ଶକ୍ତିର ଜଣେ ମହିଳା ତାଙ୍କୁ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ହେଲେ ସେ ଟଙ୍କା ଦେଇ ନ ପାରିଥିବାରୁ ତାଙ୍କୁ ନିଯୁକ୍ତି ଦିଆ ନ ଯାଇ ତାଙ୍କଠାରୁ କମ୍ ମାର୍କ ଥିବା ପ୍ରାର୍ଥିନୀଙ୍କୁ ଏହି ପଦବୀ ପାଇଁ ନିଯୁକ୍ତି ଦିଆଗଲା ବୋଲି ସେ ଅଭିଯୋଗ ଆଣିଛନ୍ତି। ସେହିପରି ଚଙ୍ଗୁଡିସର ପଞ୍ଚାୟତରେ ଏମବିକେ ପଦବୀ ପାଇଁ ୨ ପ୍ରାର୍ଥିନୀଙ୍କ ସମାନ ମାର୍କ ରହିଥିବାବେଳେ ଆଉ ଜଣେ ପ୍ରାର୍ଥିନୀଙ୍କୁ କିପରି ସେହି ପଦବୀ ପାଇଁ ନିଯୁକ୍ତି ଦିଆଗଲା ବୋଲି ବିପକ୍ଷ ପ୍ରାର୍ଥିନୀ ଉର୍ମିଳା ବିଶ୍ୱାଳ ଅଭିଯୋଗ ଆଣିଛନ୍ତି। ଏଥିପାଇଁ ସେ ମଧ ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ମିଶନ ଶକ୍ତିର ଜୁନାଗଡ ବ୍ଲକ ସଂଯୋଜକ ସେହଜାଦ ଖାନଙ୍କୁ ପଚାରିବାରୁ ହୀରାଦେଇଙ୍କୁ ସ୍ଥାନୀୟ ଏସ୍‌ଏଚଜି ଗ୍ରାମରେ ରହୁ ନ ଥିବା ବୋଲି ଲିଖିତ ଅଭିଯୋଗ ଦେବା ପରେ ଗାଇଡ୍‌ଲାଇନ ଅନୁଯାୟୀ ତାଙ୍କୁ ବାଦ ଦିଆଗଲା ବୋଲି ପ୍ରକାଶ କରିଥିଲେ। ଜିଲାପାଳ ତଥା ଭିଜିଲାନ୍ସ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବିହୋଇଛି।

## ସଂକ୍ଷେପରେ

### ୮୪ କେଜି ଗଞ୍ଜେଇ ଜବତ

**୨ ବାଇକ, ଗୋଟିଏ କାର ଓ ଏକ ଦେଶୀ ପିସ୍ତଲ ଜବତ**



**କନ୍ଧମାଳ, ୧୬।୬(ଆଦିତେଶ୍ୱର ମିଶ୍ର):** ବୌଦ୍ଧ ଜିଲାରେ ଗଞ୍ଜେଇ ଚୋରା କାରବାର ଅବାଧରେ ଚାଲିଛି। ଶୁକ୍ରବାର ଦିନ ଘଣ୍ଟାପଡା ପୋଲିସ ଚଢ଼ାଉ କରି ୮୪ କେଜି ଗଞ୍ଜେଇ ସହ ଦୁଇଟି ବାଇକ, ଗୋଟିଏ କାର ଓ ଏକ ଦେଶୀ ପିସ୍ତଲ ଜବତ କରିଥିବା ଜଣାପଡିଛି। ପ୍ରକାଶ ଯେ, ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ କୌଣସି ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଘଣ୍ଟାପଡା ପୋଲିସ ରେକଡୋଲ ଛକ ନିକଟରେ ଜଗି ରହିଥିଲେ। ଅପରାହ୍ନ ସମୟରେ ଗୋଟିଏ ଟିଗୋର କାର ( ୟୁପି ୮୦ କେ ଜି ୭୭୮୩), ଦୁଇଟି ବାଇକ୍ ( ଓଆର୦୭ ଭି - ୯୯୧୦ , ଓଆର ୧୭ଇ -୭୧୨୫) ଆସିବା ଦେଖି ଗାଡିକୁ ଅଟକାଇଥିଲେ । ଅଭିଯୁକ୍ତମାନେ ପୋଲିସକୁ ଦେଖି କାର ଛାଡି ଫେରାର ହୋଇଯାଇଥିଲେ। ପୋଲିସ କାରରେ ଥିବା ୮୪ କେଜି ଗଞ୍ଜେଇ ଓ ଦେଶୀ ପିସ୍ତଲ ଜବତ କରିଥିଲା। ଏଥିସହ ଗଞ୍ଜେଇ ଚୋରା ଚାଲାଣରେ ବ୍ୟବହୃତ କାର ଓ ଦୁଇଟି ବାଇକ୍ ଜବତ କରିଥିଲା । ଏନେଇ ଘଣ୍ଟାପଡା ଥାନାରେ ନଂ ୫୧/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ଗଣନାଥ ଥନାପତି ସୂଚନା ଦେଇଛନ୍ତି ।

### ବୀରମହାରାଜପୁର ବ୍ଲକ ବିଜେଡି ସଭାପତି ହେଲେ ସ୍ୱୟମ୍ଭୁନାଥ ଖଣ୍ଡଗିରି

**ଅମରପାଲି, ୧୬।୬(ପୀତାମ୍ବର ସାହୁ):** ସୁବର୍ଣ୍ଣପୁର ଜିଲାରେ ବିଜୁ ଜନତା ଦଳର ବିଭିନ୍ନ ପଦବୀ ପାଇଁ ନୂତନ କାର୍ଯ୍ୟକର୍ତ୍ତା ଘୋଷଣା କରାଯାଇଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଦଳର ସାଧାରଣ



ସ୍ୱୟମ୍ଭୁନାଥ ଖଣ୍ଡଗିରି

ସମ୍ପାଦକ ମାନସ ମଙ୍ଗରାଜ ଏହି ସୂଚନା ପ୍ରଦାନ କରିଛନ୍ତି। ଏହି କ୍ରମରେ ଜିଲାର ସମସ୍ତ ବ୍ଲକ, ଏନଏସି ଓ ଜିଲା ସଭାପତି , କାର୍ଯ୍ୟକାରୀ ସଭାପତି, ସାଧାରଣ ସମ୍ପାଦକ, ଯୁଗ୍ମ ସମ୍ପାଦକ, ସମ୍ପାଦକ ସମେତ ଅନ୍ୟାନ୍ୟ ପଦବୀ ପାଇଁ କର୍ମକର୍ତ୍ତା ଘୋଷଣା କରାଯାଇଛି। ଜିଲାର ବୀରମହାରାଜପୁର ବ୍ଲକ ପାଇଁ ସ୍ୱୟମ୍ଭୁ ନାଥ ଖଣ୍ଡଗିରିଙ୍କୁ ବ୍ଲକ ବିଜେଡି ସଭାପତି ଭାବେ ଘୋଷଣା କରାଯାଇଛି। ଖଣ୍ଡଗିରି ପୂର୍ବରୁ ବୀରମହାରଜପୁର ଜୋନ -୧ ପାଇଁ ୧୯୯୫ ରୁ ୨୦୦୨ ପର୍ଯ୍ୟନ୍ତ ଜିଲା ପରିଷଦ ସଦସ୍ୟ ଭାବେ କାର୍ଯ୍ୟ ତୁଲାଇଥିବା ବେଳେ ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ ବ୍ଲକ ଅଧକ୍ଷ ଥିଲେ। ଏହାସହିତ ସେ ଦୁଇ ଦୁଇ ଥର ଓକିଲ ସଂଘର ସଭାପତି ହୋଇଥିବା ବେଳେ ଏବେ ବୀରମହାରାଜପୁର ଉପଖଣ୍ଡ ସାମ୍ବାଦିକ ସଂଘର ସଭାପତି ଭାବେ ରହିଛନ୍ତି। ଏହାସହିତ ସେ ଜିଲା ବିଜେଡିର ସମ୍ପାଦକ ମଧ ଥିଲେ। ଖଣ୍ଡଗିରୀଙ୍କୁ ବ୍ଲକ ବିଜେଡି ସଭାପତି ଭାବେ ଘୋଷଣା କରାଯିବା ପରେ ଦଳୀୟ କର୍ମୀ ଓ ସମର୍ଥକଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି। ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଏହାସହିତ ବୀରମହାରଜପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଉଲୁଣ୍ଡା ବ୍ଲକ ପାଇଁ ଝସକେତନ ବଘାର ଏବଂ ବିନିକା ବ୍ଲକ ପାଇଁ ଦ୍ୱାରିକାନାଥ ସାହୁଙ୍କୁ ବ୍ଲକ ବିଜେଡି ସଭାପତି ଭାବେ ଘୋଷଣା କରାଯାଇଛି।

### ଅଘୋଷିତ ବିଦ୍ୟୁତ କାଟ ପ୍ରତିବାଦରେ ବିକ୍ଷୋଭ

**ବାଉଁଶୁଣୀ, ୧୬।୬(ଦେବାଶିଷ ନେପାକ):** ଅଘୋଷିତ ବିଦ୍ୟୁତ କାଟ ପ୍ରତିବାଦରେ ଭାଜପା ପକ୍ଷରୁ ଶୁକ୍ରବାର ଦିନ ବାଉଁଶୁଣୀ ବିଦ୍ୟୁତ୍ ବିଭାଗ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସାମାନ୍ୟ ବର୍ଷା, ପବନ ହେଲେ ଘଣ୍ଟା ଘଣ୍ଟା ବିଦ୍ୟୁତ କାଟ ହେଉଛି। ଏବେ ତାପମାତ୍ରା ୪୫ ଡିଗ୍ରୀରୁ ଅଧିକ ରହୁଥିବା ବେଳେ ଘଣ୍ଟା ଘଣ୍ଟା ବିଦ୍ୟୁତ କାଟ ସମସ୍ୟାକୁ ଦ୍ୱିଗୁଣିତ କରିଛି। ବିଦ୍ୟୁତ୍‌ର ଲୁଚକାଳି ଖେଳ ଚାଲିଥିବା ବେଳେ ତ୍ରୁଟିପୂର୍ଣ୍ଣ ବିଲ ଦେଉଥିବାରୁ ଉପଭୋକ୍ତା ହଇରାଣ ହରକତ ହେଉଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଥିଲା। ଭାଜପା ଜିଲା ସାଧାରଣ ସମ୍ପାଦକ ସୁଶାନ୍ତ ବାଘଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ବିକ୍ଷୋଭରେ ମୁଣ୍ଡାପଡା ମଣ୍ଡଳ ସଭାପତି ଯୀଶୁ ପ୍ରଧାନ, ଅଜିତ ମହିକୁଳ, ପୂର୍ଣ୍ଣଚନ୍ଦ୍ର ମେହେର, ଶ୍ରୀଧର ମହାକୁଡ଼, କିଶୋର ସିଂହ, ସିଦ୍ଧେଶ୍ୱର ପ୍ରଧାନ, ନୃସିଂହ ପ୍ରଧାନ, ତ୍ରିବିକ୍ରମ ମହାକୁଡ଼, ରାଜେଶ ବାରିକଙ୍କ ସମେତ ବହୁ ଦଳୀୟ କର୍ମୀ ସାମିଲ ଥିଲେ ।

# ପୁନରୁଦ୍ଧାର ହେଲାନି ଜଳଉତ୍ସ

**ସୋନପୁର, ୧୬।୬(ମୃତ୍ୟୁଞ୍ଜୟ ଶତପଥୀ)**

ଜନସଂଖ୍ୟା ବୃଦ୍ଧି, ଭୂତଳ ଜଳସ୍ତରର ହ୍ରାସ ଓ ତାପମାତ୍ରା ବୃଦ୍ଧିକୁ ଦୃଷ୍ଟିରେ ରଖି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଜଳ ସଂରକ୍ଷଣକୁ ଗୁରୁତ୍ୱ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅମୃତ ମହୋତ୍ସବ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୨ ଏପ୍ରିଲ ମାସରେ ଅମୃତ ସରୋବର ଯୋଜନାର ଶୁଭାରମ୍ଭ କରିଥିଲେ। ଏହି ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ଦେଶର ପ୍ରତି ଜିଲାରେ ୭୫ଟି ଅମୃତ ସରୋବର ଖନନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଅନୁରୂପ ଭାବେ ରାଜ୍ୟ ସରକାରଙ୍କ ପକ୍ଷରୁ ଭୂତଳ ଜଳସ୍ତର ବୃଦ୍ଧି ପାଇଁ ପୁରୁଣା ପୋଖରୀର ପୁନରୁଦ୍ଧାରକୁ ଗୁରୁତ୍ୱ ଦିଆଯାଇଛି। ଏହି କ୍ରମରେ ସୁବର୍ଣ୍ଣପୁର ସହରର ୪ଟି ପୋଖରୀର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପାଇଁ ରାଜ୍ୟ ନଗର ଉନ୍ନୟନ ବିଭାଗ ପକ୍ଷରୁ ୬କୋଟି ୩୩ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦିଆ ଯାଇଥିଲା। ଏହି ଅନୁଦାନରେ ସହରର ନୂଆବନ୍ଧ, ଗୋବିନ୍ଦ ବନ୍ଧ, ନଳିନୀ ଛକ ବନ୍ଧ ଓ ଆମ୍ବେଡକର ଛକ ବନ୍ଧର ପୁନରୁଦ୍ଧାର ପାଇଁ ଯୋଜନା ଥିଲା। ଏପରିକି ଗୋବିନ୍ଦ ବନ୍ଧ ଓ ନୂଆବନ୍ଧ ଉନ୍ନତୀକରଣ ପାଇଁ ଏପ୍ରିଲ ୧୬ ତାରିଖରେ ସୋନପୁର ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଶିଳାନ୍ୟାସ କରିଥିଲେ। ଏହି ଉତ୍ସବରେ ମନ୍ତ୍ରୀଙ୍କ ସହିତ ତତ୍କାଳୀନ ଭାରପ୍ରାପ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ଜିଲା ନଗର ଉନ୍ନୟନ ସଂସ୍ଥାର ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ନିହାର ରଞ୍ଜନ





ମନ୍ତ୍ରୀ ନିରଞ୍ଜନ ପୂଜାରୀ ଶିଳାନ୍ୟାସ କରିଥିବା ଗୋବିନ୍ଦ ବନ୍ଧ କାମ ଆରମ୍ଭ ହୋଇନି।

**■ମନ୍ତ୍ରୀ ଶିଳାନ୍ୟାସ କରିଥିଲେ, ଟେଣ୍ଡର ହୋଇନି**

**■ସୁବର୍ଣ୍ଣପୁର ପୌରପରିଷଦକୁ ମିଳିଛି ୬.୩୩ କୋଟି**

କହଁର, ପୌରାଧକ୍ଷା ତାମସି ତାମସ୍ମିତା ନାୟକ, ଉପାଧକ୍ଷା ମଲ୍ଲିକା ଦାନୀ ଓ ପୌର ପରିଷଦ ନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁଟ୍ ଉପସ୍ଥିତ ଥିଲେ। କିନ୍ତୁ ପୌରପାଳିକାର ଉଦାସୀନ ମନୋଭାବ ଯୋଗୁ ବର୍ଷା ଋତୁ ପୂର୍ବରୁ ପୌର ପରିଷଦ ପକ୍ଷରୁ ଏହି କାର୍ଯ୍ୟ ଆରମ୍ଭ ହୋଇପାରିନି। ଏଥିଯୋଗୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ମିଳିଥିବା ସୂଚନା ଅନୁଯାୟୀ ମନ୍ତ୍ରୀ ୨ ମାସ ପୂର୍ବରୁ ଶିଳାନ୍ୟାସ କରିଥିବା ପଟାଭାଡି ଅଞ୍ଚଳର ଗୋବିନ୍ଦ ବନ୍ଧ ଓ ଟିକିରିପଡାର ନୂଆବନ୍ଧ ପାଇଁ ପୌରପାଳିକା ପକ୍ଷରୁ ଏ ପର୍ଯ୍ୟନ୍ତ ଟେଣ୍ଡର ଆହ୍ୱାନ ହୋଇନାହିଁ। କିନ୍ତୁ ବାହାବା ନେବା ପାଇଁ ପୌର ପ୍ରଶାସନ ପକ୍ଷରୁ ଉତ୍ସବର ଆୟୋଜନ ହୋଇଥିଲା। ଶିଳାନ୍ୟାସ ପରେ କାମ ନ ହେବାରୁ ଏବେ ମନ୍ତ୍ରୀଙ୍କୁ ଲୋକହସା ହେବାକୁ ପଡିଛି। ଏ ସମ୍ପର୍କରେ ପୌର ପରିଷଦର ନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁଟ୍‌ଙ୍କୁ ପଚାରିବାରୁ ଗୋବିନ୍ଦ ବନ୍ଧ ଓ ନୂଆବନ୍ଧ ପାଇଁ ଡିପିଆର ପ୍ରସ୍ତୁତ ହୋଇଛି। ଡିପିଆର ଅନୁମୋଦନ ପାଇଁ ଭବାନୀପାଟଣାସ୍ଥିତ ଅଧୀକ୍ଷଣ ଯନ୍ତ୍ରୀଙ୍କ ପାଖକୁ ପଠାଯିବ। ଅନୁମୋଦନ ମିଳିଲେ ଟେଣ୍ଡର ପ୍ରକ୍ରିୟା ଆହ୍ୱାନ କରାଯିବ ବୋଲି କହିଥିଲେ। ତେବେ ଆମ୍ବେଡକର ଛକ ଓ ନଳିନୀ ଛକରେ ଥିବା ପୋଖରି ମତ୍ସ୍ୟ ବିଭାଗର। ଏହି ପୋଖରୀ ୨ଟିକୁ ପୁନରୁଦ୍ଧାର କରିବା ପାଇଁ ମତ୍ସ୍ୟ ବିଭାଗର ଅନୁମତି ଲୋଡାଯାଇଛି। ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ ବିଭାଗୀୟ ନିର୍ଦ୍ଦେଶକଙ୍କ ଅନୁମତି ମଗାଯାଇଛି। ମାତ୍ର ଏ ପର୍ଯ୍ୟନ୍ତ ବିଭାଗ ପକ୍ଷରୁ ଅନୁମତି ମିଳିନି। ତେଣୁ ଏହି କାର୍ଯ୍ୟ ଆହୁରି ବିଳମ୍ବ ହେବ ବୋଲି ଜଣାପଡୁଛି।

ସୁବର୍ଣ୍ଣପୁର ପୌରାଞ୍ଚଳରେ ହ୍ରାସ ପାଇଥିବା ସରକାରୀ ପୋଖରୀ ସଂଖ୍ୟା ଏବେ ସମସ୍ତଙ୍କ ପାଇଁ ଉଦବେଗର ବିଷୟ ହୋଇଛି। ତଥ୍ୟ ଅନୁଯାୟୀ ରାଜାରାଜୁଡା ସମୟରେ ସୁବର୍ଣ୍ଣପୁର ସହରରେ ପ୍ରାୟ ୮୫ଏକର ପରିମିତ ଜମିରେ ଛୋଟ ବଡ ୯୫ଟି ପାରମ୍ପରିକ ଜଳଉତ୍ସ ଥିଲା। ପରେ ଏହି ସଂଖ୍ୟା ୪୨କୁ ଖସି ଆସିଥିଲା। ଜଳଉତ୍ସ ଗୁଡିକ ପୌରପାଳିକା ଅଧୀନରେ ଥିଲା। ଏହାର ରକ୍ଷଣାବେକ୍ଷଣ ଓ ପରିଷ୍କାର ପରିଚ୍ଛନ୍ନ କରିବାକୁ ନିଲାମ ଦିଆଯାଉଥିଲା। ଲିଜ୍‌ଧାରୀ ଏଥିରେ ମାଛ ଚାଷ କରିବା ସହ ଜନ ସାଧାରଣ ଏହାକୁ ଦୈନନ୍ଦିନ ବ୍ୟବହାର କରୁଥିଲେ। ସହରର ତାପମାତ୍ରା ଓ ଭୂତଳ ଜଳସ୍ତର ଠିକ୍ ରହୁଥିଲା। ଏବେ ଅଧିକାଂଶ ପୋଖରୀ ପୋତି ହୋଇଗଲାଣି। ଆଉ କିଛି ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲିଗଲାଣି। ୧୯୯୩ରେ ସୁବର୍ଣ୍ଣପୁର ଏକ ସ୍ୱତନ୍ତ୍ର ଜିଲାର ମାନ୍ୟତା ପାଇବା ପରେ ଏଭଳି ଏକ ସମ୍ବେଦନଶୀଳ ସମସ୍ୟା ପ୍ରତି ଧ୍ୟାନ ଦିଆଗଲାନି। ଫଳରେ ଜଳଉତ୍ସଗୁଡିକ ନିଶ୍ଚିହ୍ନ ହୋଇଗଲା। ଏବେ ମାତ୍ର ୧୬ଟି ଜଳଉତ୍ସ ପୌର ପରିଷଦ ଅଧୀନରେ ଥିବା ଦୃଷ୍ଟିଗୋଚର ହେଉଛି। ସେଥିମଧ୍ୟରୁ ୧୦ଟିରେ ଆଉ ପାଣି ରହୁନି। ପାଣି ରହୁଥିବା ମାତ୍ର ୬ଟି ପୋଖରୀକୁ ପୌର ପରିଷଦ ନିଲାମ ଦେଇ ରାଜସ୍ୱ ଆଦାୟ କରୁଛି। ନଦୀକୂଳିଆ ଏହି ସହରରେ ଭୂତଳ ଜଳସ୍ତର ଯଥେଷ୍ଟ ହ୍ରାସ ପାଇଛି। ତାପମାତ୍ରା ୪୪ ଡିଗ୍ରୀ ଉପରେ ରହୁଛି। ଗ୍ରୀଷ୍ମ ଋତୁରେ ଜଳକଷ୍ଟ ଦେଖାଯାଉଛି। ୨୦୨୨ରେ ସୋନପୁର ସହର ଦେଶର ସବୁଠୁ ଉତ୍ତପ୍ତ ସହର ଭାବେ ପରିଗଣିତ ହୋଇଥିଲା। ତେଣୁ ପୌରାଞ୍ଚଳରେ ଥିବା ଛୋଟ ବଡ ଜଳ ଉତ୍ସଗୁଡିକୁ ପୁନରୁଦ୍ଧାର କରିବା ପାଇଁ ଜିଲା ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### ଅଘୋଷିତ ବିଦ୍ୟୁତ କାଟ ନେଇ ବିକ୍ଷୋଭ

**ବିନିକା, ୧୬।୬(ରାମଗୋପାଳ ବାଗ)**

ଅଘୋଷିତ ବିଦ୍ୟୁତ୍ କାଟ ନେଇ ସୁବର୍ଣ୍ଣପୁର ଜିଲା ବିନିକା ସହରରେ ଭାଜପା ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ପ୍ରଶାନ୍ତ କୁମାର ଦଣ୍ଡସନାଙ୍କ ନେତୃତ୍ୱରେ ସ୍ଥାନୀୟ ତହସିଲ କାର୍ଯ୍ୟାଳୟରୁ ଆନ୍ଦୋଳନକାରୀମାନେ ଏକ ଶୋଭାଯାତ୍ରାରେ ଆସି ବିଦ୍ୟୁତ ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲା ପରିଷଦ ସଦସ୍ୟା ପ୍ରମିଳା କଲେତ, ମହିଳା ମୋର୍ଚ୍ଚା ସଦସ୍ୟା ସୁରିଜି ପଧାନ, ଅଶୋକ ପୃଷ୍ଟି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ମହାକୁଡ଼, ସମ୍ପିତ ନେପାକ, ଧର୍ମେନ୍ଦ୍ର ସାହୁ, ଭୁବନେଶ୍ୱର ପାତ୍ର, ଆକାଶ ନାଏକ, ଯଦୁମଣି କର୍ଣ୍ଣ, ପ୍ରଶାନ୍ତ ପଣ୍ଡା, ସୂର୍ଯ୍ୟ ନାରାୟଣ ହୋତାଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ।

### ଅଗ୍ନିକାଣ୍ଡରେ ୪ ବଖରା ଜଳିଗଲା

**ବିନିକା, ୧୬।୬(ରାମଗୋପାଳ ବାଗ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ପୂଜାରୀ ସାହାଜବାହାଲ ଗ୍ରାମର ଜ୍ଞୁରା ବୁଣ୍ଡୁଲିଠାରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟି ସୁବଳ ପୂଜାରୀଙ୍କ ୪ ବଖରା ଘର ପୋଡିଯାଇଛି। ନିକଟସ୍ଥ ଚାଷଜମିରେ ଲାଗିଥିବା ନିଆଁରୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ଅଗ୍ନିକାଣ୍ଡରେ ତାଙ୍କର ୫୦ ପ୍ୟାକେଟ ଧାନ, ଗୋଟିଏ ଗାଈ ଓ ଘରକରଣା ଆସବାବପତ୍ର ପୋଡିଯାଇଛି। ନିଆଁ ଲାଗିବା ପରେ ଆଖପାଖ ଓ ପରିବାର ଲୋକେ ବିଭିନ୍ନ ସ୍ଥାନରୁ ପାଣି ସଂଗ୍ରହ କରି ଲିଭାଇବାକୁ ଚେଷ୍ଟା କରିଥିଲେ। ପରେ ବିନିକାରୁ ନିଆଁଲିଭାଳୀ ଦଳ ଆସି ନିଆଁକୁ ଆୟତ୍ତ କରିଥିଲେ।

## ଟାଟା ପାୱାର ଅଫିସ ସମ୍ମୁଖରେ ବିକ୍ଷୋଭ

**ସୋନପୁର, ୧୬।୬(ମୃତ୍ୟୁଞ୍ଜୟ ଶତପଥୀ)**

ପ୍ରଚଣ୍ଡ ଗ୍ରୀଷ୍ମ ସମୟରେ ମନଇଚ୍ଛା ବିଦ୍ୟୁତ୍ କାଟ୍ କରାଯାଉଛି । ଏହାର ପ୍ରତିବାଦରେ ସୁବର୍ଣ୍ଣପୁର ଜିଲା ଭାଜପା ପକ୍ଷରୁ ଟାଟା ପାୱାର ପଶ୍ଚିମ ଓଡିଶା ବିଦ୍ୟୁତ୍ ବିତରଣ ସଂସ୍ଥାର ମଝିପଡାସ୍ଥିତ ସୋନପୁର ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭାଜପା ଅଭିଯୋଗ କରିଛି, ରାଜ୍ୟ ସରକାରଙ୍କ ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ବିଦ୍ୟୁତ୍ ବିତରଣ କମ୍ପାନୀ ଟାଟା ପାୱାର ଅରାଜକତାର ସମସ୍ତ ସୀମା ଉଲ୍ଲଂଘନ କରିଛି। ଜିଲାର ତାପମାତ୍ରା ୪୪ ଡିଗ୍ରୀ ଉପରେ ରହୁଥିବା ବେଳେ ସାମାନ୍ୟ ପବନ, ଧୂଳିଝଡରେ ମନଇଚ୍ଛା ବିଦ୍ୟୁତ୍ କାଟ କରାଯାଉଛି। ଉପଭୋକ୍ତା ଗରମରେ ଯନ୍ତ୍ରଣା ଭୋଗୁଥିବା ଭାଜପା ଅଭିଯୋଗ କରିଛି। ରାଜ୍ୟବାସୀଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବାର ଦାୟିତ୍ୱ ନେଇଥିବା ଟାଟା ପାୱାର ସମସ୍ତ ଚୁକ୍ତି ଓ ନିୟମକୁ ଖିଲାପ କରୁଛି। ତେଣୁ ଶକ୍ତିମନ୍ତ୍ରୀଙ୍କୁ ବହିଷ୍କାର କରିବାକୁ ଦଳର



ଟାଟା ପାୱାର ଅଫିସ ସମ୍ମୁଖରେ ଭାଜପା ପକ୍ଷରୁ ଧାରଣା ଦିଆଯାଇଛି।

**ଅଘୋଷିତ ବିଦ୍ୟୁତ୍ କାଟ୍‌ର ପ୍ରତିବାଦ**

ନେତୃବୃନ୍ଦ ଦାବି କରିଛନ୍ତି। ଅଘୋଷିତ ବିଦ୍ୟୁତ୍ କାଟ୍ ବନ୍ଦ ନ ହେଲେ ଭାଜପା ଆନ୍ଦୋଳନକୁ ବ୍ୟାପକ କରିବ ବୋଲି ଚେତାବନୀ ଦେଇଛି। ଭାଜପା ଜିଲା ସଭାପତି ପ୍ରମୋଦ କୁମାର ମହାପାତ୍ର, ଏମ୍‌ପିଙ୍କ ପ୍ରତିନିଧି ଶରତ ଶତପଥୀ, ସୋନପୁର ନଗର ମଣ୍ଡଳ ସଭାପତି ଜଗଜ୍ୟୋତି ତ୍ରିପାଠୀ, ଯୁବମୋର୍ଚ୍ଚା ଜିଲା ସଭାପତି ସ୍ୱରୂପ ପାତ୍ର, ଏସ୍‌ସି ମୋର୍ଚ୍ଚା ସଭାପତି ଅନନ୍ତ ପାଣିଗ୍ରାହୀ, କାଉନସିଲର ଗଙ୍ଗାଧର ତରିଆ, ସୁଦେଷ୍ଣା ନେଗୀ, ସୁନନ୍ଦା ମିଶ୍ର, ତ୍ରିଲୋଚନ ତରିଆ, ଗଣେଶ ସାହୁ, ରବି ପାଢୀ, କୈଳାଶ ଚନ୍ଦ୍ର ସାହୁ, ବାବୁଲୁ ସାଗର, ନବଘନ ସାଗର, ସୂର୍ଯ୍ୟ ପଟ୍ଟନାୟକ ଓ ଋଷଭ ବୁଡେକ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

**ତରଭା, ୧୬।୬ (ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କମସରା ପଂଚାୟତ ଅଧୀନ ଝାରବଡ଼ଯୋର ଗ୍ରାମର ବସନ୍ତ ରଣା (୩୪)ଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ପ୍ରକାଶ ଯେ, ଝାରବଡ଼ଯୋର ଗ୍ରାମର ସୁରେନ୍ଦ୍ର ରଣାଙ୍କ ପୁଅ ବସନ୍ତ ଜମିରେ ତେଲନଦୀରୁ ପାଣି ମଡାଇବା ପାଇଁ ଯାଇଥିଲେ। ଜମିରେ ପାଣି ମଡାଇବା ପାଇଁ ବିଦ୍ୟୁତଚାଳିତ ପମ୍ପ ଲଗାଯାଇଛି। ପମ୍ପ ଚଳାଇବା ସମୟରେ ସେ କୌଣସି କାରଣରୁ ବିଦ୍ୟୁତ ସଂସ୍ପର୍ଶରେ ଆସି ତଳେ ପଡି ଯାଇଥିଲେ। ପରିବାର ଲୋକ ସଙ୍ଗେ ସଙ୍ଗେ ତାଙ୍କୁ ଚିକିତ୍ସା ପାଇଁ ତରଭା ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଗୁଣ୍ଡିଚା ମନ୍ଦିର ପରିସର ଉନ୍ନତୀକରଣ ଉଦ୍‌ଘାଟନ

**ବୌଦ୍ଧ, ୧୬।୬(ଅଜିତ କୁମାର ବାରିକ )**

ଶ୍ରୀଜଗନ୍ନାଥଙ୍କ ଗୁଣ୍ଡିଚା ଯାତ୍ରାକୁ ଆଉ ମାତ୍ର ତିନି ଦିନ ବାକିଥିବା ବେଳେ ଗୁଣ୍ଡିଚା ମନ୍ଦିର ପରିସରର ଉନ୍ନତୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ମୁଖ୍ୟଅତିଥି ଭାବେ ଯୋଗଦେଇ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ ପ୍ରଦିପ କୁମାର ଅମାତ ଶୁକ୍ରବାର ଦିନ ଏହାକୁ ଲୋକାର୍ପିତ କରିଛନ୍ତି। ଏହି ଅବସରରେ ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ମନ୍ତ୍ରୀ ଅମାତ କହିଥିଲେ ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ବୌଦ୍ଧ ଶ୍ରୀଜଗନ୍ନାଥ ମନ୍ଦିରର ଉନ୍ନତୀକରଣ ପାଇଁ ୧କୋଟି ୨୦ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିବା ବେଳେ ଏହାର ପାରିପାର୍ଶ୍ୱିକ ଉନ୍ନତୀକରଣ କାର୍ଯ୍ୟ ଆହୁରି ବାକି ରହିଛି। ଖୁବଶୀଘ୍ର ମନ୍ଦିର ସମ୍ମୁଖ ପଡିଆର ଉନ୍ନତି କାର୍ଯ୍ୟ ହାତକୁ ନିଆଯିବାର ଯୋଜନା ରହିଛି। ଗୁଣ୍ଡିଚା ମନ୍ଦିର ନିର୍ମାଣ ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ଅନୁଦାନ ଯୋଗାଇ ଦିଆଯାଇଥିବା ବେଳେ ଏନଏସି ପକ୍ଷରୁ ଏହାର ପରିସରର ଉନ୍ନତୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏହାଦ୍ୱାରା ତିନିଠାକୁରଙ୍କ ଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ ସମୟରେ ଭକ୍ତମାନେ ଦର୍ଶନ କରିବା ପାଇଁ ଖରା ବର୍ଷାରେ ଆଉ ହଇରାଣ ହେବେନାହିଁ। ସମ୍ମାନିତ ଅତିଥି ଭାବରେ ଜିଲାପାଳ ସତ୍ୟରଞ୍ଜନ ସାହୁ ଯୋଗଦେଇ ଗୁଣ୍ଡିଚା ମନ୍ଦିରର ଉନ୍ନତି ଆବଶ୍ୟକ ଥିଲା। ଏହି କାର୍ଯ୍ୟ ଶେଷ ହୋଇ ଲୋକଙ୍କ କାର୍ଯ୍ୟରେ ଲାଗିପାରିଥିବାରୁ ସେ ଖୁସି ବ୍ୟକ୍ତ କରିଥିଲେ। ଉଦଘାଟନୀ ଉତ୍ସବ ଅବସରରେ ଅନ୍ୟତମ ଅତିଥି ଭାବରେ ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର ଯୋଗ ଦେଇଥିଲେ। ଏନଏସି ଉପାଧକ୍ଷା ସୁଭାଷିନୀ ସେଠୀ ଧନ୍ୟବାଦ ଦେଇଥିଲେ।

## ଅଘୋଷିତ ବିଦ୍ୟୁତ କାଟ ପ୍ରତିବାଦରେ ବିକ୍ଷୋଭ

**ଅମରପାଲି, ୧୬।୬(ପୀତାମ୍ବର ସାହୁ)**

ଅଘୋଷିତ ବିଦ୍ୟୁତ କାଟ ପ୍ରତିବାଦରେ ଶୁକ୍ରବାର ବୀରମହାରାଜପୁରରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ସବ୍‌ଡିଭିଜନାଲ ବିଦ୍ୟୁତ୍ ବିଭାଗର କାର୍ଯ୍ୟାଳୟ ଘେରାଉ କରାଯାଇଛି। ବୀରମହାରାଜପୁର ସାମ୍ବାଦିକ ସଂଘ ସମ୍ମୁଖରୁ ଭାଜପା ଦଳର କର୍ମକର୍ତ୍ତା ଓ ଦଳୀୟ କର୍ମୀମାନେ ଏକ ଶୋଭାଯାତ୍ରାରେ ବାହାରି ବିଦ୍ୟୁତ ସବଡ଼ିଭିଜନ କାର୍ଯ୍ୟାଳୟଠାରେ ଧାରଣାରେ ବସିଥିଲେ। ରାଜ୍ୟ ସରକାର ଓ ଟାଟା ପାୱାର ବିରୋଧରେ ବିଭିନ୍ନ ସ୍ଲୋଗାନ ଦେବା ସହିତ ପାୱାରକଟ ବନ୍ଦ କରା ନ ଗଲେ ଆଗକୁ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଥିଲେ। ଆନ୍ଦୋଳନରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଇଂ.ରଘୁନାଥ ଜଗଦଲା, ପୂର୍ବତନ ଜିଲା ପରିଷଦ ଅଧକ୍ଷ ଆନନ୍ଦ ବାରିକ, ଜିଲା ସାଧାରଣ ସମ୍ପାଦକ ବେଣୁଧର ଦାଶ, ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି ନଳିନୀ ପଣ୍ଡା,ପୂର୍ବତନ ଭାଜପା କୃଷକ ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ଇଂ. ଆଶ୍ରୟ ମହାନନ୍ଦ, ସୁମନ୍ତ ଜଗଦଲା,ମଣ୍ଡଳ ସଭାପତି ହରିହର ପାତ୍ର, ଦିଲୀପ ପଧାନ,ଏକଲବ୍ୟ ବେହେରା,ଭୁଲା ଶଙ୍କର ବାଘ, ରଶ୍ମିତା ଷଡ଼ଙ୍ଗୀ,ସତ୍ୟ ମୋହନ ବେଦପାଣି, ଶିବ ନାରାୟଣ ପଣ୍ଡା, ଗୌର ଜଗଦଲା, ଅଶୋକ କୁମାର ସାହୁ, ଶରତ ଚନ୍ଦ୍ର ମିଶ୍ର ପ୍ରମୁଖ ସାମିଲ ଥିଲେ।



ବୀରମହାରାଜପୁର ଭାଜପା ତରଫରୁ ବିକ୍ଷୋଭ ପ୍ରଦର୍ଶନ।

## ୧୪ ଦଫା ଦାବି ନେଇ ଗର୍ଜିଲେ କେନ୍ଦୁପତ୍ର ଶ୍ରମିକ

**ବୌଦ୍ଧ, ୧୬।୬(ଅଜିତ କୁମାର ବାରିକ)**

ପଶ୍ଚିମ ଓଡିଶାର ସବୁଜ ହୀରା କୁହାଯାଉଥିବା କେନ୍ଦୁପତ୍ରରୁ ସରକାର ପ୍ରତିବର୍ଷ କୋଟି କୋଟି ଟଙ୍କାର ରାଜସ୍ୱ ପାଉଥିବା ବେଳେ କେନ୍ଦୁପତ୍ର ଶ୍ରମିକମାନେ ସେମାନଙ୍କ ନାର୍ଯ୍ୟ ଅଧିକାରରୁ ବଞ୍ଚିତ ହୋଇଛନ୍ତି । ଶ୍ରମିକଙ୍କ ବିଭିନ୍ନ ଦାବି ପୂରଣ ନେଇ ସରକାର ବିଳମ୍ବ କରୁଥିବାରୁ ଶୁକ୍ରବାର ଦିନ ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘର ନିଷ୍ପତ୍ତି କ୍ରମେ ରାଜ୍ୟ ସମ୍ପାଦକ ସଞ୍ଜିତ ମହାନ୍ତି ଓ ମହମ୍ମଦ ମୁର୍ତ୍ତୁଜା, ବୌଦ୍ଧ କେନ୍ଦୁପତ୍ର ଡିଭିଜନର ସମ୍ପାଦକ ଶ୍ରୀକାନ୍ତ ମିଶ୍ରଙ୍କ ନେତୃତ୍ୱରେ ବୌଦ୍ଧ ଡିଭିଜନର କେନ୍ଦୁପତ୍ର ତୋଳାଳି, ସିଜିନାଲ କର୍ମଚାରୀ ଓ ବନ୍ଧେଇ ଶ୍ରମିକମାନେ ଏକ ରାଲି କରିଥିଲେ। ଟାଣ ଖରାରେ କେନ୍ଦୁପତ୍ର ଶ୍ରମିକମାନେ ବୌଦ୍ଧ ସହରର ମର୍ଯ୍ୟାକୁଦ ବ୍ରିଜ ଛକଠାରୁ ବାହାରି ହାତରେ ବିଭିନ୍ନ ପ୍ଲାକାର୍ଡ ଧରି ଜିଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲାପାଳଙ୍କ ଜରିଆରେ ଏକ ୧୪ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ।




ରାଲିରେ ଶ୍ରମିକ ନେତା ଓ କେନ୍ଦୁପତ୍ର ଶ୍ରମିକମାନେ ଯାଉଛନ୍ତି।

**ଯଥାଶୀଘ୍ର ବୋନସ ପ୍ରଦାନ ଦାବି କଲେ**

ଦାବିଗୁଡିକ ମଧ୍ୟରେ ବୋନସ ହେଉଛି ଆମର ଅଧିକାର ତୁରନ୍ତ ବୋନସ ପ୍ରଦାନ କରାଯାଉ, ସାମାଜିକ ନିରାପତ୍ତା ନେଇ ଘୋଷଣା, କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀମାନଙ୍କର ପ୍ରତି କନ୍ୟାକୁ ବିବାହ ସାହାଯ୍ୟ ୫୦ ହଜାର ଦେବା, ସିଜିନାଲ କର୍ମଚାରୀମାନଙ୍କ ପାଇଁ ସର୍ବନିମ୍ନ ମଜୁରି ଘୋଷଣା, ସିଜିନାଲ କର୍ମଚାରୀମାନଙ୍କ ଚାକିରି ସର୍ତ୍ତାବଳୀ ପ୍ରଣୟନ କରାଯାଇ କାର୍ଯ୍ୟକାରୀ କରିବା, ସିଜିନାଲ କର୍ମଚାରୀଙ୍କ ଟିଏ, ଡିଏ ୮ରୁ ୧୦ ବର୍ଷ ହେଲା ବୃଦ୍ଧି କରାଯାଇନାହିଁ ତୁରନ୍ତ ଏହା ବୃଦ୍ଧି କରିବା, କେନ୍ଦୁପତ୍ର ସଜିନାଲ କର୍ମଚାରୀମାନଙ୍କ ଅବସର ୬୦ରୁ ୬୨କୁ ବୃଦ୍ଧି, କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ୨୦୦ କୋଟି ଟଙ୍କାର ଆର୍ଥିକ ବ୍ୟବସ୍ଥା ଆଦି ଦାବି ରହିଛି । ଦାବିପତ୍ରକୁ ଅତିରିକ୍ତ ଜିଲାପାଳ ଦାରିଦ୍ର ଭଞ୍ଜନ ମଦନ ମୋହନ ପାତ୍ରଙ୍କୁ ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ସମୟରେ ରେଢାଖୋଲ ଡିଭିଜନର ସମ୍ପାଦକ କିଶୋର ପ୍ରଧାନ, ଯୁଗ୍ମ ସମ୍ପାଦକ ଉଦିତ ତ୍ରିପାଠୀ, ପ୍ରତାପ ଶର୍ମା, ଅଖଣ୍ଡ ମହାକୁଲ, ତପନ ପ୍ରଧାନ, ସୁରଥ ମଲିକ, ସନ୍ତୋଷ ମହାକୁଲ, ନରୋତ୍ତମ ବେହେରା, ସୁନାସିର ମଲିକ, ବିଶାଖା ବାଘ, ବୀଣାପାଣି ମହାକୁଲ, ବସନ୍ତ ବାରିକଙ୍କ ସମେତ କେନ୍ଦୁପତ୍ର ଶ୍ରମିକମାନେ ଉପସ୍ଥିତ ଥିଲେ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୭ ଜୁନ୍ ୨୦୨୩



## ସଂକ୍ଷେପରେ

### ସାପ କାମୁଡ଼ାରେ ବୃଦ୍ଧ ମୃତ

**ରାଉରକେଲା,୧୬।୬(ଦିନେଶ ମିଶ୍ର):** ସାପ କାମୁଡି ଦେବାରୁ ବନ୍ଧମୁଣ୍ଡା ଡୁମେର୍ତ୍ତା ଅଞ୍ଚଳର ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବିରନାଥ ଲୁହାର(୬୫)। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଡୁମେର୍ତ୍ତା ମୁଣ୍ଡାବସ୍ତିର ବିରନାଥ ଗୁରୁବାର ରାତି ସାଢ଼େ ୧୦ଟାରେ ଘର ଦୁଆର ମୁହଁ ପିଣ୍ଡାରେ ଶୋଇଥିଲେ। ବିଳମ୍ବିତ ରାତିରେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା। ସକାଳ ହେବାରୁ ପରିବାର ଲୋକେ ତାଙ୍କୁ ଅଚେତ ଅବସ୍ଥାରେ ଦେଖି ଚିକିତ୍ସା ଲାଗି ଆରଜିଏଚରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ନିଖିଳ ଓଡିଶା ଗୃହ ମଜଦୁର ସଭାର ବିକ୍ଷୋଭ ପ୍ରଦର୍ଶନ



**ରାଉରକେଲା,୧୬।୬(ଦିନେଶ ମିଶ୍ର):** ରାଉରକେଲା ଉଦିତନଗର ସ୍ଥିତ ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ନିଖିଳ ଓଡିଶା ଗୃହ ମଜଦୁର ସଭା ପକ୍ଷରୁ ସଭାପତି ଚନ୍ଦ୍ରା ରାଓଙ୍କ ଅଧ୍ୟକ୍ଷତାରେ ୭ ଦଫା ଦାବିକୁ ନେଇ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ବିକ୍ଷୋଭରେ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ବିଶେଷ କରି ଘରୋଇ ଶ୍ରମିକମାନଙ୍କ ସାମାଜିକ ସୁରକ୍ଷା ଦାବି କରିଥିଲେ। ଏଥିସହ ସମସ୍ତ ରାଜ୍ୟ ତଥା ୟୁନିୟନ ଅଞ୍ଚଳରେ ଥିବା ଘରୋଇ ଶ୍ରମିକମାନଙ୍କୁ ସର୍ବନିମ୍ନ ମଜୁରୀ ଘୋଷଣା କରିବା, ଯେଉଁଠାରେ ସର୍ବନିମ୍ନ ମଜୁରି ଅଛି ସେଠାରେ କୌଶଳ ଓ ଜୀବନ ଖର୍ଚ୍ଚ ବଜାୟ ରଖିବା ପାଇଁ ସଂଶୋଧନ ହାର ଘୋଷଣା କରିବା, ସହରାଞ୍ଚଳରେ ବସ୍ତି ଭାଙ୍ଗିବା ଓ ବସ୍ତି ଉଚ୍ଛେଦ ପ୍ରକ୍ରିୟା ବନ୍ଦ କରିବା, ରାଜ୍ୟ ସରକାର ଘରୋଇ ଶ୍ରମିକମାନଙ୍କ ପାଇଁ ସହରାଞ୍ଚଳ ବିକାଶ ଯୋଜନାରେ ଗୃହ ଯୋଗାଇ ଦେବା ଭଳି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା। ପରେ ସମସ୍ତ କର୍ମକର୍ତ୍ତା ଜିଲା ଶ୍ରମ ଅଧିକାରୀ ଦିବ୍ୟଜ୍ୟୋତି ନାୟକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିରେ ବରିଷ୍ଠ ଶ୍ରମିକ ନେତା ଦିଗମ୍ବର ମହାନ୍ତି, ପ୍ରମିଳା କିଣ୍ଡୋ, ମୁକ୍ତା ବାଗେ, ସୁରୁ ବାର୍ଲା, ସବିତା ବାଗ, ଜ୍ୟୋତି ଲାକ୍ରା, ଅଞ୍ଜନ ଲାକ୍ରା, ପିଙ୍କି ବାରିକଙ୍କ ସମେତ ନିଖିଳ ଓଡିଶା ଗୃହ ମଜଦୁର ସଭାର କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଫକୀର ମୋହନ ସେନାପତିଙ୍କ ତିରୋଧାନ ଦିବସ




**ରାଉରକେଲା ,୧୬।୬ (ଦିନେଶ ମିଶ୍ର):** ସୁବର୍ଣ୍ଣରେଖା ଓ ଫକୀର ମୋହନ ସାହିତ୍ୟ ଗବେଷଣା ପ୍ରତିଷ୍ଠାନ ମିଳିତ ସହଯୋଗରେ ଫକୀର ମୋହନ ସେନାପତିଙ୍କ ତିରୋଧାନ ଦିବସ ସଭାପତି ମନୋରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ପାଳିତ ହୋଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର କର୍ମକର୍ତ୍ତା ଫକୀର ମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଡ. ଅଚିନ୍ତ୍ୟ ନାରାୟଣ ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ରେବତୀ ଗଳ୍ପ ଓ ନାରୀଶିକ୍ଷା ଉପରେ ଆଲୋକପାତ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଡ. ଦୀପ୍ତିମୟୀ ବେହେରା ଫକୀର ମୋହନଙ୍କ କାଳଜୟୀ ଉପନ୍ୟାସ ଗଳ୍ପ ବିଷୟରେ ବକ୍ତବ୍ୟ ରଖିଥିଲେ। ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ବେହେରା ସ୍ୱାଗତ ଭାଷଣ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। ବନବିହାରୀ ରଣା, ମହେନ୍ଦ୍ର ମହାଲିକ, କମଳାକାନ୍ତ ପ୍ରଧାନ, ଅରକ୍ଷିତ ଆଦକ, ମଧୁସୂଦନ ବେଜ, ବରୁଣ ମାଝୀ, ସୁବ୍ରତ ଜେନା, ରାଜେନ୍ଦ୍ର ନାରାୟଣ ଦାସ, ଶ୍ରୀକାନ୍ତ ଦାସ, କଲ୍ୟାଣ ପଣ୍ଡା, ଅରୁଣ ଗିରି ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ବିଜୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ରାଉରକେଲାର ଏକ ଛକରେ ଟ୍ରାଫିକ ପୋଷ୍ଟ ନ ଥିବାରୁ ଜଣେ ମହିଳା ଟ୍ରାଫିକ ପୋଲିସ ଗଛତଳେ ଛିଡା ହୋଇ ଯାନବାହନ ପରିଚାଳନା କରୁଛନ୍ତି।

# ଗଛମୂଳ, ରାସ୍ତା କଡ଼ରେ ଚାଲିଛି ଡ୍ୟୁଟି

## ସ୍ମାର୍ଟସିଟିରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ

ରାଉରକେଲା,୧୬।୬(ଦିନେଶ ମିଶ୍ର)

ସ୍ମାର୍ଟସିଟି ରାଉରକେଲାରେ ଦିନକୁ ଦିନ ଜନସଂଖ୍ୟା ସାଙ୍ଗକୁ ଗାଡିମୋଟର ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ସ୍ମାର୍ଟସିଟି ପକ୍ଷରୁ ବହୁ ଉନ୍ନୟନମୂଳକ କାର୍ଯ୍ୟକ୍ରମ କରାଯାଉଥିଲେ ମଧ ଟ୍ରାଫିକକୁ ଅଣଦେଖା କରାଯାଉଛି। ସହରରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ବିଭିନ୍ନ ଛକରେ ଟ୍ରାଫିକ ପୋଲିସଙ୍କ ପାଇଁ କୌଣସି ଟ୍ରାଫିକ ପୋଷ୍ଟ ନ ଥିବାରୁ ସେମାନେ ରାସ୍ତାକଡ଼ ଗଛମୂଳ ନଚେତ ଖୋଲା ଆକାଶ ତଳେ ଛିଡା ହୋଇ କାର୍ଯ୍ୟ କରୁଛନ୍ତି। ଅନ୍ୟପକ୍ଷେ ଜିଲା ଟ୍ରାଫିକ୍ ବ୍ୟବସ୍ଥା ଯୋଗୁ କମ୍ ବୟସର ପିଲାମାନେ ଦ୍ରୁତବେଗରେ ଗାଡ଼ି ଚାଳନା କରିବା ଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟୁଛି।

୨୦୧୬ ସେପ୍ଟେମ୍ବର ୨୦ ତାରିଖରେ ରାଉରକେଲା ସ୍ମାର୍ଟସିଟି ମାନ୍ୟତା ପାଇବା ପରେ ଟ୍ରାଫିକ ବ୍ୟବସ୍ଥାକୁ ତ୍ୱରାନିତ କରିବା ପାଇଁ ବିଭିନ୍ନ ଛକରେ ୨୨ଟି ଟ୍ରାଫିକ ପୋଷ୍ଟ ବ୍ୟବସ୍ଥା କରାଯାଇଥିଲା। ସହରର ବିଶ୍ରା ଛକ, ଟ୍ରାଫିକ ଗେଟ୍, ଉଦିତନଗର, ପାନପୋଷ, ଛେଣ୍ଡ, ରେଲୱେ ଷ୍ଟେଶନ ଭଳି ପ୍ରମୁଖ ଛକମାନଙ୍କରେ ଏହି ପୋଷ୍ଟ କରାଯାଇଥିଲା। ସମୟକ୍ରମେ ବିଭାଗୀୟ ଅଣଦେଖା ମନୋଭାବ ଯୋଗୁ ବିଭିନ୍ନ ଛକରେ ଟ୍ରାଫିକ ପୋଷ୍ଟ ଗୁଡିକ ନଷ୍ଟ ହୋଇଯାଇଥିଲା। ଫଳରେ ଦୀର୍ଘଦୀନ ଧରି ଖତ ଖାଉଥିବା ଟ୍ରାଫିକ ପୋଷ୍ଟଗୁଡିକୁ ସ୍ଥାନୀୟ ସ୍ମାର୍ଟସିଟି ଓ ପୋଲିସ ପ୍ରଶାସନ ପକ୍ଷରୁ ଉଠାଇ ନିଆଯାଇଥିଲା। କିନ୍ତୁ ଟ୍ରାଫିକ ପୋଲିସ ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା କରାଯାଇ ନ ଥିଲା। ଏଭଳି ପରିସ୍ଥିତିରେ ଟ୍ରାଫିକ ପୋଷ୍ଟରେ ଛିଡାହୋଇ ଟ୍ରାଫିକ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡିଥିଲା। ସ୍ମାର୍ଟସିଟିରେ କାର୍ଯ୍ୟରତ ବିଭିନ୍ନ ଛକରେ ଟ୍ରାଫିକ ପୋଲିସ ନାହିଁ ନ ଥିବା ହଇରାଣ ହୋଇଥିଲେ। ଏପରକି ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଛକରେ କାର୍ଯ୍ୟରତ ଟ୍ରାଫିକ ପୋଲିସମାନଙ୍କ ପାଇଁ କୌଣସି ଟ୍ରାଫିକ ପୋଷ୍ଟ ବ୍ୟବସ୍ଥା କରାଯାଇ ନ ଥିବାରୁ ସେମାନେ ରାସ୍ତାକଡ ଓ ଗଛମୂଳ ନଚେତ ଖୋଲା ଆକାଶତଳେ ଛିଡା ହୋଇ ଡ୍ୟୁଟି କରୁଛନ୍ତି।

ଏଭଳି ପରିସ୍ଥିତିରେ ସେକ୍ଟର-୩ ଟ୍ରାଫିକ୍ ଛକରେ ଦୁଇ ସପ୍ତାହ ତଳେ ଜଣେ ଟ୍ରାଫିକ ପୋଲିସ ପ୍ରବଳ ଖରାରେ କାର୍ଯ୍ୟରତ ବେଳେ ଅସୁସ୍ଥ ହୋଇପଡିଥିଲେ। ସେହିପରି ପାନପୋଷ ହକି ଛକ, ବେଦବ୍ୟାସ, ଉଦିତନଗର ଛକରେ କାର୍ଯ୍ୟରତ ଟ୍ରାଫିକ ପୋଲିସ ପ୍ରବଳ ଖରା ଓ ବର୍ଷାରୁ ନିଜକୁ ରକ୍ଷା କରିବା ପାଇଁ ସେଠାରେ ଥିବା ବ୍ୟବସାୟୀଙ୍କ ଦୋକାନ ତଳେ ରହି କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ଏମିତିକି ଟ୍ରାଫିକ ପୋଲିସଙ୍କ ପାଇଁ କୌଣସି ପାନୀୟ ଜଳ, ସିଗନାଲ ବ୍ୟବସ୍ଥା ନାହିଁ। ଆଗକୁ ବର୍ଷାଦିନ ଆସୁଥିବାବେଳେ ବିଭିନ୍ନ ଛକରେ ଟ୍ରାଫିକ ନିୟନ୍ତ୍ରଣ କିଭଳି ହେବ ସେ ନେଇ ସାଧାରଣରେ ଚିନ୍ତାପ୍ରକାଶ ପାଇଛି। ଏ ନେଇ ରାଉରକେଲା ଅତିରିକ୍ତ ଏସ୍‌ପି ବିକ୍ରମ କେଶରୀ ଭୋଇଙ୍କୁ ପଚାରିବାରୁ ସେ କହିଥିଲେ, ଟ୍ରାଫିକ ପୋଲିସ ପାଇଁ ପୋଷ୍ଟ ବ୍ୟବସ୍ଥା ଏକ ମୁଖ୍ୟ ସମସ୍ୟା ସାଜିଛି। ସ୍ମାର୍ଟସିଟି ପକ୍ଷରୁ ବର୍ତ୍ତମାନ ସହରରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପ୍ରତ୍ୟେକ ଛକରେ ନୂତନ ପୋଷ୍ଟ ସହ ଟ୍ରାଫିକ୍ ଭାଓଲେଶନ ଡିଟେକ୍‌ଶନ ସିଷ୍ଟମ (ଟିଭିଡିଏସ୍) ଲାଗିଛି। ଏଥିସହ ୧୧୦ଟି ସ୍ଥାନରେ ୪୭୪ଟି ସିସି କ୍ୟାମେରା ବ୍ୟବସ୍ଥା କରାଯାଇଛି। ଆଗାମୀ ୩ ମାସ ଭିତରେ ଏହା କାର୍ଯ୍ୟକାରୀ ହେଲେ ଉକ୍ତ ସମସ୍ୟା ଦୂର ହେବ ବୋଲି ଭୋଇ ସୂଚନା ଦେଇଥିଲେ।

## ରାଉରକେଲା ଷ୍ଟେଶନରେ ସୁରକ୍ଷା ଅଡିଟ୍ ଟିମ୍‌ର ଯାଞ୍ଚ

ରାଉରକେଲା, ୧୬।୬(ସଙ୍ଗୀତା ଜେନା)

ଦକ୍ଷିଣ ପୂର୍ବ ରେଲୱେ ପକ୍ଷରୁ ଶୁକ୍ରବାର ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଯାଞ୍ଚ କରାଯାଇଛି। ପ୍ରତ୍ୟେକ ୩-୪ ବର୍ଷରେ ଏହି ଅଡିଟ କରାଯାଉଥିବା ବେଳେ ଚଳିତ ବର୍ଷ ୨ ଦିନ ବ୍ୟାପୀ ଅଡିଟ ଜାରି ରହିଛି। ରେଳପଥ ଅଧିକାରୀ ମାନେ ଗୁରୁବାର ରାତିରୁ ଏହି ଯାଞ୍ଚ କରୁଛନ୍ତି। ଏଥିରେ ରେଳ ଧାରଣା, ଟେକନିକାଲ ସିଷ୍ଟମ ସମେତ ଯାତ୍ରୀ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି ଯାଞ୍ଚ କରାଯାଇଥିଲା। ଚକ୍ରଧରପୁର ରେଳ ମଣ୍ଡଳ ଅଧୀନ ପ୍ରମୁଖ ଷ୍ଟେଶନ, ରାଉରକେଲା ସମେତ ବିଭିନ୍ନ ଷ୍ଟେଶନରେ ଏହି ଯାଞ୍ଚ କରାଯାଇଥିଲା। ରେଳଯାତ୍ରା ଓ ରେଳକୁ ଅଧିକ ସୁରକ୍ଷିତ କରିବା ଉଦ୍ଦେଶ୍ୟରେ ଅନ୍ୟ ରେଳମଣ୍ଡଳରୁ ଏକ ଟିମ୍ ଏହି ଯାଞ୍ଚ କରିଛି। ଏହି କ୍ରମରେ ଚଳିତ ଥର ଦକ୍ଷିଣ ମଧ୍ୟ ରେଳପଥ ଯାଞ୍ଚ କରୁଥିବା ରାଉରକେଲା ଷ୍ଟେଶନ ପ୍ରବନ୍ଧକ ପ୍ରଭାସ ଦାସ ସୂଚନା ଦେଇଛନ୍ତି।

## ହାତୀ ଉପଦ୍ରବ ନେଇ ଫେରାଦ

ରାଉରକେଲା,୧୬।୬(ବିପ୍ଳବ ରଞ୍ଜନ ଦାଶ)

ଲାଠିକଟା ବ୍ଲକ ରାମଯୋଡି ଗ୍ରାମପଞ୍ଚାୟତ ଅଧୀନ ମନକୋ ଗ୍ରାମରେ ବୃଦ୍ଧି ପାଉଥିବା ହାତୀ ଉପଦ୍ରବର ପ୍ରତିକାର ଦାବିରେ ଗ୍ରାମବାସୀ ଶୁକ୍ରବାର ରାଉରକେଲା ବନଖଣ୍ଡ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଗତ କିଛିଦିନ ହେଲା ଗ୍ରାମରେ ହାତୀ ଉପଦ୍ରବ ଦେଖାଦେଇଛି। ଅପରାହ୍ଣ ୫ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ସେମାନେ ଜଙ୍ଗଲରୁ ତଳକୁ ଚାଲିଆସୁଛନ୍ତି। ଗାଁରେ ପାଣି ପିଇବାପରେ ରାସ୍ତାରେ ଚଲାବୁଲା କରୁଛନ୍ତି। ଏହି ସମୟରେ ଲୋକମାନେ ହାତୀ ଭୟରେ ବାହାରକୁ ବାହାରି ପାରୁନାହାନ୍ତି। ପିଲାମାନେ ମଧ ହାତୀ ଭୟରେ ସ୍କୁଲକୁ ଯାଉ ନାହାନ୍ତି। ସନ୍ଧ୍ୟା ବେଳେ ହାତୀଦଳ ଗାଁର ବିଭିନ୍ନ ବସ୍ତିରେ ଉପଦ୍ରବ କରୁଛନ୍ତି। ଏହାର ପ୍ରତିକାର ପାଇଁ ସେମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ରାମଯୋଡି ସରପଞ୍ଚ ଦିନୋସିଆ ଆଇନ୍ଦ, ପୂର୍ବତନ ସରପଞ୍ଚ ଭୁରୁଙ୍ଗୀ ତିର୍କୀଙ୍କ ସମେତ ମନକୋ ଗ୍ରାମର ଚାନ୍ଦଲା କୋ, ରୁପୁ ଟପ୍ପୋ, ମାଥିଆସ ଜୋଜୋ, ସୋନୁ ଟପ୍ପୋ, ଇଫା ମି, ବିମଳା ଏକ୍କା, ମାରିଆ ସୁରିନ ପ୍ରମୁଖ ଉପସ୍ଥିତ ଥିଲେ।



ଗ୍ରାମବାସୀ ବନଖଣ୍ଡ ଅଧିକାରୀଙ୍କ ଅଫିସ ସମ୍ମୁଖରେ ଦାବିପତ୍ର ଦେଖାଉଛନ୍ତି।

# ମୁକୁଳା ପଡ଼ିଛି କ୍ରୀଡ଼ା ଉଦ୍ୟାନ



ବନପୋଷ ସ୍ଥିତ କ୍ରୀଡ଼ା ଉଦ୍ୟାନ ।

## ଲାଗୁନି ବ୍ୟାରିକେଡ୍, ଅସ୍ତିତ୍ୱ ହରାଉଛି ପାର୍କ

ରାଉରକେଲା,୧୬।୬ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରରେ ଆର୍‌ଏମ୍‌ସି ପକ୍ଷରୁ ଅନେକ କ୍ରୀଡ଼ା ଉଦ୍ୟାନ (ଆଥ୍‌ଲେଟିକ ପାର୍କ) ନିର୍ମାଣ ହୋଇଛି। ଉଦ୍ୟାନରେ ବିଭିନ୍ନ ସରଞ୍ଜାମ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି। ମାତ୍ର ଅନେକ ସ୍ଥାନରେ ଉଦ୍ୟାନଗୁଡିକ ମୁକୁଳା ଅବସ୍ଥାରେ ପଡି ରହୁଥିବା ବେଳେ ବ୍ୟାରିକେଡ୍ ଲଗାଯାଉନାହିଁ। ଫଳରେ ବୁଲା ଗୋରୁ ପଶି ପାର୍କର ସୌନ୍ଦର୍ଯ୍ୟକୁ ନଷ୍ଟ କରୁଛନ୍ତି। ପ୍ରଧାନପାଲି ୪ ନମ୍ବର ୱାର୍ଡ ଶ୍ରୀମା ବିଦ୍ୟାପୀଠ, ବନପୋଷ ନିକଟସ୍ଥ କ୍ରୀଡ଼ା ଉଦ୍ୟାନ ଓ ରଥପଡିଆ ନିକଟସ୍ଥ ନବନିର୍ମିତ କ୍ରୀଡ଼ା ଉଦ୍ୟାନରେ ଏଭଳି ଅବସ୍ଥା ଦେଖିବାକୁ ମିଳିଛି। ଦୀର୍ଘମାସ ହେଲା ଏହି ଉଭୟ ଉଦ୍ୟାନରେ ବ୍ୟାରେକେଡ ଲଗାଯାଇନି। ଏଥିସହ ଉଦ୍ୟାନ ପରିସର ପଡିଆ ଅଳିଆ ଆବର୍ଜନା ହେଉଥିବା ବେଳେ ବୁଲା ଗୋରୁଙ୍କ ବାସସ୍ଥଳୀ ପାଲଟିଛି। ଏ ଦିଗରେ ଆରଏମସି ପଦକ୍ଷେପ ନେବାକୁ ବୁଦ୍ଧଦେବ ସା, ଧନଞ୍ଜୟ ସା, ରୋହିତ ତନ୍ତୀ ଏବଂ ଅଜୁ ସା ପ୍ରମୁଖ ବନପୋଷ ବାସିନ୍ଦା ଦାବି କରିଛନ୍ତି। ଏ ନେଇ ଆର୍‌ଏମ୍‌ସି ଡେପୁଟି କମିଶନର ସୁଧାଂଶୁ ଭୋଇଙ୍କୁ ପଚାରିବାରୁ ସେ କହିଲେ, ବନପୋଷ ସ୍ଥିତ କ୍ରୀଡ଼ା ଉଦ୍ୟାନ ସମେତ ବହୁ ସ୍ଥାନରେ ବ୍ୟାରିକେଡ ଲାଗିବା ବାକି ରହିଛି। ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ସମ୍ପାଦନ ହେବା ପରେ ପାର୍କଗୁଡିକ ଲୋକହିତରେ ଲୋକାର୍ପଣ କରାଯିବ ବୋଲି ଭୋଇ କହିଥିଲେ।

## ରଜ ଉତ୍ସବରେ ମେଘ ମହ୍ଲାର

ରାଉରକେଲା ,୧୬।୬
(ବିପ୍ଳବ ରଞ୍ଜନ ଦାଶ)

ଆରଏସପି ଆନୁକୂଲ୍ୟରେ ସିଭିକ ସେଣ୍ଟରଠାରେ ଗୁରୁବାର ରଜ ଉତ୍ସବ ପାଳନ ଉପଲକ୍ଷେ ସାଂସ୍କୃତିକ ସନ୍ଧ୍ୟା ମେଘ ମହ୍ଲାର ଆୟୋଜିତ ହୋଇଯାଇଛି। ଆରଏସପିର କାର୍ମିକ ଏବଂ ପ୍ରଶାସନ ତଥା ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ ସାହୁ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, ଚିକିତ୍ସା, ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି. କେ ହୋତା, ଦୀପିକା ମହିଳା ସଂଘଠିର ଉପାଧ୍ୟକ୍ଷା ହର୍ଷଲା ସୂର୍ଯ୍ୟବଂଶୀ, ହିରଣ୍ମୟୀ ଶତପଥି ଓ ସମାପିକା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁ ନରେନ୍ଦ୍ର ନାୟକ ଏବଂ ତାଙ୍କ ଦଳ ଦ୍ୱାରା ବଂଶୀବାଦନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଅନୀଲ ମଲ୍ଲିକ ଏବଂ ପିଓ ଏଚଏସ ବିଭାଗର ଏକଜିକ୍ୟୁଟିଭ ଆସିଷ୍ଟାଣ୍ଟ ମଧୁସ୍ମିତା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ରୋଗୀ ମୃତ୍ୟୁକୁ ନେଇ ଉତ୍ତେଜନା

### ଥାନାରେ ଅଭିଯୋଗ କଲେ ପରିବାର ଲୋକେ

ରାଉରକେଲା,୧୬।୬(ଦିନେଶ ମିଶ୍ର)

ରାଉରକେଲା ହାଇଟେକ ମେଡିକାଲରେ ରୋଗୀ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଡାକ୍ତରଙ୍କ ଅବହେଳା ଯୋଗୁ ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ କରି ପରିବାର ଲୋକେ ରଘୁନାଥପାଲି ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ, ଟାଙ୍ଗରପାଲି ଥାନା ଅନ୍ତର୍ଗତ ଫର୍ଟିଲାଇଜର ବ୍ରିଟାନିଆ କଲୋନୀର କବିତା ମହ୍ଲ(୬୦)୮ ଦିନ ତଳେ ରାଉରକେଲା ହାଇଟେକ ମେଡିକାଲ ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି ହୋଇଥିଲେ। ପ୍ରଥମ ଦିନ ଡାକ୍ତର ତାଙ୍କୁ କେବଳ ଔଷଧ ଦେଇଥିଲେ ଓ ତାଙ୍କର ରକ୍ତ ପରୀକ୍ଷା କରାଇଥିଲେ। ଏଭଳି ଦିନ ପରେ ଦିନ ଚିକିତ୍ସା କରାଯାଇଥିଲେ ମଧ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହୋଇ ନ ଥିଲା। ଫଳରେ ପରିବାର ଲୋକେ ଡାକ୍ତରଙ୍କ ସହ ଯୁକ୍ତିତର୍କ କରିବାରୁ ରୋଗୀଙ୍କର ହୃଦରୋଗ ଥିବା ଡାକ୍ତର କହିଥିଲେ। ଗୁରୁବାର ରାତି ସାଢେ ୧୨ଟାରେ ରୋଗୀ ବାନ୍ତି କରିବାରୁ ସମ୍ପର୍କୀୟ ଲୋକେ ଡାକ୍ତରଙ୍କୁ ଡାକିଥିଲେ ମଧ୍ୟ କେହି ଆସି ନ ଥିବା ଅଭିଯୋଗ ହୋଇଛି। ଶୁକ୍ରବାର ଅପରାହ୍ଣ ୩ଟାରେ କବିତା ନିଶ୍ୱାସ ନେବାରେ ବାଧାସୃଷ୍ଟି ହୋଇଥିଲା ଏବଂ ତାଙ୍କୁ ଅକ୍ସିଜେନ ନ ଦେବାରୁ ତାଙ୍କ ମୃତ୍ୟୁ ହୋଇଥିବା ମୃତକଙ୍କ ପୁଅ ଦୁର୍ଯ୍ୟୋଧନ କହିଛନ୍ତି। ରୋଗୀ ମୃତ୍ୟୁର ଦୁଇଘଣ୍ଟା ପରେ ମଧ୍ୟ ଡାକ୍ତର ନ ଆସିବାରୁ ପରିବାର ଲୋକେ ଡାକ୍ତରଖାନାରେ ଭଙ୍ଗାରୁଜାକରିଥିଲେ। ଘଟଣାସ୍ଥଳରେ ରଘୁନାଥପାଲି ପୋଲିସ ଓ ପାନପୋଷ ଏସ୍‌ଡିପିଓ ସାନ୍ତାନୂତନ ସାମଦ ପହଞ୍ଚି ବୁଝାଶୁଝା କରିବାରୁ ପରିସ୍ଥିତି ଶାନ୍ତ ପଡିଥିଲା। ଏ ସମ୍ପର୍କରେ ହାଇଟେକ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପାର୍ଥ ସାରଥୀ ଶତପଥୀଙ୍କୁ ପଚାରିବାରୁ ସେ କହିଲେ, ମୃତ ରୋଗୀଙ୍କର ପୂର୍ବରୁ ହୃଦରୋଗ ଥିଲା। ତାଙ୍କର ହଠାତ ହୃଦଘାତ ହେବାରୁ ଏଭଳି ପରିସ୍ଥିତି ଉପୁଜିଥିଲା ବୋଲି ସେ ସୂଚନା ଦେଇଛନ୍ତି।

## ମୁରଲୀଧର ପରିଜାଙ୍କ ସ୍ମୃତିସଭା

ରାଉରକେଲା,୧୬।୬(ସଙ୍ଗୀତା ଜେନା)

ରାଉରକେଲାର ବିଶିଷ୍ଟ ଜନନାୟକ ମୁରଲୀଧର ପରିଜାଙ୍କ ୫ମ ସ୍ମୃତିସଭା ସେକ୍ଟର-୫ ଆଦର୍ଶ ପାଠାଗାରରେ ଅନୁଷ୍ଠିତ ହୋଇଛି। ଏଥିରେ ଶ୍ରମ ମନ୍ତ୍ରୀ ସାରଦା ନାୟକ ମୁଖ୍ୟ ଅତିଥି, ରାଉରକେଲା ଏନ୍‌ଆଇଟିର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ସୁନୀଲ ଷଡ଼ଙ୍ଗୀ ମୁଖ୍ୟ ବକ୍ତା, ସିଟୁ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି, ଚ୍ୟାମ୍ବର ଅଫ୍ କମର୍ସର ସଭାପତି ସୁନୀଲ କୟାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସ୍ୱର୍ଗତ ପରିଜାଙ୍କ ବାଲ୍ୟକାଳରୁ ରାଜନୈତିକ ଜୀବନ ଓ ଏନ୍‌ଆଇଟି ତଥା ଆର୍‌ଏସ୍‌ପି ବିକାଶରେ ତାଙ୍କର ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପୂର୍ବତନ ଏସ୍‌ଆଇଏଫ କୁଞ୍ଜବିହାରୀ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ସୁରେନ୍ଦ୍ର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରିଦର୍ଶିତା ଲାଭ କରିଥିବା ସକିଲ ଅହମ୍ମଦ, ହେମନ୍ତ ତାଣ୍ଡିଆ, ଡ. ସମର ମୁଦାଲି, ଡ. ସମ୍ପାଦିକା ମହାନ୍ତି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନିରୁଦ୍ଧ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକାରୀ ସଭାପତି ସଞ୍ଜୀବ ମହାନ୍ତି, ଉପସଭାପତି ଲକ୍ଷ୍ମୀଧର ନାୟକ, ଯୁଗ୍ମ ସମ୍ପାଦକ ରାଜୀବ ବସନ୍ତ ରାୟ, ଶ୍ରମିକ ନେତା ରାଜକିଶୋର ପ୍ରଧାନ, ପ୍ରଭାତ ମହାନ୍ତି, ହୃଷୀକେଶ ନାୟକ, ବିଶ୍ୱଜିତ ମାଝୀ, ବୁଦ୍ଧନୀ ମୁଣ୍ଡାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସ୍ମୃତିସଭାରେ ମଞ୍ଚାସୀନ ଅତିଥିଗଣ।

## ମଧ୍ୟପ୍ରଦେଶ, ଛତିଶଗଡ, ଉତ୍ତରାଖଣ୍ଡ, ଓଡ଼ିଶା, ମଣିପୁର ବିଜୟୀ

### ଜାତୀୟ ଜୁନିୟର ପୁରୁଷ ହକି ଚାମ୍ପିୟନଶିପ୍

ରାଉରକେଲା,୧୬।୬(ଦିନେଶ ମିଶ୍ର)

ରାଉରକେଲା ବିର୍ସା ମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମରେ ତ୍ରୟୋଦଶ ଜାତୀୟ ଜୁନିୟର ପୁରୁଷ ହକି ଚାମ୍ପିୟନଶିପ୍‌ର ପଞ୍ଚମ ଦିନରେ ୬ଟି ମ୍ୟାଚ ଖେଳାଯାଇଥିଲା। ସେଥିମଧ୍ୟରୁ ପ୍ରଥମ ମ୍ୟାଚ ମଧ୍ୟପ୍ରଦେଶ ଓ କେରଳ ମଧ୍ୟରେ ହୋଇଥିଲା। ଏଥିରେ ମଧ୍ୟପ୍ରଦେଶ ଦଳ ୧୪-୦ ଗୋଲରେ କେରଳକୁ ପରାସ୍ତ କରିଥିଲା। ମଧ୍ୟପ୍ରଦେଶ ଦଳ ଖେଳ ଆରମ୍ଭରୁ ଆକ୍ରମଣ ଖେଳ ପ୍ରଦର୍ଶନ କରି ଫରୱାର୍ଡ ଖେଳାଳି ମହମ୍ମଦ କନିନ୍ ସର୍ବାଧିକ ୪ଟି ଗୋଲ କରିଥିଲେ। ପରେ ମହମ୍ମଦ ଜାହିଦ ଖାନ ୩ଟି ହ୍ୟାଟ୍ରିକ ଗୋଲ ମାରିଥିଲେ। ଦଳ ପକ୍ଷରୁ ଅଲ୍ଲୀ ଅହମ୍ମଦ ଓ ଶ୍ରୀୟାସ ଧୁପେ ଦୁଇଟି ଲେଖାଏଁ ଗୋଲ କରିଥିବାବେଳେ ଏମଡି କରୀମ ମନସୁରୀ, କସିଫ ଖାନ, ଅଧିନାୟକ ଅଙ୍କିତ ପାଲ ଗୋଟିଏ ଲେଖାଏଁ ଗୋଲ କରି ଦଳକୁ ବିଜୟୀ କରିଥିଲେ। ଦ୍ୱିତୀୟ ମ୍ୟାଚ ଛତିଶଗଡ ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଛତିଶଗଡ ଦଳ ଆନ୍ଧ୍ରପ୍ରଦେଶକୁ ୧୩-୩ ଗୋଲରେ ପରାସ୍ତ କରିଥିଲା। ଛତିଶଗଡ ଦଳ ପକ୍ଷରୁ କରନ ଲାକ୍ରା ସର୍ବାଧିକ ୪ଟି ଗୋଲ ମାରିଥିଲେ।




ମଧ୍ୟପ୍ରଦେଶ ଓ କେରଳ ମଧରେ ମ୍ୟାଚ୍‌ର ଦୃଶ୍ୟ।

ସଞ୍ଜୀପ କୁମାର ଓ ବିଷ୍ଣୁ ଯାଦବ ଉଭୟ ହ୍ୟାଟ୍ରିକ ୩ଟି ଗୋଲ ମାରି ଦଳକୁ ୧୦-୦ ଗୋଲରେ ଆଗୁଆ ରଖିଥିଲେ। ପରେ ସୋନୁ ନିସାଦ, ଅର୍ଜୁନ ଯାଦବ ଓ ଅଧିନାୟକ ତରୁଣ ଯାଦବ ଗୋଟିଏ ଲେଖାଏଁ ଗୋଲ ମାରି ଦଳକୁ ବିଜୟୀ କରିଥିଲେ। ଆନ୍ଧ୍ରପ୍ରଦେଶ ପକ୍ଷରୁ କରଭୁ ପ୍ରଧାସାଇ, ଗିଦୁତୁରି ସାଇ ଓ ଅଖିଲ ଭିନକେଡ ଗୋଟିଏ ଲେଖାଏଁ ଗୋଲ କରିଥିଲେ। ତୃତୀୟ ମ୍ୟାଚ ଉତ୍ତାଖଣ୍ଡ ଓ ହିମାଚଳ ପ୍ରଦେଶ ମଧ୍ୟରେ ଖେଳାଯାଇଥିଲା। ଉତ୍ତରାଖଣ୍ଡ ଦଳ ୧୦-୨ ଗୋଲରେ ହିମାଚଳପ୍ରଦେଶକୁ ପରାସ୍ତ କରିଥିଲା। ଉତ୍ତରାଖଣ୍ଡ ଦଳ ପକ୍ଷରୁ ଦୀପକ ସିଂ ସର୍ବାଧିକ ୪ଟି ଗୋଲ କରିଥିଲେ। ପରେ ଅନୁରାଗ କୁମାର ଓ ମହିନ୍ଦ୍ର ସିଂ ଦୁଇଟି ଲେଖାଏଁ ଗୋଲ କରିଥିଲେ। ଅମିତ ସୋରେଲ ଓ ଅଧିନାୟକ ଫିଆଜ ହୁସେନ ଗୋଟିଏ ଲେଖାଏଁ ଗୋଲ କରି ଦଳକୁ ବିଜୟୀ କରିଥିଲେ। ହିମାଚଳପ୍ରଦେଶ ପକ୍ଷରୁ ଆକାଶଦୀପ ସିଂ ଓ ଅନମୋଲ ରାଣା ଗୋଟିଏ ଲେଖାଏଁ ଗୋଲ କରିଥିଲେ। ଚତୁର୍ଥ ମ୍ୟାଚ ଓଡିଶା ଓ ଜମ୍ମୁକଶ୍ମୀର ମଧ୍ୟରେ ଖେଳା ଯାଇଥିବାବେଳେ ଓଡିଶା ୧୦-୦ ଗୋଲରେ ଜମ୍ମୁକଶ୍ମୀରକୁ ପରାସ୍ତ କରିଥିଲା। ଓଡିଶା ଦଳ ପକ୍ଷରୁ ଆକାଶ ସୋରେଙ୍ଗ ୩ଟି ଗୋଲ ମାରିଥିଲେ। ସେହିଭଳି ରିତିକ୍ କୁଜୁର ଓ ଅରବିନ୍ ଟୋପୋ ୨ଟି ଲେଖାଏଁ ଗୋଲ କରିଥିଲେ। ପରେ ପାଉଲ୍ସ ଲାକ୍ରା, ସିଲଭା ଲିସମ୍, ଦୀପକ ମିଞ୍ଜ ଗୋଟିଏ ଲେଖାଏଁ ଗୋଲ କରି ଦଳକୁ ବିଜୟୀ କରିଥିଲେ। ପଞ୍ଚମ ମ୍ୟାଚ୍ ମଣିପୁର ଓ ଗୁଜୁରାଟ ମଧ୍ୟରେ ଖେଳାଯାଇଥିଲା। ଏଥିରେ ମଣିପୁର ୧୭-୦ ଗୋଲରେ ଗୁଜୁରାଟକୁ ପରାସ୍ତ କରିଥିଲା। ମଣିପୁର ଦଳର ଖେଳାଳି ଡିଙ୍ଗ୍‌କୁ ଶର୍ମା ସର୍ବାଧିକ ୫ଟି ଗୋଲ ମାରିଥିଲେ। ପରେ ଅଧିନାୟକ ଇନଗ୍ଲେମ୍ବା ଲୁଆଙ୍ଗୋ ହ୍ୟାଟ୍ରିକ ୩ଟି ଗୋଲ ମାରିଥିଲେ। ପ୍ରିୟବ୍ରତ ଓ ସୋମିକାନ୍ତ ସିଂ ଦୁଇଟି ଗୋଲ ମାରିଥିଲେ। ଶେଷ ମ୍ୟାଚ କର୍ନାଟକ ଓ ଦାଦ୍ରାନଗର ହାବେଳି ମଧ୍ୟରେ ଖେଳ ଜାରି ରହିଥିଲା।

# ଭିଜିଲାନ୍ସ ଜାଲରେ କୋଟିପତି ନିଲମ୍ବିତ ଯୋଗାଣ ଅଧିକାରୀ

ଭୁବନେଶ୍ୱର(ସତ୍ୟଜିତ୍ ରାଉତ)/ନିମାପଡ଼ା(ବିଚିତ୍ରାନନ୍ଦ ସାହୁ), ୧୬।୬

ସରକାରୀ କ୍ଷମତାର ଅପବ୍ୟବହାର କରି ନିଲମ୍ବିତ ହୋଇଥିବା ନୟାଗଡ଼ ଜିଲା ଯୋଗାଣ ଅଧିକାରୀ (ସିଏସ୍ଓ) ବ୍ରଜେନ୍ଦ୍ର କୁମାର ନାୟକ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଶୁକ୍ରବାର ଭିଜିଲାନ୍ସର ୮ଟି ଟିମ୍ ବ୍ରଜେନ୍ଦ୍ରଙ୍କ ଘର ସମେତ ନୟାଗଡ଼, ଭୁବନେଶ୍ୱର ଓ ପୁରୀର ୮ ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି। ଏହି ସ୍ଥାନ ମଧ୍ୟରେ ବ୍ରଜେନ୍ଦ୍ରଙ୍କ ନୟାଗଡ଼ ସିଏସ୍ଓ କାର୍ଯ୍ୟାଳୟସ୍ଥିତ କୋଠରି, ନୟାଗଡ଼ ମିଶ୍ର କଲୋନୀରେ ଭଡ଼ାରେ ରହୁଥିବା ବାସଭବନ ଓ ପୁରୀ ଜିଲା ନିମାପଡ଼ା ଥାନା ଅନ୍ତର୍ଗତ ସୁନୁଗୋରଡ଼ି ଗ୍ରାମସ୍ଥିତ ପୈତୃକ ଘର ଆଦି ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ୱାରେଣ୍ଟ ବଳରେ ହେଉଥିବା ଏହି ଚଢ଼ାଉରେ ଭିଜିଲାନ୍ସର ୨ଜଣ ଡିଏସ୍ପି, ୬ଜଣ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀ ନିୟୋଜିତ ଅଛନ୍ତି। ଏହି ଚଢ଼ାଉ ସମୟରେ ଭିଜିଲାନ୍ସ ବ୍ରଜେନ୍ଦ୍ରଙ୍କର ବିପୁଳ ସମ୍ପତ୍ତି ଠାବ କରିଛି।

ଭିଜିଲାନ୍ସର ରିପୋର୍ଟ ଅନୁଯାୟୀ, ଭୁବନେଶ୍ୱର ଭୀମଟାଙ୍ଗୀସ୍ଥିତ ହାଉସିଂ ବୋର୍ଡ କଲୋନୀର ପ୍ଲଟ୍ ନଂ. ଏ/ଏଲ୍-୫୫ରେ ଥିବା ଦୁଇ ମହଲା କୋଠା, ରାଜାରାଣୀ କଲୋନୀସ୍ଥିତ ପ୍ଲଟ୍ ନଂ.୩୮୪/୨୩୨୮ରେ ଥିବା ୩ ମହଲା କୋଠା (୧.୪୫ କୋଟି ଟଙ୍କା), ପ୍ଲଟ୍ ନଂ. ୩୮୫/୨୩୨୯ରେ ଥିବା ୩ ମହଲା କୋଠା, ଲୁଇସ୍ ରୋଡ୍ ଗ୍ୟାରେଜ ଛକ ଓ ପୁରୁଣା ଭୁବନେଶ୍ୱର ଶିଶୁପାଳଗଡ଼ରେ ଗୋଟିଏ ଲେଖାଏ କୋଠା, ନିମାପଡ଼ା ଖେଲାର ବଜାରରେ ୧୦ଟି ଦୋକାନ ଘର ଓ ୨ହଜାର ବର୍ଗଫୁଟ୍‌ବିଶିଷ୍ଟ ହଲ୍ ଥିବା ଗୋଟିଏ ମାର୍କେଟ କମ୍ପ୍ଲେକ୍ସ ଏବଂ ପୈତୃକ ଗାଁ ସୁନୁଗୋରଡ଼ିସ୍ଥିତ ପ୍ଲଟ ନଂ.୨୦୨ରେ ଥିବା ଫାର୍ମ ହାଉସ୍ ଠାବ ହୋଇଛି। ଏସବୁ ସମ୍ପତ୍ତିର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ୍ ୱଇଙ୍ଗ୍ ପ୍ରୟାସ ଜାରି ରଖିଛି। ସେହିଭଳି ଭୁବନେଶ୍ୱରର ପ୍ରମୁଖ ଅଞ୍ଚଳରେ ୨ଟି ଓ ନିମାପଡ଼ାରେ ୫ ପ୍ଲଟ, ବ୍ୟାଙ୍କ ଓ ଜୀବନ ବୀମା ଜମା ୧.୫ କୋଟି, ୭.୮ ଲକ୍ଷ ଟଙ୍କାର ଗୋଟିଏ ଚାରିଚକିଆ ଯାନ ଓ ୩ଟି ବାଇକ ମଧ୍ୟ ଠାବ ହୋଇଛି। ଚଢ଼ାଉ ଜାରି ରହିଥିବାବେଳେ ବ୍ରଜେନ୍ଦ୍ରଙ୍କ ସମ୍ପତ୍ତି ସଂକ୍ରାନ୍ତରେ ଅଧିକ ପଚରାଉଚରା କରାଯାଉଛି। ଚଢ଼ାଉ ଓ ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ବ୍ରଜେନ୍ଦ୍ର ୨୦୨୨ରେ ନୟାଗଡ଼ ଜିଲା ଯୋଗାଣ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ଚାଷୀଙ୍କଠାରୁ ସମିତି ମାଧ୍ୟମରେ ଧାନ ନେଇ ଯୋଗାଣ ବିଭାଗକୁ ଚାଉଳ ନ ଫେରାଇ ସିକ୍ୟୁରିଟି ଟଙ୍କା ଉଠାଇ ନେଇଥିଲେ ଦୁଇ ମିଲ୍‌ର। ଏଥିରେ ବ୍ରଜେନ୍ଦ୍ର ସହଯୋଗ କରିଥିଲେ। ଏନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ଗତ ଡିସେମ୍ବର ୧୩ରେ ବ୍ରଜେନ୍ଦ୍ରଙ୍କୁ ନିଲମ୍ବନ କରାଯାଇଥିଲା।

# ୫ ବର୍ଷରେ ଲକ୍ଷେ କୋଟି କାରବାର ପତଞ୍ଜଳିର ଲକ୍ଷ୍ୟ: ରାମଦେବ




ନୂଆଦିଲ୍ଲୀ, ୧୬।୬ (କୁଲଦୀପ ସିଂ)

ପତଞ୍ଜଳି ଗ୍ରୁପ୍ ଆଗାମୀ ୫ ବର୍ଷରେ ଏହାର କାରବାରକୁ ୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚାଇବାକୁ ଲକ୍ଷ୍ୟଧାର୍ଯ୍ୟ କରିଥିବା ଯୋଗଗୁରୁ ରାମଦେବ କହିଛନ୍ତି। ଗ୍ରୁପ୍‌ର ବିଭିନ୍ନ ଉତ୍ପାଦ ଯଥା ନ୍ୟୁଟ୍ରାସ୍ୟୁଟିକାଲ୍ସ ହେଲ୍‌ଥ ବିସ୍କୁଟ, ନ୍ୟୁଟ୍ରେଲା ମିଲେଟ୍ ଆଧାରିତ ଶସ୍ୟ, ଡ୍ରାଇଏ ଫ୍ରୁଟ୍ ଆଦିର ଶୁଭାରମ୍ଭ ଅବସରରେ ରାମଦେବ କହିଥିଲେ, ବର୍ତ୍ତମାନ କମ୍ପାନୀର ବାର୍ଷିକ ରାଜସ୍ୱ ୪୫,୦୦୦ କୋଟି ଟଙ୍କା ଅତିକ୍ରମ କରିଛି। ଆଗାମୀ ୫ ବର୍ଷରେ ଏହାକୁ ୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚାଇବା ଆମର ଲକ୍ଷ୍ୟ। ପତଞ୍ଜଳି ଫୁଡ୍ସର ଟାର୍ଗେଟ୍ ୫୦,୦୦୦ କୋଟି ଟଙ୍କା ରଖାଯାଇଥିବା ରାମଦେବ କହିଛନ୍ତି। ଶୁକ୍ରବାର ପତଞ୍ଜଳି ବିଭିନ୍ନ ଗ୍ରାହକ ସେଗ୍‌ମେଣ୍ଟର ୧୪ଟ ନୂଆ ଉତ୍ପାଦ ଆଣିଛି। ସ୍ପୋର୍ଟ୍ସ ନ୍ୟୁଟ୍ରିଶନ ଉତ୍ପାଦଗୁଡ଼ିକର ଚାହିଦା ବଢ଼ୁଥିବାରୁ ଏହି ଶିଳ୍ପ ୧୮% ଅଭିବୃଦ୍ଧି ସହ ୨୦୨୮ ବେଳକୁ ୮,୦୦୦ କୋଟି ଟଙ୍କାରେ ପହଞ୍ଚିବ। ଉକ୍ତ ଚାହିଦା ପୂରଣ ପାଇଁ ପତଞ୍ଜଳି ଫୁଡ୍ସ ନ୍ୟୁଟ୍ରେଲା ସ୍ପୋର୍ଟସର ୬ଟି ଉତ୍ପାଦ ଏବଂ ୧୯ ଏସ୍‌କେୟୁ ଆଣିଛି। ସେଗୁଡ଼ିକ ମଧ୍ୟରେ ରହିଛି ନ୍ୟୁଟ୍ରେଲା ମାକ୍ସମିଲେଟ୍ସ ରାଗି ଚକୋ ସିରିଆଲ୍। ୭ଟି ଖାଦ୍ୟଶସ୍ୟରୁ ଏହା ପ୍ରସ୍ତୁତ ହୋଇଛି। ପ୍ରୋଟିନ୍, ଆଇରନ, ଫାଇବରର ଏକ ଉତ୍ତମ ଉତ୍ସ ଓ ସବୁ ବୟସବର୍ଗର ଲୋକଙ୍କ ପାଇଁ ଉପଯୁକ୍ତ ବୋଲି କମ୍ପାନୀ କହିଛି।

ଏହା ବ୍ୟତୀତ ପତଞ୍ଜଳି ଫୁଡ୍ ଲିଃ ୩ଟି ନୂଆ ବିସ୍କୁଟ୍ ଯଥା ମାଣ୍ଡିଆ ପ୍ରସ୍ତୁତ ବିସ୍କୁଟ୍, ୭ ଶସ୍ୟ ବିସ୍କୁଟ ଓ ହଜମକାରୀ ବିସ୍କୁଟ୍ ଲଞ୍ଚ କରିଛି। ଘରୋଇ ବଜାରରେ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକୁ ଚ୍ୟାଲେଞ୍ଜ କରି ପତଞ୍ଜଳି ଭାରତରେ ଆତ୍ମନିର୍ଭର ଉପରେ ଗୁରୁତ୍ୱ ଦେଉଛି। ୟୁନିଲିଭରକୁ ବାଦ୍‌ଦେଲେ ପତଞ୍ଜଳି ସମସ୍ତ ଏମ୍‌ଏନ୍‌ସିକୁ ଟପିଥିବା ରାମଦେବ କହିଛନ୍ତି।




DAYANAND PUBLIC SCHOOL
Padiabahal, Sambalpur, Odisha, Pin-768112
Mob- 9938895475, 7381058813, 9437055175
ADMISSION OPEN FOR 2023-24
+2 SCIENCE (CBSE)
FACILITIES
Hostel facility, Library
Special classes for NEET/JEE
Science/ Maths lab
Sports Campus, Bus facility
Accelerate your preparation with our learning partner
ICI IMMUNITY CAREER INSTITUTE
Special attention for poor performer




# ଶୋଇଥିବା ଯୁବକଙ୍କୁ କଚାଡ଼ି ମାରିଲା ଦନ୍ତା

ଖମାର, ୧୬।୬ (ରଜନୀକାନ୍ତ ମହାରଣା)

ଅସହ୍ୟ ଗରମରୁ ରକ୍ଷା ପାଇବା ପାଇଁ ବାରଣ୍ଡାରେ ଖଟ ପକାଇ ଶୋଇଥିବା ଜଣେ ଯୁବକଙ୍କୁ ଦଳିଦେଇଛି ହିଂସ୍ର ଦନ୍ତା। ଅନୁଗୋଳ ଜିଲା ପାଲଲହଡ଼ା ବନାଞ୍ଚଳ ଅଧୀନ ପେଚାମୁଣ୍ଡି ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଘଟିଛି ଏଭଳି ଏକ ଅଭାବନୀୟ ଘଟଣା। ମୃତକ ହେଲେ ପବିତ୍ର ନାଏକ (୩୦)।

ପରିବାର ଲୋକଙ୍କ କହିବା କଥା, ପବିତ୍ର ରାତ୍ରଭୋଜନ ସାରି ଘରେ ଶୋଇଥିଲେ। ଅସହ୍ୟ ଗୁଳୁଗୁଳି ହେଉଥିବାରୁ ପରେ ବାରଣ୍ଡାରେ ଖଟ ପକାଇ ଶୋଇବାକୁ ଚାଲିଯାଇଥିଲେ। ବିଳମ୍ବିତ ରାତିରେ ନିକଟ ଜଙ୍ଗଲରୁ ଗାଁମୁହାଁ ହୋଇଥିବା ଏକ ଦନ୍ତା ତାଙ୍କୁ ଟେକିନେଇ କଚାଡ଼ି ଦେବା ସହ ପାଦରେ ଦଳିଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରିବାର ଲୋକଙ୍କଠାରୁ ସୂଚନା ପାଇ ରେଞ୍ଜର ଦୁର୍ଯ୍ୟୋଧନ ଜରାଇ ବନ କର୍ମଚାରୀଙ୍କ ସହ ପହଞ୍ଚି ତଦନ୍ତ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବନ ବିଭାଗ ପକ୍ଷରୁ ମୃତକଙ୍କ ପରିବାରକୁ ସରକାରୀ ନିୟମ ଅନୁଯାୟୀ ୬ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ପବିତ୍ରଙ୍କ ଶୁଦ୍ଧିକ୍ରିୟା ବାବଦକୁ ୪୦ ହଜାର ଟଙ୍କା ଦିଆଯାଇଛି। ମୃତକଙ୍କ ପରିବାରର ଜଣକୁ ଚାକିରି ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ବିଧାୟକ ମୁକେଶ ପାଲ, ସ୍ଥାନୀୟ ସରପଞ୍ଚ ରମେଶ ପ୍ରଧାନ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ସୂଚନାଯୋଗ୍ୟ, ପବିତ୍ରଙ୍କ ଏକ ୭ ବର୍ଷର ଝିଅ ଅଛନ୍ତି।

# ଭିଜିଲାନ୍ସ ଜାଲରେ ପ୍ରାଣୀଧନ ଚିକିତ୍ସାଧିକାରୀ

ଆସିକା, ୧୬।୬(ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଆସିକା ବ୍ଲକ ପ୍ରାଣୀଧନ ଚିକିତ୍ସାଧିକାରୀ ରବି ନାରାୟଣ ସାହୁ ଶୁକ୍ରବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ମୋବାଇଲ ଭେଟେରିନାରୀ ୟୁନିଟ ବ୍ୟବହାର ଲାଗି ନିୟୋଜିତ ଏକ ବୋଲେରୋର ଭଡା ନବୀକରଣ ଲାଗି କାଗଜପତ୍ର ପ୍ରସ୍ତୁତ କରିବା ନିମନ୍ତେ ସେ ଗାଡି ମାଲିକଙ୍କଠାରୁ ୯ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଏହି ସମୟରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରି ଉକ୍ତ ଟଙ୍କା ଜବତ କରିଛି। ଘଟଣାର ଅଧିକ ତଦନ୍ତ ଲାଗି ସାହୁଙ୍କୁ ଭିଜିଲାନ୍ସ ଟିମ ବ୍ରହ୍ମପୁର ମୁଖ୍ୟ କାର୍ଯ୍ୟାଳୟକୁ ନେଇଛି। ଆସିକା ପ୍ରାଣୀଧନ ଚିକିତ୍ସା କାର୍ଯ୍ୟାଳୟ ଓ ଏହାସଂଲଗ୍ନ ବାସଗୃହ ଓ ଭୁବେନେଶ୍ୱରଠାରେ ସାହୁଙ୍କ ପରିବାର ରହୁଥିବା ଘରେ ଏକା ସମୟରେ ଚଢ଼ାଉ ଚାଲିଛି। ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ଏ ନେଇ ନଂ.୭/୨୩ ରେ ଏକ ମାମଲା ରୁଜୁ କରାଯାଇଛି।



# ୫ ବର୍ଷରେ ଲକ୍ଷେ କୋଟି କାରବାର ପତଞ୍ଜଳିର ଲକ୍ଷ୍ୟ: ରାମଦେବ




ନୂଆଦିଲ୍ଲୀ, ୧୬।୬ (କୁଳଦୀପ ସିଂ)

ପତଞ୍ଜଳି ଗ୍ରୁପ୍ ଆଗାମୀ ୫ ବର୍ଷରେ ଏହାର କାରବାରକୁ ୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚାଇବାକୁ ଲକ୍ଷ୍ୟଧାର୍ଯ୍ୟ କରିଥିବା ଯୋଗଗୁରୁ ରାମଦେବ କହିଛନ୍ତି। ଗ୍ରୁପ୍‌ର ବିଭିନ୍ନ ଉତ୍ପାଦ ଯଥା ନ୍ୟୁଟ୍ରାସ୍ୟୁଟିକାଲ୍ସ ହେଲ୍‌ଥ ବିସ୍କୁଟ, ନ୍ୟୁଟ୍ରେଲା ମିଲେଟ୍ ଆଧାରିତ ଶସ୍ୟ, ଡ୍ରାଇଏ ଫ୍ରୁଟ୍ ଆଦିର ଶୁଭାରମ୍ଭ ଅବସରରେ ରାମଦେବ କହିଥିଲେ, ବର୍ତ୍ତମାନ କମ୍ପାନୀର ବାର୍ଷିକ ରାଜସ୍ୱ ୪୫,୦୦୦ କୋଟି ଟଙ୍କା ଅତିକ୍ରମ କରିଛି। ଆଗାମୀ ୫ ବର୍ଷରେ ଏହାକୁ ୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚାଇବା ଆମର ଲକ୍ଷ୍ୟ। ପତଞ୍ଜଳି ଫୁଡ୍ସର ଟାର୍ଗେଟ୍ ୫୦,୦୦୦ କୋଟି ଟଙ୍କା ରଖାଯାଇଥିବା ରାମଦେବ କହିଛନ୍ତି। ଶୁକ୍ରବାର ପତଞ୍ଜଳି ବିଭିନ୍ନ ଗ୍ରାହକ ସେଗ୍‌ମେଣ୍ଟର ୧୪ଟ ନୂଆ ଉତ୍ପାଦ ଆଣିଛି। ସ୍ପୋର୍ଟ୍ସ ନ୍ୟୁଟ୍ରିଶନ ଉତ୍ପାଦଗୁଡ଼ିକର ଚାହିଦା ବଢୁଥିବାରୁ ଏହି ଶିଳ୍ପ ୧୮% ଅଭିବୃଦ୍ଧି ସହ ୨୦୨୮ ବେଳକୁ ୮,୦୦୦ କୋଟି ଟଙ୍କାରେ ପହଞ୍ଚିବ। ଉକ୍ତ ଚାହିଦା ପୂରଣ ପାଇଁ ପତଞ୍ଜଳି ଫୁଡ୍ସ ନ୍ୟୁଟ୍ରେଲା ସ୍ପୋର୍ଟସର ୬ଟି ଉତ୍ପାଦ ଏବଂ ୧୯ ଏସ୍‌କେୟୁ ଆଣିଛି। ସେଗୁଡ଼ିକ ମଧ୍ୟରେ ରହିଛି ନ୍ୟୁଟ୍ରେଲା ମାକ୍ସମିଲେଟ୍ସ ରାଗି ଚକୋ ସିରିଆଲ୍। ୭ଟି ଖାଦ୍ୟଶସ୍ୟରୁ ଏହା ପ୍ରସ୍ତୁତ ହୋଇଛି। ପ୍ରୋଟିନ୍, ଆଇରନ, ଫାଇବରର ଏକ ଉତ୍ତମ ଉତ୍ସ ଓ ସବୁ ବୟସବର୍ଗର ଲୋକଙ୍କ ପାଇଁ ଉପଯୁକ୍ତ ବୋଲି କମ୍ପାନୀ କହିଛି।

ଏହା ବ୍ୟତୀତ ପତଞ୍ଜଳି ଫୁଡ୍ ଲିଃ ୩ଟି ନୂଆ ବିସ୍କୁଟ୍ ଯଥା ମାଣ୍ଡିଆ ପ୍ରସ୍ତୁତ ବିସ୍କୁଟ୍, ୭ ଶସ୍ୟ ବିସ୍କୁଟ ଓ ହଜମକାରୀ ବିସ୍କୁଟ୍ ଲଞ୍ଚ କରିଛି। ଘରୋଇ ବଜାରରେ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକୁ ଚ୍ୟାଲେଞ୍ଜ କରି ପତଞ୍ଜଳି ଭାରତରେ ଆତ୍ମନିର୍ଭର ଉପରେ ଗୁରୁତ୍ୱ ଦେଉଛି। ୟୁନିଲିଭରକୁ ବାଦ୍‌ଦେଲେ ପତଞ୍ଜଳି ସମସ୍ତ ଏମ୍‌ଏନ୍‌ସିକୁ ଟପିଥିବା ରାମଦେବ କହିଛନ୍ତି।

# ଭିଜିଲାନ୍ସ ଜାଲରେ କୋଟିପତି ନିଲମ୍ବିତ ଯୋଗାଣ ଅଧିକାରୀ

ଭୁବନେଶ୍ୱର(ସତ୍ୟଜିତ୍ ରାଉତ)/ନିମାପଡ଼ା(ବିଚିତ୍ରାନନ୍ଦ ସାହୁ), ୧୬।୬

ସରକାରୀ କ୍ଷମତାର ଅପବ୍ୟବହାର କରି ନିଲମ୍ବିତ ହୋଇଥିବା ନୟାଗଡ଼ ଜିଲା ଯୋଗାଣ ଅଧିକାରୀ (ସିଏସ୍‌ଓ) ବ୍ରଜେନ୍ଦ୍ର କୁମାର ନାୟକ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଶୁକ୍ରବାର ଭିଜିଲାନ୍ସର ୮ଟି ଟିମ୍ ବ୍ରଜେନ୍ଦ୍ରଙ୍କ ଘର ସମେତ ନୟାଗଡ଼, ଭୁବନେଶ୍ୱର ଓ ପୁରୀର ୮ ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି। ଏହି ସ୍ଥାନ ମଧ୍ୟରେ ବ୍ରଜେନ୍ଦ୍ରଙ୍କ ନୟାଗଡ଼ ସିଏସ୍‌ଓ କାର୍ଯ୍ୟାଳୟସ୍ଥିତ କୋଠରି, ନୟାଗଡ଼ ମିଶ୍ର କଲୋନୀରେ ଭଡ଼ାରେ ରହୁଥିବା ବାସଭବନ ଓ ପୁରୀ ଜିଲା ନିମାପଡ଼ା ଥାନା ଅନ୍ତର୍ଗତ ସୁନୁଗୋରଡ଼ି ଗ୍ରାମସ୍ଥିତ ପୈତୃକ ଘର ଆଦି ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ୱାରେଣ୍ଟ ବଳରେ ହେଉଥିବା ଏହି ଚଢ଼ାଉରେ ଭିଜିଲାନ୍ସର ୨ଜଣ ଡିଏସ୍‌ପି, ୬ଜଣ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀ ନିୟୋଜିତ ଅଛନ୍ତି। ଏହି ଚଢ଼ାଉ ସମୟରେ ଭିଜିଲାନ୍ସ ବ୍ରଜେନ୍ଦ୍ରଙ୍କର ବିପୁଳ ସମ୍ପତ୍ତି ଠାବ କରିଛି।

ଭିଜିଲାନ୍ସର ରିପୋର୍ଟ ଅନୁଯାୟୀ, ଭୁବନେଶ୍ୱର ଭୀମଟାଙ୍ଗୀସ୍ଥିତ ହାଉସିଂ ବୋର୍ଡ କଲୋନୀର ପ୍ଲଟ୍ ନଂ. ଏ/ଏଲ୍-୫୫ରେ ଥିବା ଦୁଇ ମହଲା କୋଠା, ରାଜାରାଣୀ କଲୋନୀସ୍ଥିତ ପ୍ଲଟ୍ ନଂ.୩୮୪/୨୩୨୮ରେ ଥିବା ୩ ମହଲା କୋଠା (୧.୪୫ କୋଟି ଟଙ୍କା), ପ୍ଲଟ୍ ନଂ. ୩୮୫/୨୩୨୯ରେ ଥିବା ୩ ମହଲା କୋଠା, ଲୁଇସ୍ ରୋଡ୍ ଗ୍ୟାରେଜ ଛକ ଓ ପୁରୁଣା ଭୁବନେଶ୍ୱର ଶିଶୁପାଳଗଡ଼ରେ ଗୋଟିଏ ଲେଖାଏ କୋଠା, ନିମାପଡ଼ା ଖେଲାର ବଜାରରେ ୧୦ଟି ଦୋକାନ ଘର ଓ ୨ହଜାର ବର୍ଗଫୁଟ୍‌ବିଶିଷ୍ଟ ହଲ୍ ଥିବା ଗୋଟିଏ ମାର୍କେଟ କମ୍ପ୍ଲେକ୍ସ ଏବଂ ପୈତୃକ ଗାଁ ସୁନୁଗୋରଡ଼ିସ୍ଥିତ ପ୍ଲଟ ନଂ.୨୦୨ରେ ଥିବା ଫାର୍ମ ହାଉସ୍ ଠାବ ହୋଇଛି। ଏସବୁ ସମ୍ପତ୍ତିର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ୍ ଉଇଙ୍ଗ୍ ପ୍ରୟାସ ଜାରି ରଖିଛି। ସେହିଭଳି ଭୁବନେଶ୍ୱରର ପ୍ରମୁଖ ଅଞ୍ଚଳରେ ୨ଟି ଓ ନିମାପଡ଼ାରେ ୫ ପ୍ଲଟ, ବ୍ୟାଙ୍କ ଓ ଜୀବନ ବୀମା ଜମା ୧.୫ କୋଟି, ୭.୮ ଲକ୍ଷ ଟଙ୍କାର ଗୋଟିଏ ଚାରିଚକିଆ ଯାନ ଓ ୩ଟି ବାଇକ ମଧ୍ୟ ଠାବ ହୋଇଛି। ଚଢ଼ାଉ ଜାରି ରହିଥିବାବେଳେ ବ୍ରଜେନ୍ଦ୍ରଙ୍କ ସମ୍ପତ୍ତି ସଂକ୍ରାନ୍ତରେ ଅଧିକ ପଚରାଉଚରା କରାଯାଉଛି। ଚଢ଼ାଉ ଓ ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ବ୍ରଜେନ୍ଦ୍ର ୨୦୨୨ରେ ନୟାଗଡ଼ ଜିଲା ଯୋଗାଣ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ଚାଷୀଙ୍କଠାରୁ ସମିତି ମାଧ୍ୟମରେ ଧାନ ନେଇ ଯୋଗାଣ ବିଭାଗକୁ ଚାଉଳ ନ ଫେରାଇ ସିକ୍ୟୁରିଟି ଟଙ୍କା ଉଠାଇ ନେଇଥିଲେ ଦୁଇ ମିଲ୍‌ର। ଏଥିରେ ବ୍ରଜେନ୍ଦ୍ର ସହଯୋଗ କରିଥିଲେ। ଏନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ଗତ ଡିସେମ୍ବର ୧୩ରେ ବ୍ରଜେନ୍ଦ୍ରଙ୍କୁ ନିଲମ୍ବନ କରାଯାଇଥିଲା।












# ଶୋଇଥିବା ଯୁବକଙ୍କୁ କଚାଡ଼ି ମାରିଲା ଦନ୍ତା

ଖମାର, ୧୬।୬ (ରଜନୀକାନ୍ତ ମହାରଣା)

ଅସହ୍ୟ ଗରମରୁ ରକ୍ଷା ପାଇବା ପାଇଁ ବାରଣ୍ଡାରେ ଖଟ ପକାଇ ଶୋଇଥିବା ଜଣେ ଯୁବକଙ୍କୁ ଦଳିଦେଇଛି ହିଂସ୍ର ଦନ୍ତା। ଅନୁଗୋଳ ଜିଲା ପାଲଲହଡ଼ା ବନାଞ୍ଚଳ ଅଧୀନ ପେଚାମୁଣ୍ଡି ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଘଟିଛି ଏଭଳି ଏକ ଅଭାବନୀୟ ଘଟଣା। ମୃତକ ହେଲେ ପବିତ୍ର ନାଏକ (୩୦)। ପରିବାରକୁ ସରକାରୀ ନିୟମ ଅନୁଯାୟୀ ୬ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ପବିତ୍ରଙ୍କ ଶୁଦ୍ଧିକ୍ରିୟା ବାବଦକୁ ୪୦ ହଜାର ଟଙ୍କା ଦିଆଯାଇଛି। ମୃତକଙ୍କ ପରିବାରର ଜଣକୁ ଚାକିରି ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ବିଧାୟକ ମୁକେଶ ପାଲ, ସ୍ଥାନୀୟ ସରପଞ୍ଚ ରମେଶ ପ୍ରଧାନ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ସୂଚନାଯୋଗ୍ୟ, ପବିତ୍ରଙ୍କ ଏକ ୭ ବର୍ଷର ଝିଅ ଅଛନ୍ତି।

ପରିବାର ଲୋକଙ୍କ କହିବା କଥା, ପବିତ୍ର ରାତ୍ରଭୋଜନ ସାରି ଘରେ ଶୋଇଥିଲେ। ଅସହ୍ୟ ଗୁଳୁଗୁଳି ହେଉଥିବାରୁ ପରେ ବାରଣ୍ଡାରେ ଖଟ ପକାଇ ଶୋଇବାକୁ ଚାଲିଯାଇଥିଲେ। ବିଳମ୍ବିତ ରାତିରେ ନିକଟ ଜଙ୍ଗଲରୁ ଗାଁମୁହାଁ ହୋଇଥିବା ଏକ ଦନ୍ତା ତାଙ୍କୁ ଟେକିନେଇ କଚାଡ଼ି ଦେବା ସହ ପାଦରେ ଦଳିଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରିବାର ଲୋକଙ୍କଠାରୁ ସୂଚନା ପାଇ ରେଞ୍ଜର ଦୁର୍ଯ୍ୟୋଧନ ଜରାଇ ବନ କର୍ମଚାରୀଙ୍କ ସହ ପହଞ୍ଚି ତଦନ୍ତ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବନ ବିଭାଗ ପକ୍ଷରୁ ମୃତକଙ୍କ

# ଭିଜିଲାନ୍ସ ଜାଲରେ ପ୍ରାଣୀଧନ ଚିକିତ୍ସାଧିକାରୀ

ଆସିକା, ୧୬।୬(ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଆସିକା ବ୍ଲକ ପ୍ରାଣୀଧନ ଚିକିତ୍ସାଧିକାରୀ ରବି ନାରାୟଣ ସାହୁ ଶୁକ୍ରବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ମୋବାଇଲ ଭେଟେରିନାରୀ ୟୁନିଟ ବ୍ୟବହାର ଲାଗି ନିୟୋଜିତ ଏକ ବୋଲେରୋର ଭଡା ନବୀକରଣ ଲାଗି କାଗଜପତ୍ର ପ୍ରସ୍ତୁତ କରିବା ନିମନ୍ତେ ସେ ଗାଡି ମାଲିକଙ୍କଠାରୁ ୯ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଏହି ସମୟରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରି ଉକ୍ତ ଟଙ୍କା ଜବତ କରିଛି। ଘଟଣାର ଅଧିକ ତଦନ୍ତ ଲାଗି ସାହୁଙ୍କୁ ଭିଜିଲାନ୍ସ ଟିମ ବ୍ରହ୍ମପୁର ମୁଖ୍ୟ କାର୍ଯ୍ୟାଳୟକୁ ନେଇଛି। ଆସିକା ପ୍ରାଣୀଧନ ଚିକିତ୍ସା କାର୍ଯ୍ୟାଳୟ ଓ ଏହାସଂଲଗ୍ନ ବାସଗୃହ ଓ ଭୁବେନେଶ୍ୱରଠାରେ ସାହୁଙ୍କ ପରିବାର ରହୁଥିବା ଘରେ ଏକା ସମୟରେ ଚଢ଼ାଉ ଚାଲିଛି। ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ଏ ନେଇ ନଂ.୭/୨୩ ରେ ଏକ ମାମଲା ରୁଜୁ କରାଯାଇଛି।




## ସଂକ୍ଷେପରେ

### ପାଚେରି ବାଡ଼ ଭୁଶୁଡ଼ି ଶ୍ରମିକଙ୍କ ମୃତ୍ୟୁ

**ଭବାନୀପାଟଣା,୧୬।୬(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଭବାନୀପାଟଣା ସହରରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ସାମନାକୁ ଆସିଛି। ସ୍ଥାନୀୟ ମହାବୀରପଡାସ୍ଥିତ ମ୍ୟୁନିସିପାଲଟି ହାଇସ୍କୁଲର ପୁରୁଣା କୋଠା ଭାଙ୍ଗୁଥିବାବେଳେ ହଠାତ୍ ପାଚେରି ବାଡ ଭୁଶୁଡି ପଡିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଅଟାଙ୍ଗଗୁଡାର କବିରାଜ ଗହୀର (୫୫)। ମିଳିଥିବା ସୂଚନା ଅନୁଯାୟୀ, କିଛି ଶ୍ରମିକଙ୍କ ସହ କବିରାଜ ପୁରୁଣା ସ୍କୁଲକୁ ଭାଙ୍ଗୁଥିବାବେଳେ ହଠାତ୍ ତାଙ୍କ ଉପରେ ପାଚେରୀ ବାଡ ଭୁଶୁଡିପଡିଥିଲା। ଗୁରୁତର ଅବସ୍ଥାରେ କବିରାଜଙ୍କୁ ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇଁ ଘଟଣାସ୍ଥଳରେ ଟାଉନ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି। ଏ ନେଇ ଭବାନୀପାଟଣା ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୨/୨୩) ରୁଜୁ ହୋଇଥିବା ପୋଲିସଠାରୁ ସୂଚନା ମିଳିଛି।

### ଟେମରାଠାରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ

**କୋକସରା,୧୬।୬(ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ):** କଳାହାଣ୍ଡି ଜିଲା କୋକସରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଟେମରାଠାରେ ଶୁକ୍ରବାର ଅସ୍ଥାୟୀ ସ୍ୱାସ୍ଥ୍ୟ ଚିକିତ୍ସାକେନ୍ଦ୍ର ଉଦଘାଟିତ ହୋଇଯାଇଛି। ଏହି ଅବସରରେ ଟେମରା ସରପଞ୍ଚ କ୍ଷିତିରାମ ପାତ୍ର, ହେମନ୍ତ ବାଣୁଆ, ପର୍ଶୁରାମ ଦାସ, ବୃନ୍ଦାବନ ସତନାମୀ, କ୍ଷୀରସିନ୍ଧୁ ହଂସ, ଦେବରାଜ ସୁନାନୀ, କମଣ୍ଡଳ ପଟେଲ, ଦୁର୍ଯ୍ୟୋନ ପୋଡ଼ ଗ୍ରାମବାସୀ ଉପସ୍ଥିତ ରହିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ସିଏଚଓ ସୁହାସିନି ନାୟକ ଉପସ୍ଥିତ ରହି ସରପଞ୍ଚ ଓ ଗ୍ରାମବାସୀଙ୍କ ସହଯୋଗ କାମନା କରିଥିଲେ।

### ନୂତନ ସିଡିପିଓଙ୍କ ଯୋଗଦାନ, ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ

**କେସିଙ୍ଗା,୧୬।୬(ଡୁମେଶ୍ୱର ସାହୁ):** କଳାହାଣ୍ଡି ଜିଲା କେସିଙ୍ଗା ସମନ୍ୱିତ ଶିଶୁ ବିକାଶ



ଯୋଜନା କାର୍ଯ୍ୟାଳୟରେ ନୂତନ ସିଡିପିଓ ଭାବେ ସୁଷମା ମିଶ୍ର ଶୁକ୍ରବାର ଯୋଗଦାନ କରିଛନ୍ତି। ସେ ଦୀର୍ଘ ଦିନରୁ ଭବାନୀପାଟଣା ବ୍ଲକରେ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ। କେସିଙ୍ଗା ବ୍ଲକର ଆଇସିଡିଏସରେ ଯୋଗଦେଇ ଗର୍ଭବତୀ, ପ୍ରସୂତୀ ମହିଳା, ଶିଶୁମାନଙ୍କୁ ଠିକ ଭାବେ ପୁଷ୍ଟିକର ଖାଦ୍ୟ ଯୋଗାଇବା ସହ ଛତୁଆ, ଅଣ୍ଡା ଯେମିତି ସମସ୍ତେ ଠିକ ଭାବେ ପାଇଁ ପାରିବେ ସେଥି ପ୍ରତି ଧ୍ୟାନ ଦେବେ ବୋଲି ସିଡିପିଓ ପ୍ରକାଶ କରିଥିଲେ। ଗତ ଜୁନ ୩ ତାରିଖରେ ରାଜ୍ୟ ସରକାରଙ୍କ ପକ୍ଷରୁ ସିଙ୍ଗାପୁର ଯାଇ ସେଠାରୁ ବିଭିନ୍ନ ପ୍ରକାର ଉନ୍ନତମାନର ଜ୍ଞାନକୌଶଳ ଯାହା ଶିକ୍ଷା ଲାଭ କରିଛି, ତାହା ଅଙ୍ଗନୱାଡି କର୍ମୀ, ମହିଳା ଗୋଷ୍ଠୀଙ୍କୁ ତାଲିମ ମଧ୍ୟ ଦେବେ ବୋଲି ପ୍ରକାଶ କରିଥିଲେ। ମିଶ୍ରଙ୍କୁ ସୁପରଭାଇଜର, ଅଙ୍ଗନୱାଡି କର୍ମୀ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ କରାଯାଇଥିଲା। କେସିଙ୍ଗାର ସିଡିପିଓ ମୁନ୍ମିବୁନ ନିଶାଙ୍କୁ ଭବାନୀପାଟଣା ବ୍ଲକକୁ ବଦଳି ହୋଇଛି।

# କିଲୋ ପ୍ରତି ଆମ୍ବର ଦାମ୍ ୨.୭୫ ଲକ୍ଷ ଟଙ୍କା

ନୂଆପଡ଼ା,୧୬।୬ (ମକାରୁ ବେମାଲ)

ନୂଆପଡା ସଦର ମହକୁମାସ୍ଥିତ ଜିଲା ପରିଷଦ କାର୍ଯ୍ୟାଳୟ ପରିସରରେ ଓରମାସ ଓ ଜିଲା ପ୍ରଶାସନଙ୍କ ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ଆମ୍ବ ମେଳା ବା ଆମ ଗାଁ ଆମ୍ବ ପସରା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ୫ ଦିନ ଧରି ଚାଲିଥିବା ଆମ୍ବ ମେଳାରେ ଜିଲାରେ ଉଦପ୍ାଦିତ ପ୍ରାୟ ସବୁପ୍ରକାର ଆମ୍ବ ତୋତାଫଁଳି, ଗୋପାଳ ଭୋଗ, ସୁବର୍ଣ୍ଣରେଖା, ବମ୍ବେଗ୍ରୀନ, ତୋତାପୁରୀ, ମଲ୍ଲିକା, ସୁନ୍ଦରୀ, ଲେଙ୍ଗଡା, ସେନ୍ଦରୀ, ବାଇଗଣପଲି, ଆମ୍ରପଲି ଆଦି ପ୍ରଜାତିର ଆମ୍ବ ଦେଖିବାକୁ ମିଳିଛି। ଜିଲାରେ ଆମ୍ବ ମେଳା ପ୍ରଥମ ହୋଇଥିବାରୁ ଦେଖିବା ପାଇଁ ଭିଡ ପରିଲକ୍ଷିତ ହେଉଛି। ହେଲେ ଏହି ମେଳାରେ ୨.୭୫ ଲକ୍ଷ ଟଙ୍କିଆ ଆମ୍ବ ଦେଖିବାକୁ ଲୋକେ ଅଧିକ ଉତ୍ସାହିତ ହେଉଛନ୍ତି। ପଡୋଶୀ ବରଗଡ ଜିଲା ପାଇକମାଲ ବ୍ଲକ ମାଣ୍ଡୋସିଲ ପଞ୍ଚାୟତ ଡୁମେରବାହାଲ ଗାଁର ଚନ୍ଦ୍ରବାବୁ ରାଓ ନିଜ ବଗିଚାରେ ଏହି ଆମ୍ବ ଚାଷ କରିଛନ୍ତି। ଯାହାର ବଜାର ମୂଲ୍ୟ କିଲୋ ପ୍ରତି





ଆୟୋଜିତ ଆମ୍ବ ମେଳା।

୨.୭୫ ଲକ୍ଷ ଟଙ୍କା ରହିଛି। ସେହିଠାରୁ ଗୋଟିଏ ଆଣି ଆମ୍ବମେଳାରେ ପ୍ରଦର୍ଶିତ କରାଯାଇଛି। ଯାହାର ନାମ ମିୟାଜାକି ଆମ୍ବ ବୋଲି କୁହାଯାଉଛି। ଏହି ଆମ୍ବ ପ୍ରଥମେ ଜାପାନର ମିୟାଜାକି ସହରରେ ଉତ୍ପାଦନ ହୋଇଥିବାରୁ ତାହାର ଏପରି ନାମକରଣ ହୋଇଛି। ଏହି ଆମ୍ବ ଜାପାନର ମିୟାଜାକି ସହରର ମୂଲ୍ୟ ଅନୁସାରେ ଏହାର ଦାମ ରଖାଯାଇଛି ବୋଲି ରାଓ କହିଛନ୍ତି। ରାଓଙ୍କ କହିବା ମୁତାବକ ଏହି ଆମ୍ବରେ ଭିଟାମିନ ଏ, ଭିଟାମିନ ସି, ଆଣ୍ଟି ଅକ୍ସିଡାଣ୍ଟ ପ୍ରଚୁର ମାତ୍ରାରେ ରହିଛି। ଖାଇବା ମାତ୍ରେ ପାଟିରେ ଜେଲି ପରି ମିଳାଇ ଯାଉଛି। ଏହି ଆମ୍ବ ଚାରା ରୋପଣର ୩ ବର୍ଷ ପରେ ଫଳ ଆସୁଥିବା ବେଳେ ଗୋଟିଏ ଗଛରେ୧୦ ରୁ ୧୫ଟି ଆମ୍ବ ଫଳିଥାଏ। ବର୍ତ୍ତମାନ ପର୍ଯ୍ୟନ୍ତ ସେ ନିଜେ ଆମ୍ବରେ ଥିବା ପୋଷକ ତତ୍ତ୍ୱ ସମ୍ପର୍କରେ କୌଣସି କ୍ଲିନିକାଲ ପରୀକ୍ଷା କରି ନାହାନ୍ତି କି କୌଣସି ବଜାରୀକରଣ କରିନାହାନ୍ତି। ଜିଲାସ୍ତରୀୟ ଆମ୍ବମେଳା ଦ୍ୱାରା ବହୁ ଚାଷୀ ଆମ୍ବ ବିକ୍ରୟ କରି ଲାଭବାନ ହୋଇଥିବା ବେଳେ ଦେଖିବାକୁ ଆସିଥିବା ଦର୍ଶକ ମଧ୍ୟ ବିଭିନ୍ନ ପ୍ରଜାତିର ଆମ୍ବ ସୁଲଭ ମୂଲ୍ୟ କିଣି ବେଶ ଖୁସି ହୋଇଛନ୍ତି। ଏହିପରି ଆମ୍ବମେଳା ପ୍ରତିବର୍ଷ କରାଗଲେ ଅଞ୍ଚଳର ଆମ୍ବ ଚାଷୀ ଅଧିକ ଉପକୃତ ହୁଅନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।



ମିୟାଜାକି ଆମ୍ବ।

**ଜିଲାସ୍ତରୀୟ ଆମ୍ବମେଳା ଉଦ୍‌ଯାପିତ**

# ଦନ୍ତେଶ୍ୱରୀ ଉଚ୍ଚ ବିଦ୍ୟାଳୟର ୨ ଛାତ୍ର ପ୍ରଥମ

ବେହେରା,୧୬।୬ (ଭୁପେଶ ତିୱାରୀ)

**ଜିଲାସ୍ତରୀୟ ବିତ୍ତୀୟ କୁଇଜ୍ ପ୍ରତିଯୋଗିତା**

ଭବାନୀପାଟଣା ଟାଉନ ହାଇସ୍କୁଲଠାରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ଜିଲାସ୍ତରୀୟ କୁଇଜ୍ ଓ ସାଧାରଣ ଜ୍ଞାନ ପରୀକ୍ଷାରେ ବେହେରା ଦନ୍ତେଶ୍ୱରି ଉଚ୍ଚ ବିଦ୍ୟାଳୟର ୨ଛାତ୍ର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବିତ୍ତୀୟ ଶିକ୍ଷା ଉପରେ ହୋଇଥିବା ପ୍ରତିଯୋଗିତାରେ ଜିଲାର ପ୍ରତ୍ୟେକ ବ୍ଲକ୍‌ରୁ ୨ଜଣ ଛାତ୍ର ଭାଗ ନେଇଥିବା ବେଳେ ଦନ୍ତେଶ୍ୱରି ଉଚ୍ଚ ବିଦ୍ୟାଳୟର ୨ଛାତ୍ର କୁଇଜ୍ ପରୀକ୍ଷାରେ ଉଭୟେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କୁଇଜ୍ ପ୍ରତିଯୋଗିତାରେ ପୁଷ୍ପେନ୍ଦ୍ର ବାଣୁଆ ଓ ଥୟେଶ୍ୱର୍ ନାଏକ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପାଇଁ ମନୋନୀତ ହୋଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର୍, ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ବିଜ୍ଞାନ ନିରୀକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀ, ଭବାନୀପାଟଣା ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ, ଟାଉନ ହାଇସ୍କୁଲ ପ୍ରଧାନ ଶିକ୍ଷକ ଗୋରେଖ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ଆର୍‌ବିଆଇ ଭୁବନେଶ୍ୱରର ପ୍ରତିନିଧି ଅମିତ କୁମାର କୁଇଜ୍ ପରୀକ୍ଷା ପରିଚାଳନା କରିଥିଲ। ଛାତ୍ରଙ୍କ ଗାଇଡ୍ ଭାବେ ଦନ୍ତେଶ୍ୱରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରୂପେନ୍ଦ୍ର ବାଣୁଆ ଉପସ୍ଥିତ ଥିଲେ। ଛାତ୍ରଙ୍କ ସଫଳତାରେ ଦନ୍ତେଶ୍ୱରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଚକ୍ରଧର ବାରିକ, ଶଚିଦାନନ୍ଦ ଗୌଡ଼, ନରେନ୍ଦ୍ର ନାଏକ, ମୋନାଲିସ ନାଏକ, ଚନ୍ଦନ ରାଉତ ତଥା ସମସ୍ତ ଶିକ୍ଷକ ଓ ଛାତ୍ରୀଛାତ୍ର ତଥା ଦଣ୍ଡପାଟବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିବା ସହ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସଫଳତା ପାଇଁ କାମନା କରିଛନ୍ତି।





କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

# ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶୁଭାରମ୍ଭ

କେସିଙ୍ଗା,୧୬।୬(ଡୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସି ପକ୍ଷରୁ ସହରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶୁଭାରମ୍ଭ କରାଯାଇଛି। ଏହିକ୍ରମରେ ଶୁକ୍ରବାର ଅଧ୍ୟକ୍ଷ ନୃପରାଜ ଯାଦବ ଓ କାର୍ଯ୍ୟନିର୍ବାହୀ ଅଧିକାରିଣୀ କିରଣ ବେହେରା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଯଥା ୱାର୍ଡ ନଂ.୫, ୱାର୍ଡ ନଂ ୯, ୱାର୍ଡ ନଂ ୧୦ ଓ ୱାର୍ଡ ନଂ ୧୨ରେ ଅତି ଜରୁରୀକାଳୀନ ରାସ୍ତା ଓ ଡ୍ରେନ ନିର୍ମାଣ ପାଇଁ ଶୁଭାରମ୍ଭ କରାଯାଇଛି। ଏହା ସହିତ ଡୁମେରମୁଣ୍ଡାଠାରେ ଥିବା ଏମ୍‌ସିସିରେ କେସିଙ୍ଗା ସହରରୁ ବାହାରୁ ଥିବା ବର୍ଜ୍ୟବସ୍ତୁକୁ ଖତ ପ୍ରସ୍ତୁତ କରିବା ପାଇଁ ଖଳା ନିର୍ମାଣର ମଧ୍ୟ ଶୁଭ ଦିଆଯାଇଛି। କେସିଙ୍ଗା ୱାର୍ଡ ନଂ.୯ରେ ହେଉଥିବା ଡ୍ରେନ ଅତି ଜରୁରୀ ଥିଲା, କାରଣ ସେହି ରାସ୍ତା ଦେଇ କଲେଜ, ତହସିଲ ଅଫିସ, ଅବକାରୀ ବିଭାଗ, ନୂତନ କୋର୍ଟ ରହିଛି। ନଗରପାଳଙ୍କ ପ୍ରଚେଷ୍ଟାରେ ଲୋକଙ୍କୁ ବୁଝାଶୁଝା କରି ଡ୍ରେନ ନିର୍ମାଣ ପାଇଁ ରାଜି କରିଥିବାରୁ ୱାର୍ଡବାସୀଙ୍କ ପକ୍ଷରୁ ଅଧ୍ୟକ୍ଷଙ୍କୁ ଧନ୍ୟବାଦ୍ ଅର୍ପଣ କରାଯାଇଛି। ସେହିପରି କେସିଙ୍ଗା ଏନଏସିକୁ ମୁଖ୍ୟମନ୍ତ୍ରୀ ୨୩-୨୪ ଆର୍ଥିକ ବର୍ଷ ପାଇଁ ମୁକ୍ତା ଯୋଜନାରେ ୨ କୋଟି ୯୧ ଲକ୍ଷ ଅର୍ଥ ମଞ୍ଜୁର କରିଥିବାରୁ ଅଧ୍ୟକ୍ଷଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟସଭ୍ୟା ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ୨୨-୨୩ ଆର୍ଥିକ ବର୍ଷରେ ମୁକ୍ତା ଯୋଜନାରେ ୨ କୋଟି ୮ଲକ୍ଷ ମଞ୍ଜୁର କରିଥିଲେ। ସେହି ଅର୍ଥରେ ୪ଟି ଜିମ, ୩ଟି ପ୍ରମୋଦ ଉଦ୍ୟାନ, ୨ଟି କ୍ଷୁଦ୍ର ଉଦ୍ୟାନ, ୪ଟି ଚଲାପଥ ଓ ଉଠା ଦୋକାନ, ଗୋଟାଏ ଭେଣ୍ଡି ଯୋନ ନିର୍ମାଣ କରାଯାଇଥିଲା ଏବଂ କିଛି କାର୍ଯ୍ୟ ନିମାଣାଧୀନ ରହିଛି। ଶୁଭାରମ୍ଭ ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଉପନଗରପାଳ ସରସ୍ୱତୀ ସାହୁ, ସଂପୃକ୍ତ କାଉନସିଲର, କାର୍ଯ୍ୟନିର୍ବାହୀ ଅଧିକାରିଣୀ କିରଣ ବେହେରା, ଏନ୍‌ଏସି ଜୁନିୟର ଇଞ୍ଜିନିୟର ପ୍ରମୁଖ ଉପସ୍ଥିତ ରହିଥିଲେ।



ଡୁମେରମୁଣ୍ଡାସ୍ଥିତ ଏମସିସି ପରିସରରେ ଖଳାର ଶୁଭାରମ୍ଭ କରିଛନ୍ତି।

**କେସିଙ୍ଗା ଏନ୍‌ଏସି**

■ମୁକ୍ତା ଯୋଜନାରେ ୨ କୋଟି ୯୧ ଲକ୍ଷ ଅନୁଦାନ ମଞ୍ଜୁର

### ୭ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ, ଜଣେ ଗିରଫ

ଭବାନୀପାଟଣା,୧୬।୬ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ନର୍ଲା ଥାନା ଅନ୍ତର୍ଗତ ଲାଞ୍ଜିଗଡ ଓ ଛତିକୁଡା ରାସ୍ତାରେ ଥିବା ସିକେରକୁପା ଗ୍ରାମ ନିକଟରେ ଶୁକ୍ରବାର ଅବକାରୀ ବିଭାଗ ଚଢାଉ କରି ୭ କୁଇଣ୍ଟାଲ ୧୩ କିଗ୍ରା ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ପୁରୀ ଜିଲା ଗୋପ ଥାନା ଅନ୍ତର୍ଗତ ବାଲିକନ୍ଦଲା ଗ୍ରାମର ରମେଶ ଜେନା (୩୩)ଙ୍କୁ ଗିରଫ କରିବା ସହ ଗଞ୍ଜେଇ ଚୋରା ଚାଲଣାରେ ବ୍ୟବହୃତ ପିକ୍‌ଅପ୍ ଗାଡି ଜବତ କରାଯାଇଛି। ଏ ନେଇ ଏକ ଅବକାରୀ ବିଭାଗ ପକ୍ଷରୁଏକ ମାମଲା (ନଂ.୮୯/୨୩-୨୪) ରୁଜୁ କରାଯାଇ ଅଭିଯୁକ୍ତ ଜେନାଙ୍କୁ ଗିରଫ ପରେ ଜିଲା ସ୍ୱତନ୍ତ୍ର କୋର୍ଟ ଚାଲାଣ କରାଯାଇଛି। ଚଢାଉରେ ଭବାନୀପାଟଣା ଅବକାରୀ ସଦର ରେଞ୍ଜ ଇନସ୍ପେକ୍ଟର ସୁଶାନ୍ତ ପ୍ରଧାନ, କଳାହାଣ୍ଡି ଅବକାରୀ ମୋବାଇଲ ୟୁନିଟ୍‌ର ଏସଆଇ ଦିଲୀପ କିଣ୍ଡୋ, ନର୍ଲା ଓଆଇସି ପ୍ରଶାନ୍ତି ସ୍ୱାଇଁ, ମୋବାଇଲ ୟୁନିଟ୍‌ର ଏଏସଆଇ ଭି ଭିଶେଶ୍ୱର ରାଓଙ୍କ ସମେତ ସଦଳବଳ ସାମିଲ ହୋଇଥିଲେ।

# ହିତାଧିକାରୀଙ୍କ ପାଖରେ ଭତ୍ତା ଟଙ୍କା ପହଞ୍ଚାଉଛନ୍ତି ସରପଞ୍ଚ

ନୂଆପଡ଼ା,୧୬।୬ (ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ରଜନା ପଞ୍ଚାୟତ ଅଧୀନ ବେଲଗାଁ, ମାଠିଆପଦର, ରଜନା ଆଦି ଗାଁରେ ଥିବା ଦିବ୍ୟାଙ୍ଗ, ଶର୍ଯ୍ୟାସାୟୀ ଓ ପଞ୍ଚାୟତକୁ ଭତ୍ତା ପାଇଁ ଆସିପାରୁ ନ ଥିବା ହିତାଧିକାରୀଙ୍କ ପାଖରେ ପହଞ୍ଚି ଭତ୍ତା ଟଙ୍କା ଦେଉଛନ୍ତି ଯୁବ ସରପଞ୍ଚ କ୍ଷୀରସିନ୍ଧୁ ଭୋଇ। ପଞ୍ଚାୟତ କାଳିମାଟି ଗାଁ ନିମ୍ନ ଇନ୍ଦ୍ରଜଳ ସେଚନ ପ୍ରକଳ୍ପ ତିଖାଲି ଡ୍ୟାମରେ ସମ୍ପୂର୍ଣ୍ଣ ବୁଡି ଯିବାରୁ ଲୋକମାନେ ଗାଁ ଛାଡି ଅନ୍ୟତ୍ର ଚାଲିଯାଇ ରହୁଛନ୍ତି। ସେହି ହିତାଧିକାରୀମାନଙ୍କ ଭତ୍ତା ରହି ଆସୁଥିବା ପଞ୍ଚାୟତକୁ ସ୍ଥାନାନ୍ତର ହୋଇ ନ ଥିବାରୁ ଦୂର ଦୂରାନ୍ତ ରହୁଥିବା ହିତାଧିକାରୀମାନେ ରଜନା ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ପାରୁନାହାନ୍ତି। କାଳିମାଟି ଗାଁର କିଛି ପରିବାର ବୋଡେନ ବ୍ଲକ ଆମେରା ଗାଁରେ ରହି ଆସୁଛନ୍ତି। ସେମାନଙ୍କୁ ରଜନାକୁ ଆସିବାକୁ ହେଲେ ୧୮ କି.ମି. ପଡେ। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସରପଞ୍ଚ ହିତାଧିକାରୀଙ୍କୁ ମନା କରି ନିଜେ ଯାଇ ଭତ୍ତା ଟଙ୍କା ପ୍ରଦାନ କରିଛନ୍ତି। ଜଣେ ଯୁବ ସରପଞ୍ଚ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତିପାଳନ କରିଆସୁଛନ୍ତି। ଆଗକୁ ସରକାରଙ୍କ ଜନହିତକାରୀ ବିଭିନ୍ନ ଯୋଜନାକୁ ଲୋକଙ୍କ ପାଖକୁ ପହଞ୍ଚାଇବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଯୁବ ସରପଞ୍ଚ ପ୍ରତିନିଧିଙ୍କ ଏଭଳି କାର୍ଯ୍ୟକୁ ପଞ୍ଚାୟତବାସୀ ପ୍ରଶଂସା କରୁଛନ୍ତି। ଏହି ସମୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଜୟ ପ୍ରକାଶ ମାଝି ଓ ଗ୍ରାମ୍ୟ ରୋଜଗାର ସେବକ ନବୀନ ଶଗରିଆ ସାମିଲ ଥିଲେ।

# କାର୍ଯ୍ୟରୁ ହଟାଇବା ପାଇଁ ବିଡିଓଙ୍କୁ ଦାବିପତ୍ର

ଲାଞ୍ଜିଗଡ଼,୧୬।୬ (ରମେଶ ଚନ୍ଦ୍ର ନାୟକ)

**ଲାଞ୍ଜିଗଡ଼ ପଞ୍ଚାୟତ ଗାଁ ସାଥୀଙ୍କ ମନମୁଖି କାର୍ଯ୍ୟ**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ପଞ୍ଚାୟତର ଗାଁ ସାଥୀ ଦାସରଥି ତାଣ୍ଡିଙ୍କ ମନମୁଖୀ କାର୍ଯ୍ୟକଳାପରେ ଲେକେ ଅତିଷ୍ଠ ହୋଇଗଲେଣି। ତାଙ୍କୁ ପଦରୁ ହଟାଇବାକୁ ନେଇ ଲାଞ୍ଜିଗଡ଼ ନାଏବ ସରପଞ୍ଚ ହରିକୃଷ୍ଣ ହରିଜନଙ୍କ ନେତୃତ୍ୱରେ ଲାଞ୍ଜିଗଡ଼ ସମସ୍ତ ୱାର୍ଡ଼ମେମ୍ବରଙ୍କ ସମେତ ଏକ ୧୦ ଜଣିଆ ପ୍ରତିନିଧି ଦଳ ଲାଞ୍ଜିଗଡ଼ ବ୍ଲକ କାର୍ଯ୍ୟାଳୟକୁ ଆସି ବିଡିଓ ଜିତେନ୍ଦ୍ର କୁମାର ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ତାଣ୍ଡି ଲାଞ୍ଜିଗଡ଼ ପଞ୍ଚାୟତ ୧୦ ନମ୍ବର ୱାର୍ଡ଼ର ଗାଁ ସାଥୀ ଭାବେ ଦାୟିତ୍ୱରେ ରହିଥିବା ବେଳେ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡାଙ୍କୁ ନେଇ ପଞ୍ଚାୟତ ଅଧୀନ ସମସ୍ତ କାର୍ଯ୍ୟ କରୁଛନ୍ତି। କିନ୍ତୁ ପଞ୍ଚାୟତ ଅଧୀନରେ ବିଭିନ୍ନ ୱାର୍ଡ଼ରେ ଥିବା ଅତି ଜରୁରୀ କାମ କରିବା ପାଇଁ ୱାର୍ଡମେମ୍ବରମାନେ ବାରମ୍ବାର କହିବା ସତ୍ତ୍ୱେ ମଧ ସେମାନଙ୍କ କଥା ଖାତିରି କରାଯାଉନାହିଁ। ଗାଁ ସାଥୀ ତାଣ୍ଡିଙ୍କ ଇସାରାରେ ପଞ୍ଚାୟତ ସାରା ବିଭିନ୍ନ କାମ ଚାଲିଥିବା ବେଳେ ଆବଶ୍ୟକ ନ ଥିବା କାମ କରାଯାଉଛି। କାମଗୁଡିକ ନିମ୍ନମାନର ହେଉଥିବା ବେଳେ ୱାର୍ଡ଼ମେମ୍ବର କିମ୍ବା ନାଏବ ସରପଞ୍ଚ କହିଲେ ମଧ ଶୁଣୁନାହାନ୍ତି। ତାଙ୍କ ମନମୁଖି ଯୋଗୁ ଲୋକେ କାମ କରି ମଧ ମାସ ମାସ ଧରି ମଜୁରୀ ପାଇବାରୁ ବଞ୍ଚିତ ଅଛନ୍ତି। ଲାଞ୍ଜିଗଡ଼ ୮ ନଂ. ୱାର୍ଡରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଲୋକେ କାମ କରି ୮ ମାସ ହେଲା ପ୍ରାପ୍ୟ ପାଇ ନାହାନ୍ତି। ଏହାକୁ ନେଇ ନାଏବ ସରପଞ୍ଚ ହରିଜନ, ଲାଞ୍ଜିଗଡ଼ ସମସ୍ତ ୱାର୍ଡମେମ୍ବର ଚନ୍ଦ୍ର ନାଏକ, ଧନିଆ ମାଝି, ସୁବର୍ଣ୍ଣ ମାଝି, କମଳି ମାଝି, ସୁଲଚନା ବାଣୁଆ, ରାନି ମାଝି, ସଞ୍ଜୁ ମାଝି ପ୍ରମୁଖ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅତିଶୀଘ୍ର ଏହାର ବିଚାର କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି। କୌଣସି ବିଚାର କରା ନ ଗଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ପଞ୍ଚାୟତ ସମସ୍ତ ୱାର୍ଡମେମ୍ବରମାନେ ଚେତାବନୀ ଦେଇଛନ୍ତି।



ଜଣେ ଦିବ୍ୟାଙ୍ଗ ଝିଅକୁ ସରପଞ୍ଚ ଭତ୍ତା ଟଙ୍କା ପ୍ରଦାନ କରୁଛନ୍ତି।

# ସରପଞ୍ଚଙ୍କ ପ୍ରୟାସରେ ବିକାଶ ପଥରେ ପର୍ଲା ପଞ୍ଚାୟତ

ବେହେରା,୧୬।୬ (ଭୁପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ପର୍ଲା ସରପଞ୍ଚ ବ୍ରିଜଲାଲ ନାଏକ ପଞ୍ଚାୟତ ଜନସାଧାରଣଙ୍କ ସହ ସିଧାସଳଖ ଯୋଡି ରହି ତାଙ୍କ ସମସ୍ୟା ଓ ଏହାର ସମାଧାନ ପାଇଁ ପ୍ରୟାସ ଜାରି ରଖିଛନ୍ତି। ଗାଁର ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ, ଅସହାୟ ବିଧବାଙ୍କୁ ଘର ଘର ବୁଲି ଭତ୍ତା ବଣ୍ଟନ କରୁଥିବା ବେଳେ ରାଶନ କାର୍ଡ, ଚାଉଳ ପ୍ରତି ଗୁରୁତ୍ୱ ଦେଉଥିବା ଜଣାପଡିଛି। ବିଶେଷ ଭାବେ ପାନୀୟ ଜଳଯୋଗାଣ, ବିଦ୍ୟୁତ୍ ସଂଯୋଗ, ସୋଲାରଚାଳିତ ନଳକୂପ, ପୋଖରୀ ଖନନ, ନବୀକରଣ, ପୁନଉଦ୍ଧାର, ଶ୍ମଶାନଘାଟ, ରାସ୍ତାଘାଟ, ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର ମରାମତି ଆଦି କ୍ଷେତ୍ରରେ ଗ୍ରାମପଞ୍ଚାୟତ ବିକାଶ ପଥରେ ଆଗେଇ ଥିବା ଚର୍ଚ୍ଚା ହେଉଛି। ସରପଞ୍ଚ ନାଏକଙ୍କ ଉଦ୍ୟମ ଯୋଗୁ ସମ୍ଭବ ହୋଇଥିବା ଆଲୋଚନା ହେଉଛି। ଧର୍ମଗଡ଼ ବ୍ଲକରେ ପ୍ରଥମ ଭାବେ ପର୍ଲା ସରପଞ୍ଚଙ୍କ ଉଦ୍ୟମରେ ପଞ୍ଚାୟତର ବିଭିନ୍ନ ଛକ ନିକଟରେ ଯାତ୍ରୀମାନଙ୍କ ପାଇଁ ଅପେକ୍ଷା ଚୌକି ସ୍ଥାପନ କରି ଏବେ ଚର୍ଚ୍ଚା ପରିସରକୁ ଆସିଛନ୍ତି। ସେପରି ଗରିବ ଲୋକମାନଙ୍କୁ କାମ ଯୋଗାଇ ଦେବାକୁ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଏମ୍‌ଜିଏନ୍‌ଆର୍‌ଜିଏସ୍ ତ୍ୱରାନ୍ୱିତ କରିବା ସହ ଦାଦନ ଶ୍ରମିକ ରୋକିବାକୁ ପ୍ରୟାସ କରୁଥିବା ଜଣାପଡିଛି। ଏଥିପାଇଁ ସମସ୍ତ ୱାର୍ଡମେମ୍ବରଙ୍କୁ ନେଇ ଦାଦନ ଶ୍ରମିକ ସର୍ଭେ ଗ୍ରାମପଞ୍ଚାୟତ ଅଧୀନରେ କରୁଥିବା ଉଦ୍ୟମକୁ ପ୍ରଶଂସା କରାଯାଉଛି। ଆଗକୁ ଅନେକ ଉନ୍ନୟନ ମୂଳକ କାମ କରିବା ବାକିଥିବା ବେଳେ ସମସ୍ତ ପଞ୍ଚାୟତବାସୀଙ୍କ ସହଯୋଗ କାମନା କରୁଥିବା ସରପଞ୍ଚ ନାଏକ ପ୍ରକାଶ କରନ୍ତି।



ସରପଞ୍ଚ ବ୍ରିଜଲାଲ ନାଏକ ଜଣେ ବୃଦ୍ଧାଙ୍କୁ ଭତ୍ତା ଟଙ୍କା ପ୍ରଦାନ କରୁଛନ୍ତି।

# ପାନୀୟ ଜଳ, ଶିକ୍ଷା, ବିଦ୍ୟୁତ୍ ଉପରେ ଆଲୋଚନା

ଗୋଲାମୁଣ୍ଡା,୧୬।୬(ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ସଭାଗୃହଠାରେ ପଞ୍ଚାୟତ ସମିତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ବିଡିଓ ଶ୍ରୀଧର ପଣ୍ଡା, ତହସିଲଦାର ଅଶୋକ ପଟ୍ଟନାୟକ, ଉପାଧ୍ୟକ୍ଷା ପଞ୍ଚମୀ ଦୀପ, ଏମ୍‌ପି ପ୍ରତିନିଧି ଭାଗ୍ୟବାନ ବାଗ, ସହକାରୀ ନିର୍ବାହୀ ଯନ୍ତ୍ରୀ ପର୍ଶୁରାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ୨୮ଟି ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟ ନିଜ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବିଶେଷ କରି ପାନୀୟ ଜଳ, ଶିକ୍ଷା, ବିଜୁଳି, ସମ୍ମନିତ ଶିଶୁ ବିକାଶ ଯୋଜନା, ଉନ୍ନତିମୂଳକ, ଯୋଗାଣ ବିଭାଗ, ଆଇନଶୃଙ୍ଖଳା, ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତ ବିଭାଗ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା। ଏହି ସମୟରେ ଗ୍ରାମରେ ଥିବା ସମସ୍ୟା ସବୁ କିପରି ଶୀଘ୍ର ସମାଧାନ କରାଯିବ ଉପସ୍ଥିତ ସମସ୍ତ ବିଭାଗ କର୍ମଚାରୀମାନଙ୍କୁ ବ୍ଲକ ଅଧ୍ୟକ୍ଷ ମହାନନ୍ଦ ନିର୍ଦ୍ଦେଶ ଦେଇଥିଲେ। ଅନୁପସ୍ଥିତ ଥିବା ବିଭାଗ ଉପରେ ଆଲୋଚନା ସଫଳ ହୋଇ ନ ଥିବାରୁ ସର୍ବସମ୍ମତିକ୍ରମେ ସେମାନଙ୍କ ଦରମା ବନ୍ଦ କରିବା ପାଇଁ ରାଜ୍ୟ ସରକାର, ୫-ଟି ସଚିବ, ମୁଖ୍ୟ ଶାସନ ସଚିବ, ବିଭାଗୀୟ ସଚିବ ଓ ବିଭାଗୀୟ ମନ୍ତ୍ରୀ, ଜିଲାପାଳଙ୍କୁ ପଠାଇବାକୁ ରିଜୋଲ୍ୟୁଶନ କରାଯାଇଥିଲା। ବୈଠକରେ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଲବଣି ନାଏକ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରମିତ ପ୍ରଧାନ, ଏମ୍‌ଜିଏନ୍‌ଆରଇଜିଏସ୍ ସହାୟକ କ୍ଷେତ୍ର ମୋହନ ମାଝି, ସିଡିପିଓ ପ୍ରିୟମଞ୍ଜରୀ ସାହୁଙ୍କ ସମେତ ପ୍ରାୟ ପଦାଧିକାରୀଙ୍କ ସମତେ ବ୍ଲକରେ କାର୍ଯ୍ୟରତ ସମସ୍ତ ବିଭାଗ ପଦାଧିକାରୀ ଉପସ୍ଥିତ ଥିଲେ।



ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ନିର୍ବାଚିତ ପ୍ରତିନିଧି, ବ୍ଲକ ପ୍ରଶାସନିକ ଅଧିକାରୀ ଏବଂ ଅନ୍ୟମାନେ।

**ପଞ୍ଚାୟତ ସମିତି ବୈଠକ**

■ଅନୁପସ୍ଥିତ ଅଧିକାରୀଙ୍କ ଦରମା ବନ୍ଦ ପାଇଁ ରିଜୋଲ୍ୟୁଶନ

## ସଂକ୍ଷେପରେ

### କୁଆଁରମୁଣ୍ଡାରେ ମୁକ୍ତା ଯୋଜନାର ସମୀକ୍ଷା

**କୁଆଁରମୁଣ୍ଡା,୧୬।୬ (ମହେନ୍ଦ୍ର କୁମାର ସାହୁ):** ରାଜ୍ୟର ବିଭିନ୍ନ ପୌରାଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ମୁକ୍ତା ଯୋଜନାର କାର୍ଯ୍ୟାନ୍ୱୟନ ସମ୍ପର୍କରେ ସରକାର ସମୀକ୍ଷା କରୁଛନ୍ତି। ଏହି ପରିପ୍ରେକ୍ଷୀରେ ବୀରମିତ୍ରପୁର ପୌରାଞ୍ଚଳରେ କିଭଳି ମୁକ୍ତା ଯୋଜନା କାର୍ଯ୍ୟକାରୀ ହେଉଛି ସେ ସମ୍ପର୍କରେ ଶୁକ୍ରବାର କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ରାଜ୍ୟ ସରକାରଙ୍କୁ ଭିଡିଓ କନଫରେନ୍ସ ମାଧ୍ୟମରେ ସୂଚନା ଦେଇଛନ୍ତି। ତେବେ ବୀରମିତ୍ରପୁରରେ ଏହି ଯୋଜନାର ସମୀକ୍ଷା କରା ନ ଯାଇ ହଠାତ୍ ତରବରିଆଭାବେ କୁଆଁରମୁଣ୍ଡା ବ୍ଲକ ଭିସି ରୁମ୍‌ରେ କରାଯିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ୪୪ ଡିଗ୍ରୀ ତାପମାତ୍ରାରେ ସ୍ୱୟଂ ସହାୟିକା ମହିଳାମାନଙ୍କୁ କୁଆଁରମୁଣ୍ଡା ବ୍ଲକକୁ ଅଣାଯାଇଥିଲା। ଏତଦବ୍ୟତୀତ ମନ୍ତ୍ରୀ ବେହେରାଙ୍କ ଗସ୍ତ, ଏପରିକି ଭିସି ସମୟରେ କୌଣସି ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦିଆଯାଇ ନ ଥିଲା। ବିଶେଷ ସୂତ୍ରରୁ ଜଣାପଡ଼ିଛି ଯେ,ଏହି ସମୀକ୍ଷା ବୈଠକରେ ମନ୍ତ୍ରୀ ବେହେରାଙ୍କ ସହ ବୀରମିତ୍ରପୁର ପୌରାଧ୍ୟକ୍ଷ ସନ୍ଦୀପ ମିଶ୍ର, କୁଆଁରମୁଣ୍ଡା ଜିଲାପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି କେର୍କେଟା ଓ କେତେକ ସ୍ୱୟଂ ସହାୟକ ଗୋଷ୍ଠୀ ଅଂଶ ଗ୍ରହଣ କରିଥିଲେ।

### ଓଭର୍ ହେଡ୍ ପାଣିଟାଙ୍କିରୁ ତଳକୁ ଖସିପଡି ରାଜମିସ୍ତ୍ରି ଗୁରୁତର

**ଦେବଗଡ଼,୧୬।୬(ଶଶାଙ୍କ ଶେଖର ଝାଙ୍କର):** ଦେବଗଡ଼ ଥାନା ରମ୍ଭେଇ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ରଙ୍ଗମାଟିଆ ଗ୍ରାମରେ ଏକ ନିର୍ମାଣାଧିନ ଓଭର୍ ହେଡ ପାଣିଟାଙ୍କିରୁ ତଳକୁ ଖସିପଡି ଜଣେ ରାଜମିସ୍ତ୍ରୀ ଗୁରୁତର ଆହତ ହୋଇଥିବା ଜଣାପଡିଛି। ନୟାଗଡ ଜିଲା ଗୁଆନ୍ଦ ଗ୍ରାମର କାଣ୍ଡୁଲ ନାୟକଙ୍କ ପୁଅ ଅନାମ ନାୟକ(୨୯)ରଙ୍ଗମାଟିଆ ଗ୍ରାମରେ ନିର୍ମାଣାଧିନ ଓଭର୍ ହେଡ ପାଣିଟାଙ୍କି ନିର୍ମାଣ କାର୍ଯ୍ୟରେ ରାଜମିସ୍ତ୍ରୀ ଭାବେ ନିୟୋଜିତ ଥିଲେ। ଶୁକ୍ରବାର ସନ୍ଧ୍ୟାରେ ସେ ଉକ୍ତ ଓଭର୍ ହେଡ ପାଣିଟାଙ୍କିରେ ଚଢି କାମ କରୁଥିବାବେଳେ ତାଙ୍କର ଗୋଡ ଖସିଯିବାରୁ ସେ ତଳେ ପଡିଯାଇ ଗୁରୁତର ଆହତ ହୋଇଥିଲେ।

### ଚକ୍ଷୁ ଚିକିତ୍ସା, ରକ୍ତଦାନ ଶିବିର

**ଦେବଗଡ଼,୧୬।୬(ଶଶାଙ୍କ ଶେଖର ଝାଙ୍କର):** ଦେବଗଡ଼ ବିଜୁ ଜନତା ଦଳ ଏବଂ ମାରୱାଡି ଯୁବାମଞ୍ଚ ତରଫରୁ ଓଡିଶା -ମୋ ପରିବାର ଜୀବନ ବିନ୍ଦୁ ଆନୁକୂଲ୍ୟରେ ଶୁକ୍ରବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ବାରକୋଟ ବ୍ଲକ ଅନ୍ତର୍ଗତ କଣ୍ଢେଲ ଗ୍ରାମ ପଞ୍ଚାୟତ ସଦର ମହକୁମାରେ ଏହା ଆୟୋଜିତ ହୋଇଯାଇଛି। ଏଥିରେ ୩୨ଜଣ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଦେବଗଡ଼ ବ୍ଲଡ ବ୍ୟାଙ୍କର ଅଧିକାରୀ ଓ କର୍ମଚାରୀ ଯୋଗଦେଇ ରକ୍ତ ସଂଗ୍ରହ କରିଥିଲେ। ସେହିପରି କଣ୍ଢେଲ ପଞ୍ଚାୟତ ଗୃହଠାରେ ଯୁବାମଞ୍ଚ ପକ୍ଷରୁ ଏକ ନିଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ମଧ ଆୟୋଜନ କରାଯାଇଥିଲା। ଏଥିରେ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଜଣ ସାଧାରଣ ନିଜର ଚକ୍ଷୁ ପରୀକ୍ଷା କରାଇ ଥିଲେ। ଆବଶ୍ୟକ ସ୍ଥଳେ କେତେଜଣଙ୍କୁ ମାଗଣାରେ ଚଷମା ମଧ ପ୍ରଦାନ କରାଯାଇଥିଲା। ଜିଲା ବିଜେଡ଼ି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ବାରକୋଟ ବ୍ଲକ ବିଜେଡି ସଭାପତି ହୀରାଲାଲ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବେନ୍ଦ୍ର ବେହେରା, ସରପଞ୍ଚ ସବିତା ବେହେରା ସହଯୋଗ କରିଥିଲେ।

# ବର୍ଷାର ଅନିୟମିତତା, ଚିନ୍ତାରେ ଚାଷୀ

**କୁତ୍ରା,୧୬।୬(ଦେବାଶିଷ ସାହୁ)**

ଚଳିତ ବର୍ଷ ଜ୍ୟେଷ୍ଠ ସରି ଆଷାଢ଼ ହେଲାଣି, ତଥାପି ବୁନ୍ଦାଏ ବର୍ଷାର ଦେଖାନାହିଁ। ଚାଷ କାର୍ଯ୍ୟ ଆରମ୍ଭ କରିବାକୁ ଚାଷୀ ବର୍ଷାକୁ ଅନେଇ ବସିଛି। ହେଲେ ମୌସୁମୀ ନ ଆସିବାରୁ ଚାଷୀ ଏବେ ଚିନ୍ତାରେ। ଏଭଳି ଅବସ୍ଥା ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅଞ୍ଚଳରେ ଦେଖାଦେଇଛି। ବର୍ଷା ନ ହେବାରୁ ଜମି ଶୁଖିଲା ପଡ଼ିଛି। ପାଣିପାଗ ବିଭାଗର ଆକଳନ ଚାଷୀଙ୍କ ମନରେ ଆହୁରି ଚିନ୍ତା ବଢ଼ାଉଛି। ଗତବର୍ଷ ଠିକ ଭାବେ ଚାଷ ହୋଇପାରି ନ ଥିଲା। ଯଦି ଏବର୍ଷ ନ ହୁଏ ତେବେ ଚାଷୀ ତାର ଅଣ୍ଟା ଶଳଖେଇ ପାରିବ ନାହିଁ। ଗୋଡ଼ା ଧାନ ପରିବର୍ତ୍ତେ କେତେକ ସ୍ଥାନରେ ହରଡ଼ ଭଳି ଡାଲି ଜାତୀୟ ଚାଷ ସହିତ ମକାଚାଷ କରିବେ ବୋଲି ଚାଷୀ ଆଶା ରଖିଛନ୍ତି। କିନ୍ତୁ କୁତ୍ରା ବ୍ଲକର ନଦୀ, ନାଳ, ପଖୋରୀ ଶୁଖିଲା ପଡ଼ିଥିବାରୁ ଚାଷକାର୍ଯ୍ୟ ହୋଇପାରୁନାହିଁ। କୃଷି


ଖରା ଯୋଗୁ ଶୁଖିଲା ପଡ଼ିଥିବା ଜମି।

କୃଷକଙ୍କ ସୁବିଧା ପାଇଁ ଉଭୟ କେନ୍ଦ୍ର ରାଜ୍ୟ ସରକାର ବିଭିନ୍ନ ଯୋଜନା ଘୋଷଣା କରୁଛନ୍ତି, କିନ୍ତୁ ବାସ୍ତବତା ଭିନ୍ନ। ସରକାର ଗତ କିଛି ବର୍ଷତଳେ ମେଗାଲିଫ୍ଟ ଓ ଉଠା ଜଳସେଚନ ମାଧ୍ୟମରେ ପାଣି ଯୋଗାଇବା ପାଇଁ ବ୍ୟବସ୍ଥା କରିଥିଲେ। ହେଲେ ଆଂଶିକ ସ୍ଥାନକୁ ଜଳ ଯୋଗାଣ ହୋଇ ପାରୁଥିବା ବେଳେ ଅନେକ ସ୍ଥାନରେ ଏହାର ସୁବିଧା ଏପର୍ଯ୍ୟନ୍ତ ହୋଇପାରିନାହିଁ। ଫଳରେ ବର୍ଷାକୁ ଅନେଇ ଚିନ୍ତାରେ ପଡ଼ିଛି ଚାଷୀ। ଅନ୍ୟପକ୍ଷରେ ସୁନ୍ଦରଗଡ଼ ଜିଲା ଏକ ଆଦିବାସୀବହୁଳ ଅଞ୍ଚଳ। ଏହି ଅଞ୍ଚଳର ଲୋକେ ବିଶେଷଭାବେ ଚାଷ କାର୍ଯ୍ୟ ଉପରେ ନିର୍ଭର କରନ୍ତି। ଚାଷ କାର୍ଯ୍ୟ କରି ନିଜର ଗୁଜରାଣ ମେଣ୍ଟାଉଥିବାବେଳ ଠିକ୍ ସମୟରେ ବର୍ଷାର ଅଭାବ ସହିତ ସରକାରଙ୍କ ପକ୍ଷରୁ ସହଯୋଗ ମିଳିପାରୁ ନ ଥିବା ଯୋଗୁ ଚାଷୀଙ୍କ ମହଲରେ ଅସନ୍ତୋଷ ଦେଖାଯାଉଛି।

ଏ ନେଇ ଉଡ଼ରୁମା ଗ୍ରାମର ସୁକାନ୍ତ କୁମାର ଶେଖର ଦେଓ କୁହନ୍ତି, ଏହି ସମୟରେ ଧାନ ରୁଆ ବେଉଷଣ କାର୍ଯ୍ୟ ଆରମ୍ଭ ହୋଇଯାଇଥାଏ। କିନ୍ତୁ ଏବର୍ଷ ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ। ଯେତେ ବିଳମ୍ବ ହେବ ସେତେ ଧାନ ଅମଳ କମିଯିବାର ଆଶଙ୍କା ରହିଛି ବୋଲି ସେ କହିଛନ୍ତି। ସେହିପରି କନ୍ଧେଇମୁଣ୍ଡା ଗ୍ରାମର ଛବିଲ ସରୋନିଆ କୁହନ୍ତି, ବିଗତ ବର୍ଷ ମାନଙ୍କଠାରୁ ଏବର୍ଷ ଚାଷୀକୁଳ ହତାଶ ହୋଇପଡ଼ିଛି। ପାଣି ଟୋପାଏ ପାଇଁ ଡହଳ ବିକଳ ହେବାକୁ ପଡୁଛି। ବିହନ ଆଣି ବର୍ଷା ଅପେକ୍ଷାରେ ରହିଛୁ ବୋଲି କହିଛନ୍ତି।

# ଭାଜପାର ସଂଯୁକ୍ତ ମୋର୍ଚ୍ଚା ସମ୍ମିଳନୀ


ସଂଯୁକ୍ତ ମୋର୍ଚ୍ଚା ସମ୍ମିଳନୀରେ ଜୁଏଲ ଓରାମ ଭାଷଣ ଦେଉଛନ୍ତି।

**ସୁନ୍ଦରଗଡ଼,୧୬।୬ (ଜୟନାରାୟଣ ମେଣ୍ଡୁଲି)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁଶାସନର ୯ ବର୍ଷ ପୂର୍ତ୍ତି ଅବସରରେ ଏକ ମାସ ଧରି ଚାଲୁଥିବା ମହାଜନସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ଜିଲା ସବ୍‌ଡ଼େଗାସ୍ଥିତ ନେତାଜୀ କ୍ଲବଠାରେ ତଳସରା ନିର୍ବାଚନମଣ୍ଡଳୀ ପକ୍ଷରୁ ଭାଜପାର ୭ଟି ସଂଯୁକ୍ତ ମୋର୍ଚ୍ଚାକୁ ନେଇ ଏକ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ତଥା ତଳସରା ବିଧାୟକ ଭବାନୀଶଙ୍କର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ସଂସଦୀୟ ପ୍ରତିରକ୍ଷା କମିଟି ଅଧ୍ୟକ୍ଷ ତଥା ପୂର୍ବତନ ଆଦିବାସୀ ବ୍ୟାପାର କଲ୍ୟାଣ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥିଭାବେ ଯୋଗଦେଥିଲେ। ଏସ୍‌ଟି, ଏସ୍‌ସି, ଓବିସି, ସଂଖ୍ୟାଲଘୁ, ଯୁବ, ମହିଳା ଓ କୃଷକ ମୋର୍ଚ୍ଚାଙ୍କ ପାଇଁ କେନ୍ଦ୍ର ସରକାର କରିଥିବା ବିଭିନ୍ନ ଯୋଜନା ବିଷୟରେ ମୋର୍ଚ୍ଚାର ସମସ୍ତ କାର୍ଯ୍ୟକର୍ତ୍ତା ଏବଂ ଲାଭାର୍ଥୀଙ୍କୁ ସେ ଅବଗତ କରାଇଥିଲେ। ଏଥିରେ ଜିଲା ସାଧାରଣ ସମ୍ପାଦକ ଅମୀର ନାଏକ, ବିଧାୟକଙ୍କ ବିଧାନସଭା ପ୍ରତିନିଧି ପର୍ଶୁରାମ ପଟେଲ, ପୂର୍ବତନ ଜିଲା ସାଧାରଣ ସମ୍ପାଦକ ବିକାଶ ନାଏକ, ଜିଲା ସମ୍ପାଦକ ଗୁଲସନ ବଗୁଆ, ଜିଲା ଉପସଭାନେତ୍ରୀ ଫିଲିସୀତା ଲାକ୍ରା, ଜିଲା ଏସ୍‌ଟି ମୋର୍ଚ୍ଚା ସଭାପତି କଳାକୃଷ୍ଣ ଓରାମ, ଏସ୍‌ସି କୃଷକ ମୋର୍ଚ୍ଚା ସଭାପତି ରବି ପଟେଲ, ସାଂସଦଙ୍କ ବ୍ଲକ ପ୍ରତିନିଧି ପ୍ରଶାନ୍ତ ସେଠ, ଜିଲା ମୋର୍ଚ୍ଚା ସଭାପତି, ମଣ୍ଡଳ ସଭାପତି, ମଣ୍ଡଳ ମୋର୍ଚ୍ଚା ସଭାପତି ଓ ମଣ୍ଡଳ ମୋର୍ଚ୍ଚା ପଦାଧିକାରୀ, ତଳସରା ନିର୍ବାଚନମଣ୍ଡଳୀର ରାଜ୍ୟ, ଜିଲା, ମଣ୍ଡଳ ଓ ପଞ୍ଚାୟତସ୍ତରୀୟ ପଦାଧିକାରୀ, ନିର୍ବାଚିତ ସରପଞ୍ଚ, ସମିତି ସଭ୍ୟ, ବରିଷ୍ଠ ନେତା ଏବଂ ସଂଯୁକ୍ତ ମୋର୍ଚ୍ଚା ଅନ୍ତର୍ଗତ ବିଭିନ୍ନ ଯୋଜନାରେ ଲାଭ ପାଇଥିବା ଶତାଧିକ ଲାଭାର୍ଥୀ ପ୍ରମୁଖ ଯୋଗଦେଇଥିଲେ।

# ୧୦୮ ଆମ୍ବୁଲାନ୍ସ କର୍ମଚାରୀ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର


ଜିଲାପାଳଙ୍କୁ ଦାବି ପତ୍ର ଦେବାକୁ ଆସିଥିବା ଆମ୍ବୁଲାନ୍ସ କର୍ମଚାରୀ।

**ସୁନ୍ଦରଗଡ଼,୧୬।୬ (ଜୟନାରାୟଣ ମେଣ୍ଡୁଲି)**

ନିୟମିତ ଚାକିରୀ ଓ ଦରମା ବୃଦ୍ଧି ଆଦି ବିଭିନ୍ନ ଦାବି ନେଇ ସୁନ୍ଦରଗଡ଼ ଜିଲାରେ କାର୍ଯ୍ୟରତ ୧୦୮ଆମ୍ବୁଲାନ୍ସ କର୍ମଚାରୀସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ଶୁକ୍ରବାର ପ୍ରଦାନ କରାଯାଇଛି। ଜିଲାପାଳଙ୍କ ତରଫରୁ ଏହି ଦାବିପତ୍ର ସଦର ଉପଜିଲାପାଳ ଦାଶରଥୀ ସରାବୁ ଗ୍ରହଣ କରିଛନ୍ତି। ଦାବି ପତ୍ରରେ ଦର୍ଶାଯାଇଛି ଯେ,୨୦୧୩ରୁ ୧୦୮ଆମ୍ବୁଲାନ୍ସରେ ଇଏମଟି, ପାଇଲଟ ଓ ଆଟେଣ୍ଡାଣ୍ଟ ନିସ୍ୱାର୍ଥପର ଓ ନିଷ୍ଠାପରଭାବେ କାର୍ଯ୍ୟ କରିଆସୁଛନ୍ତି। ଖରା, ବର୍ଷା ସହ ଯେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଯଥା ବାତ୍ୟା, ବନ୍ୟା, କରୋନା ମହାମାରୀ, ସାମୂହିକ ଦୁର୍ଘଟଣା ଓ ବାଲେଶ୍ୱର ଭଳି ମର୍ମନ୍ତୁଦ ଟ୍ରେନ ଦୁର୍ଘଟଣା ହେଉ ସବୁବେଳେ ନିଷ୍ଠାର ସହ ରୋଗୀଙ୍କୁ ସହାୟତା ଦେଇଆସୁଛନ୍ତି। ହେଲେ ସରକାର ତଥା ପ୍ରଶାସନ ଏହି କର୍ମଚାରୀଙ୍କ ପ୍ରତି ଅଣଦେଖା କରୁଛନ୍ତି। ତେଣୁ ଏହି ସମସ୍ତ କାର୍ଯ୍ୟରତ କର୍ମଚାରୀଙ୍କୁ ନିୟମିତ କରାଯାଉ, ନଚେତ୍ ସ୍ୱତନ୍ତ୍ର ପ୍ୟାକେଜ ୮ଘଣ୍ଟିଆ ପାରିଶ୍ରମିକ ଅନୁସାରେ ଇଏମଟିଙ୍କୁ ୩୦୦୦୦,ପାଇଲଟଙ୍କୁ ୨୫୦୦୦,ଆଟେଣ୍ଡାଣ୍ଟଙ୍କୁ ୨୦୦୦୦ ଏବଂ ଆଡଭାନ୍ସ ଲାଇଫ ସପୋର୍ଟ ପାଇଁ ୩୫୦୦୦ଟଙ୍କା ପ୍ରଦାନ କରାଯିବା, ବାର୍ଷିକ ଦରମା ବୃଦ୍ଧି ନିଶ୍ଚିତ କରାଯିବା, ୧୦୮କର୍ମଚାରୀମାନେ ଲୋକଙ୍କ ଆକ୍ରମଣର ଶୀକାର ହେଲେ ସ୍ୱତନ୍ତ୍ର ଦଣ୍ଡବିଧାନ ସହ ଦୋଷୀଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ, କୌଣସି ୧୦୮କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପୂର୍ବରୁ କର୍ମଚାରୀ ସଂଘ ସହ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ନେବା, ପ୍ରତ୍ୟେକ ୧୦୮ ଆମ୍ବୁଲାନ୍ସ ରହୁଥିବା ସ୍ଥାନରେ କର୍ମଚାରୀମାନଙ୍କ ରହିବା ଓ ଶୌଚାଳୟ ବ୍ୟବସ୍ଥା, ୧୦୮ଆମ୍ବୁଲାନ୍ସ କର୍ମଚାରୀଙ୍କ ଆକସ୍ମିକ ମୃତ୍ୟୁ ହେଲେ ଅନୁକମ୍ପା ରାଶି ୨୦ଲକ୍ଷ ଓ ଅକର୍ମଣ୍ୟ ହେଲେ ୧୦ଲକ୍ଷ ଟଙ୍କା ସହାୟତା ପ୍ରଦାନ ପାଇଁ ଦାବି କରାଯାଇଛି। ଏହାର ଏକ ନକଲ ସ୍ୱାସ୍ଥ୍ୟ ମନ୍ତ୍ରୀ, ୫ଟି-ସଚିବ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଓଡ଼ିଶା, ଶ୍ରମ କମିଶନର ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏହି ଦାବି ପତ୍ର ପ୍ରଦାନ ବେଳେ ଜିଲା ୧୦୮ କର୍ମଚାରୀ ସଂଘ ସଭାପତି ଗୌତମ ଭୂମିଜଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ପ୍ରେମିକାଙ୍କୁ ତଣ୍ଟି ଚିପି ହତ୍ୟା ଅଭିଯୋଗ, ଅଭିଯୁକ୍ତ ଗିରଫ

**ସୁନ୍ଦରଗଡ଼,୧୬।୬ (ଜୟନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଟାଉନଥାନା ଅନ୍ତର୍ଗତ ମୁଣ୍ଡାପଡ଼ାରେ ଜଣେ ଯୁବକ ଯୁବତୀଙ୍କୁ ତଣ୍ଟି ଚିପି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଯୁବତୀ ଜଣକ ହେଲେ ଜ୍ୟୋତି ମୁଣ୍ଡା(୨୪)। ଏ ସମ୍ପର୍କରେ ମୃତା ଯୁବତୀଙ୍କ ଭାଇ ରାଜୁ ମୁଣ୍ଡା ଶୁକ୍ରବାର ଟାଉନଥାନାରେ ଅଭିଯୋଗ କରିଛନ୍ତି। ପୋଲିସ କେଶ ନଂ ୧୬୧ରେ ଏକ ହତ୍ୟା ମାମଲା ରୁଜୁ କରି ଆଭିଯୁକ୍ତ ଅଜୟ ଓରାମଙ୍କୁ ଗିରଫ କରିବା ସହ ଘଟଣାର ତଦନ୍ତ ଚଳାଇଛି। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ଯୁବତୀଙ୍କ ଭାଇ ଥାନାରେ ଦେଇଥିବା ରିପୋର୍ଟ ଅନୁସାରେ, ଗୁରୁବାର ଦିନ ପ୍ରାୟ ସାଢ଼େ୧୨ଟା ବେଳେ ଟେଙ୍ଗଟାମହଣର ଅଜୟ ଓରାମ ତାଙ୍କ ଘରକୁ ଆସିଥିଲେ। କୌଣସି କାରଣରୁ ଜ୍ୟୋତି ଏବଂ ଅଜୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହି ସମୟରେ ଉତକ୍ଷିପ୍ତ ହୋଇ ଅଜୟ ଜ୍ୟୋତିର ବେକ ଚିପି ହତ୍ୟା କରି ଫେରାର ହୋଇଯାଇଥିଲେ। ରାଜୁ ଘରେ ପହଞ୍ଚି ଦେଖିଲେ ତାଙ୍କ ଭଉଣୀ ଆଚେତ ହୋଇପଡ଼ିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଜିଲାମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜ୍ୟାତି ଏବଂ ଅଭିଯକ୍ତ ଅଜୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ପୋଲିସ କହିଛି।

# ଗ୍ୟାନପାଲିରେ ନୂତନ ଲ୍ୟାମ୍ପ ଉଦ୍‌ଘାଟିତ


ବୈଠକରେ ଉପସ୍ଥିତ ଅତିଥି।

**କୁତ୍ରା,୧୬।୬(ଦେବାଶିଷ ସାହୁ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଗ୍ୟାନପାଲିରେ ଏକ ନୂତନ ଲ୍ୟାମ୍ପ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ପଞ୍ଚରା ଲ୍ୟାମ୍ପ ସଭାପତି ରୋସନ ବାର୍ଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ମଙ୍ଗଳା କିଷାନ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜ୍ଞାନପାଲି ଏବଂ ଖତକୁରବାହାଲ ପଞ୍ଚାୟତକୁ ନେଇ ଏହି ଲ୍ୟାମ୍ପ ଆରମ୍ଭ ହୋଇଛି। ପୂର୍ବରୁ ଉଭୟ ପଞ୍ଚାୟତ ପଞ୍ଚରା ଲ୍ୟାମ୍ପ ଅଧିନରେ ରହିଥିଲା। ଏହି ନୂତନ ଲ୍ୟାମ୍ପ ଯୋଗୁଁ ଉଭୟ ପଞ୍ଚାୟତର ଚାଷୀଙ୍କ ସହ ଜନସାଧାରଣ ସୁବିଧା ପାଇବେ ବୋଲି କିଷାନ କହିଛନ୍ତି। ସମ୍ମାନିତ ଅତିଥିଭାବେ ପଞ୍ଚରା ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ଅଶୋକ ନାଗ, ଗ୍ୟାନପାଲି ସରପଞ୍ଚ କମଳା କୁଜୁର, ଖତକୁରବାହାଲ ସରପଞ୍ଚ ଝାଡି ଧନୱର, ଆମ୍ବଗୋଭା ସରପଞ୍ଚ ଅଶ୍ୱିନୀ ମାଝୀଙ୍କ ସମେତ ସମିତି ସଭ୍ୟ ଉପସ୍ଥିତ ଥିଲେ। ଗ୍ୟାନପାଲିର ଲ୍ୟାମ୍ପର ପରିଚାଳନା ଦାୟିତ୍ୱରେ ନିୟୋଜିତ ହୋଇଥିବା ନିରୁପମା ଲାକଡା ଏବଂ ସଭାପତି ଇନ୍ଦିରା ଖାଲଖୋ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ପରିଷଦ ସଭ୍ୟ ବିରମିତ୍ର ମିଞ୍ଜ, ଜର୍ଜ ଲାକଡା ପ୍ରମୁଖ ଯୋଗଦେଇଥିଲେ। ସେହିପରି ପଞ୍ଚରା ଲ୍ୟାମ୍ପ ଅଧିନରେ ଥିବା ଆମ୍ବଗୋଭା ଏବଂ ତରକେରା ପଞ୍ଚାୟତକୁ ନେଇ ଆମ୍ବଗୋଭାରେ ଏକ ନୂତନ ଲ୍ୟାମ୍ପ ଖୁବ୍ ଶୀଘ୍ର ଉଦ୍‌ଘାଟିତ ହେବ ବୋଲି ଲ୍ୟାମ୍ପ ସଭାପତି ବାର୍ଲା କହିଛନ୍ତି।

# କୁଳଦୀପଙ୍କୁ ସହାୟତାର ହାତ ବଢ଼ାଇଲା ଗୁରୁକୁଳ

**ସୁନ୍ଦରଗଡ଼,୧୬।୬(ଜୟନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ଼ ଜିଲା ଗୁରୁକୁଳ ଶିକ୍ଷାନୁଷ୍ଠାନରେ ପଢୁଥିବା କୁଳଦୀପ ମେହେର ନିଟ୍ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ପରୀକ୍ଷାରେ ୬୬୧ ମାର୍କ ରଖି ସର୍ବଭାରତୀୟ ସ୍ତରରେ ୧୪୮୨ ର୍‍ୟାଙ୍କରେ ରହିଛନ୍ତି। ସେ ଚାଷୀ ପରିବାରର ହୋଇଥିବାରୁ ବେସରକାରୀ କଲେଜରେ ପାଠ ପଢ଼ାଇବାକୁ ତାଙ୍କ ବାପା ଅକ୍ଷମତା ପ୍ରକାଶ କରୁଥିଲେ। କୁଳଦୀପ ଜଣେ ମେଧାବୀ ଛାତ୍ର ଥିବାରୁ ଗୁରୁକୁଳ ଶିକ୍ଷାନୁଷ୍ଠାନ ସହାୟତାର ହାତ ବଢାଇ ଫିଁଛାଡ଼ କରି ତାଙ୍କର ପାଠପଢ଼ା ଦାୟିତ୍ୱ ନେଇଥିଲେ। ଗୁରୁକୁଳ କଲେଜର ସମ୍ପାଦକ ଗଣେଶ ଚନ୍ଦ୍ର ନାଏକ ଓ ସଭାପତି ବିଥିକା ନାଏକ କୁଳଦୀପଙ୍କୁ ମିଠା ଖୁଆଇ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ତାଙ୍କ ଉଚ୍ଚ ଶିକ୍ଷା ପାଇଁ କଲେଜ ତରଫରୁ ୩୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଗୁରୁକୁଳର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ରହି କୁଳଦୀପଙ୍କୁ ଶୁଭେଚ୍ଛା ଜଣାଇ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।


ଗୁରୁକୁଳ ଶିକ୍ଷାନୁଷ୍ଠାନ ପକ୍ଷରୁ କୁଳଦୀପଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ସୁନ୍ଦରଗଡ଼ରେ ପାରଦ ୪୪.୫ ଡିଗ୍ରୀ

**ସୁନ୍ଦରଗଡ଼,୧୬।୬ (ଜୟନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ରେ ମୁଣ୍ଡ ଫଟା ଖରା ସାଙ୍ଗକୁ ଅସହ୍ୟ ଗରମ, ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରି ଦେଉଛି। ସକାଳ ୯ଟା ପରେ ଘରୁ ବାହାରିବା କଷ୍ଟକର ହୋଇ ପଡୁଛି। ଶୁକ୍ରବାର ଦିନର ସର୍ବୋଚ୍ଚ ତାପମାତ୍ରା ୪୪.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଗୁରୁବାର ୪୪ଡିଗ୍ରୀ ତାପମାତ୍ରା ରହିଥିଲା। ଜିଲା ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ଜୁନ ପହିଲାରୁ ଜିଲାରେ ଅହେତୁକ ତାପମାତ୍ରା ବୃଦ୍ଧି ପାଇଛି। ପ୍ରଚଣ୍ଡ ଖରା ସାଙ୍ଗକୁ ଅଘୋଷିତ ବିଦ୍ୟୁତ୍ କାଟ କଷ୍ଟକୁ ଦ୍ୱିଗୁଣିତ କରି ଦେଉଛି। ସେପଟେ ସହରରେ ଜଳ କଷ୍ଟ ସମସ୍ୟା ମଧ ଦେଖାଦେଇଛି। ସହରବାସୀଙ୍କ ଜୀବନରେଖା କୁହାଯାଉଥିବା ଇବ୍ ନଦୀର ଜଳାଧାର ଶୁଖିଯିବା ପରେ ଜଳଯୋଗାଣ କାର୍ଯ୍ୟ ପ୍ରଭାବିତ ହୋଇଛି। ତେବେ ଏହାର ସମାଧାନ ପାଇଁ ନଦୀରେ ବାଲିପୋଖରୀ ଖୋଳାଯାଇ ସେଠାରୁ ଜଳଯୋଗାଣ କାର୍ଯ୍ୟ କରାଯାଉଛି। ସହରବାସୀଙ୍କୁ ଜଳଯୋଗାଣରେ ଯେଭଳି କୌଣସି ଅସୁବିଧା ନ ହେବ ସେ ନେଇ ପୌର ପ୍ରଶାସନ ଓ ସହର ଜଳଯୋଗାଣ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ପୌରାଧ୍ୟକ୍ଷା ତନୟା ମିଶ୍ର କହିଛନ୍ତି। ଅପରପକ୍ଷରେ ସବୁ ବର୍ଷ ପରି ଚଳିତ ବର୍ଷ ଇବ୍ ନଦୀ ବାଲି ବନ୍ଧ ବନ୍ଧା ନ ଯିବା ଫଳରେ ନଦୀର ପାଣି ଶୁଖିଯିବା ଭଳି ଜଳସଙ୍କଟ ପରିସ୍ଥିତି ସୃଷ୍ଟି ହେଲା ବୋଲି ବରିଷ୍ଠ କଂଗ୍ରେସ ନେତା ବେଣୁ ମାଧବ ତ୍ରିପାଠୀ କହିଛନ୍ତି।


ଖରାରେ ଛତା ଧରି ଯାଉଥିବା ୨ ଜଣ ମହିଳା।

# ମାଣ୍ଡିଆ ଚାଷ କଲେ ମିଳିବ ଆର୍ଥିକ ସହାୟତା

**ବଡ଼ଗାଁ,୧୬।୬(ଅଶୋକ ଷଡଙ୍ଗୀ)**

ପୂର୍ବେ ଲୋକେ ମାଣ୍ଡିଆ ଚାଷ ଓ ଏହାର ବ୍ୟବହାର ବହୁଳ ପରିମାଣରେ କରୁଥିଲେ। ମାଣ୍ଡିଆରେ ଭରପୁର ପୋଷକ ତତ୍ତ୍ୱ, ଭିଟାମିନ୍ ଭରି ରହିଛି। ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିରେ ଏହା ସହାୟକ ହୋଇଥାଏ। ବିଶେଷ କରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ହୋଇଆସୁଥିବା ମାଣ୍ଡିଆ ଚାଷ ପୂର୍ବାପେକ୍ଷା ବହୁ ପରିମାଣରେ କମି ଯାଇଛି। ଏହାକୁ ଦୃଷ୍ଟିରେ ରଖି ସରକାର ମାଣ୍ଡିଆ ଚାଷ ଓ ଏହାର ବ୍ୟବହାର ପାଇଁ ପ୍ରୋତ୍ସାହିତ କରୁଛନ୍ତି। ଏହି ଚାଷକଲେ ଚାଷୀଙ୍କୁ ଆର୍ଥିକ ସହଯୋଗ ଦେଉଛନ୍ତି ବୋଲି ମାଣ୍ଡିଆ ଚାଷ ଉପରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀମାନେ ଚାଷୀଙ୍କୁ ବୁଝାଇ ମାଣ୍ଡିଆ ଚାଷ କରିବାକୁ ପ୍ରୋତ୍ସାହିତ କରିଛନ୍ତି। ଶୁକ୍ରବାର କୃଷି ବିଭାଗ କାର୍ଯ୍ୟାଳୟ ପରିସରରେ ଆତ୍ମା ଦ୍ୱାରା ପରିଚାଳିତ ମିଲେଟ ମିଶନ ସଚେତନତା କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ ମୁଖ୍ୟ ଅତିଥି ଓ ରାଜଗାଙ୍ଗପୁର ଏଡିଓ ଜଗନ୍ନାଥ ଦାସ, ସିଡିପିଓ ସୁଜାତା ବେକ, ଲ୍ୟାମ୍ପସ ଏମ୍‌ଡି ଭୋଳାନାଥ ପଟେଲ, ବିଏଓ ପ୍ରଫୁଲ୍ଲ ନାଏକ, ଉଦ୍ୟାନ କୃଷି ଏଏଚଓ ପୁନ୍ୟଶ୍ଳୋକ ନନ୍ଦ ଯୋଗଦେଇ ମାଣ୍ଡିଆ ଚାଷ ଉପରେ କହିଥିଲେ। ବିଭାଗୀୟ ଅଧିକାରୀମାନେ କହିଥିଲେ, ମାଣ୍ଡିଆ ଚାଷ କଲେ ଚାଷୀଙ୍କୁ ବିହନ ଯୋଗାଇ ଦିଆଯିବ। ଏକ ହେକ୍ଟର ପାଇଁ ଏକ କେଜି ମାଣ୍ଡିଆ ବିହନ ଦିଆଯିବ। ପଞ୍ଜିକରଣ କରି ଚାଷ କରିଥିବା ଚାଷୀଙ୍କୁ ପ୍ରଥମ ବର୍ଷ ୧୦ ହଜାର ଟଙ୍କା, ୨ୟ ବର୍ଷ ସାଢ଼େ ସାତ ହଜାର, ତୃତୀୟ ବର୍ଷ ୫ ହଜାର ଟଙ୍କା ପ୍ରୋତ୍ସାହନ ରାଶି ଦିଆଯିବ। ପରବର୍ତ୍ତୀ ବର୍ଷ ଗୁଡ଼ିକରେ ୨ହଜାର ଟଙ୍କା ଲେଖାଏଁ ଦିଆଯିବ। ସଚେତନତା କାର୍ଯକ୍ରମରେ ଅଞ୍ଚଳର ଚାଷୀ ଓ ୯ ଟି ପଞ୍ଚାୟତର ସରପଞ୍ଚ ଯୋଗଦେଇଥିଲେ। ୮୦ ଜଣ ଚାଷୀଙ୍କୁ ମାଣ୍ଡିଆ ବିହନ ଦିଆଯାଇଥିଲା। ବଡ଼ଗାଁ ବ୍ଲକ ଅଞ୍ଚଳରେ ଏହି ମିଶନର ପରିଚାଳନା ଓ କାର୍ଯକାରୀ କରିବା ଦାୟିତ୍ୱ ନେଇଥିବା ସାମାଜିକ ସେବା ସଦନର ନିର୍ଦ୍ଦେଶକ ଏମାନୁଏଲ ପଥିଲ, ସମ୍ପାଦକ ବେରୋନିକା ଡଙ୍ଗଡୁଙ୍ଗ, ବ୍ଲକ୍ ସଂଯୋଜକ ଜନ ତିର୍କୀଙ୍କ ସହ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବୈଠକରେ ଉପସ୍ଥିତ ଅତିଥି।

# ଜୁନ୍‌ରେ ଜଳୁଛି ଜୀବନ

## ପ୍ରଚଣ୍ଡ ଗ୍ରୀଷ୍ମରେ ବଲାଙ୍ଗୀର ପାଲଟିଛି ତତଲା କଡ଼େଇ

■ ଦିନ ୯ଟାରୁ ଘରୁ ବାହାରିବାକୁ ଡରୁଛନ୍ତି ଲୋକେ

■ ଟାଣ ଖରା ଯୋଗୁ ପଶୁପକ୍ଷୀଙ୍କ ଦେଖା ମିଳୁନି

ବଲାଙ୍ଗୀର, ୧୬।୬ (ବୀରେନ୍ଦ୍ର କୁମାର ଝାଙ୍କର)

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ବଲାଙ୍ଗୀର ଜିଲାବାସୀଙ୍କୁ ଉହକବିକଳ କରିଦେଉଛି। ସକାଳ ପ୍ରାୟ ୯ଟାରୁ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ଜୁନ୍ ମାସରେ ବଲାଙ୍ଗୀରର ଜନଜୀବନ ଯେଭଳି ଜଳି ଯାଉଛି। ସହରରେ ଅଘୋଷିତ କର୍ଫ୍ୟୁ ସ୍ଥିତି ସୃଷ୍ଟି ହୋଇଛି। ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି। ଦିନ ୧୧ଟା ପରେ ରାସ୍ତାଘାଟ ଶୁନ୍‌ଶାନ୍ ହୋଇପଡୁଛି। ଶୁକ୍ରବାର ବଲାଙ୍ଗୀର ତାପମାତ୍ରା ୪୫ ଡିଗ୍ରୀ ଉପରେ ରହିଥିବା କୁହାଯାଉଛି। ତେବେ ଜନସାଧାରଣ ଖରାର ପ୍ରକୋପକୁ ଅନୁଭବ କରି ଏହା ଢ଼େର ଅଧିକ ଥିବ ବୋଲି କହୁଛନ୍ତି। ଲଗାତାର ତାପମାତ୍ରା ବୃଦ୍ଧି ଲୋକଙ୍କୁ ମହାଅଡୁଆରେ ପକାଇଛି। ବର୍ଷାର ଶିତଳ ସ୍ପର୍ଶ ପାଇବାକୁ ସମସ୍ତେ ଯେପରି ଅପେକ୍ଷାରତ ଅଛନ୍ତି। ହେଲେ ବର୍ଷାର ଦେଖାନାହିଁ। ଜୁନ୍ ୧୬ ତାରିଖ ହୋଇଯାଇଥିଲେ ମଧ୍ୟ ମୌସୁମୀର ଦେଖାନାହିଁ। ମୌସୁମୀ ବିଳମ୍ବ ହେବ ବୋଲି କୁହାଯାଉଛି। ବଲାଙ୍ଗୀର ସହରବାସୀ ଖରାରେ ଆଉଟୁ ପାଉଟୁ ହୋଇପଡିଲେଣି।



ବଲାଙ୍ଗୀର ସହର ଟିକ୍ରାପଡା-ତେଲିଗୋଠପଡା ରାସ୍ତା ସମ୍ପୂର୍ଣ୍ଣ ଜନଶୂନ୍ୟ ହୋଇପଡିଛି।

ଦିନବେଳେ ପ୍ରଚଣ୍ଡ ଖରା ସାଙ୍ଗକୁ ଗୁଲୁଗୁଳି ହେଉଛି। ଏହା ଲୋକଙ୍କୁ ଅଧିକ କଷ୍ଟ ଦେଉଛି। ସନ୍ଧ୍ୟା ସାଢ଼େ ୭ଟା ପର୍ଯ୍ୟନ୍ତ ତତଲା ପବନ ମୁହଁ ପୋଡି ପକାଉଛି। ଦିନବେଳେ ଲୋକେ ଘରୁ ବାହାରୁ ନ ଥିବାରୁ ସନ୍ଧ୍ୟାରେ ସହରର ବିଭିନ୍ନ ଛକରେ ଲୋକଙ୍କ ଭିଡ ଜମୁଛି। ସମସ୍ତଙ୍କ ମୁହଁରେ ଖରାର ପ୍ରକୋପ ଏବଂ ଘର ଭିତର କଷ୍ଟକର ଜୀବନ କାହାଣୀ ଆଲୋଚନାର ବିଷୟ ହୋଇଛି। ଦିନ ୯ଟାରୁ ଡେଲିମାର୍କେଟ ଶୁନଶାନ୍ ହୋଇପଡୁଛି। ପନିପରିବା ବିକ୍ରେତାମାନେ ବହୁ କଷ୍ଟରେ ରାସ୍ତା କଡରେ ବସୁଛନ୍ତି। ଲୋକେ ଘରୁ ବାହାରୁ ନ ଥିବାରୁ କମ୍ ପନିପରିବା ସାମଗ୍ରୀ ଆଣି ଶୀଘ୍ର ବିକ୍ରି କରି ଘରକୁ ଫେରିବାକୁ ଚେଷ୍ଟା କରୁଛନ୍ତି। ତେବେ ଅନେକ ବେପାରୀ ଖରା ଯୋଗୁ ଗାଁରୁ ସହରକୁ ଆସୁ ନ ଥିବା ଦେଖାଯାଉଛି। ସହରରେ ଦିନ ମଜୁରିଆ, ନିର୍ମାଣ ଶ୍ରମିକମାନେ ଟାଣ ଖରା ଯୋଗୁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମଇ ମାସ ପ୍ରାରମ୍ଭରୁ ଖରା ଟାଣ ହୋଇଛି। ଜୁନ୍ ମାସର ଖରା ଲୋକଙ୍କୁ ବିଚଳିତ କରିଦେଇଛି। ବଲାଙ୍ଗୀର ସହରରେ ଜଳଛତ୍ର ଠିକ୍ ଭାବେ ପରିଚାଳିତ ହେଉ ନ ଥିବାରୁ ଜନସାଧାରଣରେ ଘୋର ଅସନ୍ତୋଷ ବୃଦ୍ଧି ପାଇଛି। ଜଳଛତ୍ର କାଉଣ୍ଟର ଖୋଲି ଦିଆଯାଇଛି ହେଲେ ସେଠାରେ ପାଣି ଦେବାକୁ କେହିନାହିଁ। ଏନେଇ ଗଣମାଧ୍ୟମରେ ଖବର ପରିବେଷଣ ହେଲେ ଦିନେ ଦୁଇଦିନ ଜଳଛତ୍ର ଖୋଲି ଦେଇ ପାଣି ବଣ୍ଟନ କରିବା ପରେ ପୁଣି ବନ୍ଦ କରିଦେଉଥିବା ଅଭିଯୋଗ ହେଉଛି। ଏଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ଜୁନ୍ ମାସର ତାପମାତ୍ରା ବୃଦ୍ଧି ଆଉ କିଛିଦିନ ଜାରି ରହିବ ବୋଲି କୁହାଯାଉଛି। ନିକଟରେ ବର୍ଷାର କୌଣସି ପୂର୍ବାନୁମାନ କରାଯାଇ ନ ଥିବାରୁ ଜନସାଧାରଣ ଖରାକୁ ନେଇ ଅଡୁଆ ସ୍ଥିତିରେ ପଡିଛନ୍ତି। ମଣିଷମାନଙ୍କ ସହ ପଶୁପକ୍ଷୀ ମଧ୍ୟ ଜଳଯନ୍ତ୍ରଣା ଏବଂ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରକୋପରେ ଆଉଟୁ ପାଉଟୁ ହେଉଛନ୍ତି। ଖରାର ପ୍ରକୋପ ଯୋଗୁ ପଶୁପକ୍ଷୀଙ୍କ ମଧ୍ୟ ଦେଖା ମିଳୁନାହିଁ। ପକ୍ଷୀମାନେ ଉଡୁ ନାହାନ୍ତି କି ବୁଲା ଗାଈଗୋରୁ ଏବଂ କୁକୁରଙ୍କ ମଧ୍ୟ ଦେଖାଯାଉନାହାନ୍ତି। ପଶୁ ପକ୍ଷୀଙ୍କ ପାଇଁ ପାଣି ସମସ୍ୟା ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ଜିଲାର ସମସ୍ତ ଗାଁ ଓ ସହର ଖରା ଯୋଗୁଁ ଯେଭଳି ଜଳି ଯାଉଛି। ଜୁନ୍ ମାସର ଏଭଳି ପ୍ରଚଣ୍ଡ ଖରା ଏବଂ ଏହାର ପ୍ରକୋପକୁ ନେଇ ଜିଲା ଜରୁରୀକାଳୀନ ଅଧିକାରୀ ଶୁଭସ୍ମିତା ମିଶ୍ରଙ୍କୁ ପଚରାଯିବାରୁ ରାଜ୍ୟ ସରକାର ଜାରି କରିଥିବା ଗ୍ରୀଷ୍ମ ଗାଇଡଲାଇନ୍ ପାଳନ କରିବାକୁ କହିଛନ୍ତି। ଗ୍ରୀଷ୍ମ ପ୍ରଭାବ ଜାରି ରହିଥିବାରୁ ଲୋକେ ଏଦିଗରେ ସଚେତନ ହେବାକୁ କହିଛନ୍ତି। ଜଳଛତ୍ର ପରିଚାଳନା ବିଷୟରେ ସମ୍ପୃକ୍ତ ଏସ୍ଏଚ୍‌ଜି ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି।

## ସଂକ୍ଷେପରେ

### ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

କର୍ଲାମୁଣ୍ଡା,୧୬।୬(ପ୍ରଦୀପ ସାହୁ): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଭାଗୃହଠାରେ ଶୁକ୍ରବାର ନୂତନ ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ୍ୟା କୁନି ସାହୁ, ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ବିଡିଓ ସୂଚରିତା ମୁଗ୍ରୀ ପ୍ରମୁଖ ଯୋଗଦେଇଥିଲେ। ମଧୁବାବୁ ପେନସନ ଯୋଜନାର ଗଜବାହାଲ, ପୌରକେଲା, ରିଷିଡା, କର୍ଲାମୁଣ୍ଡା, ତେରେସିଙ୍ଗା, ସଁ.ମାଲପଡା, ରିଞ୍ଜା, ରାଜପୁର ପଞ୍ଚାୟତର ୧୪୦ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି। କର୍ଲାମୁଣ୍ଡା ପଞ୍ଚାୟତ ସମିତି ପତ୍ର ସଂଖ୍ୟା ୧୫୧୨ ତାରିଖ ୧୩/୬/୨୦୨୩ରେ ଗଜବାହାଲ, ରିଷିଡା, ପୌରକେଲା ପଞ୍ଚାୟତ ହିତାଧିକାରୀଙ୍କୁ ରିଷିଡା ପଞ୍ଚାୟତରେ, କର୍ଲାମୁଣ୍ଡା, ରାଜପୁର, ତେରେସିଙ୍ଗା, ରିଞ୍ଜା, ସଁ.ମାଲପଡା ପଞ୍ଚାୟତ ହିତାଧିକାରୀଙ୍କୁ ବ୍ଲକ କାର୍ଯ୍ୟାଳୟରେ ଓ ଜୋରାଡବରା, ବୋରାପଦର, ସପଲହରା, ରେଗଡା ପଞ୍ଚାୟତ ହିତାଧିକାରୀଙ୍କୁ ଶନିବାର ଜୋରାଡବରା ପଞ୍ଚାୟତଠାରେ ପେନସନ ବଣ୍ଟନ କରାଯିବାକୁ ସମିତି ପକ୍ଷରୁ ଚିଠି ହୋଇଥିଲେ ହେଁ ପ୍ରବଳ ଗରମରେ ଶୁକ୍ରବାର ୮ଟି ପଞ୍ଚାୟତ ହିତାଧିକାରୀଙ୍କୁ ବ୍ଲକରେ ପେନସନ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଏସେଏସଓ ସସ୍ମିତା ପଟେଲ ଆୟୋଜନ କରିଥିଲ।

### ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଖଡ଼ିଆଲ,୧୬।୬ (ସୁଜିତ୍ ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ନୂତନ ପେନସନ ଯୋଜନା ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ପୂର୍ବତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦନାଥ ପତିଙ୍କୁ ଖଡ଼ିଆଲସ୍ଥିତ ଶିକ୍ଷକ ଭବନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସଭାରେ ଅବସରପ୍ରାପ୍ତ ଶିକ୍ଷକ ସତୀଶ ପଟ୍ଟନାୟକ, ଗୌତମ ପ୍ରସାଦ ମୁଣ୍ଡ, ପୂର୍ଣ୍ଣଚନ୍ଦ୍ର ସାହୁ ଅତିଥି ଭାବେ ଯୋଗଦେଇଥିଲେ। ବ୍ଲକ ସଭାପତି ସିଲୁ ମହାନନ୍ଦ ସଭାପତିତ୍ୱ କରିଥିବା ବେଳେ ଜିଲା ସଭାପତି ଅଶୋକ କୁମାର ବାରିକ, ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ବରିଷ୍ଠ ପରାମର୍ଶଦାତା ତଥା ପୂର୍ବତନ ବ୍ଲକ ସଭାପତି ଗଣେଶ ଚନ୍ଦ୍ର ଦୁବେ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟଦେବ ପଣ୍ଡା ଯୋଗଦାନ କରିଥିଲେ। ଶିକ୍ଷକ କ୍ଷୀରୋଦ କୁମାର ଗହୀର ଅତିଥି ପରିଚୟ ପ୍ରଦାନ ଏବଂ ଶିକ୍ଷୟିତ୍ରୀ ଐଶ୍ୱର୍ଯ୍ୟ ବେହେରା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସଂଘ ପକ୍ଷରୁ ପତିଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇଥିଲା। ସମାରୋହରେ ଶିକ୍ଷକ ପ୍ରକାଶ କୁମାର ଠାକୁର, ଲକ୍ଷ୍ମୀ ନାରାୟଣ ସାହୁ, ପ୍ରଫୁଲ୍ଲ କୁମାର ବେହେରା, କ୍ଷେତ୍ରବାସୀ ବାରିକ, ହେମନ୍ତ କୁମାର ସେଠୀ, ଉମାଶଙ୍କର ତାଣ୍ଡି ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଶିକ୍ଷକ ରଜନୀକାନ୍ତ ଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ।

## କଫ ସିରପ୍ ଜବତ, ଜଣେ କୋର୍ଟ ଚାଲାଣ

ଖପ୍ରାଖୋଲ, ୧୬।୬ (ଅଭୟ କୁମାର ତ୍ରିପାଠୀ)

ଖପ୍ରାଖୋଲ ଥାନା ପୋଲିସ ଚଢାଉ କରି ବେଆଇନ କଫ ସିରଫ କାରବାର କରୁଥିବା ଅଭିଯୋଗରେ ଜଣକୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ପଡ଼ିଆବାହାଲ ପଞ୍ଚାୟତ ପାଚେର ଗାଁର ଅନିଲ ନିଆଲ (୨୫) ବୋଲି ଜଣାଯାଇଛି। ସୂଚନା ଅନୁସାରେ ଖପ୍ରାଖୋଲ ପୋଲିସ ଗୁରୁବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ଅନିଲ ନିଆଲକୁ ପଚରା ଉଚରା କରିଥିଲା। ତାଙ୍କଠାରୁ ପୋଲିସ ୧୭ ବୋତଲ କଫ ସିରଫ ଜବତ କରିଥିବା ସୂଚନା ଦେଇଛି। ଏନେଇ ଖପ୍ରାଖୋଲ ଥାନାରେ ଏକ ମାମଲା (ନଂ.୯୩/୨୩) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ ସୂଚନା ଦେଇଛନ୍ତି।

## ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ, ଶିଳାନ୍ୟାସ



ବିଧାୟକ ନରସିଂହ ମିଶ୍ର ତୁଲଣ୍ଡି ଗାଁରେ ମଣ୍ଡପ ନିର୍ମାଣ ପାଇଁ ଶିଳାନ୍ୟାସ କରୁଛନ୍ତି।

ବଲାଙ୍ଗୀର, ୧୬।୬ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ମିର୍ଦ୍ଧାପାଲି ଗ୍ରାମ ପଞ୍ଚାୟତର ତୁଲଣ୍ଡି ଠାରେ ଶୁକ୍ରବାର ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ବିଧାୟକ ପାଣ୍ଠିରୁ ପ୍ରଦତ୍ତ ୭ ଲକ୍ଷ ଟଙ୍କାରେ ନିର୍ମିତ ହେବାକୁ ଥିବା ତୁଲଣ୍ଡି ଆରଡି ରୋଡରୁ ଚକ୍ରମୁଡା ରାସ୍ତାର ଶିଳାନ୍ୟାସ କରିଛନ୍ତି ବିଧାୟକ ମିଶ୍ର। ବିଧାୟକ ପାଣ୍ଠିରୁ ୧ ଲକ୍ଷ ଟଙ୍କାର ଅନୁଦାନର ନିର୍ମିତ ହେବାକୁ ଥିବା ସ୍କୁଲ ଗେଟ୍ ଏବଂ ୩ ଲକ୍ଷ ଟଙ୍କା ଅନୁଦାନରେ ନିର୍ମିତ ହେବାକୁ ଥିବା ମଣ୍ଡପର ଭିତ୍ତିପ୍ରସ୍ତର ହରିଜନପଡାଠାରେ ସ୍ଥାପନ କରିଥିଲେ। ରାମଜୀ ଯୁବକ ସଂଘର ଏକ କୋଠାକୁ ଉଦ୍‌ଘାଟନ କରିଥିଲେ ବିଧାୟକ ମିଶ୍ର । ପରେ ରାମଜୀ ମଣ୍ଡପ ଠାରେ ବିଧାୟକ ମିଶ୍ର ଗାଁ ଲୋକଙ୍କ ଠାରୁ ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣିଥିଲେ । ସେଠାରେ ସେ ଗାଁର ୧୩ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଗୁହାଳ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ । ଗାଁର ତରଣୀସେନ ଚିରଗୁନ, ଗଜିନ୍ଦ୍ର ବଘାର, ସୁରେନ୍ଦ୍ର ବଘାର, ବିଭୁଦେନ୍ଦ୍ର ମିଶ୍ର, ସୂର୍ଯ୍ୟମୋହନ ମିଶ୍ର, ନିର୍ମଳ ଚନ୍ଦ୍ର ମିଶ୍ର, କ୍ଷେତ୍ରବାସୀ ମିଶ୍ର, ବେଲାର ମିଶ୍ର, ଅବସ୍ତି ବଗର୍ତ୍ତି, ଦାମୋଦର ମିଶ୍ର, ଗୋପାଳ ଚନ୍ଦ୍ର ମିଶ୍ର ଏବଂ ସୁଜ୍ଞାନେନ୍ଦ୍ର ମିଶ୍ରଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିବା ଜଣାପଡିଛି। କାର୍ଯ୍ୟାଦେଶ ବଣ୍ଟନ ସମୟରେ ସଦର ଏବିଡିଓ ରାମଦତ୍ତ ଭୋଇ, ଇଂ. ବୃଷବ ହୋତା, ପିଇଓ କୃଷ୍ଣଚନ୍ଦ୍ର ବେହେରା, ଗ୍ରାମ ରୋଜଗାର ସେବକ ମନୋଜ କ୍ଷେତୀ, ସରପଞ୍ଚ ପିଙ୍କୁ ପଟେଲ ଏବଂ ସ୍କୁଲ ପ୍ରଧାନ ଶିକ୍ଷକ ହରେକୃଷ୍ଣ ପ୍ରଧାନ ଉପସ୍ଥିତ ଥିଲେ। ଗାଁ ଲୋକେ ଗାଁରେ ପିଇବା ପାଣି ସମସ୍ୟାକୁ ନେଇ ସେମାନଙ୍କ ଅଭିଯୋଗ ବିଧାୟକଙ୍କୁ ଜଣାଇଥିଲେ। ପିଇବା ପାଣି ସମସ୍ୟା ଥିଲେ ହେଁ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ କିଛି ଶୁଣୁ ନ ଥିବା ଅଭିଯୋଗ କରିଥିଲେ। ଉପସ୍ଥିତ ଥିବା ଆରଡବ୍ଲ୍ୟୁଏସ୍ଏସ୍ ଯନ୍ତ୍ରୀଙ୍କୁ ବିଧାୟକ ଗାଁ ଲୋକଙ୍କ ସମସ୍ୟା ଶୀଘ୍ର ଦୂର କରିବାକୁ କହିଥିଲେ। ଗାଁରେ ଚାଲିଥିବା ଅନ୍ୟାନ ପ୍ରକଳ୍ପକୁ ବିଧାୟକ ପରିଦର୍ଶନ କରିଥିଲେ।

### ୧୩ ହିତାଧିକାରୀଙ୍କୁ ଗୁହାଳ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ

## ଜଙ୍ଗଲ ପାଖରେ ଝୁଲନ୍ତା ମୃତଦେହ ଜବତ

ଖପ୍ରାଖୋଲ, ୧୬।୬ (ଅଭୟ କୁମାର ତ୍ରିପାଠୀ)

ଖପ୍ରାଖୋଲ ଥାନା ହରିଶଙ୍କର ଫାଣ୍ଡି ଅଧୀନ କୁଠୁର୍ଲା ଗାଁ ଜଙ୍ଗଲ ପାଖରେ ଏକ ନିମ୍ବ ଗଛରେ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଶୁକ୍ରବାର ପୋଲିସ ଜବତ କରିଛି। ମୃତ ବ୍ୟକ୍ତି ଜଣକ ବାଘଝରନ ଗାଁର ଉସ୍ତ ବାଗ (୪୮) ବୋଲି ଜଣାଯାଇଛି। ସୂଚନା ଅନୁସାରେ ମୃତ ବ୍ୟକ୍ତି ବେଲପଡ଼ା ବ୍ଲକ ଗୋଡଭଙ୍ଗା ଗାଁର ମୂଳ ବାସିନ୍ଦା ହୋଇଥିବାବେଳେ ୨୦ ବର୍ଷ ହେବ ନିଜ ପରିବାର ମହରାପଦର୍ ପଞ୍ଚାୟତ ବାଘଝରନ ଗାଁରେ ରହି ଆସୁଥିଲେ। କିଛିଦିନ ହେଲା ଦାଦନରୁ ପରିବାର ଫେରିଥିଲେ। ହେଲେ ଗତ ୧୪ ତାରିଖରୁ ଘରୁ କୁଆଡେ ଚାଲି ଯାଇଥିଲେ। କୌଣସି ସମ୍ପର୍କୀୟ ଘରକୁ ଯାଇଥିବେ ଭାବି ପରିବାର ତରଫରୁ କୌଣସି ଅଭିଯୋଗ ଥାନାରେ କରି ନ ଥିଲେ। ଶୁକ୍ରବାର ସକାଳେ କୁଠୁର୍ଲା ଗାଁ ଜଙ୍ଗଲ ପାଖରେ ଏକ ମୃତଦେହ ଝୁଲୁଥିବା ଜାଣି ପରିବାର ତରଫରୁ ଘଟଣା ସ୍ଥଳକୁ ଯାଇ ଚିହ୍ନି ଏ ନେଇ ଖପ୍ରାଖୋଲ ଥାନାରେ ମୃତକଙ୍କ ଭାଇ ଲିଖିତ ଜଣାଇଥିଲେ। ଖପ୍ରାଖୋଲ ଥାନା ପୋଲିସ ଘଟଣା ସ୍ଥଳକୁ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ଖପ୍ରାଖୋଲ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୭/୨୩) ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଥିବା ହରିଶଙ୍କର ଫାଣ୍ଡି ଅଧିକାରୀ ସେବନ କେରକେଟା ପ୍ରକାଶ କରିଛନ୍ତି।

## ଲୋକକଳା ସଙ୍ଗମ- ୨୦୨୩ ଉଦ୍‌ଘାଟିତ

ଲୋଇସିଂହା,୧୬।୬(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ସୁରସଙ୍ଗମ ନାଟ୍ୟମଣ୍ଡପଠାରେ ତ୍ରିଦିବସୀୟ ଲୋକକଳା ସଙ୍ଗମ-୨୦୨୩ ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାବାଚସ୍ପତି ପଦ୍ମଶ୍ରୀ ଶ୍ରୀନିବାସ ଉଦଗାତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ଆମର ମିତ୍ର, କେହି ଶତ୍ରୁ ନୁହେଁ। ଏହି ମନୋଭାବ ନେଇ ସମାଜ ଗଢି ତୋଳିବା କଥା ବୋଲି ପରାମର୍ଶ ଦେଇଥିଲେ। ଉତ୍ସବରେ ଅନୁଷ୍ଠାନର ଅଧକ୍ଷ ନିହାରରଞ୍ଜନ ବେହେରା ଅଧକ୍ଷତା କରିଥିଲେ। ବିଦ୍ୟାବାଚସ୍ପତି ପଦ୍ମଶ୍ରୀ ଉଦଗାତା ମୁଖ୍ୟ ଅତିଥି, ଡ.ଗୁରୁଶ୍ରୀ ଘାସିରାମ ମିଶ୍ର, ନାଟ୍ୟଶ୍ରୀ ଜଗଦାନନ୍ଦ ଛୁରୀଆ, ଜିଲା ସଂସ୍କୃତି ଅଧିକାରୀ ରଶ୍ମୀରଞ୍ଜନ ମିଶ୍ର, ବୁଢୀପଦର ସରପଞ୍ଚ ଲକ୍ଷ୍ମୀ ପଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ଡ.ଗୁରୁଶ୍ରୀ ଘାସିରାମ ମିଶ୍ର କହିଥିଲେ ଯେ,ବର୍ତ୍ତମାନ ଲୋକକଳା ପ୍ରକୃତ ପରିଚୟ ହରାଇଛି। ଆଧୁନିକତାକୁ ଅନୁସରଣ ବିପଦ ଜନକ । ଲୋକକଳାର ସ୍ୱତନ୍ତ୍ରତା ରହିଛି। ଲୋକକଳାର ପ୍ରକୃତ ଉପସ୍ଥାପନା କରିବାକୁ କଳାକାରଙ୍କୁ ପରାମର୍ଶ ଦେଇଥିଲେ। ଗ୍ରାମାଞ୍ଚଳର ଅନୁଷ୍ଠାନ ଗୁଡିକ ଲୋକକଳା ବଞ୍ଚାଇ ରଖିଥିବା ଉଦ୍ୟମକୁ ପ୍ରଶଂସା କରିଥିଲେ ନାଟ୍ୟଶ୍ରୀ ଛୁରୀଆ। ସାଂସ୍କୃତିକ ଅନୁଷ୍ଠାନ ଗୁଡିକ ବ୍ୟବସାୟୀକ କରଣ ନ କରି କଳାକାରମାନଙ୍କୁ ସ୍ୱୀକୃତି ପ୍ରଦାନ କରନ୍ତୁ ବୋଲି ସେ କହିଥିଲେ। ଏହି ଅବସରରେ ଅନୁଷ୍ଠାନ ତରଫରୁ ଚଳିତ ବର୍ଷ ନସୁରୁଲାଲ ନାଟ୍ୟ ସମ୍ମାନ ଡା. ରୁଦ୍ର ନାରାୟଣ ପଟେଲ, କଳା ସମ୍ମାନ ଲୀଳା ନାଟ୍ୟଗୁରୁ ବାଳମୁକୁନ୍ଦ ବେହେରା,ସାହିତ୍ୟ ସମ୍ମାନ କବି ମଧୁସୁଦନ ନାଏକ, ଶ୍ରୁତି ସମ୍ମାନ ଅହଲ୍ୟା ମଲ୍ଲିକଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ସାମନ୍ତ ରଘୁନାଥ ପ୍ରସାଦ ବହିଦାର ଗୁରୁ ଗୌରବ ସମ୍ମାନ ଶିକ୍ଷକ ଦିଗାମ୍ବର ନାଏକ ,ସଙ୍ଗମ ଯୁବ କଳାକାର ଡା .ଯଶୋବନ୍ତ ପାଢିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ସଭାକାର୍ଯ୍ୟକୁ ସରୋଜ ବିଶ୍ୱାଳ ସଂଯୋଜନା କରିଥିଲେ। ସଭାପତି ନିସାର ଅହମ୍ମଦ ନିସାର ଧନ୍ୟବାଦ ଅର୍ପଣ କରିଥିଲେ। ସଭା କାର୍ଯ୍ୟ ପରେ ବାଦିବାହାଲ କରମସାନି ଓ କୁଟେନପାଲିର ଦଣ୍ଡନୃତ୍ୟ ପରିବେଷଣ କରାଯାଇଥିଲା।



ଗୁରୁଶ୍ରୀ ଘାସିରାମ ମିଶ୍ର ବକ୍ତବ୍ୟ ରଖୁଛନ୍ତି।

## ପାନୀୟ ଜଳ ପାଇଁ ରୋଷର ଶିକାର ହେଲେ ପୌରାଧ୍ୟକ୍ଷା

ଟିଟିଲାଗଡ଼, ୧୬।୬ (ଶରତ ମିଶ୍ର)

ଟିଟିଲାଗଡ ସହରରେ ପାରଦ ଊର୍ଦ୍ଧ୍ୱଗାମୀ ହୋଇ ରହିଥିବାବେଳେ ପାନୀୟ ଜଳ ସଙ୍କଟ ପାଇଁ ଲୋକଙ୍କ ଆକ୍ରୋଶ ବୃଦ୍ଧି ପାଇଛି। ଏନେଇ ଶୁକ୍ରବାର ପୌରାଧ୍ୟକ୍ଷା ମମତା ଜୈନ ଲୋକଙ୍କ ଆକ୍ରୋଶର ସମ୍ମୁଖୀନ ହେବା ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁସାରେ ମୁକ୍ତା ଯୋଜନାର ଏକ ଆଭାସୀ ବୈଠକରେ ଯୋଗ ଦେବାକୁ ପୌରାଧ୍ୟକ୍ଷା ଜୈନ ବ୍ଲକ କାର୍ଯ୍ୟାଳୟର ସଭା ଗୃହରେ ଉପସ୍ଥିତ ଥିଲେ। ତେବେ ସହରର ୧୧ ନମ୍ବର ୱାର୍ଡକୁ ଦୀର୍ଘ ଦିନ ହେଲା ପାନୀୟ ଜଳ ଯୋଗାଣ ହେଉ ନ ଥିବା ନେଇ ସ୍ଥାନୀୟ ଲୋକେ ପୌରାଧ୍ୟକ୍ଷାଙ୍କ ଉପସ୍ଥିତି ସମ୍ପର୍କରେ ଜାଣି ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ପୌରାଧ୍ୟକ୍ଷାଙ୍କ ସହ ପ୍ରବଳ ପାଟିତୁଣ୍ଡ ହୋଇଥିବା ଦେଖାଯାଇଥିଲା। ଆମେ ଭୋଟ ଦେଇଛୁ, ପାନୀୟ ଜଳ ସମସ୍ୟା ନେଇ କାହିଁକି ନିରବ ରହିଛନ୍ତି ବୋଲି ଗୁଡାଇ ତୁଡାଇ ପ୍ରଶ୍ନ କରିଥିଲେ। କିଛି ଲୋକ ଏନେଇ ରାଗରେ ପୌରାଧ୍ୟକ୍ଷାଙ୍କୁ କଡା ଭାଷା କହିଥିବା ଜଣାଯାଇଛି। ଏନେଇ ପୌରାଧ୍ୟକ୍ଷା ଉତକ୍ଷିପ୍ତ ହୋଇ ମନ୍ତ୍ରୀଙ୍କୁ କାହିଁକି କହୁ ନ ବୋଲି କହୁଥିବା ଦେଖାଯାଇଥିଲା। ପରେ ଏସମ୍ପର୍କରେ ଖବର ପାଇ ବଲାଙ୍ଗିର ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ ଇନ୍ଦ୍ରଜିତ ସାହୁ, ଟିଟିଲାଗଡ ସହକାରୀ ନିର୍ବାହୀ ଯନ୍ତ୍ରୀ ମିହିରକାନ୍ତ ମହାନ୍ତି ଉକ୍ତ ଅଞ୍ଚଳକୁ ଯାଇ ଲୋକଙ୍କ ସହ ଆଲୋଚନା କରିଥିଲେ। ଏନେଇ ସହକାରୀ ନିର୍ବାହୀ ଯନ୍ତ୍ରୀ ମହାନ୍ତିଙ୍କୁ ପଚାରିବାରୁ ଗତ ୧୨ ତାରିଖରେ ପରଠାରୁ ପଡାକୁ ପାନୀୟ ଜଳ ଯୋଗାଣ ହୋଇ ନ ଥିବା ସ୍ୱୀକାର କରିଛନ୍ତି। ବିଦ୍ୟୁତ କାଟ ଯୋଗୁ ଏଭଳି ସମସ୍ୟା ହେଉଛି। ତେବେ ଶୁକ୍ରବାର ଟ୍ୟାଙ୍କର ଯୋଗେ ସନ୍ଧ୍ୟା ୫ଟାରେ ପଡାକୁ ପାଇପ ଯୋଗେ ପାନୀୟ ଜଳ ଛଡା ଯାଇଥିବା ସେ କହିଛନ୍ତି। ଘଟଣା ନେଇ ପୌର ନିର୍ବାହୀ ଅଧିକାରୀ ବିପିନ ଦୀପ ମଧ୍ୟ ପଡାକୁ ପହଞ୍ଚି ସମସ୍ୟା ବୁଝିଥିବା ଜଣାଯାଇଛି। ଏସମ୍ପର୍କରେ ପୌରାଧ୍ୟକ୍ଷା ଜୈନଙ୍କୁ ପଚାରିବାରୁ ତାଙ୍କୁ ଏନେଇ କେହି ଅଭିଯୋଗ କରି ନ ଥିଲେ। କିଛି ଲୋକ ଜାଣିଶୁଣି ତାଙ୍କ ଉପରେ ବର୍ଷିଥିବା ସେ କହିଛନ୍ତି।



ପୌରାଧ୍ୟକ୍ଷା ମମତା ଜୈନ ଲୋକଙ୍କ ଆକ୍ରୋଶର ସମ୍ମୁଖୀନ ହୋଇଛନ୍ତି।

## ୭୬ ବର୍ଷ ହେଲା ଭଡ଼ାଘରେ ଚାଲିଛି ଉପଡାକଘର

ଲାଠୋର, ୧୬।୬(ଭୁବନେଶ୍ୱର ବାରିକ)

ବଲାଙ୍ଗିର ଜିଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ହରିଶଙ୍କର ରୋଡ଼ରେ ରହିଥିବା ଉପଡାକଘର ୭୬ବର୍ଷ ହେଲା ଭଡ଼ା ଘରେ ଚାଲିଛି। ଏଥିପ୍ରତି ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନାହିଁ। ଫଳରେ ଆଜି ଏଠି ତ କାଲି ପୁଣି ଅନ୍ୟ କେଉଁଠି ଡାକଘର ଚାଲିଛି। ଗତ ୧୯୪୭ ମସିହାରେ ହରିଶଙ୍କର ରୋଡରେ ଏକ ଶାଖା ଡାକଘର ଖୋଲା ଗଲା ଏବଂ ୪ ଜଣ କର୍ମଚାରୀଙ୍କୁ ନିଯୁକ୍ତି ଦେଇ ଗ୍ରାମ୍ୟ ସରକାରୀ ପ୍ରାଥମିକ ବିଦ୍ୟାଳୟର ଏକ ଛୋଟିଆ କୋଠରୀରେ କାମ ଆରମ୍ଭ କରାଗଲା। କାମ ଚାଲିବାର ୨୦ ବର୍ଷ ପରେ ୧୯୬୭ ମସିହାରେ ସଂପୃକ୍ତ ଶାଖା ଡାକଘର ଉପ ଡାକଘର ମାନ୍ୟତା ପାଇଲା। ମାନ୍ୟତା ପାଇବା ପରେ ଏହି ଡାକଘର ଅଧୀନରେ ଅଞ୍ଚଳର ମାଲପଡା, ବେନ୍ଦେର, ଫୁଲକିମୁଣ୍ଡା, ସୁନାମୁଦି, ଟଙ୍କପାଣି, ବଡ଼ ଉକଲା, ଘୁନେଶ, ଢୋଲମାନ୍ଦଲ ଏବଂ ମହୁଲପାଟି ଗ୍ରାମମାନଙ୍କୁ ସମୁଦାୟ ୯ ଗୋଟି ଶାଖା ଡାକଘର ଖୋଲି ସେଠାରେ ମଧ୍ୟ କର୍ମଚାରୀ ନିଯୁକ୍ତି ଦେଇ ଶତାଧିକ ଗ୍ରାମର ଅଧିବାସୀଙ୍କୁ ଡାକ ସେବା ଯୋଗାଇବା ବ୍ୟବସ୍ଥା କରାଗଲା। ଫଳରେ ଉପ ଡାକଘର କାମ ବଢିବା ହେତୁ ବିଦ୍ୟାଳୟରେ ଚାଲିଥିବା ଉପ ଡାକଘରକୁ ଜାଗା କୁଳାଇଲା ନାହିଁ। ବାଧହୋଇ ସେଠାରୁ ଡାକଘରକୁ ଗ୍ରାମର ସ୍ୱର୍ଗତ ତେଜୁରାମ ଅଗ୍ରୱାଲଙ୍କ ଭଡ଼ା ଘରକୁ ସ୍ଥାନାନ୍ତରଣ କରାଗଲା। ଧୀରେ ଧୀରେ ଲୋକ ଶିକ୍ଷିତ ହେଲେ ଡାକଘର ଉପରେ ଅଧିକ ଲୋକ ନିର୍ଭର କଲେ, କାମ ମଧ୍ୟ ବଢ଼ି ଚାଲିଲା। ହେଲେ ଡାକ ବିଭାଗ ନିଜସ୍ୱ ଘର ନିର୍ମାଣ କରିବା ପରିବର୍ତ୍ତେ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଉପ ଡାକଘରକୁ ସେଠାରୁ ପୁଣି ୧୯୮୭ ମସିହାରେ ଲାଠୋର ସେବା ସମବାୟ ସମିତି ସମ୍ମୁଖରେ ରହିଥିବା ଅବଧୂତ ନାଏକଙ୍କ ଭଡ଼ା ଘରକୁ ଡାକଘର ଉଠେଇ ନେଲେ। ସେଠାରେ ଦୀର୍ଘ ୨୬ ବର୍ଷ ଡାକଘର ଚାଲିବା ପରେ ଘର ମାଲିକ ଘର ଛାଡ଼ିବା ପାଇଁ କହିବାରୁ ଡାକଘର କର୍ତ୍ତୃପକ୍ଷ ଗତ ୨୫ ଫେବୃୟାରୀ ୨୦୧୩ ମସିହାରୁ ଆଜିଯାଏ ଲାଠୋର ପ୍ରାଣୀ ଚିକିତ୍ସା କେନ୍ଦ୍ର ସମ୍ମୁଖରେ ରହିଥିବା ବିଶ୍ୱନାଥ ଦତ୍ତଙ୍କ ଭଡ଼ା ଘରେ ୧୦ବର୍ଷ ହେବ ହରିଶଙ୍କର ରୋଡ ଉପଡାକଘର ଚାଲିଛି। ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷ ଡାକଘର ସ୍ଥାନ ପରିବର୍ତ୍ତନ କରୁଥିବା ହେତୁ ଏଠାରେ ସ୍ଥାୟୀ ଭାବେ ଡାକଘର ରହିବ ନା ପୁଣି କାଲି ଅନ୍ୟ କୌଣସି ସ୍ଥାନକୁ ପରିବର୍ତ୍ତନ ହେବ ସେନେଇ ଲୋକଙ୍କ ମନରେ ଆଶଙ୍କା ସୃଷ୍ଟି ହୋଇଛି। ୧୯୮୦ ମସିହାରେ ଅଞ୍ଚଳର ଜନସାଧାରଣ ଡାକଘର ନିର୍ମାଣ ସକାଶେ ସରକାରୀ ଜାଗା ପ୍ରଦାନ କରିବା ପାଇଁ ତତ୍କାଳୀନ ପାଟଣାଗଡ଼ ତହସିଲଦାରଙ୍କ ଠାରେ ଦାବି ଉପସ୍ଥାପନ କରିଥିଲେ ସୁଦ୍ଧା ଆଜିଯାଏ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଲାଠୋର ଗ୍ରାମର କିଛି ଲୋକ ପ୍ରକାଶ କରିଛନ୍ତି। ଦୀର୍ଘ ୭୬ ବର୍ଷ ମଧ୍ୟରେ ଡାକ ବିଭାଗ ଡାକଘର ଚଳାଇବା ପାଇଁ ଭଡ଼ା ଘରେ ଯେତିକି ଟଙ୍କା ବ୍ୟୟ କରିଛି ସେତିକି ଟଙ୍କାରେ ନିଜସ ଗୃହ ନିର୍ମାଣ ହୋଇପାରିଥାନ୍ତା। ଅଯଥାରେ ସରକାରୀ ପଇସା ଖର୍ଚ୍ଚ କରାଯାଉଛି ବୋଲି ବୁଦ୍ଧିଜୀବୀ ମହଲରୁ ମତ ପ୍ରକାଶ ପାଉଛି। ଦିନକୁ ଦିନ ଯୁଗ ପରିବର୍ତ୍ତନ ସହ ବିଭିନ୍ନ ପ୍ରକାର ଡିଜିଟାଲ ମାଧ୍ୟମ ବାହାରିଥିଲେ ମଧ୍ୟ ଆଜିବି ଡାକଘରେ ଲୋକଙ୍କ କାମ ପଡୁଛି। ଏନେଇ ପୋଷ୍ଟ ମାଷ୍ଟର ଆକାଶ କୁମାର ପାଣିଗ୍ରାହୀଙ୍କୁ ପଚାରିବାରେ ଯେଉଁଠି ସରକାରୀ ଗୃହ ନାହିଁ ସେଠାର ଭଡ଼ା ଘରେ ଡାକଘର ଚାଲିଛି। ବାକି କଥା ଉପରିସ୍ଥ ଅଧିକାରୀ କହି ପାରିବେ ବୋଲି କହିଥିଲେ। ତେବେ ଡାକ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।





ଭଡ଼ା ଘରେ ଚାଲିଛି ହରିଶଙ୍କର ରୋଡ ଉପଡାକଘର।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକ ମୃତ

**ଭେଡ଼େନ,୧୬।୬(ସୁଦନ ମହାକୁର):** ବରଗଡ଼ ଜିଲା ଭେଡ଼େନ ବ୍ଲକ ତାଲମେଣ୍ଡା ପଞ୍ଚାୟତ ଅନ୍ତର୍ଗତ ରଙ୍ଗାଟିକ୍ରା ଗ୍ରାମରେ ଶୁକ୍ରବାର ଆଜବେଷ୍ଟସ ଛାତ ସଜାଉଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ମନୋରଞ୍ଜନ ଯୁଆଡ଼ି (୨୮)। ସକାଳେ ମନୋରଞ୍ଜନ ଘର ଆଜବେର୍ଷ୍ଟସ ଛାତ ସଜାଉଥିବା ବେଳେ ଘର ଉପର ଦେଇ ଯାଇଥିବା ୩୩ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ତଳକୁ ଛିଟିକି ପଡ଼ିଥିଲେ। ଗ୍ରାମବାସୀ ଓ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୁର୍ଲା ଭିମ୍ସାରକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି।

### ମଦଭାଟିରେ ଚଢ଼ାଉ,ଜଣେ ଗିରଫ

**ପଦ୍ମପୁର, ୧୬।୬ (ପ୍ରଦୀପ୍ତ ଦାଶ):** ପଦ୍ମପୁର ଉପଖଣ୍ଡ ଗାଇସିଲେଟ ଥାନା ଅଧୀନ କନ୍ଦାଗାଡ଼ ଓ ନଟପୁର ଜଙ୍ଗଲରେ ଅବକାରୀ ବିଭାଗ ପକ୍ଷରୁ ବେଆଇନ ମଦଭାଟି ଉପରେ ଶୁକ୍ରବାର ଚଢ଼ାଉ କରାଯାଇ ଜଣଙ୍କୁ ଗିରଫ କରାଯାଇଛି। ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ହେଲେ କନ୍ଦାଗାଡର ଦିଳେଶ୍ୱର ଥପା। ତାଙ୍କଠାରୁ ୨୫ଲିଟର ମହୁଲ ମଦ ଜବତ ହୋଇଛି। ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଉକ୍ତ ମଦ ଭାଟିରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ବିଭିନ୍ନ ସ୍ଥାନରୁ ପ୍ରାୟ ୪୦୦୦ ଲିଟର ମହୁଲ ପୋଚ ଓ ୫୫୦ ଲିଟର ରନ୍ଧାମଦ ନଷ୍ଟ କରାଯାଇଥିଲା। ଅବକାରୀ ଏସ୍‌ପି ସୁବର୍ଣ୍ଣ ନାଏକଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ନିରୀକ୍ଷକ ରଶ୍ମିତା ଲାକ୍ରା, ପଦ୍ମପୁର ଅବକାରୀ ଥାନା ଅଧିକାରୀ ଏଚ୍ ଜଗାରାଓ, ସହକର୍ମୀ ଦେବେନ୍ଦ୍ର, ଧର୍ମେନ୍ଦ୍ର, ରମାକାନ୍ତ, ଆକାଶ ଚଢ଼ାଉରେ ସାମିଲ ଥିଲେ ।

### ନିଟ୍ ପରୀକ୍ଷାରେ ଅଲପିଙ୍କ ସଫଳତା

**ପଦ୍ମପୁର,୧୬।୬(ପ୍ରଦୀପ୍ତ ଦାଶ):** ବରଗଡ଼ ଜିଲା ପଦ୍ମପୁର ଅନ୍ତର୍ଗତ ଭେଡଁରିଆ ଗ୍ରାମର ଅଲପି ସାହୁ ସର୍ବଭାରତୀୟ ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ୭୨୦ ରୁ ୬୩୨ ନମ୍ବର ରଖି ସର୍ବ ଭାରତୀୟ ସ୍ତରରେ ୧୨୭୧୩ ର୍ୟାଙ୍କ ରଖିଛନ୍ତି। ତାଙ୍କ ପିତା ପ୍ରକାଶ ସାହୁ ଓ ମା' ବଲାଙ୍ଗୀର ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଶିକ୍ଷକ ଅଛନ୍ତି। ତାଙ୍କର ଏହି କୃତି ପାଇଁ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।



### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

**ବରପାଲି,୧୬।୬(ଚିତ୍ତରଞ୍ଜନ ସାହୁ):** ବରଗଡ଼ ଜିଲା ବରପାଲି ଥାନା ଅନ୍ତର୍ଗତ ଏକ ଗ୍ରାମରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଗୁରୁବାର ଅଭିଯୋଗ ହୋଇଛି। ଏ ନେଇ ପୀଡ଼ିତାଙ୍କ ମା' ବରପାଲି ଥାନାରେ ଏତଲା ଦେବା ପରେ ପୋଲିସ ଦଫା ୩୬୩, ୩୭୬ (୧)(୩) ଆଇପିସି ଏବଂ ପକ୍ସୋ ଆକ୍ଟରେ ଏକ ମାମଲା(ନଂ-୨୦୫/୨୩) ରୁଜୁ କରି ଘଟଣାର ତଦନ୍ତ କରୁଛି। ପ୍ରକାଶ ଯେ, ଗତ ୧୩ତାରିଖ ରାତିରେ ନାବାଳିକା ଜଣକ ଶୋଇଥିବାବେଳେ କୌଣସି ଦୁର୍ବୃତ୍ତ ଘରେ ପଶି ନାବାଳିକାଙ୍କୁ ଉଠାଇ ନେଇଥିଲେ। କିଛି ସମୟ ପରେ ନାବାଳିକା ଜଣକ ଘରକୁ ଫେରି ତାଙ୍କୁ କେହି ଦୁର୍ବୃତ୍ତ ଉଠାଇ ନେଇ ବଳାତ୍କାର କରିଥିବା ପରିବାର ଲୋକଙ୍କୁ କହିଥିଲେ।

### ସଟ୍ଟା ଧରପଗଡ଼, ୨ଗିରଫ

**ବରଗଡ଼,୧୬।୬(ପ୍ରେମାନନ୍ଦ ଖମାରୀ):** ବରଗଡ଼ ସଦର ଥାନା ପୋଲିସ ସଟ୍ଟା ଧରପଗଡ଼କୁ ଜୋରଦାର କରିଛି। ଏହି କାରବାରରେ ଗୁରୁବାର ଆଉ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ, ବରଗଡ଼ ସଦର ଥାନା ଶସ୍ତୁପାଲି ଗ୍ରାମର ଦୁଃଖିଶ୍ୟାମ ବଗର୍ତ୍ତୀ(୨୦) ଏବଂ ଅମ୍ବାପାଲିର ଶ୍ରୀକାନ୍ତ ମୁଗୁରୀ(୨୨) । ଦୁଃଖିଶ୍ୟାମଙ୍କଠାରୁ ୧୨ହଜାର ୫୫୦ ଟଙ୍କା ଏବଂ ଶ୍ରୀକାନ୍ତଙ୍କଠାରୁ ୩୧୫୦ ଟଙ୍କା ସମେତ ସଟ୍ଟା କାରବାରରେ ବ୍ୟବହୃତ କାଗଜାତ୍ ପୋଲିସ ଜବତ କରିଛି। ସଦର ଥାନା ଆଇଆଇସି ମାନସ କୁମାର ଭୋଇଙ୍କ ନେତୃତ୍ୱରେ ପୋଲିସ ଟିମ୍ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଥିଲା । ବୁଧବାର ୨ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା।

# ସୃଜନଶୀଳ ଶକ୍ତି ବୃଦ୍ଧି ପାଇଁ ପୁସ୍ତକ ପଠନ ଅପରିହାର୍ଯ୍ୟ

**ଆସ ଆମେ ପଢ଼ିବା କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହ**

ବରଗଡ଼,୧୬।୬(ପ୍ରେମାନନ୍ଦ ଖମାରୀ)

ଜ୍ଞାନ ଆହରଣରେ ପାଠାଗାରର ପ୍ରମୁଖ ଭୂମିକା ରହିଛି। ଛାତ୍ରୀଛାତ୍ରଙ୍କ ସୃଜନଶୀଳ ଶକ୍ତି ବୃଦ୍ଧି ପାଇଁ ପୁସ୍ତକ ପଠନ ଅପରିହାର୍ଯ୍ୟ। ପାଠାଗାର ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି। ଆବଶ୍ୟକ ପଡ଼ିଲେ ପୁସ୍ତକ ପଠନ ଆଗ୍ରହୀଙ୍କ ପାଇଁ ପାଠାଗାର ଭିତ୍ତିଭୂମି ଯୋଗାଇ ଦିଆଯିବ ବୋଲି ଶୁକ୍ରବାର ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ଆନୁକୂଲ୍ୟରେ ଚାଲିଥିବା ଗ୍ରୀଷ୍ମ ଅବକାଶକାଳୀନ ପାଠ୍ୟଦାନ କାର୍ଯ୍ୟକ୍ରମ ଆସ ଆମେ ପଢ଼ିବା ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଏହା କହିଛନ୍ତି। ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ପାଠାଗାର ସଭାପତି ମନୋରଞ୍ଜନ ମେହେରଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ କଣ୍ଠଶିଳ୍ପୀ ପ୍ରମୋଦ ଦାଶ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଜିଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ନବୀନ ସାବତ, ଜିଲା ରଜକ ସେବା ସମିତି ଅଧ୍ୟକ୍ଷ ଅର୍ଜୁନ ସେଟ୍, ମିଳିତ କଳାକାର ମଞ୍ଚର ସମ୍ପାଦକ ଡ. ଡୋଲାମଣି ଶତପଥୀ, ଶିକ୍ଷକ ସୁବାସ ସାହୁ, କମଳ ଲୋଚନ ପଟେଲ, ରାଜକୁମାର ବନଛୋର, ଚନ୍ଦ୍ରକାନ୍ତ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ମୀନା ପଣ୍ଡା, ଦିବ୍ୟକାନ୍ତୀ ଭୋଇ, ସାମାଜିକ କର୍ମୀ ସଂଘମିତ୍ରା ପଟେଲ, ବାସମତୀ ବନଛୋର, ପୁରନ୍ଦର ଭୋସାଗର, ପ୍ରୀତମ ସିଂ, ଦିବାକର ମାଝି, ଅଧ୍ୟାପକ ସୁରେଶ ବାରିକ, ପଞ୍ଚାନନ ବିର୍ତ୍ତିଆ, ସୁନିତା ମିଶ୍ର ପ୍ରମୁଖ ଉପସ୍ଥିତ ରହି ପାଠ୍ୟଦାନ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଦ୍ୱିତୀୟ ଅଧିବେଶନରେ ବରଗଡ଼ ବିଧାୟକ ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପୌର ପରିଷଦ ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ମିଳିତ କଳାକାର ମଞ୍ଚର ଅଧ୍ୟକ୍ଷ ଶଙ୍କର ପଟ୍ଟନାୟକ, ବରିଷ୍ଠ ସଦସ୍ୟ ଦୁଃଖିସେବକ ସାହୁ, ଡ.ଡୋଲାମଣି ଶତପଥୀ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ପାଠାଗାର ସମ୍ପାଦକ ଡ. ରବିନାରାୟଣ ସାହୁ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ସେହିପରି ନିଃସ୍ୱାର୍ଥପର ସେବା ପାଇଁ ୨୦ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରଜେଶ ବାରିକଙ୍କ ନିର୍ଦ୍ଦେଶନାରେ ଭାରତୀ କଳା ପରିଷଦ ଏବଂ ଅମ୍ବାପାଲିର ବୈଷ୍ଣବୀ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଲୋକନୃତ୍ୟ ପରିବେଷଣ କରାଯାଇଥିଲା । ବୈଷ୍ଣବୀ ବିର୍ତ୍ତିଆ ଏବଂ ବୈଷ୍ଣବୀ ପ୍ରଧାନ ଏକକ ନୃତ୍ୟ ପରିବେଷଣ କରିଥିଲେ ।



ଆସ ଆମେ ପଢ଼ିବା କାର୍ଯ୍ୟକ୍ରମର ଉଦଯାପନୀ ସମାରୋହରେ ଅତିଥିବୃନ୍ଦ ।

# ଗୋଡ଼ଭଗାରେ ଜନସୁରକ୍ଷା ଯୋଜନା ଅଭିଯାନ

ସରଣ୍ଡା,୧୬।୬(ଯୁଧିଷ୍ଠିର ମହାପାତ୍ର )

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଗୋଡ଼ଭଗା ୟୁକୋ ବ୍ୟାଙ୍କ ଆୟୋଜନରେ ସ୍ଥାନୀୟ ଭଗବତୀ କଲ୍ୟାଣ ମଣ୍ଡପରେ ଗ୍ରାମପଞ୍ଚାୟତ ସ୍ତରୀୟ ଜନସୁରକ୍ଷା ଯୋଜନା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୋଗେଶ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ଆଇଇଏସ୍‌ଡିଏଫ୍‌ଏସ୍ ଡାଇରେକ୍ଟର ସୁଷମା କିଣ୍ଡୋ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଏସ୍‌ଏଲ୍‌ବିସି ୟୁକୋ ବ୍ୟାଙ୍କ ଓଡ଼ିଶା ଲିଙ୍ଗରାଜ ନାୟକ, ସମ୍ବଲପୁର ଆଞ୍ଚଳିକ ମ୍ୟାନେଜର ରାଜେଶ କୁମାର ଓ ଗୋଡଭଗା ୟୁକୋ ବ୍ୟାଙ୍କ ମ୍ୟାନେଜର ଗୁରୁଚରଣ ହରପାଳ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଏବଂ ପ୍ରଧାନମନ୍ତ୍ରୀ ସୁରକ୍ଷା ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ୧୮ରୁ ୫୦ବର୍ଷ ମଧ୍ୟରେ ବର୍ଷକୁ ୪୩୬ଟଙ୍କା ପ୍ରିମିୟମ ଜମାକଲେ ୨ଲକ୍ଷ ଟଙ୍କାର ବୀମା ଏବଂ ୧୮ରୁ ୭୦ବର୍ଷ ମଧ୍ୟରେ ବର୍ଷକୁ ୨୦ଟଙ୍କାର ବୀମା ଜମାକଲେ ଦୁର୍ଘଟଣାଜନିତ ମୃତ୍ୟୁରେ ୨ଲକ୍ଷ ଟଙ୍କାର ବୀମା ଓ ଅଟଳ ପେନ୍‌ସନ ଯୋଜନାରେ ୧୮ରୁ୪୦ ବୟସ ପର୍ଯ୍ୟନ୍ତ ପ୍ରିମିୟମ ଜମାକଲେ ପେନ୍‌ସନ ପାଇପାରିବେ ବୋଲି କୁହାଯାଇଥିଲା। ଏଥିରେ ଲାହଣ୍ଡା, ଗୋଡ଼ଭଗା, ବୈଜାମୁଣ୍ଡା ଓ ଚକୁଲି ୟୁକୋ ବ୍ୟାଙ୍କ ପରିସର ମହିଳା ଗୋଷ୍ଠୀ ଯୋଗ ଦେଇଥିଲେ। ମାନସ ରଞ୍ଜନ ପ୍ରଧାନ, ପ୍ରଦୀପ ମେହେଟ୍ଟୋ, ବ୍ରଜେଶ୍ୱର ଅଧାରତୁଲିଆ, ଠାକୁର ପ୍ରସାଦ ପଣ୍ଡା, କରମ ପାଲ ସିଂ ପ୍ରମୁଖ ସହଯୋଗ କରିଥିଲେ। ଆନନ୍ଦ ଦେବତା ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଗୁରୁଚରଣ ହରପାଳ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

# ଉଚ୍ଚଶିକ୍ଷା ପାଇଁ ଅର୍ଥ ସାଜିଛି ବାଧକ

ବରଗଡ଼,୧୬।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ବାଦପାଲି ଗ୍ରାମର ମେଧାବିନୀ ଛାତ୍ରୀ ମୋନାଲିସା ପ୍ରଧାନଙ୍କ ଉଚ୍ଚଶିକ୍ଷା ପାଇଁ ଅର୍ଥ ବାଧକ ସାଜିଛି। ଗ୍ରାମର ସ୍ୱର୍ଗତ ମହେନ୍ଦ୍ର ପ୍ରଧାନ ଏବଂ ତପସ୍ୱିନୀଙ୍କ ଝିଅ ମୋନାଲିସା ଗତ ଯୁକ୍ତ୨ ବିଜ୍ଞାନ ପରୀକ୍ଷାରେ ୮୫ପ୍ରତିଶତ ମାର୍କ ରଖିଥିଲେ। ଆଗକୁ ପଢ଼ିବାର ଆଶା ରହିଛି, ମାତ୍ର ଆର୍ଥିକ ଅନାଟନ ଯୋଗୁ ଆଗକୁ ଉଚ୍ଚଶିକ୍ଷା ଲାଭ କରିବା ତାଙ୍କ ପାଇଁ କଷ୍ଟସାଧ୍ୟ ହୋଇ ପଡ଼ିଛି। ଜିଲା ପ୍ରଶାସନ କିମ୍ବା କୌଣସି ସହୃଦୟ ବ୍ୟକ୍ତି ସହଯୋଗ କଲେ ସେ ଉଚ୍ଚଶିକ୍ଷା ଲାଭ କରିବାରେ ସକ୍ଷମ ହେବେ ବୋଲି ମୋନାଲିସା କହିଛନ୍ତି। ମୋନାଲିସାଙ୍କ ବାପା ମହେନ୍ଦ୍ର ପରିବାରର ଏକମାତ୍ର ରୋଜଗାରକ୍ଷମ ଥିଲେ। ପିଲାବେଳୁ ମୋନାଲିସାଙ୍କ ପାଠପଢ଼ା ପ୍ରତି ଆଗ୍ରହ ଥିଲା । ଫଳରେ ମହେନ୍ଦ୍ର ଯାହା ରୋଜଗାର କରୁଥିଲେ, ଝିଅଙ୍କ ପାଠପଢ଼ାରେ ସବୁ ଖର୍ଚ୍ଚ କରୁଥିଲେ। ଝିଅ ଭବିଷ୍ୟତରେ ଭଲ ଚାକିରି କରିବ ବୋଲି ମହେନ୍ଦ୍ରଙ୍କ ସ୍ୱପ୍ନ ଥିଲା। ତେବେ ବାପଙ୍କ ସ୍ୱପ୍ନକୁ ପୂରଣ କରିବା ପାଇଁ ଝିଅ ଭଲ ପଢ଼ାପଢ଼ି କରି ଆସୁଥିବାବେଳେ ଗତବର୍ଷ ଡିସେମ୍ବର ୧୩ତାରିଖରେ ଏକ ସଡ଼କ ଦୁର୍ଘଟଣାରେ ମହେନ୍ଦ୍ରଙ୍କ ମୃତ୍ୟୁ ହୋଇଥିଲା। ଏବେ ମା' ତପସ୍ୱିନୀଙ୍କ ମୁଣ୍ଡ ଉପରେ ବଡ଼ଝିଅ ମୋନାଲିସା, ସାନଝିଅ ପ୍ରୀତିପ୍ରଜ୍ଞା ଏବଂ ପୁଅ ଗିରିଜେଶଙ୍କ ବୋଝ। ମୋନାଲିସାଙ୍କ ଭଳି ପ୍ରୀତିପ୍ରଜ୍ଞା ଏବଂ ଗିରିଜେଶ ମଧ୍ୟ ଭଲ ପାଠ ପଢୁଛନ୍ତି। ପ୍ରୀତିପ୍ରଜ୍ଞା ଭଟଲିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୯ମ ଶ୍ରେଣୀରେ ପଢୁଥିବାବେଳେ ପୁଅ ଗିରିଜେଶ ଏଥର ୫ମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପଢ଼ିବାକୁ ତାଙ୍କ ଇଚ୍ଛା ଥିବା ଯୋଗୁ ସେ ପ୍ରବେଶିକା ପରୀକ୍ଷା ଦେଇଥିଲେ। ୱେଟିଂ ତାଲିକାରେ ତାଙ୍କ ନାମ ରହିଛି । ଏଭଳି ସ୍ଥିତିରେ ଝିଅ ମୋନାଲିସାର ଉଚ୍ଚଶିକ୍ଷା ସହିତ ପୁଅ ଗିରିଜେଶଙ୍କୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ନାମ ଲେଖାଇବାରେ ସହଯୋଗ କରିବାକୁ ଜିଲା ପ୍ରଶାସନକୁ ମା' ତପସ୍ୱିନୀ ନିବେଦନ କରିଛନ୍ତି ।



ମୋନାଲିସା ପ୍ରଧାନ ।

# ଉଦ୍ୟାନ କୃଷି ବିଭାଗ ଅଫିସ ଉଦ୍‌ଘାଟନ, ଚାଷୀଙ୍କୁ ପ୍ରଶିକ୍ଷଣ

ସରଣ୍ଡା,୧୬।୬(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରାରେ ନୂତନ ଉଦ୍ୟାନ କୃଷି ବିଭାଗ କାର୍ଯ୍ୟାଳୟକୁ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଚାଷୀଙ୍କୁ ଧାନ ଚାଷ ସହ ଫଳ ବଗିଚା ଲଗାଇ ମିଶ୍ରିତ ଚାଷ କରି ରୋଜଗାର କ୍ଷମ ହେବାକୁ ସେ ପରାମର୍ଶ ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଶିକ୍ଷଣ ସମାରୋହରେ ବରଗଡ଼ ଅତିରିକ୍ତ ଜିଲା କୃଷି ଉଦ୍ୟାନ ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ପଣ୍ଡା ସଂଯୋଜନା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଗମ୍ଭାରୀପାଲି କୃଷି ଫାର୍ମର ବୈଜ୍ଞାନିକ ସୁଚରିତା ସାହୁ, ଅଏଲ ଫାର୍ମର ଉନ୍ନୟନ ଅଧିକାରୀ ସୁବାସ ଜେନା, ଅତାବିରା ପଶୁ ଚିକିତ୍ସକ ରୁଦ୍ର ପ୍ରତାପ ସାହୁ, ପଦ୍ମପୁର ଅତିରିକ୍ତ ଜିଲା କୃଷି ଉଦ୍ୟାନ ନିର୍ଦ୍ଦେଶକ ଗୋବିନ୍ଦ ପ୍ରଧାନ, ଅତାବିରା ବ୍ଲକ ମିଶନ ଶକ୍ତି ପ୍ରୋଗ୍ରାମ ଅଧିକାରୀ ଅଲିଭା ପତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉପସ୍ଥିତ ଚାଷୀଙ୍କୁ ଉଦ୍ୟାନ କୃଷିର ଲାଭ ଓ ସରକାରୀ ସହାୟତା ଉପରେ କହିଥିଲେ। ଅତାବିରା ଉଦ୍ୟାନ କୃଷିର ଦେବାଶିଷ ବେହେରା ଓ ସୁଜାତା ଦାଶ ସହଯୋଗ କରିଥିଲେ ।

# ଖୁସି ବିଶ୍ୱବିଦ୍ୟାଳୟ ଟପ୍ପର

ବରଗଡ଼,୧୬।୬(ପ୍ରେମାନନ୍ଦ ଖମାରୀ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନ ବିସିଏ ପରୀକ୍ଷାର ଶେଷବର୍ଷ ପରୀକ୍ଷାଫଳ ପ୍ରକାଶ ପାଇଛି। ଏଥିରେ ବରଗଡ଼ ଇମ୍ପେରିୟଲ କଲେଜର ଛାତ୍ରୀ ଖୁସି ଢ଼ୋଲକିଆ ୯.୦୩ ସିଜିପିଏ ସହିତ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେହିପରି ଉକ୍ତ କଲେଜର କେ. ଦିଲ୍ଲୀପ ୮.୪୬ ସିଜିପିଏ, ଆନନ୍ଦ ଭୋଇ ୮.୩୬ ସିଜିପିଏ, କୋୟଲ ସାହୁ ୮.୩୩ ସିଜିପିଏ, ପୁଷ୍ପଲତା ସାହୁ ୮.୪୪ ସିଜିପିଏ ରଖି ସଫଳ ହୋଇଛନ୍ତି । ଉଲ୍ଲେଖଯୋଗ୍ୟ, ଖୁସି ୱିପ୍ରୋ କମ୍ପାନୀରେ କ୍ୟାମ୍ପସ ସିଲେକ୍ସନ ମାଧ୍ୟମରେ ନିଯୁକ୍ତି ପାଇ ସାରିଛନ୍ତି। ଏହି କଲେଜର ହାରାହାରି ସମସ୍ତ ଛାତ୍ରୀଛାତ୍ର ବିସିଏରେ ୭.୮୮ ସିଜିପିଏ ରଖି ନୂତନ ରେକର୍ଡ଼ ସୃଷ୍ଟି କରିଛନ୍ତି । ବିବିଏରେ ଏହି କଲେଜର ହିମାଂଶୁ ଅଗ୍ରୱାଲ ୭.୮୬ ସିଜିପିଏ ରଖି ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି । ସେହିପରି ଇଚ୍ଛା ଅଗ୍ରୱାଲ ୭.୫୬ ସିଜିପିଏ, ସ୍ୱାଗତ କୁମାର ପତି ୭.୫୩ ସିଜିପିଏ, ଶ୍ରୀୟା ପନସାରୀ ୭.୨୧ ସିଜିପିଏ ଏବଂ ଅଭିଷେକ ପଣ୍ଡା ୭.୧୦ ସିଜିପିଏ ରଖି ସଫଳ ହୋଇଛନ୍ତି। ଇମ୍ପେରିୟଲ କଲେଜର ଛାତ୍ରୀଛାତ୍ରମାନେ ଲଗାତର ଭାବେ ବିସିଏ, ବିବିଏ ପରୀକ୍ଷାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଟପ୍ପର ତାଲିକାରେ ସ୍ଥାନ ପାଇ ଆସୁଛନ୍ତି। ଛାତ୍ରୀଛାତ୍ରଙ୍କ ଏଭଳି ସଫଳତାରେ ଇମ୍ପେରିୟଲ କଲେଜର ଚେୟାରମ୍ୟାନ ଦୀପକ ଗୋୟଲ ଏବଂ ଦୁର୍ଗେଶ ଶତପଥୀ କୃତୀ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି।



ଖୁସି ଢ଼ୋଲକିଆ ।

# ଶଙ୍କରାଚାର୍ଯ୍ୟଙ୍କ ପ୍ରାକଟ୍ୟ ଦିବସ ପାଳନ

ବରଗଡ଼,୧୬।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପୀଠ ପରିଷଦ ଆଦିତ୍ୟ ବାହିନୀ ଏବଂ ଆନନ୍ଦ ବାହିନୀ ପକ୍ଷରୁ ସ୍ଥାନୀୟ ବଟେଶ୍ୱର ଶିବ ମନ୍ଦିରରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଜୀଙ୍କ ୮୧ତମ ପ୍ରାକଟ୍ୟ ଦିବସ ତଥା ରାଷ୍ଟ୍ରୋତ୍କର୍ଷ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଗୁରୁଜୀଙ୍କ ଦୀର୍ଘାୟୁ କାମନା କରି ଷୋଡ଼ଶ ଉପଚାର ପୂଜା, ସାମୂହିକ ହନୁମାନ ଚାଳିଶା, ରାମରକ୍ଷା ସ୍ତୋତ୍ରମ, ବିଷ୍ଣୁ ସହସ୍ର ନାମ ସହିତ ବାବା ବଟେଶ୍ୱରଙ୍କଠାରେ ଏକ ଆବୃତ୍ତ କ୍ଷୀରାଭିଷେକ କରାଯାଇଥିଲା। ପରେ ଆରତି ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା। ଏଥିରେ ପଣ୍ଡିତ ସଞ୍ଜୟ ଦାଶ, ସିଦ୍ଧେଶ୍ୱର ପାଣିଗ୍ରାହୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିବାବେଳେ ନବୀନ ଦାଶ କର୍ତ୍ତାକାର୍ଯ୍ୟ ନିର୍ବାହ କରିଥିଲେ। କେନ୍ଦ୍ରୀୟ କମିଟି ଉପସଭାପତି କମ୍ବୁଧର ମିଶ୍ର, ପଶ୍ଚିମ ଓଡ଼ିଶା ସମ୍ପର୍କ ସଚିବ ବିଜୟ କୁମାର ମିଶ୍ର, କ୍ଷେତ୍ରୀୟ ସମ୍ପାଦକ ରାମଚନ୍ଦ୍ର ଷଡ଼ଙ୍ଗୀ, ଶାନ୍ତନୁ ପାଣିଗ୍ରାହୀ, କିଶୋର ଦାଶ, ଗଜେନ୍ଦ୍ର ପଣ୍ଡା, ଦୟାନିଧି ଧଳ, ରାମଚନ୍ଦ୍ର ଦାଶ, ଲକ୍ଷ୍ମୀ ନାରାୟଣ ପଣ୍ଡା, ଚଣ୍ଡିପ୍ରସାଦ ଦାଶ, କେଦାର ଦାଶ, ସୁକାନ୍ତ ମହାପାତ୍ର ପ୍ରମୁଖ ଶିଷ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।



ବଟେଶ୍ୱର ବାବା ଶିବ ମନ୍ଦିରରେ ପ୍ରାକଟ୍ୟ ଦିବସ ପାଳନ।

# ରାତ୍ରିକାଳୀନ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ତରଭା,୧୬।୬(ମାନଭଞ୍ଜନ ମିଶ୍ର )

ମା' ସ୍ପୋର୍ଟିଂ ଏଫସି ଆନୁକୂଲ୍ୟରେ ସ୍ଥାନୀୟ ବାଳକ ହାଇସ୍କୁଲ ଖେଳପଡିଆରେ ଚାଲିଥିବା ରାତ୍ରିକାଳୀନ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ସମଲେଶ୍ୱରୀ ବଲାଙ୍ଗୀର ଓ ଏନଏସ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଏନଏସ ସ୍ପୋର୍ଟିଂ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା । ଗତ ୧୩ ତାରିଖରୁ ଚାଲିଥିବା ଏହି ରାତ୍ରିକାଳୀନ ଟୁର୍ନାମେଣ୍ଟରେ ମୋଟ ୧୬ଟି ଫୁଟବଲ କ୍ଲବ ଯୋଗ ଦେଇଥିଲେ । ସମଲେଶ୍ୱରୀ ବଲାଙ୍ଗୀର ନିର୍ଦ୍ଧାରିତ ସମୟ ମଧ୍ୟରେ ଗୋଟିଏ ଗୋଲ ଦେଇଥିବା ବେଳେ ଏନଏସ ସ୍ପୋର୍ଟିଂ ଦୁଇଟି ଗୋଲ ଦେଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା । ଟୁର୍ନାମେଣ୍ଟର ସଭାପତି ୱାଜ ମହମ୍ମଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଏନଏସି ଉପ ନଗରପାଳ ଗଗନ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ମଧୁସୂଦନ ପାଣ୍ଡେ, ଆକବର ଅଲ୍ଲୀ, ଏସ. ନାଏକ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଅତିଥିମାନେ ବିଜେତା ଏନଏସ ସ୍ପୋର୍ଟିଂ ଦଳକୁ ଟ୍ରଫି ସହ ୮ ହଜାର ଟଙ୍କା ଅର୍ଥ ରାଶି ଓ ଉପ ବିଜେତା ସମଲେଶ୍ୱରୀ ବଲାଙ୍ଗୀର ଦଳକୁ ଟ୍ରଫି ସହ ୫ ହଜାର ଟଙ୍କା ଅର୍ଥ ରାଶି ଦେଇ ପୁରସ୍କୃତ କରିଥିଲେ । ଟୁର୍ନାମେଣ୍ଟରେ ସଞ୍ଜୀବ ସାହୁ, ଅଶୋକ ବଗର୍ତ୍ତି , ମଣିକାନ୍ତ ପ୍ରଧାନ, ରାମ ନାଏକ ଓ ସୁଶାନ୍ତ ନାଏକ ରେଫରି ଦାୟିତ୍ୱ ତୁଲାଇଥିଲେ। ବାବୁଲା ପଣ୍ଡା ଓ ନୁଜାର ମହମ୍ମଦ ଧାରା ବିବରଣୀ ପ୍ରଦାନ କରିଥିଲେ। ବିଜୟ ନାଏକ, ଚନ୍ଦନ ନାଏକ, ଇଶାକ ମହମ୍ମଦ, ନୌସାଦ ମହମ୍ମଦ, ତୁଷାର ବଗର୍ତ୍ତି ପ୍ରମୁଖ ସହଯୋଗ କରିଥିଲେ ।

# ସିଭିଲ କୋର୍ଟ ନିର୍ମାଣ ପାଇଁ ଭୂମିପୂଜନ

ଭେଡ଼େନ,୧୬।୬ (ସୁଦନ ମହାକୁର)

ବରଗଡ଼ ଜିଲା ଭେଡ଼େନଠାରେ ନିର୍ମାଣ ହେବାକୁ ଥିବା ସିଭିଲ କୋର୍ଟର ଭୂମିପୂଜନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭେଡ଼େନ ଜେଏମଏଫସି ବିଚାରପତି ପ୍ରିୟଙ୍କା ପ୍ରିୟଦର୍ଶିନୀ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଓଡ଼ିଶା ହାଇକୋର୍ଟର ଗୃହ ନିର୍ମାଣ କମିଟି ଚେୟାରମେନ ବି. ଆର. ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କୋର୍ଟ ନିର୍ମାଣ ହେଲେ ଅଞ୍ଚଳବାସୀ ଉପକୃତ ହେବେ। ଏହାସହ ସାମାନ୍ୟ ମାମଲାରେ ବରଗଡ଼ ଯାଇ ଆଉ ଖର୍ଚ୍ଚାନ୍ତ ହେବେନାହିଁ ବୋଲି ମତବ୍ୟକ୍ତ କରିଥିଲେ। ସେହିପରି ହାଇକୋର୍ଟର ଅନ୍ୟତମ ବିଚାରପତି ଚିତରଞ୍ଜନ ଦାଶ, ବରଗଡ଼ ଜିଲା ବିଚାରପତି ଲୁନା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଭେଡ଼େନ ଓକିଲ ସଂଘ ସଭାପତି ଜଗତ ଭୂଷଣ ଶତପଥୀ, ସମ୍ପାଦକ ସୁଶିଲ ବେହେରା, ଭେଡ଼େନ ବ୍ଲକର ସମସ୍ତ ଜନପ୍ରତିନିଧିଙ୍କ ସମେତ ଜନସାଧାରଣ ଉପସ୍ଥିତ ଥିଲେ ।



ସିଭିଲ୍ କୋର୍ଟ ନିର୍ମାଣ ପାଇଁ ଭୂମି ପୂଜନ କରାଯାଉଛି।

# ଚକୁଲି ଫାର୍ମରେ ଭାଜପାର ମହା ଜନସମ୍ପର୍କ କାର୍ଯ୍ୟକ୍ରମ

ସରଣ୍ଡା,୧୬।୬(ଯୁଧିଷ୍ଠିର ମହାପାତ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୯ ବର୍ଷର ସେବା, ସୁଶାସନ ଓ ଗରିବ କଲ୍ୟାଣ କାର୍ଯ୍ୟକ୍ରମ ପାଳନ ଅବସରରେ ଚକୁଲି ଫାର୍ମ ସ୍ଥିତ ରାମ ମନ୍ଦିର ପରିସରରେ ଏକ ମହା ଜନସମ୍ପର୍କ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତଥା ଓଡ଼ିଶା ରାଜ୍ୟର ପ୍ରଭାରୀ ଡି. ପୁରେନ୍ଦେଶ୍ୱରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜନତାଙ୍କୁ ଉଦ୍‌ବୋଧନ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଶାସନରେ କିଭଳି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଜନସାଧାରଣଙ୍କ ହିତ ପାଇଁ କରାଯାଇଛି ତାହା ଉପରେ ସେ କହିଥିଲେ। ଭାଜପା ସେବାରେ ହିଁ ବିଶ୍ୱାସ କରେ। ଜନଧନରୁ ଶୌଚାଳୟ ଯୋଜନା ଅଣାଯାଇଛି। ଜାତି ଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ସେବା ପ୍ରଦାନ କରାଯାଇଛି। ଧାରା ୩୭୦ ହଟାଇ ଜାମ୍ମୁକାଶ୍ମୀର ନିଜର ବୋଲି ପ୍ରମାଣିତ କରିବା ସହ ସର୍ଜିକାଲ ଷ୍ଟ୍ରାଇକ କରି ଦେଶର ସୁରକ୍ଷା ସହ ବିଶ୍ୱ ଦରବାରରେ ଆମ ସୈନିକଙ୍କ ସକ୍ଷମତା ପ୍ରକାଶ କରାଯାଇଛି ବୋଲି ସେ କହିଥିଲେ। ନରେନ୍ଦ୍ର ମୋଦି ସରକାର ଯେପରି ଘରକୁ ଘର ଯାଇ ତାଙ୍କ ୯ ବର୍ଷର ରିପୋର୍ଟ କାର୍ଡ ଦେଉଛନ୍ତି ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ'ଣ ତାଙ୍କ ଏମ୍‌ପି ଓ ବିଧାୟକଙ୍କ ଦ୍ୱାରା ଏପରି ରିପୋର୍ଟ କାର୍ଡ ଜନସାଧାରଣଙ୍କୁ ଦେଇପାରିବେ ବୋଲି ଡି. ପୁରେନ୍ଦେଶ୍ୱରୀ ପ୍ରଶ୍ନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମିଳନ ସେଠ୍, ରଞ୍ଜନ ସେଠ୍, କୁଶ କୁମ୍ଭାର, ଜିଲା ଭାଜପା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ଅଶୋକ ପଣ୍ଡା, ଉର୍ଦ୍ଦୁଳ ତାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଭାଜପା ନେତୃବୃନ୍ଦ।

**ମୁକ୍ତା ଯୋଜନାରେ ୫୬କୋଟି ମଞ୍ଜୁର**

**ସମ୍ବଲପୁର (ଶୁଭାଶିଷ ପାଢୀ):** ମହାନଗରବାସୀଙ୍କ ଅନୁରୋଧକୁ ବିଚାର କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫-ଟି ଆଧାରରେ ସମ୍ବଲପୁର ମହାନଗରର ବିକାଶ ନିମନ୍ତେ ମୁକ୍ତା ଯୋଜନାରେ ୬୧୬ ପ୍ରକଳ୍ପ ପାଇଁ ୫୬ କୋଟି ୭୩ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ସମ୍ବଲପୁର ଜିଲା ବଜେଡି ସଭାପତି ସିଦ୍ଧାର୍ଥ ଦାସ ଏଥିନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେ କହିଛନ୍ତି, ଏହି ପ୍ରକଳ୍ପଗୁଡ଼ିକୁ ସମ୍ପୃକ୍ତ ୱାର୍ଡର ସ୍ୱୟଂ ସହାୟିକା ଗୋଷ୍ଠୀ କରିବେ। ଏହା ଦ୍ୱାରା ମହାନଗରରେ ସହରୀ ବିକାଶ ଦ୍ରୁତ ଗତିରେ ହେବ।



## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

**ବ୍ରଜରାଜନଗର,୧୬।୬ (ବିଜୟ ବରାଡ):** ବ୍ରଜରାଜନଗର ଥାନା ଗାନ୍ଧୀ ଛକ ଫାଣ୍ଡି ଅନ୍ତର୍ଗତ ରାନିବନ୍ଧ ଗ୍ରାମର ଜଣେ ଯୁବକ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ହେଲେ ଅମିତ ମେହେର (୨୫)। ପରିବାର ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଅମିତ କୌଣସି କାରଣରୁ ଗୁରୁବାର ରାତିରେ ଘରୁ ଚାଲିଯାଇଥିଲେ। ସକାଳେ ଗୁରୁତର ଅବସ୍ଥାରେ ତାଙ୍କୁ ରାଜପୁର ରେଳ ଓଭରବ୍ରିଜ ତଳୁ ଉଦ୍ଧାର କରାଯାଇଥିଲା। ରେଳ ଧକ୍କାରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ତାଙ୍କୁ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

### ମହିମା ସାଧୁଙ୍କ ପରଲୋକ



**ନାକଟିଦେଉଳ,୧୬।୬(ବୈକୁଣ୍ଠ ସାହୁ):** ନାକଟିଦେଉଳ ବ୍ଲକ ଗୋଧିଡ଼ିପ ଅଞ୍ଚଳରେ ରହି ମହିମା ଧର୍ମ ପ୍ରଚାର କରୁଥିବା ସାଧୁ ବ୍ରହ୍ମଲୀନ ଅବଧୁଟ ଶଙ୍କର ତ୍ୟାଗୀ ଦାଶଙ୍କର ଗୁରୁବାର ରାତ୍ରିରେ ପରଲୋକ ହୋଇଯାଇଛି। ତାଙ୍କ ଦେହତ୍ୟାଗ ପରେ ଗୋଧିଡ଼ିପ ମହାଲକ୍ଷ୍ମୀ ଯୁବକ ସଂଘ ସଦସ୍ୟମାନେ ତାଙ୍କୁ ସମାଧି ଦେଇଛନ୍ତି। ଏହି ମହିମା ସାଧୁ ବାଲ୍ୟକାଳରୁ ସନ୍ନ୍ୟାସୀ ହୋଇ ମାନବ କଲ୍ୟାଣ କାର୍ଯ୍ୟରେ ବ୍ରତୀ ଥିବାବେଳେ ଖଲିଆପାଲିସ୍ଥିତ ଭୀମଭୋଇ ସମାଧି ପୀଠରେ ଅବସ୍ଥାନ କରିଥିଲେ। ସେଠାରୁ ସେ ପ୍ରାୟ ୪ବର୍ଷ ହେବ ଗୋଧିଡ଼ିପ ଅଞ୍ଚଳରେ ରହି ମହିମା ଧର୍ମ ପ୍ରଚାର କରିଆସୁଥିଲେ। ତେବେ ଗତ ୧ମାସ ହେଲା ସେ ଅସୁସ୍ଥତା କାରଣରୁ ଶଯ୍ୟାଶାୟୀ ହୋଇ ଗୋଧିଡ଼ିପସ୍ଥିତ ମହାଲକ୍ଷ୍ମୀ ଯୁବକ ସଙ୍ଘ ଘରେ ରହି ଚିକିତ୍ସିତ ହେଉଥିଲେ। ଗୁରୁବାର ରାତିରେ ଦେହତ୍ୟାଗ ପରେ ମାରୁଆଡ଼ିମୁଣ୍ଡା, ନାଟୁଆବୁରି, ଗୋଧିଡ଼ିପ ଗ୍ରାମବାସୀଙ୍କ ସମେତ ମହାଲକ୍ଷ୍ମୀ ଯୁବକ ସଂଘ ସଦସ୍ୟମାନେ ତାଙ୍କର ପାର୍ଥିବ ଶରୀରକୁ ଶୋଭାଯାତ୍ରାରେ ଚନ୍ଦ୍ରପୁର ଗ୍ରାମ ମହିମା ଆଶ୍ରମକୁ ନେଇ ମହିମା ଧର୍ମର ରୀତିନୀତିରେ ସମାଧି ଦିଆଯାଇଥିଲା। ଯୁବକ ସଂଘର ବିକ୍ରମ ପ୍ରଧାନ, ହଳଧର ସାହୁ, ଶ୍ରୀପତି ସାହୁ ଓ ସମସ୍ତ ସଦସ୍ୟ ଏଥିରେ ସାମିଲ ହୋଇଥିଲେ।

### ଶିବିରରେ ୨୭୮ ୟୁନିଟ୍ ରକ୍ତ ସଂଗ୍ରହ

**ସମ୍ବଲପୁର,୧୬।୬(ବି. ଶଙ୍କର):** ବାଲେଶ୍ୱର ରେଳ ଦୁର୍ଘଟଣାରେ ଆହତ ବ୍ୟକ୍ତିମାନଙ୍କ ପାଇଁ ଏକ ରକ୍ତଦାନ ଶିବିର ଶୁକ୍ରବାର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୨୭୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସମ୍ବଲପୁରରୁ ୧୧୬ ଓ ଛତିଶଗଡର ୧୬୨ଜଣ ସାମାଜିକ କର୍ମୀ ରକ୍ତଦାନ କରିଥିଲେ। କୁରୁକ୍ଷେତ୍ର ମୁନୀନ୍ଦ୍ର ଧର୍ମାତ୍ମା ଟ୍ରଷ୍ଟ ଓ ଓଡ଼ିଶା ଶାଖାର ସମସ୍ତ ସଦସ୍ୟଙ୍କ ପକ୍ଷରୁ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ଉତ୍ସର୍ଗ କର୍ମକର୍ତ୍ତା ଓ ସଭ୍ୟମାନେ ସହଯୋଗ କରିଥିଲେ। ସମ୍ବଲପୁର ରକ୍ତଭଣ୍ଡାର ଡାକ୍ତର କଳପେଶ କକ୍କଡ, ବୁର୍ଲାର ଦେବାଶିଷ ମିଶ୍ର ଓ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ।

### ନାବାଳିକା ବଳାତ୍କାର, ହତ୍ୟା ଘଟଣାର ତଦନ୍ତ



**ଜମନକିରା,୧୬।୬(ରବୀନ୍ଦ୍ର ପ୍ରସାଦ ଦାନି):** ଜମନକିରା ବ୍ଲକ କୁଚିଣ୍ଡା ଥାନା ଅନ୍ତର୍ଗତ ଗୁଣ୍ଡୁରୁଟୁଆଁ ଗ୍ରାମରେ ଗତ ମେ ୨୩ ତାରିଖରେ ଘଟିଥିବା ନାବାଳିକା ବଳାତ୍କାର ଓ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ପୂର୍ବରୁ ଗିରଫ କରିଥିଲା। ହେଲେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନ ଥିଲା। ଏହାର ପ୍ରତିବାଦରେ ଆଞ୍ଚଳିକ ଗୁଣ୍ଡୁରୁଟୁଆଁ ମହିଳା ମଞ୍ଚ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଆନ୍ଦୋଳନ କରିବା ସହ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଜିଲା ଆରକ୍ଷୀ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଏସ୍‌ପିଙ୍କ ନିର୍ଦ୍ଦେଶରେ ଏକ ତଦନ୍ତକାରୀ ଦଳ ଘଟଣା ସ୍ଥଳରେ ପହଞ୍ଚି ସରଜମିନ ତଦନ୍ତ କରିଛନ୍ତି।

# ଧାରଣାରେ ବସିଲେ ଚାଷୀ

### କେନାଲରେ ପାଣି ଛାଡିବା ବିଳମ୍ବ

**ସମ୍ବଲପୁର,୧୬।୬(ଶୁଭାଶିଷ ପାଢୀ)**



ଧାରଣାରେ ବସିଛନ୍ତି ଚାଷୀ।

ଖରିଫ ଚାଷ ପାଇଁ କେନାଲରେ ପାଣି ଛାଡିବା ବିଳମ୍ବ ନେଇ ଚାଷୀମାନେ ଶୁକ୍ରବାର ଜଳସେଚନ ବିଭାଗ ଅଫିସ ଘେରାଉ ସହ ଧାରଣାରେ ବସିଥିଲେ। ସେମାନେ ଅଭିଯୋଗ କରିଥିଲେ, ଜିଲାର ହଜାର ହଜାର ଚାଷୀଙ୍କ ମୁଖ୍ୟ ଜୀବିକା ଚାଷ। ଖରିଫ ଚାଷ ପାଇଁ ଶାସନ, ସମ୍ବଲପୁର, ଚାଆଁରପୁର, ଚିପିଲିମା କେନାଲ ସହିତ ବିଭିନ୍ନ ଶାଖା କେନାଲରେ ପାଣି ଛଡାଯାଇଥାଏ। ହେଲେ ଖରିଫ ଋତୁରେ ଚାଷୀଙ୍କ ସହ ଆଲୋଚନା ନ କରି ଜଳସେଚନ ବିଭାଗ ନିଜ ଇଚ୍ଛା ମୁତାବକ କାମ କରିଚାଲିଛନ୍ତି। ଜୁଲାଇ ୧ରେ ପାଣି ଛଡ଼ାଯିବ ବୋଲି ବିଭାଗୀୟ ଅଧିକାରୀ ଗଣମାଧ୍ୟମ ଆଗରେ ବୟାନ ଦେଉଛନ୍ତି। ପ୍ରତିବର୍ଷ ଜୁନ ୧୫ ଭିତରେ କେନାଲରେ ପାଣି ଛଡାଯାଇଥାଏ। ହେଲେ ଚଳିତବର୍ଷ ଆହୁରି ବିଳମ୍ବ କରାଯାଉଛି। ପରେ ଚାଷୀ ପ୍ରତିନିଧି ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧ୍ୟରେ ଆଲୋଚାନା ହୋଇଥିଲା। ଆସନ୍ତା ୧୮ ତାରିଖ ସନ୍ଧ୍ୟା ସୁଦ୍ଧା ଚାଷୀଙ୍କ ଦାବି ମୁତାବକ ବିଭିନ୍ନ କେନାଲରେ ପାଣି ଛଡାଯିବାକୁ ନିଷ୍ପତ୍ତି ନିଆଯିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପ୍ରତିଶ୍ରୁତି ଅନୁସାରେ ପାଣି ନ ଛାଡିଲେ ଆନ୍ଦୋଳନ ବ୍ୟାପକ ହେବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଜିଲା କୃଷକ ସଂଗଠନ ସଭାପତି ଉମେଶ ମିଶ୍ର, ଚାଷୀ ଅଶୋକ ପ୍ରଧାନ, ଦେବେନ୍ଦ୍ର ପ୍ରଧାନ, ବିଭୁ କିଶୋର ପଟ୍ଟନାୟକ, ଅମରିଶ ପୁରୋହିତ, ଯୋଗେଶ ଭୋଇ, ହରିଶଙ୍କର ପୁରୋହିତ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଗୋଟିଏକୁ ଅନୁମତି, ପକାଉଛି ଅନ୍ୟ କମ୍ପାନୀ

### ପାଉଁଶ ଡମ୍ପିଂକୁ ନେଇ ନୂଆ ବିବାଦ

■ କମ୍ପାନୀର ଚିଠି ଖୋଲିଲା ଗୁମର

**ସମ୍ବଲପୁର,୧୬।୬(ଶୁଭାଶିଷ ପାଢୀ)**

ସମ୍ବଲପୁର ଜିଲା ଝୁଝୁମୁରା ତହସିଲ ନୀଳଡୁଙ୍ଗୁରୀଠାରେ ପାଉଁଶ ଡମ୍ପିଂକୁ ନେଇ ଜୁନ ୧୨ରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାପରେ ଗତ ୧୪ ତାରିଖରେ ସ୍ଥାନୀୟ ଜନପ୍ରତିନିଧି ଘଟଣାସ୍ଥଳ ପରିଦର୍ଶନ କରି କାମ ବନ୍ଦ କରିଥିଲେ। ଅଭିଯୋଗ ପରେ ଝୁଝୁମୁରା ତହସିଲଦାର ଅଭିଷେକ ସାହୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଇ ସମ୍ପୃକ୍ତ କମ୍ପାନୀ ଓ ପୋଲିସକୁ ଚିଠି କରିଥିଲେ। ତହସିଲଦାରଙ୍କ ଚିଠିର ଉତ୍ତର ଦେଇଛି କମ୍ପାନୀ। କମ୍ପାନୀ ଚିଠିରେ ସାଂଘାତିକ ତଥ୍ୟ ପଦାକୁ ଆସିଛି। କମ୍ପାନୀକୁ ପାଉଁଶ ପକାଇବା ପାଇଁ ଅନୁମତି ମିଳିଛି। ଅଭିଯୋଗ ପରେ ଜୁନ ୧୩ରେ କମ୍ପାନୀ କର୍ମଚାରୀ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ସେଠାରେ ଅନ୍ୟ ଏକ କମ୍ପାନୀର ଗାଡି ପାଉଁଶ ପକାଉଥିଲା। ଉକ୍ତ କମ୍ପାନୀ ସହିତ ଆମର କୌଣସି ସମ୍ପର୍କ ନାହିଁ ବୋଲି ଉତ୍ତର ଦେଇଛି। ଏବେ ଉକ୍ତ ପାଉଁଶ କିଏ ପକାଉଥିଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ପୋଲିସ ତଦନ୍ତ କରିବା ପରେ ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ଆଲୋଚନା ହେଉଛି।

ସୂଚନାଯୋଗ୍ୟ, ନୀଳଡୁଙ୍ଗୁରୀରେ ପାଉଁଶ ଡମ୍ପିଂକୁ ନେଇ ବିବାଦ ଲାଗିରହିଛି। ଡମ୍ପିଂ ଯୋଗୁ ନୀଳଡୁଙ୍ଗୁରୀ, କୁଡାପଡା, ବାଡାପଡା, ପଇଦାମାଳ, ବେଲଡୁଙ୍ଗୁରୀ, ଡୁରିପଡା, କୁଟୁରାଜୁରୀ, ବାହାମ, ମାଲିପଡା ଭଳି ଏକାଧିକ ଗ୍ରାମବାସୀ ପ୍ରଭାବିତ ହେଉଛନ୍ତି। ଗ୍ରାମବାସୀ ଏହାକୁ ବିରୋଧ କରି ଜିଲାପାଳ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାଖରେ ଅଭିଯୋଗ କରିଥିଲେ ମଧ୍ୟ ସମାଧାନ ହୋଇପାରି ନାହିଁ।

# ଆବାସ ଘର ପାଇଁ ବିଡିଓଙ୍କ ଦ୍ୱାରସ୍ଥ

**କୁଚିଣ୍ଡା,୧୬।୬(ବିରଞ୍ଚି ଦର୍କା)**



ବ୍ଲକ ଅଫିସ ଆଗରେ ହିତାଧିକାରୀମାନେ।

କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବାଙ୍କେ ପଞ୍ଚାୟତର ହିତାଧିକାରୀମାନେ ପ୍ରଧାନମନ୍ତ୍ରୀ ଆବାସ ଘର ପାଇଁ ଶୁକ୍ରବାର ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆବାସ ଘର ପାଇଁ ପଞ୍ଚାୟତ ତାଲିକାରେ ନାମ ଥିଲେ ମଧ୍ୟ ଜିଓ ଟ୍ୟାଗ ହେଉ ନ ଥିବାରୁ ସେମାନଙ୍କୁ ଘର ମିଳିବ ନାହିଁ ବୋଲି କୁହାଯାଉଥିବା ଅଭିଯୋଗ ହୋଇଛି। ଥିଲାବାଲାଙ୍କୁ ଘର ଦିଆଯାଉଥିବା ବେଳେ ପ୍ରକୃତ ଗରିବ ହିତାଧିକାରୀ ଏଥିରୁ ବଞ୍ଚିତ ହେଉଥିବା ବିଡିଓଙ୍କ ପାଖରେ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରି ପ୍ରଧାନମନ୍ତ୍ରୀ ଆବାସ ଘର ଯୋଗାଇଦେବାକୁ ବାଙ୍କେ ପଞ୍ଚାୟତର ତୁଳସୀ କଥା, ସଂଯୁକ୍ତା କିଷାନ, ବିମଳା ପ୍ରଧାନ, ମମିତା କଉଡି, ସରୋଜିନୀ କିଷାନ, ଭାରତୀ ପ୍ରଧାନ, ନୀଳାବତୀ କିଷାନ, କଏଁତା ନାଏକ, ଅପର୍ଣା ନାଏକ, ସରୋଜିନୀ ପଟେଲ, ଆରତୀ ଭଇଁଷା, ସୀମା କିଷାନ, ରୁଚିଲା କିଷାନ, ସୁରେନ୍ଦ୍ର କିଷାନ ପ୍ରମୁଖ ବିଡିଓଙ୍କୁ ଗୁହାରୀ କରିଛନ୍ତି। ବିଡିଓ ନିରଞ୍ଜନ କୁମାର ସା ତଦନ୍ତ କରି ଏ ଦିଗରେ ପଦକ୍ଷେପ ନେବାକୁ କହିଛନ୍ତି।

# ବନ ବିଭାଗର ଚଢ଼ାଉ: ୩ ଶିକାରୀ ଗିରଫ

**ସମ୍ବଲପୁର,୧୬।୬(ଶୁଭାଶିଷ ପାଢୀ)**

ସମ୍ବଲପୁର ବନଖଣ୍ଡ ଧମା ରେଞ୍ଜ ଅନ୍ତର୍ଗତ ଜଙ୍ଗଲରେ ବନ୍ୟପ୍ରାଣୀ ଶିକାର ପାଇଁ ବିଦ୍ୟୁତ୍ ତାର ବିଛାଉଥିବା ବେଳେ ବନ ବିଭାଗ ୩ ଶିକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଧମା ଥାନା ଅନ୍ତର୍ଗତ ଆମକୁନି ଗ୍ରାମର ବିଜୟ ବାଗ, ରାକେଶ କୁଜୁର ଓ ଡକରା ଗ୍ରାମର ଜଶମନ ଲାକ୍ରା। ଏମାନଙ୍କ ନିକଟରୁ ବିଦ୍ୟୁତ୍ ତାର ଓ ଅନ୍ୟ ସରଞ୍ଜାମ ଜବତ ହୋଇଛି। ଏ ନେଇ ଧମା ରେଞ୍ଜରେ ଏକ ମାମଲା ରୁଜୁ ହୋଇଛି। ସୂଚନା ଅନୁସାରେ ଗୁରୁବାର ରାତିରେ ଶିକାରୀମାନେ ବନ୍ୟପ୍ରାଣୀ ଶିକାର ପାଇଁ ତାର ବିଛାଉଥିଲେ। ବିଦ୍ୟୁତ୍ ବିଭାଗଠାରୁ ଖବର ପାଇ ବନ ବିଭାଗର ପାଟ୍ରୋଲିଂ ଦଳ ଘଟଣାସ୍ଥଳରେ ଚଢାଉ କରି ୩ ଜଣଙ୍କୁ କାବୁ କରିଥିଲେ। ଏଥିରେ ସମ୍ପୃକ୍ତ ଅନ୍ୟମାନେ ଫେରାର ହୋଇଯାଇଥିଲେ।

# ଜୈବିକ ଖତ ପ୍ରସ୍ତୁତି ଆଲୋଚନା ବୈଠକ

**କୁଚିଣ୍ଡା,୧୬।୬(ବିରଞ୍ଚି ଦର୍କା)**

ସ୍ୱେଚ୍ଛାସେବୀ ଅନୁଷ୍ଠାନ ରୋପ ପକ୍ଷରୁ ଜୈବିକ ଖତ ପ୍ରସ୍ତୁତି ପାଇଁ ଶୁକ୍ରବାର କୁଚିଣ୍ଡା ବ୍ଲକ ହାଡିପାଲି ପଞ୍ଚାୟତ କିଣ୍ଡିରା ଗ୍ରାମରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରୋପ ନିର୍ଦ୍ଦେଶକ ପ୍ରଦୀପ ମହାକୁଡ ଯୋଗଦେଇ ଜୈବିକ ଖତର ଉପକାରିତା ଉପରେ ଆଲୋଚନା କରିଥିଲେ। ରୋପ ଓ ସଇଡା ସିଡିପି–ଏମ୍‌ଏଲ୍‌ଆଇପି ସଂଯୋଜିକା ତୃପ୍ତିମୟୀ ଦାଶଙ୍କ ପରିଚାଳନାରେ ହୋଇଥିବା ବୈଠକରେ ଜୈବିକ ଖତ ପ୍ରସ୍ତୁତି ଉପରେ ଆଲୋଚନା କରାଯାଇଥିଲା। ଚୁକ୍ତି ହୋଇଥିବା ମା' ସରସ୍ୱତୀ ସ୍ୱୟଂ ସହାୟକ ଗୋଷ୍ଠୀ ସଭାପତି, ସମ୍ପାଦିକାଙ୍କ ସମେତ ସମସ୍ତ ସଦସ୍ୟା, ସିଆର୍‌ପି, ୱାର୍ଡ ସଭ୍ୟଙ୍କ ଉପସ୍ଥିତିରେ ଜୈବିକ ଖତ ପ୍ରସ୍ତୁତି ପାଇଁ ଭିତ୍ତିଭୂମି ପରିଦର୍ଶନ କରାଯାଇ ଆଗାମୀ ଦିନରେ ଏହାର ବିତରଣ ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା।

# ମୋ ଘର ପାଇଁ ପଞ୍ଚାୟତସ୍ତରୀୟ ଶିବିର




ବୈଠକରେ ଉପସ୍ଥିତ ଅଧିକାରୀ ଓ ଆବେଦନକାରୀ।

**ଜମନକିରା,୧୬।୬(ରବୀନ୍ଦ୍ର ପ୍ରସାଦ ଦାନି)**

ଜମନକିରା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଶୁକ୍ରବାର ମୋ ଘର ପାଇଁ ପଞ୍ଚାୟତ ସ୍ତରୀୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଆଶ୍ରିତା ଭୋଇ ଅଧ୍ୟକ୍ଷତା କରିଥିବାବେଳେ ବିଡ଼ିଓ ପ୍ରସନ୍ନ ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏବିଡ଼ିଓ ରବୀନ୍ଦ୍ର ରଣା, ଓମ୍‌ପ୍ରକାଶ ସାହୁ, ସ୍ମରଣିକା ଦାନି, ମୋତିଲାଲ ପ୍ରଧାନ, ଜମନକିରା ସରପଞ୍ଚ ଯାଜ୍ଞସିନି ନାଏକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସୂର୍ଯ୍ୟ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବିଡ଼ିଓ ପଟେଲ ଶିବିରରେ ଉପସ୍ଥିତ ଥିବା ସମସ୍ତ ଆବେଦନକାରୀଙ୍କୁ ଏହି ଯୋଜନା ବିଷୟରେ ବୁଝାଇବା ସହ ଆବଶ୍ୟକ ହେଉଥିବା ଦସ୍ତାବିଜ ଓ କେଉଁମାନେ ଆବେଦନ କରିପାରିବେ ତାହା କହିଥିଲେ।

# ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳ ପାଲଟିଛି ବସ୍‌ଷ୍ଟାଣ୍ଡ




ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଆସିଥିବା ବ୍ୟବସାୟୀ ସଂଘ କର୍ମକର୍ତ୍ତା।

### ଏସ୍‌ପିଙ୍କୁ ଦାବିପତ୍ର

**ସମ୍ବଲପୁର,୧୬।୬(ବି.ଶଙ୍କର)**

ସମ୍ବଲପୁର ପୁରୁଣା ସରକାରୀ ବସ୍‌ଷ୍ଟାଣ୍ଡ ବ୍ୟବସାୟୀ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି, ପୁରୁଣା ସରକାରୀ ବସ୍‌ଷ୍ଟାଣ୍ଡରେ ବର୍ତ୍ତମାନ ୫୦ରୁ ଊର୍ଦ୍ଧ୍ୱ ଦୋକନ ରହିଛି। ଏଠାରେ ପ୍ରତିଦିନ ଦୈନିକ ବଜାର ମଧ୍ୟ ବସୁଛି। ଜିଲା ଓ ଜିଲା ବାହାରୁ ଚାଷୀ, ବ୍ୟବସାୟୀମାନେ ପରିବା ବିକ୍ରି କରିବାକୁ ଆସୁଛନ୍ତି। କିନ୍ତୁ ବିଭିନ୍ନ ସମୟରେ ଅସାମାଜିକ ବ୍ୟକ୍ତିମାନେ ନିଶାଦ୍ରବ୍ୟ ସେବନ କରି ଯାତ୍ରୀ, ବ୍ୟବସାୟୀ ଓ ସାଧାରଣ ଲୋକଙ୍କୁ ହଇରାଣ କରୁଛନ୍ତି। ରାତିରେ ବସ୍‌ରେ ଆସୁଥିବା ଯାତ୍ରୀମାନେ ଏଥିପାଇଁ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ନିଶା ସେବନ କରୁଥିବା ବ୍ୟକ୍ତିମାନେ ମଦବୋତଲ ଓ ଗ୍ଲାସ ଡ୍ରେନ୍‌ରେ ପକାଉଥିବାରୁ ପାଣି ନିଷ୍କାସନ ହୋଇପାରୁ ନାହିଁ। ସେମାନଙ୍କୁ ବାରଣ କଲେ ଓଲଟା ଗାଳିଗୁଲଜ କରୁଛନ୍ତି। ଧନଜୀବନ ସୁରକ୍ଷା ପାଇଁ ରାତ୍ରିରେ ପୋଲିସ ମୁତୟନ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଦାବିପତ୍ର ଦେବା ସମୟରେ ପୁରୁଣା ସରକାରୀ ବସ୍‌ଷ୍ଟାଣ୍ଡ ବ୍ୟବସାୟୀ ସଂଘ ସଭାପତି ମୋହନ ସାହା, ଗୌରଙ୍ଗ ମିତ୍ର, ସଞ୍ଜୟ ନାୟକ, ଦେବାଶିଷ ପଟେଲ, ପ୍ରକାଶ ସାହୁ, ଶଙ୍କର ମହାନ୍ତିଙ୍କ ସମେତ ବହୁ ସଭ୍ୟ ଉପସ୍ଥିତ ଥିଲେ।

# ଏମ୍‌ସିଏଲ୍ ପକ୍ଷରୁ ସ୍ୱଚ୍ଛତା ସପ୍ତାହ

**ସମ୍ବଲପୁର,୧୬।୬(ବି. ଶଙ୍କର)**

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ପକ୍ଷରୁ ସ୍ୱଚ୍ଛତା ସପ୍ତାହ–୨୦୨୩ ଆରମ୍ଭ ହୋଇଛି। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ବିବିଧ କାର୍ଯ୍ୟକ୍ରମ ହେବ। ସ୍ୱଚ୍ଛତାର ବାର୍ତ୍ତା ଦେବାକୁ କମ୍ପାନୀ ସଚେତନତା କାର୍ଯ୍ୟକ୍ରମ ହାତକୁ ନେଇଛି। କମ୍ପାନୀ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓମ୍ ପ୍ରକାଶ ସିଂ ଯୋଗଦେଇ ମୁଖ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ସ୍ୱଚ୍ଛତା ବିଷୟରେ ସଚେତନ କରାଇବା ସହ ଶପଥ ପାଠ କରାଇଥିଲେ। ଉଦ୍‌ଘାଟନୀ ସମାରୋହରେ ନିର୍ଦ୍ଦେଶକ (ଅର୍ଥ) ଏ.କେ. ବେହୁରା, ଯୋଜନା ଓ ପରିଯୋଜନା ନିର୍ଦ୍ଦେଶକ ଏ.ଏସ୍. ବାପଟ ଉପସ୍ଥିତ ଥିଲେ।

# ପୁଡ଼ାପଡ଼ାବାସୀଙ୍କ ରାସ୍ତାରୋକୋ

**ସମ୍ବଲପୁର,୧୬।୬(ଶୁଭାଶିଷ ପାଢୀ)**

୫୩ନଂ. ଜାତୀୟ ରାଜପଥର ଝୁଝୁମୁରା ବ୍ଲକ ନୀଳଡୁଙ୍ଗରୀ ଟୋଲପ୍ଲାଜା ନିକଟରେ ପୁଡାପଡା ଗ୍ରାମବାସୀ ରାସ୍ତା ସମସ୍ୟା ନେଇ ରାସ୍ତା ଅବରୋଧ କରିଥିଲେ। ସେମାନଙ୍କ ଅଭିଯୋଗକ୍ରମେ ଜାତୀୟ ରାଜପଥ ନିର୍ମାଣ ସମୟରେ ଗ୍ରାମ ଛକରେ ଥିବା ବିଶ୍ରାମ ଗୃହ ଭଙ୍ଗାଯିବା ସହ ଗଛଗୁଡ଼ିକ କାଟି ଦିଆଗଲା। ଗ୍ରାମକୁ ମଧ୍ୟ ସଂଯୋଗୀକରଣ ରାସ୍ତା ହୋଇପାରି ନାହିଁ। ସେ ସମୟରେ ଏହି ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ପୂରଣ ହୋଇପାରିଲା ନାହିଁ। ଏହାର ପ୍ରତିବାଦରେ ସେମାନେ ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେଲେ ବୋଲି କହିଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ପଡାବାସୀଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

# ପାଣି ପାଇଁ ଭାଜପାର ଧାରଣା

**କୁଚିଣ୍ଡା,୧୬।୬(ବିରଞ୍ଚି ଦର୍କା)**

ଚଳିତବର୍ଷ କୁଚିଣ୍ଡା ଏନ୍‌ଏସିରେ ପାନୀୟଜଳ ସମସ୍ୟା ଉତ୍କଟ ହୋଇଛି। ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ସହରକୁ ପାଣି ଯୋଗାଉଥିବା ଖର୍ଲା ନଦୀ ଜଳସ୍ତର କମିଯିବାରୁ ଏହି ସମସ୍ୟା ଦେଖାଦେଇଛି। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସହରର ବିଭିନ୍ନ ୱାର୍ଡକୁ ପାଣି ଯୋଗାଯାଉଥିଲେ ମଧ୍ୟ ଏହା ଲୋକଙ୍କ ଆବଶ୍ୟକତା ମେଣ୍ଟାଇ ପାରୁ ନ ଥିବା ଅଭିଯୋଗ ହୋଇଛି। ଏହି ସମସ୍ୟା ନେଇ ଶୁକ୍ରବାର କୁଚିଣ୍ଡା ଉପଜିଲାପାଳଙ୍କ ଅଫିସ ଆଗରେ ଗରା, ମାଠିଆ, ବାଲ୍‌ଟି ରଖି ଭାଜପା ପକ୍ଷରୁ ଗଣଧାରଣା ଦିଆଯାଇଛି। ପୂର୍ବତନ ବିଧାୟକ ତଥା ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ରବି ନାରାୟଣ ନାଏକଙ୍କ ନେତୃତ୍ୱରେ ହୋଇଥିବା ଗଣ ଧାରଣାରେ ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ଜିଲା ସାଧାରଣ ସମ୍ପାଦକ ଶୁଶିଳ କର, ପିଙ୍କୁ ପାଣି, ମହେଶ ରାୟ, ବିବେକ ରାୟ, ଶ୍ରୀକାନ୍ତ ଦ୍ୱିବେଦୀ, ପ୍ରାଣବନ୍ଧୁ ନାଥ, ଅନୁପମା ନାୟକ, କୁଞ୍ଜଲତା ନାଏକ, ସୌଦାମିନୀ ଛତ୍ରିଆ, କାଉନସିଲର ଆଶା ମିସ୍ତ୍ରୀ, ଦୀନେଶ ହଂସ, ପାର୍ବତୀ ହଂସ, ଉକିଆ ମିସ୍ତ୍ରୀ ପ୍ରମୁଖ ସାମିଲ ଥିଲେ।




ଧାରଣାରେ ସାମିଲ ହୋଇଥିବା ଭାଜପା କର୍ମକର୍ତ୍ତା।

# ବିଦ୍ୟୁତ୍ ବିଭ୍ରାଟ: ଏସ୍‌ଇ ଅଫିସ ଘେରିଲା ଭାଜପା

**ସମ୍ବଲପୁର,୧୬।୬(ଶୁଭାଶିଷ ପାଢୀ)**



ଏସ୍‌ଇ ଅଫିସ ଆଗରେ ବିକ୍ଷୋଭ କରୁଛନ୍ତି ଭାଜପା କାର୍ଯ୍ୟକର୍ତ୍ତା।

ପଶ୍ଚିମ ଓଡ଼ିଶାରେ ବିଦ୍ୟୁତ୍ ବିତରଣ ଦାୟିତ୍ୱ ନେଇଥିବା ଟିପିଡବ୍ଲ୍ୟୁଓଡିଏଲ୍ କମ୍ପାନୀର ମନମୁଖୀ କାର୍ଯ୍ୟ ବିରୋଧରେ ଜିଲା ଭାଜପା ଶୁକ୍ରବାର ଆନ୍ଦୋଳନକୁ ଓହ୍ଲାଇଥିଲା। ଦଳୀୟ କର୍ମକର୍ତ୍ତା ଏକ ଶୋଭାଯାତ୍ରାରେ ଆସି ଅଇଁଠାପାଲିସ୍ଥିତ ଏସ୍‌ଇ (ଅଧୀକ୍ଷଣ ଯନ୍ତ୍ରୀ)ଙ୍କ କାର୍ଯ୍ୟାଳୟ ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ଅଭିଯୋଗ କରିଥିଲେ, ସମ୍ବଲପୁର ଜିଲାରେ ଅଘୋଷିତ ବିଦ୍ୟୁତ୍ କାଟ ଏକ ସାଧାରଣ ଘଟଣାରେ ପରିଣତ ହୋଇଛି। ବକେୟା ବିଦ୍ୟୁତ୍ ବିଲ୍ ଆଳରେ କମ୍ପାନୀ ଜନସାଧାରଣଙ୍କୁ ଶୋଷଣ କରୁଛି। ଏଭଳି ଜନ ବିରୋଧୀ ଓ ମନମୁଖୀ କାର୍ଯ୍ୟ ବନ୍ଦ ନ କଲେ କମ୍ପାନୀ ବିରୋଧରେ ନିର୍ଣ୍ଣାୟକ ଲଢେଇ କରାଯିବ ବୋଲି ଚେତାବନୀ ଦେଇଥିଲେ। ଅଫିସକୁ ଧସେଇ ପଶିବା ସମୟରେ ପୋଲିସ ସହ ଧସ୍ତାଧସ୍ତି ମଧ୍ୟ ହୋଇଥିଲା। ଭାଜପା ଯୁବ ମୋର୍ଚ୍ଚା ସଭାପତି ଅଶ୍ୱିନୀ କୁମାର ମାଝିଙ୍କ ନେତୃତ୍ୱରେ ବିର୍ସା ମୁଣ୍ଡା ମଣ୍ଡଳ ସଭାପତି ଗୀର୍ଜା ସାହୁ, ମହିଳା ମୋର୍ଚ୍ଚା ସଭାନେତ୍ରୀ ରିଙ୍କି ସାହୁ, ଧ୍ରୁବ ଧନବାର, ଜିଲା ଉପସଭାପତି ଫଣି ମିଶ୍ର, ନିଳାମ୍ବର ସିକନ୍ଦର, ଦୟାନିଧି ପଧାନ, ରୁନୁ ପଧାନ, ପ୍ରଭାସିନୀ ଦାସ, ନିନୀ ଓରାମ, ସୁଷମା ସାହୁ, ସନ୍ତୋଷ ସାହୁ, ଯୁବାମୋର୍ଚ୍ଚା ଉପସଭାପତି ସୁଦୀପ ପରିଡା, ସଭାପତି ଅନୁସୂଚିତ ଜନଜାତି ମନ୍ଦିପ ଖଡ଼ିଆ, ଭାଜପା ଯୁବମୋର୍ଚ୍ଚା ମଣ୍ଡଳ ସଭାପତି ସମୀର ଲୁହା ପ୍ରମୁଖ ଉପସ୍ଥିତ ଥିଲେ। ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ଓ ପୋଲିସ ଟିମ୍ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୬୨ତମ ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ ଶୁକ୍ରବାର ପୁରୁଷ ୧୦୦ ମିଟର ଫାଇନାଲ ଅବସରରେ ପ୍ରତିଯୋଗୀମାନେ। **(ଫଟୋ: ବିକାଶ ନାୟକ)**

# ପ୍ରତ୍ୟାବର୍ତ୍ତନ ରେସ୍‌ରେ ଅଞ୍ଜଳିଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୧୬।୬
(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୬୨ତମ ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ ୧୪ଟି ଇଭେଣ୍ଟର ଫାଇନାଲ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହରିୟାଣା, ପଞ୍ଜାବ ଓ ତାମିଲନାଡୁ ଦଳର ପ୍ରତିନିଧି ଆଧିପତ୍ୟ ବିସ୍ତାର କରିଛନ୍ତି। ୩୫ କି.ମି. ରେସ୍ ୱାକ୍ ପୁରୁଷରେ ହରିୟାଣାର ଜୁନେଦ, ମହିଳା ବର୍ଗରେ ପଞ୍ଜାବର ମଞ୍ଜୁ ରାଣୀ, ପୁରୁଷ ଡିସ୍‌କସ୍ ଥ୍ରୋରେ ପଞ୍ଜାବର କ୍ରିପାଲ ସିଂ, ମହିଳା ୧୦୦ ମିଟର ରେସ୍‌ରେ ଆନ୍ଧ୍ର ପ୍ରଦେଶର ଜ୍ୟୋତି ଆରାଜି, ପୁରୁଷ ବର୍ଗରେ ତାମିଲନାଡୁର ଶିବ କୁମାର ବି. ପ୍ରମୁଖ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ୪୦୦ ମିଟର ରେସ୍‌ର ମହିଳା ବର୍ଗରେ ହରିୟାଣାର ଅଞ୍ଜଳି ଦେବୀ, ପୁରୁଷ ବର୍ଗରେ ଶ୍ରୀଲଙ୍କାର କଳିଙ୍ଗା କୁମାରାଗେ, ୧୫୦୦ ମିଟର ମହିଳାରେ ମଧ୍ୟପ୍ରଦେଶର କେ.ଏମ୍. ଦୀକ୍ଷା ଏବଂ ୮୦୦ ମିଟର ପୁରୁଷରେ ହରିୟାଣାର କ୍ରିଶନ କୁମାର ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ୩୦୦୦ ମିଟର ଷ୍ଟିପଲଚେଜ୍ ପୁରୁଷରେ ହରିୟାଣାର ବାଲ୍‌କିଷନ ଏବଂ ମହିଳାରେ ଉତ୍ତର ପ୍ରଦେଶର ପାରୁଲ ଚୌଧାରୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

## ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥ୍‌ଲେଟିକ୍ସ

### ପୋଡିୟମ ମଣ୍ଡନ କରିଥିବା ଆଥ୍‌ଲେଟ

୩୫ କି.ମି. ରେସ୍ ୱାକ୍ (ପୁରୁଷ): ୧-ଜୁନେଦ (ହରିୟାଣା), ୩:୦୦:୩୭.୦୦, ୨-ଏକନାଥ ସମ୍ଭୁଜି ତୁରାମ୍ଭ (ମହାରାଷ୍ଟ୍ର), ୩:୦୩:୪୦.୦୦, ୩-ବିକାଶ କୁମାର ଯାଦବ (ରାଜସ୍ଥାନ), ୩:୦୬:୦୬.୦୦।

୩୫ କି.ମି. ରେସ୍ ୱାକ୍ (ମହିଳା): ୧-ମଞ୍ଜୁ ରାଣୀ (ପଞ୍ଜାବ), ୩:୨୧:୩୧.୦୦, ୨-ମମତା ପାଲ (ଉତ୍ତର ପ୍ରଦେଶ), ୩:୪୦:୨୬.୦୦, ୩-କୋମଲ (ହରିୟାଣା), ୩:୪୨:୪୧.୦୦।

ଡିସ୍‌କସ୍ ଥ୍ରୋ (ପୁରୁଷ): ୧-କ୍ରିପାଲ ସିଂ (ପଞ୍ଜାବ), ୫୭.୩୯ ମି., ୨-ଗଗନଦୀପ ସିଂ (ପଞ୍ଜାବ), ୫୫.୬୯ ମି., ୩-ନିର୍ଭୟ ସିଂ (ହରିୟାଣା), ୫୫.୨୧ମି.।

୧୦୦ ମିଟର (ମହିଳା): ୧-ଜ୍ୟୋତି ଆରାଜି (ଆନ୍ଧ୍ର ପ୍ରଦେଶ), ୧୧.୪୬ ସେ., ୨-ଶ୍ରାବଣୀ ନନ୍ଦ (ଓଡ଼ିଶା), ୧୧.୫୯ ସେ., ୩-ହିମାଶ୍ରୀ ରୟ (ହରିୟାଣା), ୧୧.୭୧ ସେକେଣ୍ଡ।

୧୦୦ ମିଟର (ପୁରୁଷ): ୧-ଶିବ କୁମାର ବି. (ତାମିଲନାଡୁ), ୧୦.୩୭ ସେ., ୨-ହର୍ଷିତ ସିଂ (ପଞ୍ଜାବ), ୧୦.୪୫ ସେ., ୩-ଇଲାକ୍କିୟାଦଶନ କେ. (ତାମିଲନାଡୁ), ୧୦.୪୭ ସେକେଣ୍ଡ।

୪୦୦ ମି. ରନ୍ (ମହିଳା): ୧-ଅଞ୍ଜଳି ଦେବୀ (ହରିୟାଣା), ୫୧.୪୮ ସେ., ୨-ହିମାଂଶି ମଲିକ (ହରିୟାଣା), ୫୧.୭୬ ସେ., ୩-ଆର. ଭିଥ୍ୟ ରାମରାଜ (ତାମିଲନାଡୁ), ୫୨.୪୯ ସେକେଣ୍ଡ।

୪୦୦ ମି. ରନ୍ (ପୁରୁଷ): ୧-କଳିଙ୍ଗା କୁମାରାଗେ (ଶ୍ରୀଲଙ୍କା), ୪୫.୪୬ ସେ., ୨-ମହମ୍ମଦ ୟାନାସ ୟାହିୟା (କେରଳ), ୪୫.୭୬ ସେ., ୩-ମହମ୍ମଦ ଆଜମଲ ଭି. (କେରଳ), ୪୫.୯୦ସେକେଣ୍ଡ।

୧୫୦୦ ମିଟର (ମହିଳା): ୧-କେ.ଏମ. ଦୀକ୍ଷା (ମଧ୍ୟ ପ୍ରଦେଶ), ୪:୦୬.୦୭ ସେ., ୨-ହରମିଲନ ବେନ୍ସ (ପଞ୍ଜାବ), ୫:୦୮.୫୦ ସେ., ୩-ଚନ୍ଦା (ଦିଲ୍ଲୀ), ୪:୯.୩୯ ସେକେଣ୍ଡ।

୮୦୦ ମିଟର (ପୁରୁଷ): ୧-କ୍ରିଶନ କୁମାର (ହରିୟାଣା), ୧:୪୬.୧୭ ସେ., ୨-ମହମ୍ମଦ ଅଫଜାଲ ପି. (କେରଳ), ୧:୪୭.୪୭ ସେ., ପ୍ରଦୀପ ସେନ୍ଥିଲ କୁମାର (ତାମିଲନାଡୁ), ୧:୪୮.୧୦ ସେକେଣ୍ଡ।

୩୦୦୦ ମିଟର ଷ୍ଟିପଲଚେଜ୍ (ପୁରୁଷ): ୧-ବାଲକିଷନ (ହରିୟାଣା), ୮:୩୮.୯୮, ୨-ସୁମିତ କୁମାର (ଦିଲ୍ଲୀ), ୮:୪୩.୪୫, ୩-ପ୍ରିନ୍ସ ରାଜ ମିଶ୍ର (ସିକିମ), ୮:୪୪.୫୫।

୩୦୦୦ ମିଟର ଷ୍ଟିପଲଚେଜ୍ (ମହିଳା): ୧-ପାରୁଲ ଚୌଧାରୀ (ଉତ୍ତର ପ୍ରଦେଶ), ୯:୩୪.୨୩, ୨-ପ୍ରୀତି ଲାମ୍ବା (ହରିୟାଣା), ୯:୫୨.୮୯, ୩-କୋମଲ ଚନ୍ଦ୍ରକାନ୍ତ ଜାଗ୍ (ମହାରାଷ୍ଟ୍ର), ୧୦:୧୩.୧୦।

### ଅଞ୍ଜଳିଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ

ଆହତ ସମସ୍ୟାରୁ ମୁକୁଳି ପାଖାପାଖି ୪ ବର୍ଷ ବ୍ୟବଧାନରେ ଟ୍ରାକ୍‌କୁ ଫେରିଥିବା ହରିୟାଣାର ଅଞ୍ଜଳି ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ଦେବାସହ ୪୦୦ ମିଟରରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏଥିସହ ସେ ଏସିଆନ ଗେମ୍ସପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଅଞ୍ଜଳି ଏଠାରେ ୫୧.୪୮ ସେକେଣ୍ଡ ସମୟ ନେଇଛନ୍ତି। ପୂର୍ବରୁ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂଥିଲା ୫୨.୦୩ ସେକେଣ୍ଡ। ଫଳରେ ସେ ସହଜରେ ଏସିଆନ ଗେମ୍ସ ଯୋଗ୍ୟତାପାଇଁ ଉଦ୍ଦିଷ୍ଟ ୫୨.୮୯ ସେକେଣ୍ଡକୁ ବହୁ ପଛରେ ପକାଇ ଦେଇଛନ୍ତି। ଆହତ ସମସ୍ୟା ପାଇଁ ସେ ୨୦୧୯ରୁ ବାହାରେ ରହିଥିଲେ। ମହିଳା ୪୦୦ ମିଟରରେ ଟପ୍-୪ରେ ରହିଥିବା ପ୍ରତିଯୋଗୀ ଏସିଆନ୍ ଗେମ୍ସ ଯୋଗ୍ୟତା ମାନଦଣ୍ଡ ପୂରଣ କରିଛନ୍ତି।

# ଶ୍ରାବଣୀ ନନ୍ଦଙ୍କୁ ରୌପ୍ୟ ପଦକ



ଭୁବନେଶ୍ୱର, ୧୬।୬
(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୬୨ତମ ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ୧୦୦ ମିଟର ଇଭେଣ୍ଟରେ ଓଡ଼ିଶାର ଶ୍ରାବଣୀ ନନ୍ଦ ରୌପ୍ୟ ପଦକ ହାସଲ କରିଛନ୍ତି। ସେ ୧୧.୫୯ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ତେବେ ଆନ୍ଧ୍ର ପ୍ରଦେଶର ଜ୍ୟୋତି ଆରାଜି ଓ ତାମିଲନାଡୁର ଶିବ କୁମାର ବି. ଯଥାକ୍ରମେ ଦ୍ରୁତତମ ଧାବିକା ଓ ଧାବକ ବିବେଚିତ ହୋଇଛନ୍ତି। ୧୦୦ ମିଟର ମହିଳାରେ ଜ୍ୟୋତି ୧୧.୪୬ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ସେ ସମ୍ପ୍ରତି ଭୁବନେଶ୍ୱରସ୍ଥିତ ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ରେ ଟ୍ରେନିଂ ନେଉଛନ୍ତି। ହରିୟାଣାର ହିମାଶ୍ରୀ ରୟ ୧୧.୭୧ ସେକେଣ୍ଡ ସହିତ ବ୍ରୋଞ୍ଜ ପଦକ ପାଇଛନ୍ତି। ୧୦୦ ମିଟର ପୁରୁଷରେ ତାମିଲନାଡୁର ଶିବ କୁମାର ବି. ୧୦.୩୭ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ପଞ୍ଜାବର ହର୍ଷିତ ସିଂ ୧୦.୪୫ ସେକେଣ୍ଡ ସହିତ ଦ୍ୱିତୀୟ ଏବଂ ତାମିଲନାଡୁର ଇଲାକ୍କିୟାଦଶନ କେ. ୧୦.୪୭ ସେକେଣ୍ଡ ନେଇ ତୃତୀୟ ସ୍ଥାନରେ ରହିଛନ୍ତି। ଏହି ଇଭେଣ୍ଟରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ଜାତୀୟ ରେକର୍ଡଧାରୀ ଅମିୟ କୁମାର ମଲିକ ୧୦.୫୮ ସେକେଣ୍ଡ ସମୟ ନେଇ ୮ମ ସ୍ଥାନରେ ରହିଥିଲେ। ୩୦୦୦ ମିଟର ଷ୍ଟିପଲ ଚେଜ୍‌ରେ ଅଂଶଗ୍ରହଣ କରିଥିବା ଅନ୍ୟତମ ଓଡ଼ିଆ ଆଥଲେଟ୍ ସୁସ୍ମିତା ଟିଗା ୬ଷ୍ଠ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ।

### ଜ୍ୟୋତି, ଶିବ କୁମାର ଦ୍ରୁତତମ ଧାବିକା ଧାବକ



ମହିଳା ଲଙ୍ଗଜମ୍ପ ଇଭେଣ୍ଟ ଅବସରରେ ଜଣେ ପ୍ରତିଯୋଗୀ।

# କଳିଙ୍ଗ ଭାରତର ନୂଆ ଲଞ୍ଚ୍ ପ୍ୟାଡ୍

ଭୁବନେଶ୍ୱର, ୧୬।୬
(ବିଜୟ ରଣା)

ଅନ୍ତର୍ଜାତୀୟ ଓ ଜାତୀୟ ଟୁର୍ନାମେଣ୍ଟ ପାଇଁ କଳିଙ୍ଗ ଷ୍ଟାଡିୟମ ଆଥଲେଟଙ୍କ ସକାଶେ ଭାରତର ନୂଆ ଲଞ୍ଚ ପ୍ୟାଡ୍ ଭାବେ କାର୍ଯ୍ୟକରୁଛି। ଏକଥା କହିଛନ୍ତି ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ସଚିବ ଆର୍. ଭିନିଲ କ୍ରିଷ୍ଣା। ବର୍ଷସାରା ଚଳଚଞ୍ଚଳ ରହିଥିବା ଏହି ଷ୍ଟାଡିୟମରେ ବର୍ତ୍ତମାନ ହିରୋ ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଓ ୬୨ତମ ଆନ୍ତଃରାଜ୍ୟ ଆଥଲେଟିକ୍ସ ଚାମ୍ପିୟନଶିପ୍ ଚାଲିଛି। କଳିଙ୍ଗରେ କାହିଁକି ଏକ ସମୟରେ ଦୁଇଟି ବଡ଼ ଇଭେଣ୍ଟର ଆୟୋଜନ ଅନେକଙ୍କୁ ବିସ୍ମିତ କରିଥିବ। କାରଣ ଏକ ସମୟରେ ଉପରୋକ୍ତ ଦୁଇଟି ବଡ଼ ଇଭେଣ୍ଟର ସୁଚାରୁ ରୂପେ ଆୟୋଜନ ସହଜ କଥା ନୁହେଁ। ଏଭଳି ଟୁର୍ନାମେଣ୍ଟ ଆୟୋଜନ ନିଶ୍ଚିତ ଆମ ପାଇଁ ଏକ ପ୍ରକାର ଚ୍ୟାଲେଞ୍ଜ ସଦୃଶ। ହେଲେ ଆମେ ସକ୍ଷମ। ଏନେଇ ଆମ ଟିମ୍‌ର ଦୃଢ ଆତ୍ମବିଶ୍ୱାସ ରହିଛି। ଅତୀତରେ ଆମେ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ଚାମ୍ପିୟନଶିପ୍ ସଫଳତାର ସହ ଆୟୋଜନ କରିପାରିଛୁ। ଏଥିରୁ ଆମେ ଯଥେଷ୍ଟ ଅଭିଜ୍ଞତା ହାସଲ କରିଛୁ। ବର୍ତ୍ତମାନ ଆଥଲେଟିକ୍ସ ଚାମ୍ପିୟନଶିପ୍ ସକାଳେ ଆରମ୍ଭ ହୋଇ ଅପରାହ୍ନ ୧ଟାରେ ଶେଷ ହେଉଛି। ପରେ ଇଣ୍ଟରକଣ୍ଟିନେଣ୍ଟାଲ ଅପରାହ୍ନ ୪ଟାରୁ ଆରମ୍ଭ ହେଉଛି। ଦୁଇଟି ଇଭେଣ୍ଟ ମଧ୍ୟରେ ଯେଉଁ ସ୍ୱଳ୍ପ ବ୍ୟବଧାନ ରହିଛି ଷ୍ଟାଡିୟମ ଦୃଶ୍ୟପଟ୍ଟ ବଦଳେଇ ଦିଆଯାଉଛି। ଆଥଲେଟିକ ଚାମ୍ପିୟନଶିପ୍‌ରେ ଶ୍ରୀଲଙ୍କା ଓ ମାଳଦ୍ୱୀପରୁ ଆମନ୍ତ୍ରିତ ଆଥଲେଟ୍‌ମାନେ ଅଂଶଗ୍ରହଣ କରିଛନ୍ତି। ସେମାନେ ଓଡ଼ିଶାରୁ ସେମାନଙ୍କ ଅନୁଭୂତି ନେଇ ଫେରିବେ। ସେମାନେ ଆମ ବ୍ରାଣ୍ଡ ଆମ୍ବାସାଡର ପାଲଟିଯିବେ।



ଆର. ଭିନିଲ କ୍ରିଷ୍ଣା

ଭାରତ ଓ ସମଗ୍ର ବିଶ୍ୱର ଶ୍ରେଷ୍ଠ ଆଥଲେଟମାନଙ୍କୁ ନେଇ ବିଶ୍ୱଶ୍ରେଣୀର ଇଭେଣ୍ଟଗୁଡ଼ିକ ଆୟୋଜନ ଲାଗି କଳିଙ୍ଗ ଷ୍ଟାଡିୟମ ସବୁବେଳେ ପ୍ରସ୍ତୁତ ଥିବା କ୍ରୀଡ଼ା ସଚିବ କହିଛନ୍ତି। ଷ୍ଟାଡିୟମରେ ରହିଥିବା ସମସ୍ତ କମ୍ପ୍ଲେକ୍ସର ସଦୁପଯୋଗ ହେଉ ବୋଲି ଆମେ ଚାହୁଁଛୁ। ଏପର୍ଯ୍ୟନ୍ତ ସବୁ ଠିକ୍‌ଠାକ୍ ଚାଲିଛି। ତେଣୁ ଭବିଷ୍ୟତରେ ଆମ ଷ୍ଟାଡିୟମରେ ଏହିଭଳି ଅଧିକ ଇଭେଣ୍ଟ ଆୟୋଜନ ହୋଇପାରିବ।



ଦ୍ରୁତତମ ଧାବିକା ଓ ଧାବକ ଜ୍ୟୋତି ଆରାଜି ଓ ଶିବ କୁମାର ବି. ପଦକ ପ୍ରଦର୍ଶନ କରୁଛନ୍ତି।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବିଭିନ୍ନ ଅଞ୍ଚଳର ପିଲାମାନେ।

## ଜେଏସ୍‌ପି ଫାଉଣ୍ଡେଶନ, ଡିଟିଏସ୍‌ଏଫ୍ ପକ୍ଷରୁ ମେଗା କାର୍ଯ୍ୟକ୍ରମ

# ତୃଣମୂଳ ହକିକୁ ପ୍ରୋତ୍ସାହନ ଲକ୍ଷ୍ୟ

ରାଉରକେଲା, ୧୬।୬ (ସଙ୍ଗୀତା ଜେନା)

ଜେଏସ୍‌ପି ଫାଉଣ୍ଡେଶନ ଓ ଦିଲ୍ଲୀପ ତିର୍କୀ ସ୍ପୋର୍ଟସ ରିସର୍ଚ୍ଚ ଆଣ୍ଡ୍ ଡେଭଲପ୍‌ମେଣ୍ଟ ଫାଉଣ୍ଡେଶନ (ଡିଟିଏସ୍‌ଆର୍‌ଡିଏଫ୍) ଆନୁକୂଲ୍ୟରେ ରାଉରକେଲା ସେକ୍ଟର-୫ ବିଜୁ ପଟ୍ଟନାୟକ ହକି ଷ୍ଟାଡ଼ିୟମରେ ଶୁକ୍ରବାର ସକାଳେ ତୃଣମୂଳ ହକିକୁ ପ୍ରୋତ୍ସାହନ କରିବା ପାଇଁ ମେଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ରାଉରକେଲା ସମେତ ବିଭିନ୍ନ ବ୍ଲକର ୨୧୫ ଗ୍ରାମରୁ ପ୍ରାୟ ୫ହଜାର ପିଲାଙ୍କୁ ହକି କିଟ୍ ବଣ୍ଟନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡ୍‌ରେ ଏହାକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଦିଲ୍ଲୀପ ତିର୍କୀ ସ୍ପୋର୍ଟସ ରିସର୍ଚ୍ଚ ଫାଉଣ୍ଡେଶନର ଅଧ୍ୟକ୍ଷ ତଥା ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ ଅଧ୍ୟକ୍ଷତା କରି କହିଥିଲେ, ଠିକ୍ ପ୍ରତିଭା ଖୋଜିବା ଏବଂ ସେମାନଙ୍କୁ ତାଲିମ ଦେବା ଆମର ଦାୟିତ୍ୱ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଶ୍ରମ ଓ ଇଏସ୍‌ଆଇ ମନ୍ତ୍ରୀ ସାରଦା ପ୍ରସାଦ ନାୟକ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ, ଅଲିମ୍ପିଆନ ଅଶୋକ ଧ୍ୟାନଚାନ୍ଦ, ରଘୁନାଥପାଲ୍ଲୀ ବିଧାୟକ ସୁବ୍ରତ ତରାଇ, ଏସ୍‌ଡ଼ିସି ଅଧ୍ୟକ୍ଷ ବିନୟ ଟପ୍ପୋ, ପୂର୍ବତନ ବିଧାୟକ ମଙ୍ଗଳା କିଷାନ, ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ପୂର୍ବତନ ବିଧାୟକ ଭୀମ ଚୌଧୁରୀ, ହକି ତାରକା ବିରେନ୍ଦ୍ର ଲାକ୍ରା, ସୁଭଦ୍ରା ପ୍ରଧାନ, ଆରଏସପି ଇଡ଼ି (ପିଏଣ୍ଡଏ) ଏସ୍. ଆର ସୂର୍ଯ୍ୟବଂଶୀ, ବିଜେଡ଼ି ବରିଷ୍ଠ ନେତା ଆନନ୍ଦ ମହାନ୍ତି, ପୂର୍ବତନ ହକି କୋଚ୍ ଅଜୟ ବଂଶଲଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ମଞ୍ଚାସୀନ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଜେଏସ୍‌ପି ଫାଉଣ୍ଡେଶନର ଅଧ୍ୟକ୍ଷା ସାଲୁ ଜିନ୍ଦଲ ଭିଡ଼ିଓ କନଫରେନ୍ସ ଜରିଆରେ କହିଥିଲେ, ଛୋଟବେଳୁ ପିଲାମାନଙ୍କ ଶାରୀରିକ କ୍ଷମତାକୁ ଦୃଷ୍ଟିରେ ରଖି ହକି ଖେଳିବାକୁ ପ୍ରୋତ୍ସାହିତ କରାଯାଉଛି। ତେଣୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପିଲାମାନେ ନିଶ୍ଚୟ ସୁଯୋଗ ପାଇବେ ବୋଲି ସେ ଆଶାପ୍ରକଟ କରିଥିଲେ। ଅନୁରୂପ ଭାବେ ଅଧ୍ୟକ୍ଷ ନବୀନ ଜିନ୍ଦଲ ସନ୍ଦେଶରେ କହିଲେ, ଅନୁଗୋଳରେ ଆଗାମୀ ଦିନରେ ୨୭ ମିଲିୟନ ଇସ୍ପାତ କାରଖାନା ନିର୍ମାଣ ସହ ୧ଲକ୍ଷ ୫୦ ହଜାର ରୋଜଗାର ଉତ୍ପନ୍ନ ହେବ। ଏହାଦ୍ୱାରା ଦେଶର ବିକାଶ ଅଧିକ ତ୍ୱରାନ୍ୱିତ ହେବ। ଏହାସହ ହକି ପାଇଁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ହକି ତାରକାମାନେ ନିକଟସ୍ଥ ଗ୍ରାମମାନଙ୍କରୁ ୨୫୧ ଜଣ ପିଲାଙ୍କୁ ନୂତନ ଭାବେ ହକିରେ ସାମିଲ କରିଥିଲେ। କାର୍ଯ୍ୟକ୍ରମରେ ଜିନ୍ଦଲ ଷ୍ଟିଲ ଓ ପାୱାର କର୍ପୋରେଟ ସାମାଜିକ ଦାୟିତ୍ୱ ପ୍ରମୁଖ ପ୍ରଶାନ୍ତ ହୋତା ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ। ଜେଏସପି ପାରିପାର୍ଶ୍ୱିକ ଅଂଚଳ ବିକାଶ ଡିଜିଏମ ଭର୍ଜିଲ ଲାକ୍ରା, ରାକେଶ ମହାନ୍ତି, ରାଜୁ ମହାଁ ସମେତ ଅନ୍ୟ ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟପକ୍ଷେ ଷ୍ଟାଡ଼ିୟମରେ କାର୍ଯ୍ୟକ୍ରମ ଚାଲିଥିବା ବେଳେ ରମାବାହାଲ ଓ ବିରକେରା ଅଞ୍ଚଳର ୨ଜଣ ପିଲା ହଠାତ ଅଚେତ ହୋଇପଡିଥିଲେ। ଉଭୟଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇଥିବା ଜଣାପଡିଛି।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ